# ଧରିତ୍ରୀ DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୨୧/୨୦୧୮ (୧୬ ପୃଷ୍ଠା+ ଛୁଟିଦିନ) Sambalpur, Sunday, October 21/ 2018 | ★★

୧୪ଶ ଭାଗ ୩୦୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ସାଇନା ଫାଇନାଲରେ

ସାଇନା ନେହ୍ୱାଲ ସହଜ ବିଜୟ ସହ ଡେନମାର୍କ ଓପନ୍ ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୫

### ରାବଣପୋଡ଼ି ଉତ୍ସବ ବେଳେ ଦୁର୍ଘଟଣା

# ମାଡ଼ିଗଲା ଟ୍ରେନ୍: ୬୧ ମୃତ



ଆତ୍ମୀୟଙ୍କୁ ହରାଇ ଶୋକାକୁଳ ପରିବାର ଲୋକ ।

ଅମୃତସର/ନୂଆଦିଲ୍ଲୀ, ୨୦।୧୦(ପି.ଟି.)

ଦଶହରା ଉପଲକ୍ଷେ ଦେଶବ୍ୟାପୀ ଆନନ୍ଦ ଉଲ୍ଲାସ ଲାଗିରହିଥିବାବେଳେ ପଞ୍ଜାବର ଅମୃତସରରେ ଘଟିଛି ଏକ ବଡ଼ ଦୁର୍ଘଟଣା। ଶୁକ୍ରବାର ସନ୍ଧ୍ୟାରେ ଜୋଡା ଫାଟକସ୍ଥିତ ଏକ ରେଳପଥ ନିକଟରେ ରାବଣ ପୋଡ଼ି ଉତ୍ସବ ଚାଲିଥିବା ସମୟରେ ଦର୍ଶକଙ୍କ ଉପରେ ଟ୍ରେନ୍ ମାଡ଼ିଯିବାରୁ ୬୧ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ୭୨ ଜଣ ମଧ୍ୟ ଆହତ ହୋଇଛି। ଏହି ଘଟଣାକୁ ନେଇ ଶନିବାର ରାଜ୍ୟବ୍ୟାପୀ ଶୋକ ଦିବସ ପାଳିତ ହୋଇଛି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଘଟଣାର ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜୋଡା ଫାଟକର ଏକ ଖୋଲା ପଡ଼ିଆରେ ୨୦ ବର୍ଷ ହେଲା ଆୟୋଜନ ହେଉଛି ରାବଣ ପୋଡ଼ି ଉତ୍ସବ। ପ୍ରତିବର୍ଷ ଭଳି ଏଥର ମଧ୍ୟ ରାବଣ ଦହନ ଲାଗି ଆସର ଜମିଥିଲା। ଉତ୍ସବ ସ୍ଥଳରୁ ମାତ୍ର ୫୦ ମିଟର ଦୂରରେ ରହିଛି ରେଳପଥ। ଦେଖଣାହାରିଙ୍କ ପାଇଁ ଉଚିତ ବ୍ୟବସ୍ଥା ନ କରି ଅତି ବେପରୁଆ ଭାବେ ଉତ୍ସବ ଆୟୋଜନ ହୋଇଥିଲା। ସନ୍ଧ୍ୟାରେ ବାଣ ଫୁଟିବା ସହ ରାବଣ ଦହନ ଆରମ୍ଭ ହେବାରୁ ଏହି ଦୃଶ୍ୟ ଦେଖିବା ଲାଗି ଚାରିଆଡୁ ପ୍ରାୟ ୩୦୦ ଲୋକ ଛୁଟି ଆସିଥିଲେ। ଅନେକେ ପାଖରେ ଥିବା ରେଳ ଟ୍ରାକ୍ ଉପରେ ଛିଡ଼ା ହୋଇ ଉତ୍ସବର ମଜା ନେଇଥିଲେ। ☞ପୃଷ୍ଠା-୪

### ଅମୃତସରରେ ହୃଦୟବିଦାରକ ଘଟଣା



- ରେଳପଥ ଉପରେ ଛିଡ଼ାହୋଇ ରାବଣ ଦହନ ଦେଖୁଥିଲେ ଲୋକେ
- ଦୁଇ ବିପରୀତ ଦିଗରୁ ହଠାତ୍ ଆସିଲା ଦୁଇଟି ଟ୍ରେନ୍
- ମୃତକଙ୍କ ବାଦ୍ ୭୨ ଆହତ
- ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ଅମରିନ୍ଦର
- ଦୋଷ ଖସାଇଲେ ରାଜ୍ୟ ଓ କେନ୍ଦ୍ର ସରକାର
- ଶୋକବ୍ୟକ୍ତ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ
- କ୍ଷତିପୂରଣ ରାଶି ଘୋଷଣା କଲେ ମୋଦି, ଅମରିନ୍ଦର
- ସମବେଦନା ଜଣାଇଲେ ଜାତିସଂଘ ମହାସଚିବ, କାନାଡା ପ୍ରଧାନମନ୍ତ୍ରୀ

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ବିରୋଧୀଙ୍କ ପାଇଁ ମଉକା

### ଆଜିର ମନ୍ତବ୍ୟ

" ମନ୍ଦିର ପରମ୍ପରାରେ ବାହ୍ୟ ହସ୍ତକ୍ଷେପ ଅନୁଚିତ।

–ରଜନୀକାନ୍ତ, ସୁପରଷ୍ଟାର୍

### କିଛି ତଥ୍ୟ

୨୦୧୮ ଅଗଷ୍ଟରେ ଘରୋଇ ବଜାରରେ ଅଶୋଧିତ ଇସ୍ପାତ ଉତ୍ପାଦନ ୩.୭% ବୃଦ୍ଧି ଘଟି ୮.୮ ନିୟୁତ ଟନ୍ ଛୁଇଁଛି। ଗତ ବର୍ଷ ସମାନ ସମୟରେ ଏହା ୮.୫ ନିୟୁତ ଟନ୍ ରହିଥିଲା।

– ୱାର୍ଲଡ ଷ୍ଟିଲ୍ ଆସୋସିଏଶନ


NATIONAL EGG CO-ORDINATION COMMITTEE 20.10.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 74 | 124 | 134 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 73 | 123 | 133 |
| ANG | 74 | 124 | 134 |

*Conditions Apply

Eggs Retail Price- 46/-Dozen

Issued in the Interest of Consumers







# ବଳି ଦେଇଥିଲେ ସମ୍ପର୍କୀୟ ଭାଇ

### ନାବାଳକଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା



ମିଥୁନ୍‌ଙ୍କ ଫାଇଲ ଫଟୋ

- ତନ୍ତ୍ର ଗୁରୁ ସହ ୨ ଅଭିଯୁକ୍ତ ଗିରଫ
- ପାରିବାରିକ ଶାନ୍ତି ପାଇଁ ହୋଇଥିଲା ପୂଜାର୍ଚ୍ଚନା
- ରାକମ୍ ଦେବୀଙ୍କୁ ଉତ୍ସର୍ଗ କରିଥିଲେ ବଳି
- ଛୁରି, ତନ୍ତ୍ର ପୁସ୍ତକ, ମନ୍ତ୍ରଖାତା, ବାଇକ୍ ଜବତ୍
- ବଳି କଥା ସ୍ୱୀକାର କଲେ ୨ ଅଭିଯୁକ୍ତ

ବଲାଙ୍ଗୀର ଅଫିସ/ଟିଟିଲାଗଡ଼, ୨୦।୧୦ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଗନ୍ଧର୍ଲା ଗାଁ ନିକଟ ଉନ୍ଦେର ନଦୀପଠାରୁ ଗତ ମଙ୍ଗଳବାର ଜଣେ ବାଳକଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର କରାଯାଇଥିଲା। ପୋଲିସ ଶନିବାର ଏହି ଘଟଣାର ପର୍ଦ୍ଦାଫାଶ କରିଛି । ପାରିବାରିକ ସମସ୍ୟା, ଆର୍ଥିକ ଅନଟନ ଓ ଶାରୀରିକ ରୋଗପୀଡାରୁ ମୁକ୍ତି ପାଇଁ ଜଣେ ତନ୍ତ୍ରସାଧକ ନିଜ ତନ୍ତ୍ରଗୁରୁଙ୍କ ସହ ମିଶି ନିଜ ମାମୁପୁଅ ଭାଇଙ୍କ ତଣ୍ଟିକାଟି ବଳି ଦେଇଥିବା ପୋଲିସ ସ୍ପଷ୍ଟ କରିଛି । ଏହି ଘଟଣାରେ ପୋଲିସ ସାଲେବରଟ୍ ଗ୍ରାମର ତନ୍ତ୍ରସାଧକ ଶୋଭାବନ ରଣା (୨୭) ଓ ତନ୍ତ୍ରଗୁରୁ କୁଞ୍ଜବିହାରୀ ରଣା (୨୮)ଙ୍କୁ ଗିରଫ କରି ଶନିବାର ଟିଟିଲାଗଡ଼ କୋର୍ଟ ଚାଲାଣ କରିଛି । ୨ ଅଭିଯୁକ୍ତ ସିନ୍ଧେକେଲା ଗାଁର ହୀରା ରଣାଙ୍କ ପୁଅ ମିଥୁନ୍ ଓରଫ ଘନଶ୍ୟାମ (୯)ଙ୍କୁ ଅପହରଣ କରି ଉନ୍ଦେର ନଦୀପଠାରେ ଗତ ୧୩ ତାରିଖ ସନ୍ଧ୍ୟାରେ ତଣ୍ଟିକାଟି ବଳି ଦେଇଥିବା ସ୍ୱୀକାର କରିଛନ୍ତି । ଏହି ଘଟଣା ସମ୍ପର୍କରେ ଟିଟିଲାଗଡ଼ ଏସ୍‌ଡିପିଓ ସରୋଜ ମହାପାତ୍ର ଶନିବାର ଖବରଦାତା ସମ୍ମିଳନୀରେ ସବିଶେଷ ସୂଚନା ☞ପୃଷ୍ଠା-୪

### କେନାଲ ପାଣି ଅଭାବରୁ ଫସଲ ଉଜୁଡ଼ିଲା

# ଆତ୍ମହତ୍ୟା କଲେ ଯୁବଚାଷୀ

ଧମା,୨୦।୧୦(ଡି.ଏନ.ଏ.)



ମୃତ ଯୁବ ଚାଷୀ (ଫାଇଲ୍ ଫଟୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ୍ ହୁମା ପଞ୍ଚାୟତ ପାଞ୍ଚଫୁଟ ଗ୍ରାମର ଯୁବଚାଷୀ ଗୌତମ ସେଠ (୩୦) କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ଫସଲ ନଷ୍ଟ, ଋଣ ଭାର ଓ ପରିବାର ଉପରେ ଏହାର ପ୍ରତିକୂଳ ପ୍ରଭାବରେ ବ୍ୟତିବ୍ୟସ୍ତ ହୋଇ ସେ ଜୀବନ ହାରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଗୌତମ ଘରେ ଥିବା ୨ ବର୍ଷର ପୁରୁଣା କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ଏହା ଜାଣିପାରି ଘରେ ବାନ୍ତି କରାଇ ସମ୍ବଲପୁର ସଦର ଡାକ୍ତରଖାନାକୁ ନେଇଥିଲେ। ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଗଲା। ସେଠାରେ ରାତି ୯ଟା ୪୦ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୌତମ ମାନସିକ ଦୁଶ୍ଚିନ୍ତାରେ ରହିଥିଲେ। ବାପା ବୈଶାଖୁ (୬୫) ଆଜିକୁ ୫ ବର୍ଷ ହେବ ବିଛଣା ଧରିଛନ୍ତି। ପକ୍ଷପାତ ରୋଗରେ ସେ ପୀଡ଼ିତ ☞ପୃଷ୍ଠା-୪






“ଜମ୍ମୁ-କଶ୍ମୀର ପୌର ନିର୍ବାଚନରେ ବିଜୟ ଲାଭ କରିବା ସହ ଭାଜପା ଲୋକଙ୍କ ଆସ୍ଥା ଜିଣିଛି । ବିବାଦପୂର୍ଣ୍ଣ ରାଜନୀତିରୁ ଦୂରରେ ରହି ବିକାଶ ରାଜନୀତି କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରଖିଥିବା ଲକ୍ଷ୍ୟ ପୂରଣ ହେବ ବୋଲି ଲୋକଙ୍କ ମନରେ ଆଶା ଜନ୍ମିଛି ।

**- ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

# ଲୌହ ଦାନବର ରକ୍ତ ହୋଲି

**ଅମୃତସର,୨୦।୧୦(ପି.ଟି.)**

ପଞ୍ଜାବର ଅମୃତସର ଅନ୍ତର୍ଗତ ଯୋଡା ଫାଟକରେ ରାମଲୀଳା ଉତ୍ସବ ସ୍ଥଳରେ ଟ୍ରେନ୍ ଦୁର୍ଘଟଣା ଘଟି ୬୧ ଜଣ ପ୍ରାଣ ହରାଇଛନ୍ତି। ରାବଣ ଦହନ ବେଳେ ହଠାତ୍ ‘ଲୌହ ଦାନବ’ ମାଡ଼ିଆସି ରକ୍ତର ହୋଲି ଖେଳିବା ସହ ଅନେକ ପରିବାର ଉଜାଡ଼ିଦେଇଛି। କେହି ସ୍ୱାମୀକୁ ହରାଇଛନ୍ତି, ଆଉ କିଏ ପୁଅର ମଲା ମୁହଁ ଦେଖିଛନ୍ତି। ଅନେକଙ୍କୁ ବାପାମା’ ଛେଉଣ୍ଡ ହେବାକୁ ପଡ଼ିଛି। ସମ୍ପର୍କୀୟଙ୍କୁ ହରାଇ ଅନେକ ଜଣ ବୁକୁଫଟା କାନ୍ଦ କାନ୍ଦୁଛନ୍ତି। ଅମୃତସର ଓ ମନ୍‌ୱାଲା ଷ୍ଟେଶନ ମଧ୍ୟରେ ଏହି ଘଟଣା ଘଟିବା ପରେ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାରରେ ଏହି କାଳରାତ୍ରିର ଲୋମଟାଙ୍କୁରା ଦୃଶ୍ୟ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି।

ରେଳପଥର ଅତି ନିକଟରେ ଅବ୍ୟବସ୍ଥିତ ଢଙ୍ଗରେ ଲୋକଙ୍କ ଜୀବନକୁ ବିପଦମୁଖକୁ ଠେଲିଦେଇ ଦଶହରାରେ ଆୟୋଜନ ହୋଇଥିଲା ରାମଲୀଳା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଆରମ୍ଭ ହୋଇଥିଲା ରାବଣପୋଡ଼ି ଉତ୍ସବ। ବାଣ ଫୁଟି ଚଉଦିଗ କମ୍ପିଉଠିଥିଲା। ଏହା ଦେଖିବାକୁ ଚାରିଆଡ଼ୁ ଲୋକ ଛୁଟିଆସିଥିଲେ। ଭିଡ଼ ବଢ଼ିବାରୁ ହଜାର ହଜାର ଲୋକ ପାଖରେ ଥିବା ରେଳପଥ ଉପରେ ଛିଡ଼ାହୋଇ ଦୃଶ୍ୟ ଉପଭୋଗ କଲେ। ଏତିକିବେଳେ ଜଳନ୍ଧରରୁ ଅମୃତସର ଅଭିମୁଖେ ଦ୍ରୁତଗତିରେ ଆସୁଥିଲା ଏକ ଟ୍ରେନ। ବିପରୀତ ଦିଗରୁ





ମଧ୍ୟ ଆଉ ଏକ ଟ୍ରେନ୍ ଆସିଲା। ନିମିଷକେ ଦୁଇଟି ଯାକ ଟ୍ରେନ ଅତିକ୍ରମ କରି ଲୋକଙ୍କ ଉପରେ ମାଡ଼ିଗଲା। ଘଟଣାସ୍ଥଳରେ ୬୧ ଜଣ ପ୍ରାଣ ହରାଇଲେ। ଏହାପରେ ସେଠାରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଲା। ମୃତାହତଙ୍କ ବାଦ୍ ଅନ୍ୟମାନେ ପ୍ରାଣବିକଳରେ ଦୌଡ଼ିବା ଫଳରେ ଦଳାଚକଟା ହେଲା। କିଟ୍‌ମିଟ୍ ଅନ୍ଧାରରେ ସଭିଏଁ ନିଜ ଲୋକଙ୍କୁ ଖୋଜିବୁଲିଥିଲେ। କିଛି ସମୟ ପରେ ଚାଲିଥିଲା ଉଦ୍ଧାର କାର୍ଯ୍ୟ।

ଏହି ଘଟଣାକୁ ନେଇ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ସଭିଏଁ ନିଜ ନିଜ ସ୍ତରରେ ଦୋଷ ଖସାଇବାରେ ବ୍ୟସ୍ତପ୍ରାୟ। ପ୍ରଶାସନିକ ସ୍ତରରେ ଅବହେଳା ଯୋଗୁ ଏହି ଟ୍ରେନ୍ ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି। ଏଭଳି ଏକ ସ୍ଥାନରେ ରାବଣ ପୋଡ଼ି ଉତ୍ସବ ଆୟୋଜନ ଲାଗି କିଭଳି ଅନୁମତି ପ୍ରଦାନ କରାଗଲା ବୋଲି ପ୍ରଶ୍ନ ଉଠୁଛି। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ପୋଲିସ ‘ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ’ (ଏନ୍‌ଓସି) ଦେଇଥିଲା ବୋଲି ଜଣାପଡ଼ିଛି। ତେବେ ଉତ୍ସବ ପାଇଁ ଅନୁମତି ଲୋଡ଼ାଯାଇ ନ ଥିଲା କିମ୍ବା ଏନେଇ ସବୁଜ ସଙ୍କେତ ଦିଆଯାଇ ନ ଥିଲା ବୋଲି ଅମୃତସର ପୌର ନିଗମ ପକ୍ଷରୁ କୁହାଯାଇଛି। ପୌର ନିଗମ କାଉନ୍‌ସିଲର ବିଜୟ ମଦନଙ୍କ ପତ୍ତା ମିଳୁ ନାହିଁ। ସେ ଫେରାର ହୋଇଯାଇଛନ୍ତି ବୋଲି ପୋଲିସ କହିଛି। ସେହିପରି ରେଲୱେ ବୋର୍ଡ ଅଧ୍ୟକ୍ଷ ଅଶ୍ୱନୀ ଲୋହାନି ମଧ୍ୟରାତ୍ରିରେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ପରେ କହିଛନ୍ତି ଯେ, ରାବଣ ଦହନ କାର୍ଯ୍ୟକ୍ରମ ବିଷୟରେ ରେଲୱେକୁ ସୂଚନା ଦିଆଯାଇ ନ ଥିଲା। ତେବେ ଟ୍ରେନ୍‌ଡ୍ରାଇଭର ଏମର୍ଜେନ୍ସି ବ୍ରେକ୍ ମାରିଥିଲେ ପରିସ୍ଥିତି ଅଧିକ ଭୟଙ୍କର ହୋଇଥାଆନ୍ତା ବୋଲି ସେ କହିଛନ୍ତି। ତେବେ ଏହି ଘଟଣା ପାଇଁ ଅଜଣା ଲୋକଙ୍କ ନାଁରେ ଏତଲା ଦାଏର ହୋଇଛି।

ଶନିବାର ସକାଳ ସୁଦ୍ଧା ଯୋଡା ଫାଟକସ୍ଥିତ ଦୁର୍ଘଟଣାସ୍ଥଳରେ ମୃତଦେହ ଓ ଦେହାବଶେଷ ହଟାଇଦିଆଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ବିକ୍ଷୋଭ ପ୍ରଦର୍ଶନ। ଉତ୍ତ୍ୟକ୍ତ ଲୋକେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଦିନ ତମାମ୍ ସେମାନେ ରେଳ ଟ୍ରାକ୍ ଉପରେ ଧାରଣାରେ ବସିଥିଲେ। ଉକ୍ତ ରାବଣ ପୋଡ଼ି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ପଞ୍ଜାବ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁଙ୍କ ସ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ନବଜୋତ କୌର ସିଦ୍ଧୁ। ଦୁର୍ଘଟଣା ଘଟିବା କ୍ଷଣି ଉକ୍ତ ସ୍ଥାନ ଛାଡ଼ି ସେ ଚାଲିଯାଇଥିଲେ। ତେଣୁ ତାଙ୍କ ବିରୋଧରେ ଲୋକେ ନାରାବାଜି କରିଛନ୍ତି। ତେବେ ଦୁର୍ଘଟଣା ଘଟିବା ପୂର୍ବରୁ ସେଠାରୁ ସେ ଚାଲିଯାଇଥିଲେ ବୋଲି ନବଜୋତ କୌର କହିଛନ୍ତି।

ତେବେ ଏହି ହୃଦୟବିଦାରକ ଦୃଶ୍ୟ ବିଷୟରେ ଅନେକ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ଗଣମାଧ୍ୟମ ଉପଦେଷ୍ଟା ରବୀନ ଠୁକରାଲ କହିଛନ୍ତି ଯେ, ରାବଣ ଦହନବେଳେ ବାଣ ଫୁଟିବାରୁ ଲୋକେ ରେଳ ଟ୍ରାକ୍ ଆଡ଼କୁ ଦୌଡ଼ିବାରୁ ଦଳାଚକଟା ଘଟିବାବେଳେ ଦୁଇ ବିପରୀତ ଦିଗରୁ ଦୁଇଟି ଟ୍ରେନ୍ ଆସି ଲୋକଙ୍କ ଉପରକୁ ମାଡ଼ିଯାଇଥିଲା। ଶନିବାର ମୃତଦେହଗୁଡ଼ିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଟ୍ରେନ୍ ଦୁର୍ଘଟଣାରେ ‘ରାବଣ’ ମୃତ



**ଅମୃତସର,୨୦।୧୦(ପି.ଟି.)**–ଅମୃତସରରେ ଅନୁଷ୍ଠିତ ରାମଲୀଳା ଉତ୍ସବରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ୬୧ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଅଛନ୍ତି। ‘ରାବଣ’ ଚରିତ୍ରରେ ଅଭିନୟ କରୁଥିବା ବ୍ୟକ୍ତିଙ୍କ ମୃତ୍ୟୁ ମଧ୍ୟ ହୋଇଛି। ସେ ହେଉଛନ୍ତି ପାଖାପାଖି ୨୦ ବର୍ଷୀୟ ଦଲବୀର ସିଂ। ରାବଣ ଭୂମିକାରେ ଅଭିନୟ କରିବା ପରେ ସେ ଅନ୍ୟ ଦର୍ଶକଙ୍କ ସହ ମିଶି କୁଶପୁତ୍ତଳିକା ଦାହ ଉତ୍ସବ ଦେଖୁଥିଲେ। ଏତିକିବେଳେ ଦୁଇଟି ଟ୍ରେନ୍ ମାଡ଼ିଯିବାରୁ ସେ ଆଖିବୁଜିଛନ୍ତି। ପୁଅର ନିଧନ ପରେ ଦଲବୀରଙ୍କ ମା’ ଆଖିର ଲୁହ ଓ ଛାତିର କୋହକୁ ସମ୍ଭାଳି ନ ପାରୁ ନାହାନ୍ତି। ରାମଲୀଳାରେ ଗତ କିଛି ବର୍ଷ ହେଲା ଦଲବୀର ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିଲେ।

# ପରଲୋକରେ ଏନ୍.ଡି. ତିୱାରୀ

**ନୂଆଦିଲ୍ଲୀ/ଲକ୍ଷ୍ନୌ,୨୦।୧୦(ପି.ଟି.)**

ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ପୂର୍ବତନ ନେତା ନାରାୟଣ ଦତ୍ତ ତିୱାରୀଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ନିଜ ଜନ୍ମଦିନରେ ପରଲୋକ ଗମନ କରିଛନ୍ତି କଂଗ୍ରେସ ଭେଟେରାନ୍। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ଦୀର୍ଘଦିନ ହେଲା ଏଠାକାର ଏକ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିଲା। ଗୁରୁବାର ଅପରାହ୍ନ ୨.୫୦ ବେଳେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତର ଶିକାର ହୋଇ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ହସ୍ପିଟାଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତିୱାରୀଙ୍କ ମରଶରୀର ଶନିବାର ଅପରାହ୍ନରେ ଏକ ଏୟାର୍ ଆମ୍ବୁଲାନ୍ସ ଜରିଆରେ ଦିଲ୍ଲୀରୁ ଲକ୍ଷ୍ନୌ ଅଣାଯାଇଥିଲା। ରାଜ୍ୟ ବିଧାନ ଭବନରେ ବିଭିନ୍ନ ଦଳର ନେତା ଏବଂ ବିଶିଷ୍ଟ ବ୍ୟକ୍ତି ତିୱାରୀଙ୍କ ଅନ୍ତିମ ଦର୍ଶନ କରିଛନ୍ତି।



ତିୱାରୀଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ ପୂର୍ବସୂରି ମନମୋହନ ସିଂ, କଂଗ୍ରେସ ଅଧ୍ୟକ୍ଷ ରାହୁଲଗାନ୍ଧୀ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଯୋଗୀ ଆଦିତ୍ୟନାଥ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ତିୱାରୀଙ୍କ ବିୟୋଗ ଭାରତୀୟ ରାଜନୀତିରେ ଶୂନ୍ୟସ୍ଥାନ ସୃଷ୍ଟି କରିଥିବା ପ୍ରକାଶ ପାଇଛି।

ଭାରତୀୟ ରାଜନୀତିର ଏକ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ଏନ୍.ଡି. ତିୱାରୀ। ସେ ଦୁଇଟି ରାଜ୍ୟର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ଉତ୍ତରପ୍ରଦେଶରେ ୩ ଥର ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ। ୨୦୦୨ରୁ ୨୦୦୭ ଯାଏ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୭ରୁ ୨୦୦୯ ଯାଏ ସେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କିନ୍ତୁ ଯୌନ କେଲେଙ୍କାରୀ ବିବାଦ ପରେ ୨୦୦୯ରେ ଇସ୍ତଫା ଦେଇଥିଲେ। ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ପୂର୍ବରୁ ଗତବର୍ଷ ଜାନୁୟାରୀରେ ସେ ଭାଜପାରେ ଯୋଗ ଦେଇଥିଲେ। ବିଭିନ୍ନ ଦଳ ନେତୃତ୍ୱରେ କେନ୍ଦ୍ର ସରକାରରେ ତିୱାରୀ କେନ୍ଦ୍ରମନ୍ତ୍ରୀ ପଦାସୀନ ହୋଇଥିଲେ। ଏତେସବୁ ରାଜନୈତିକ ଉପଲବ୍ଧି ସତ୍ତ୍ୱେ ଜୀବନର ଶେଷ ସମୟରେ କେତେଗୁଡ଼ିଏ ବିବାଦ ଯୋଗୁ ସବୁ ସଫଳତାରେ ଗ୍ରହଣ ଲାଗି ଯାଇଥିଲା। ଆନ୍ଧ୍ରପ୍ରଦେଶ ରାଜଭବନ ସେକ୍ସ ସ୍କାଣ୍ଡାଲ ଏବଂ ପିତୃତ୍ୱ ବିବାଦ ଥିଲା ସବୁଠାରୁ ଚର୍ଚ୍ଚିତ ବିଷୟ।

୧୯୨୫ ଅକ୍ଟୋବର ୧୮ରେ ଉତ୍ତରାଖଣ୍ଡର ନୈନିତାଲରେ ଜନ୍ମଗ୍ରହଣ କରିଥିବା ନାରାୟଣ ଦତ୍ତ ଆଲ୍ଲାହାବାଦ ୟୁନିଭର୍ସିଟିରୁ ଡିଗ୍ରୀ ହାସଲ କରିଥିଲେ। ତାଙ୍କର ରାଜନୈତିକ କ୍ୟାରିୟର୍ ଆରମ୍ଭ ହୁଏ ପରାଧୀନ ଭାରତରୁ। ସ୍ୱାଧୀନତା ଆନ୍ଦୋଳନ ବେଳେ ସେ ନୈନିତାଲ ଜେଲ୍‌ରେ ୧୫ମାସ କାରାଦଣ୍ଡ ଭୋଗିଥିଲେ। ବ୍ରିଟିଶ୍ ବିରୋଧୀ ପାମ୍ଫ୍ଲେଟ୍ ପ୍ରଚାର ଯୋଗୁ ତାଙ୍କୁ ଗିରଫ କରାଯାଇଥିଲା। ଜେଲରୁ ମୁକୁଳିବା ପରେ ୧୯୪୭ରେ ସେ ଆଲ୍ଲାହାବାଦ ୟୁନିଭର୍ସିଟିର ଛାତ୍ର ସଂସଦ ସଭାପତି ନିର୍ବାଚିତ ହୋଇଥିଲେ। ୧୯୭୬ରେ ସେ ପ୍ରଥମକରି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ। କଂଗ୍ରେସ ପ୍ରତି ଅସନ୍ତୋଷ କାରଣରୁ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ସମୟରେ ୧୯୯୫ରେ ସେ ଦଳରୁ ବିଭାଜିତ ହୋଇ ବରିଷ୍ଠ ନେତା ଅର୍ଜୁନ୍ ସିଂଙ୍କ ସହ ମିଶି କଂଗ୍ରେସ (ଟି) ଗଠନ କରିଥିଲେ। ପରବର୍ତ୍ତୀ ସମୟରେ ସୋନିଆ ଗାନ୍ଧୀ କଂଗ୍ରେସ ନେତୃତ୍ୱ ନେବା ପରେ ତିୱାରୀଙ୍କ ଦଳ କଂଗ୍ରେସରେ ମିଶ୍ରଣ ହୋଇଥିଲା।

## ସାମ୍ବାଦିକଙ୍କ ମୃତ୍ୟୁ ସ୍ୱୀକାର କଲା ସୌଦୀଆରବ



**ରିୟାଧ/ୱାଶିଂଟନ୍,୨୦।୧୦(ପି.ଟି.)-** ବରିଷ୍ଠ ସାମ୍ବାଦିକ ଜମାଲ ଅହମ୍ମଦ ଖାସୋଗିଙ୍କୁ ନେଇ ଶେଷରେ ମୁହଁ ଖୋଲିଛି ସୌଦୀଆରବ। ତୁର୍କୀର ଇସ୍ତାନବୁଲଠାରେ ଥିବା ନିଜ ଦୂତାବାସରେ ତାଙ୍କର ମୃତ୍ୟୁ ହୋଇଥିବା ଶୁକ୍ରବାର ଉପସାଗରୀୟ ଦେଶ ସ୍ୱୀକାର କରିଛି। ଆମେରିକାର ଅନବରତ ଚାପ ପରେ ଏ ସମ୍ପର୍କରେ ରିୟାଧ ପକ୍ଷରୁ ସୂଚନା ଦିଆଯାଇଛି। ଜଣେ ସୌଦୀ ଅଧିକାରୀଙ୍କ ହାତରେ ଖାସୋଗିଙ୍କ ମୃତ୍ୟୁ ହୋଇଛି। ଯେଉଁ ଅଧିକାରୀଙ୍କ ସହ ସାକ୍ଷାତ୍ କରିବା ଲାଗି ଖାସୋଗି କନ୍‌ସୁଲେଟ୍‌କୁ ଯାଇଥିଲେ ସମ୍ଭବତଃ ତାଙ୍କ ହାତରେ ହତ୍ୟା ହୋଇଥିବା ଦେଶର ଆଟର୍ନି ଜେନେରାଲ ଶେଖ୍ ସୌଦ୍ ଅଲ୍-ମୋଜେବ୍ ସୂଚନା ଦେଇଛନ୍ତି। କିନ୍ତୁ ମୃତ୍ୟୁର କାରଣ ବିଷୟରେ ସେ କିଛି ସୂଚନା ଦେଇନାହାନ୍ତି। ଏହାସହ ସୌଦୀ ଗୋଇନ୍ଦା ବିଭାଗ ମୁଖ୍ୟ ଅହମ୍ମଦ ଅଲ୍-ଆସିରି ଏବଂ ରୟାଲ୍ କୋର୍ଟ ମିଡିଆ ଆଡ୍‌ଭାଇଜର ସୌଦ୍ ଅଲ୍-କାହାତାନୀଙ୍କୁ ପଦରୁ ବହିଷ୍କାର କରାଯାଇଥିବା ସେ କହିଛନ୍ତି। ଏହି ଦୁଇ ଅଧିକାରୀ ଦେଶର ଯୁବରାଜ ମହମ୍ମଦ ବିନ୍ ସଲ୍‌ମାନଙ୍କ ପ୍ରମୁଖ ସହଯୋଗୀ ଏବଂ ଖାସୋଗି ନିଖୋଜ ଘଟଣାକୁ କ୍ରାଉନ୍ ପ୍ରିନ୍ସ ଚପାଇବା ପାଇଁ ଜୋର୍‌ଦାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଅନ୍ୟ ଏକ ରିପୋର୍ଟ ମୁତାବକ ସୌଦୀପ୍ରିନ୍ସ ସଲ୍‌ମାନଙ୍କ ଜଣେ ବଡ଼ ସମାଲୋଚକ ଥିଲେ ଖାସୋଗି। ମୃତ୍ୟୁ ପୂର୍ବରୁ ସେ ଶେଷଥର ପାଇଁ ଯୁବରାଜଙ୍କ ସାକ୍ଷାତ୍କାର ନେଇଥିଲେ। ଉକ୍ତ ସାକ୍ଷାତ୍କାର ସହ ତାଙ୍କ ମୃତ୍ୟୁର କିଛି ସମ୍ପର୍କ ରହିଥାଇପାରେ ବୋଲି ମଧ୍ୟ ସନ୍ଦେହ କରାଯାଉଛି। ସେପଟେ ଖାସୋଗିଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦାୟକ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରକାଶ କରିଛନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ମଧ୍ୟ ଦୁଃଖପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

## ଥମୁନି ସାବରିମାଳା ଉତ୍ତେଜନା

**ପମ୍ପା,୨୦।୧୦(ପି.ଟି.)**-ଗେଟ୍ ଖୋଲା ହେବାର ଚତୁର୍ଥ ଦିନରେ ମଧ୍ୟ ସାବରିମାଳାରେ ଥମୁନି ଉତ୍ତେଜନା। କେରଳର ପମ୍ପା ଅଞ୍ଚଳରେ ପାହାଡ଼ ଉପରେ ଥିବା ପ୍ରସିଦ୍ଧ ଆୟାପ୍ପା ମନ୍ଦିରକୁ ଶନିବାର ଜଣେ ଦଳିତ ମହିଳା ଚଢ଼ିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ଅଧାମାର୍ଗରେ ଅଟକା ଯାଇଥିଲା। ମହିଳା ଜଣକ ହେଉଛନ୍ତି କେରଳ ଦଳିତ ମହିଳା ଫେଡେରେଶନ୍‌ର ସଦସ୍ୟା ମଞ୍ଜୁ। ପ୍ରବଳ ବର୍ଷା ଯୋଗୁ ଗଡ଼ାଣିଆ ପାହାଡ଼ ଉପରକୁ ଚଢ଼ିବା ସୁରକ୍ଷିତ ନୁହେଁ ବୋଲି ପୋଲିସ ତାଙ୍କୁ ଅଟକାଇଥିଲା। ବର୍ଷା କମିଲେ ରବିବାର ସେ ଉପରକୁ ଚଢ଼ିପାରନ୍ତି। କିନ୍ତୁ ମନ୍ଦିରର ଗର୍ଭଗୃହକୁ ନ ଯିବା ଲାଗି ପୋଲିସ ତାଙ୍କୁ ନିବେଦନ କରିଥିବା ଜଣାପଡ଼ିଛି। କାରଣ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ନେଇ ଅନବରତ ଆନ୍ଦୋଳନ ଚାଲିଛି। ସେହିପରି ୨ ଜଣ ମହିଳାଙ୍କୁ ୫୦ ବର୍ଷରୁ କମ୍ ବୟସ୍କା ବୋଲି ସନ୍ଦେହ କରି ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଦିଆଯାଇ ନ ଥିଲା। ଏହାକୁ ନେଇ ସେଠାରେ ହାଇଭୋଲ୍‌ଟେଜ୍ ଡ୍ରାମା ଦେଖିବାକୁ ମିଳିଥିଲା। କିନ୍ତୁ ପରିବାର ସଦସ୍ୟ ଦୁଇ ମହିଳାଙ୍କ ବୟସ ୫୦ରୁ ଅଧିକ ବୋଲି କହିବା ପରେ ସେମାନଙ୍କୁ ଅନୁମତି ମିଳିଥିଲା ଏବଂ ସ୍ଥିତି ଶାନ୍ତ ପଡ଼ିଥିଲା।

ଇତିହାସର ଆଇନାରେ

## ଅକ୍ଟୋବର ୨୧ର ପ୍ରମୁଖ ଘଟଣା

୧୯୪୫ ଅକ୍ଟୋବର ୨୧ରେ ଫ୍ରାନ୍ସରେ ମହିଳାଙ୍କୁ ପ୍ରଥମଥର ପାଇଁ ମତାଧିକାର ଅନୁମତି ମିଳିଥିଲା। ଏହା ପୂର୍ବରୁ ଫିନଲାଣ୍ଡ, ଆଇସ୍‌ଲାଣ୍ଡ, ସ୍ୱିଡେନ୍, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆମେରିକାର କିଛି ସ୍ଥାନରେ ମହିଳାଙ୍କୁ ସୀମିତ ମତଦାନ ଅଧିକାର ମିଳିଥିଲା।

୧୯୮୭ ଅକ୍ଟୋବର ୨୧ରେ ଶ୍ରୀଲଙ୍କା ଗୃହଯୁଦ୍ଧ ସମୟରେ ଜାଫ୍‌ନା ହସ୍ପିଟାଲରେ ଭାରତୀୟ ଶାନ୍ତିରକ୍ଷା ବଳ ଆକ୍ରମଣ କରିଥିଲା। ଏଥିରେ ୭୦ଜଣ ତାମିଲ ରୋଗୀ, ଡାକ୍ତର ଏବଂ ନର୍ସ ନିହତ ହୋଇଥିଲେ। ବିଦ୍ରୋହୀ ଏଲଟିଟିଇର ଦମନ ବେଳେ ଗୁଳିକାଣ୍ଡ ଘଟିଥିଲା।

## ଫୁର୍‌ସତ

## କୁକୁରଙ୍କ ପାଇଁ ହୁଇଲ୍ ଚେୟାର



**ବଡୋଦରା:** ଏମ୍‌ଏସ୍ ୟୁନିଭର୍ସିଟି ଇଞ୍ଜିନିୟରିଂ ଛାତ୍ରଙ୍କ ଉଦ୍‌ଭାବନ ସଡକ ଦୁର୍ଘଟଣାରେ ଗୋଡ ହରାଇଥିବା କୁକୁରଙ୍କ ପାଇଁ ସାହାରା ହେବ। ମେକାନିକାଲ୍ ଇଞ୍ଜିନିୟରିଂ ଷ୍ଟ୍ରିମ୍ ଶେଷବର୍ଷର ଦୁଇ ଛାତ୍ର କୁକୁରଙ୍କ ନିମନ୍ତେ ସ୍ୱଳ୍ପ ମୂଲ୍ୟର ଆଡଜଷ୍ଟେବଲ୍ ହୁଇଲଚେୟାର ଡିଜାଇନ୍ ପ୍ରସ୍ତୁତ କରିଛନ୍ତି। ଇମ୍ପୋର୍ଟେଡ୍ ହୁଇଲଚେୟାର ଦିଲ୍ଲୀ, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି କେତେକ ମେଟ୍ରୋ ସହରରେ ଉପଲବ୍ଧ ହେଉଥିବା ବେଳେ ସ୍ୱଦେଶୀ ଢାଞ୍ଚାରେ ନିର୍ମିତ ଏଭଳି ହୁଇଲଚେୟାର ଗୋଡ ଅଚଳ ହୋଇପଡିଥିବା କୁକୁରଙ୍କ ନିମନ୍ତେ ସହାୟକ ହୋଇପାରିବ।

ନିକଟରେ ଗାନ୍ଧୀନଗରଠାରେ ଆୟୋଜିତ ‘ଭାଇବ୍ରାଣ୍ଟ ଗୁଜରାଟ ଷ୍ଟାର୍ଟଅପ୍ ଆଣ୍ଡ ଟେକ୍ନୋଲୋଜି ସମିଟ୍’ର ପ୍ରତିଯୋଗିତାରେ ଈଶା ପାଞ୍ଚଲ ଏବଂ ଆଦିତ୍ୟ ଦେବତାଙ୍କ ଏହି ଅଭିନବ ଧାରଣା ‘ପ ଆମ୍ବୁଲୋ’ ଭାବରେ ଉପସ୍ଥାପିତ ହୋଇଛି। ବିଜୟୀଙ୍କ ମଧ୍ୟରେ ଏହି ଦୁଇ ଛାତ୍ର ସ୍ଥାନ ପାଇ ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲ୍‌ଙ୍କଠାରୁ ୧୦,୦୦୦ ଟଙ୍କାର ପୁରସ୍କାର ରାଶି ଏବଂ ଅଭିନନ୍ଦନ ପତ୍ର ଗ୍ରହଣ କରିଛନ୍ତି।

## ଆକାଶେ ହସିବ ଦ୍ୱିତୀୟ ଜହ୍ନ

**ବେଜିଂ:** ଖୁବ୍‌ଶୀଘ୍ର ଆକାଶରେ ଆଉ ଏକ ଜହ୍ନ ଝଲସିବାକୁ ଯାଉଛି। ଏହାକୁ ମଧ୍ୟ ଦ୍ୱିତୀୟ ଜହ୍ନ କୁହାଯାଇପାରେ। ଚନ୍ଦ୍ରର ଆଲୋକ ଖୁବ୍ ମନମତାଣିଆ ଆଉ ଆକର୍ଷଣୀୟ ହୋଇଥିବା ବେଳେ ସୂର୍ଯ୍ୟାଲୋକର ୪ଲକ୍ଷ ଭାଗରୁ ୧ଭାଗ ହିଁ ଆମେ ପାଇଥାଉ। ଚନ୍ଦ୍ର ବାସ୍ତବରେ ରାତ୍ରିର ଅନ୍ଧାର ସମ୍ପୂର୍ଣ୍ଣ ଭାବରେ ଦୂରୀଭୂତ କରିବାକୁ ସମର୍ଥ ନୁହେଁ। ଏହାକୁ ଦୃଷ୍ଟିରେ ରଖି ଚାଇନାର ବୈଜ୍ଞାନିକ ଓ ଇଞ୍ଜିନିୟରମାନେ ଏକ କୃତ୍ରିମ ଜହ୍ନ ଆକାଶକୁ ଛାଡ଼ିବାକୁ ଯାଉଛନ୍ତି।

ଚେଙ୍ଗ୍‌ଡୁ ଏରୋସ୍ପେସ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ମାଇକ୍ରୋଇଲେକ୍‌ଟ୍ରୋନିକ୍ସ ସିଷ୍ଟମ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅଧ୍ୟକ୍ଷ ଉ ଚୁନ୍‌ଫେଙ୍ଗ୍ ୨୦୨୦ ସୁଦ୍ଧା ଏକ ‘କୃତ୍ରିମ ଜହ୍ନ’ ଆକାଶକୁ ଛାଡ଼ିବାକୁ ଘୋଷଣା କରିଛନ୍ତି। ଚାଇନାର ଚେଙ୍ଗ୍‌ଡୁଠାରେ ନ୍ୟାଶନାଲ୍ ମାସ୍ ଇନୋଭେଶନ୍ ଆଣ୍ଡ



ଏଣ୍ଟରପ୍ରେନ୍ୟୁରଶିପ୍ ଇଭେଣ୍ଟରେ ସେ ଏହା ପ୍ରକାଶ କରିଛନ୍ତି। ତାଙ୍କ କହିବାନୁଯାୟୀ ଏହି ନକଲି ଜହ୍ନ ଏକ ଆଲୋକ ଉପଗ୍ରହ ଭଳି କାର୍ଯ୍ୟ କରିବ ଏବଂ ଚେଙ୍ଗଡୁ ଷ୍ଟ୍ରିଟ୍‌ଲାଇଟ୍‌ର ଏହା ବିକଳ୍ପ ହେବ। ଏହି କୃତ୍ରିମ ଚନ୍ଦ୍ର ବାସ୍ତବ ଚନ୍ଦ୍ରର ୮ଗୁଣ ଉଜ୍ଜ୍ୱଳ ଆଲୋକ ପ୍ରଦାନ କରିବ। ଏହା ଅପରାହ୍ନ ସମୟରେ ଧୂସର ରଙ୍ଗ ଧାରଣ କରିବା ସହିତ ରାତିବେଳା ୫୦ମାଇଲ୍ ବ୍ୟାସ ବିଶିଷ୍ଟ ଅଞ୍ଚଳକୁ ଆଲୋକିତ କରିପାରିବ। ଫଳରେ ସହରାଞ୍ଚଳରେ ଆଉ ଷ୍ଟ୍ରିଟ୍‌ଲାଇଟ୍ ଆବଶ୍ୟକ ପଡ଼ିବ ନାହିଁ। ଏହାଦ୍ୱାରା ପାରମ୍ପରିକ ବିଦ୍ୟୁତ୍‌ଶକ୍ତିର ଚାହିଦା ହ୍ରାସ ପାଇବ। କୃତ୍ରିମ ଚନ୍ଦ୍ରାଲୋକ ଏକ ନିର୍ଦ୍ଦିଷ୍ଟ ସହରର ଅନ୍ଧକାରକୁ ଦୂରୀଭୂତ କରିବା ସହିତ ଏହା ଜୀବଜଗତ ଉପରେ କୌଣସି କୁପ୍ରଭାବ ପକାଇବ ନାହିଁ ବୋଲି ହାରବିନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଅଧୀନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅପ୍‌ଟିକ୍ସ ନିର୍ଦ୍ଦେଶକ ୱାଙ୍ଗ୍ ୱେମିନ୍ ପ୍ରକାଶ କରିଛନ୍ତି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମୁଖ୍ୟତଃ ପରିଷ୍କାର ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୫ | ୨୨.୪ |
| ଚାନ୍ଦବାଲି | ୩୩.୮ | ୨୫.୮ |
| କଟକ | ୩୩.୫ | ୨୨.୪ |
| ପାରାଦ୍ୱୀପ | ୩୩.୦ | ୨୫.୪ |
| ଭୁବନେଶ୍ୱର | ୩୪.୫ | ୨୩.୦ |
| ଗୋପାଳପୁର | ୩୫.୫ | ୨୩.୪ |
| ପୁରୀ | ୩୩.୬ | ୨୪.୪ |
| ଅନୁଗୋଳ | ୩୪.୧ | ୨୦.୦ |
| ବାରିପଦା | ୩୩.୪ | ୨୧.୦ |
| ଝାରସୁଗୁଡ଼ା | ୩୫.୪ | ୨୨.୧ |
| କେନ୍ଦୁଝର | ୩୨.୦ | ୧୯.୬ |
| ସମ୍ବଲପୁର | ୩୫.୨ | ୨୨.୨ |
| ସୁନ୍ଦରଗଡ଼ | ୩୪.୦ | --- |
| ହୀରାକୁଦ | ୩୪.୭ | ୨୨.୮ |
| ତାଳଚେର | ୩୫.୧ | ୨୦.୩ |
| ଭବାନୀପାଟଣା | ୩୨.୦ | ୧୯.୨ |
| ବଲାଙ୍ଗୀର | ୩୪.୫ | ୨୨.୦ |
| କୋରାପୁଟ | ୩୧.୬ | ୧୬.୦ |
| ଫୁଲବାଣୀ | ୩୨.୨ | ୧୫.୮ |
| ଟିଟିଲାଗଡ଼ | ୩୪.୦ | ୧୯.୦ |
| ମାଲକାନଗିରି | --- | --- |
| ସୋନପୁର | ୩୫.୦ | ୨୦.୦ |
| ଦାରିଙ୍ଗିବାଡ଼ି | ୩୫.୫ | ୧୬.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଗର୍ଭଧାରଣ ମହିଳାଙ୍କ ଜୀବନର ନୂଆ ପର୍ଯ୍ୟାୟ




**ଲାସ୍ ଭେଗାସ୍:** ଗର୍ଭଧାରଣ ମହିଳାଙ୍କ ଜୀବନର ଏକ ନୂଆ ପର୍ଯ୍ୟାୟ। ଘନିଷ୍ଠ ବାନ୍ଧବୀ ମେଘାନ ମର୍କଲେ ଗର୍ଭଧାରଣ କରିଥିବା ବିଷୟ ଶୁଣିବା ପରେ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଖୁସି ପ୍ରକଟ କରିବା ସହିତ ଏହା କହିଛନ୍ତି। ଆମେରିକାର ପୂର୍ବତନ ଫିଲ୍ମ ଓ ଟେଲିଭିଜନ୍ ଅଭିନେତ୍ରୀ ମେଘାନ୍ ଏକ ନୂଆ ପର୍ଯ୍ୟାୟରେ ପାଦ ଦେଇଥିବା ସେ ପ୍ରକାଶ କରିଛନ୍ତି। ଶୁକ୍ରବାର ଏଠାରେ ଆୟୋଜିତ ଜେବିଏଲ୍ ଉତ୍ସବ ଅବସରରେ ପିପୁଲ୍ ମାଗାଜିନ୍‌କୁ ଏକ ସାକ୍ଷାତ୍କାର ଦେଇ ପ୍ରିୟଙ୍କା କହିଲେ, ଜଣେ ବାନ୍ଧବୀ ଭାବରେ କେବଳ ଏତିକି କହିବି ଯେ ତାଙ୍କ ପାଇଁ ମୁଁ ଖୁବ୍ ଉତ୍ସାହିତ। ପ୍ରତ୍ୟେକ ମହିଳା ଗର୍ଭଧାରଣ କରିବ। ଜୀବନର ଏକ ନୂଆ ପର୍ଯ୍ୟାୟ। ସେ ଖୁବ୍‌ଶୀଘ୍ର ମା’ ହେବାକୁ ଯାଉଛନ୍ତି ଜାଣିବା ପରେ ଖୁବ୍ ଖୁସି ଲାଗୁଛି।

ସୂଚନାଯୋଗ୍ୟ ଯେ, ଚଳିତବର୍ଷ ମେ ମାସରେ ବ୍ରିଟେନ୍ ଯୁବରାଜ ପ୍ରିନ୍ସ ହାରି ଏବଂ ମର୍କଲେଙ୍କ ରାଜକୀୟ ବିବାଘର ଉତ୍ସବରେ ପ୍ରିୟଙ୍କା ଚୋପ୍ରା ଯୋଗଦେଇ ଚର୍ଚ୍ଚାରେ ରହିଥିଲେ। ପ୍ରିୟଙ୍କା ଚୋପ୍ରା ଏବଂ ମେଘାନ୍ ମର୍କଲେଙ୍କ ମଧ୍ୟରେ ଦୀର୍ଘଦିନର ବନ୍ଧୁତା। ଚଳିତ ସପ୍ତାହ ପ୍ରାରମ୍ଭରେ ମର୍କଲେଙ୍କ ଗର୍ଭଧାରଣ ବିଷୟ ଜାଣିବା ପରେ ପ୍ରିୟଙ୍କା ଖୁସିରେ ବିହ୍ୱଳିତ ହୋଇଯାଇଥିଲେ ଏବଂ କହିଥିଲେ ମୋ ସାଙ୍ଗସାଥୀଙ୍କ ମଧ୍ୟରୁ କେତେକ ମା’ ହୋଇସାରିଲେଣି ଏବଂ ହେବାକୁ ଯାଉଛନ୍ତି। ସେଭଳି ଏକ ପର୍ଯ୍ୟାୟରେ ଉପନୀତ ହେବାକୁ ଯାଉଥିବାରୁ ପ୍ରିୟଙ୍କା ଭାବି ସନ୍ତାନ ଆଶାରେ ବିହ୍ୱଳ ଭାବ ପ୍ରକାଶ କରିଥିଲେ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଉପଜିଲାପାଳଙ୍କ ଅଫିସ ପରିସରରେ ଯୁବକଙ୍କ ଆତ୍ମହତ୍ୟା

**ଧର୍ମଗଡ,୨୦।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଆଶ୍ରୟ ଗୃହରୁ ଶନିବାର ସକାଳେ ପୋଲିସ ଏକ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି। ମୃତ ବ୍ୟକ୍ତି ଜଣଙ୍କ ଧର୍ମଗଡ଼ ଜଗନ୍ନାଥ ପଡାର ଭୋଦେବ ବଗର୍ତ୍ତୀ (୪୫) । ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ପୋଲିସ ତାର ପ୍ରାଥମିକ ତଦନ୍ତରୁ ଜାଣି ପାରିଛି । ଭୋଦେବ ଉପଜିପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକ ଛୋଟ ଠେଲା ହୋଟେଲ କରି ନିଜ ଗୁଜୁରାଣ ମେଣ୍ଟାଉଥିଲେ । ଗତ ଦୁଇ ବର୍ଷ ତଳେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ଗତବର୍ଷ ତାଙ୍କ ଝିଅର ମଧ୍ୟ ମୃତ୍ୟୁ ହୋଇଥିଲା । ଶନିବାର ପୋଲିସ ଖବରପାଇ ଘଟଣାସ୍ଥଳରେ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଚାଲୁଥିବା ପ୍ରକାଶ କରିଛି । ତାଙ୍କର ଏକମାତ୍ର ପୁଅ କୈଳାସ( ୨୨) ବର୍ତ୍ତମାନ ଅସହାୟ ହୋଇପଡିଛନ୍ତି । କୈଳାସଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।







# କେବିସିରେ ୨୫ ଲକ୍ଷ ଜିତିଲେ ରବିକୁମାର



କେବିସିରେ ଅମିତାଭ ବଚ୍ଚନଙ୍କ ସମ୍ମୁଖରେ ରବିକୁମାର।

**ଦାମନଯୋଡ଼ି,୨୦।୧୦(ଡି.ଏନ୍.ଏ)**

ନାଲ୍‌କୋ କର୍ମଚାରୀ ନମ୍ଫଲା ରବି କୁମାର ସୋନି ଟିଭି ଚ୍ୟାନେଲ୍‌ରେ ପ୍ରସାରିତ କୌନ୍ ବନେଗା କରୋଡ଼ପତି (କେବିସି)ରେ ଭାଗନେଇ ୨୫ ଲକ୍ଷ ଟଙ୍କା ଜିତିଛନ୍ତି। ଏହି ଏପିସୋଡ଼ ଗୁରୁବାର ପ୍ରସାରିତ ହୋଇଥିଲା। ଅବସରପ୍ରାପ୍ତ ପୋଲିସ୍ କର୍ମଚାରୀ ଏନ୍ ଜଗନ୍ନାଥମଙ୍କ ବଡ଼ପୁଅ ହେଉଛନ୍ତି ରବି। ରବି ୨୦୦୦ ମସିହାରୁ କେବିସି ପାଇଁ ପ୍ରସ୍ତୁତି ହେଉଥିଲେ। ସେବେଠାରୁ ସେ ନିରନ୍ତର ଅଧ୍ୟୟନ କରି ଶେଷରେ କେବିସିରେ ଯୋଗ୍ୟତା ହାସଲ କରିପାରିଥିଲେ। ଏହି ପ୍ରସ୍ତୁତିରେ ସ୍ତ୍ରୀ ଏନ୍ ରେଣୁକା ସହଯୋଗ କରିଥିଲେ। ରବି କୁମାର କହିଛନ୍ତି, କେବିସି ଟିମ୍‌ରୁ ତାଙ୍କ ପାଖକୁ ଫୋନକଲ୍ ଆସିଥିଲା। ୩ଟି ପ୍ରଶ୍ନ ପଚରାଯାଇଥିଲା, ଏହାର ସଠିକ୍ ଉତ୍ତର ସେ ଦେଇଥିଲେ। ପରେ ଜୁଲାଇରେ ରାୟପୁର ଅଡ଼ିସନକୁ ତାଙ୍କୁ ଡ଼କାଯାଇଥିଲା। ସେଠାରେ ତାଙ୍କର ଭଲ ପ୍ରଦର୍ଶନ ଥିଲା। ପରେ କେବିସି ହଟ୍ ସିଟିରେ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ସହିତ ବସିବାର ସୁଯୋଗ ମିଳିଲା ବୋଲି ରବି କହିଛନ୍ତି।

# ରେଡ୍‌କ୍ରସ୍‌ର ରିଲିଫ ପ୍ରସ୍ତୁତି ଦେଖିଲେ ରାଜ୍ୟପାଳ

**ଭୁବନେଶ୍ୱର, ୨୦।୧୦ (ବ୍ୟୁରୋ)**

ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ତରଫରୁ ଶୁକ୍ରବାର ଗଞ୍ଜାମ ଜିଲାର ଆସିକା ଏବଂ ଗଜପତି ଜିଲାର ମୋହନା ଅଞ୍ଚଳର ବାତ୍ୟା ପ୍ରଭାବିତ ୫୦୦ ପରିବାରଙ୍କୁ ରିଲିଫ ଯୋଗାଇ ଦିଆଯାଇଛି। ଓଡିଶା ରେଡ୍‌କ୍ରସ ରାଜ୍ୟ ଶାଖାର ସଭାପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ରିଲିଫ ପ୍ରସ୍ତୁତି କାର୍ଯ୍ୟରେ ଯୋଗଦେଇ ଉପସ୍ଥିତ ସ୍ୱେଚ୍ଛାସେବୀ ଓ ରେଡ୍‌କ୍ରସ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। କ୍ଷତିଗ୍ରସ୍ତମାନଙ୍କୁ କିପରି ଅଧିକ ରିଲିଫ ବିତରଣ କରାଯାଇପାରିବ ସେ ନେଇ ରାଜ୍ୟପାଳ ଓଡ଼ିଶା ରେଡ୍‌କ୍ରସ ରାଜ୍ୟ ଶାଖାର ଅବୈତନିକ ସଚିବ ଡ. ବିନାୟକ ପ୍ରସାଦ ପୃଷ୍ଟି ଓ ଅବୈତନିକ ଯୁଗ୍ମ ସଚିବ ମେଜର ଡ. କଳ୍ପନା ଦାସଙ୍କ ସହ ଆଲୋଚନା କରିଥିଲେ।








ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
- ଭଲଟାୟାର


## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ଜିତୁ
ପରିବାରବର୍ଗ



ଶିବରାମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚିକିତ୍ସିତ ଦନ୍ତାହାତୀର ମୃତ୍ୟୁ

ନରସିଂହପୁର,୨୦।୧୦(ଡି.ଏନ.ଏ./ସ୍ୱ.ପ୍ର.)

ନରସିଂହପୁର ପୂର୍ବ ସର୍କଲ ବନାଞ୍ଚଳର ଓଲବ ଜଙ୍ଗଲରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଦନ୍ତାହାତୀର ମୃତ୍ୟୁ ଘଟିଛି। ବୁଧବାର ହାତୀଟି ଜଙ୍ଗଲରୁ ବାହାରି ମହୁଲମଡ଼ା ଗ୍ରାମ ନିକଟ ରାସ୍ତାରେ ପଡ଼ି ଯାଇଥିଲା। ଏହାପରେ ବନ ବିଭାଗ ପକ୍ଷରୁ ତା'ର ଚିକିତ୍ସା ଆରମ୍ଭ ହୋଇଯାଇଥିଲା। ଗୁରୁବାର ଭୋର ସମୟରେ ତା'ର ମୃତ୍ୟୁ ଘଟିବା ପରେ ପୂର୍ବାଞ୍ଚଳ ଅଧିକାରୀ ଅଭିରାମ ଜେନା, ଏସିଏଫ୍ଓ ପୂର୍ଣ୍ଣଚନ୍ଦ୍ର ଗୁରୁ, ନରସିଂହପୁର ପ୍ରାଣୀଧନ ଚିକିତ୍ସକ ବିଜୟ କୁମାର ସେନାପତି ଘଟଣା ସ୍ଥଳକୁ ଯାଇ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ତା'ର ଦୁଇ ଦାନ୍ତକୁ ସୁରକ୍ଷିତ ଭାବେ ବାହାର କରାଯିବା ପରେ ସେଠାରେ ମୃତଦେହକୁ ପୋତି ଦିଆଯାଇଛି। ଗୋଟିଏ ଦାନ୍ତର ଲମ୍ବ ୮୦ ସେ.ମି. ହୋଇଥିବାବେଳେ ଅନ୍ୟଟିର ୭୫ ସେ.ମି. ରହିଛି। ଦାନ୍ତ ଦୁଇଟିକୁ ସୁରକ୍ଷିତ ଭାବେ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ରଖାଯାଇଛି। ପରେ ଆଠଗଡ଼ ସବଡିଭିଜନାଲ କାର୍ଯ୍ୟାଳୟକୁ ପଠାଯିବ ବୋଲି ଅଧିକାରୀ ଜେନା ସୂଚନା ଦେଇଛନ୍ତି। ହାତୀ ମୃତ୍ୟୁର କାରଣ ଜଣା ପଡ଼ି ନ ଥିଲେ ହେଁ କାନ ନିକଟରେ ହୋଇଥିବା କ୍ଷତ କିମ୍ବା ଅନ୍ୟ ଦନ୍ତା ସହ ସଂଘର୍ଷ କାରଣରୁ ଏପରି ହୋଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ବୋଲି ଏସିଏଫ ଗୁରୁ ସୂଚନା ଦେଇଛନ୍ତି। ମୃତ ହାତୀର ବୟସ ୪୦ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ତେବେ ହାତୀଟି ଗୁରୁତର ହେବା ସମୟରୁ ଉପଯୁକ୍ତ ଚିକିତ୍ସା କରାଯାଇଥିଲେ ହୁଏତ ବଞ୍ଚି ପାରିଥାନ୍ତା ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

# ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ସ୍ତରରେ ଛୋଟ ଧରଣର ଅଦଳବଦଳ ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ବିଜ୍ଞପ୍ତି ଅନୁଯାୟୀ ଲିପିକା ଦାସ କଟକ ଜିଲାର ଅତିରିକ୍ତ ଉପଜିଲାପାଳ ଭାବେ କାର୍ଯ୍ୟ କରିବେ। ଅଞ୍ଜଳିନା ପ୍ରଧାନ ବରଗଡ ଜିଲା ଭଟ୍‌ଲିର ତହସିଲଦାର, ନିବେଦିତା ବିଶ୍ୱାଳ ଭୁବନେଶ୍ୱରର ଅତିରିକ୍ତ ଉପଜିଲାପାଳ, ସଞ୍ଜୀବିତା ରାୟ ଭୁବନେଶ୍ୱର ଅତିରିକ୍ତ ଜିଲାପାଳଙ୍କ ଏଲ୍ଆରଓ ଏବଂ ରାମଚନ୍ଦ୍ର କିସ୍କୁ କେନ୍ଦୁଝର ଜିଲାର ଉପଜିଲାପାଳ ଭାବେ କାର୍ଯ୍ୟ କରିବେ। ଅନ୍ୟମାନଙ୍କ ମଧ୍ୟରେ ନୀଳମାଧବ ଭୋଇ ଗଞ୍ଜାମ ଜିଲା ଛତ୍ରପୁର ତହସିଲଦାର, ଏଲେରା ଭାରତୀ ଜେନା କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟର ଉପସଚିବ, ଆରତୀ ସାହୁ କପଡା ଶିଳ୍ପ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଫିସର, ନିରଞ୍ଜନ ବେହେରା ଯାଜପୁର ଜିଲା ବ୍ୟାସନଗର ତହସିଲଦାର ଭାବେ କାର୍ଯ୍ୟ କରିବେ।

# ୨୫ରୁ କାର୍ତ୍ତିକ ବ୍ରତ

ପୁରୀ ଅଫିସ, ୨୦।୧୦

ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ ହୋଇଥାଏ। କିନ୍ତୁ କୁମାର ପୂର୍ଣ୍ଣିମା ପରଦିନ ଅର୍ଥାତ୍ କାର୍ତ୍ତିକ ମାସର ପ୍ରଥମ ଦିନରୁ ସାଧରଣତଃ ହବିଷିଆଳିମାନେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି। ଆସନ୍ତା ୨୫ ତାରିଖ ଧର୍ମ ହବିଷର ମାସ କାର୍ତ୍ତିକର ପ୍ରଥମ ଦିନ। ଧର୍ମମାସ ଆରମ୍ଭ ହେଉଥିବାରୁ କାର୍ତ୍ତିକ ବ୍ରତ ଲାଗି ଶ୍ରୀକ୍ଷେତ୍ରକୁ ହବିଷିଆଳିଙ୍କ ସୁଅ ଛୁଟିବ। ଆଗାମୀ ୩ଦିନ ମଧ୍ୟରେ ଅଧିକ ସଂଖ୍ୟାରେ ହବିଷିଆଳି ଶ୍ରୀକ୍ଷେତ୍ରରେ ପହଞ୍ଚିବେ।

# ତିତ୍‌ଲି ବିପର୍ଯ୍ୟସ୍ତ ଅଞ୍ଚଳ ବୁଲି ଦେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ବାତ୍ୟା, ବର୍ଷା ବିପନ୍ନଙ୍କ ସହ ଆଲୋଚନା କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ବାତ୍ୟା ତିତ୍‌ଲି ଓ ଏହାର ପରବର୍ତ୍ତୀ ବନ୍ୟା ପ୍ରଭାବରେ କ୍ଷୟକ୍ଷତି ହୋଇଥିବା ଅଞ୍ଚଳକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଗସ୍ତ କରିଥିଲେ। ସେ ପ୍ରଭାବିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ପରିଦର୍ଶନ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଭିଡିଓ ବାର୍ତ୍ତାକୁ ଶନିବାର ରାଜ୍ୟ ଭାଜପା ପକ୍ଷରୁ ଜାରି କରାଯାଇଛି।

ଧର୍ମେନ୍ଦ୍ର ଉକ୍ତ ଭିଡିଓ ମାଧ୍ୟମରେ ରାଜ୍ୟବାସୀଙ୍କୁ ପବିତ୍ର ଦଶହରାର ଶୁଭେଚ୍ଛା ଜଣାଇବା ସହ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ତିତ୍‌ଲି ସମ୍ପର୍କରେ ଆଗୁଆ ସୂଚନା ଥାଇ ବି ରାଜ୍ୟ ସରକାର ଉପଯୁକ୍ତ ପ୍ରସ୍ତୁତି କରି ନ ଥିଲେ। ଯେଉଁ କାରଣରୁ ୮ ଦିନ ପରେ ଶବ ମିଳୁଛି। ପଶୁସମ୍ପଦ ବହୁଳ ଭାବରେ କ୍ଷତିଗ୍ରସ୍ତ ହୋଇଛି। ପୋଲିସ ଗଜପତି ଜିଲା ରାୟଗଡ ବ୍ଲକ ଆତଙ୍କପୁରର ମୁକୁନ୍ଦ ଦୋରାଙ୍କ ଝିଅ ବନିତାଙ୍କ ଶବ ବ୍ୟବଚ୍ଛେଦ ପାଇଁ ନେଲା ନାହିଁ। ଶେଷରେ ବାଧହୋଇ ମୁକୁନ୍ଦ ଝିଅର ଶବକୁ ପ୍ଲାଷ୍ଟିକ ଅଖାରେ ଧରି ଚାଲି ଚାଲି ଯାଇଥିଲେ। ଏଥିରୁ ରାଜ୍ୟର ଗତି କୁଆଡେ ଜାଣିହୁଏ ବୋଲି ଧର୍ମେନ୍ଦ୍ର କହିଛନ୍ତି। କ୍ଷତିଗ୍ରସ୍ତ ହୋଇଥିବା ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଅଞ୍ଚଳ ବୁଲିବା ପରେ ଉକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ନିଜେ କ୍ୟାମ୍ପ କରି ରହୁଥିବା ଧର୍ମେନ୍ଦ୍ର କହିଛନ୍ତି। ହେଲେ ଓଡ଼ିଶାର ବରିଷ୍ଠ ମନ୍ତ୍ରୀଙ୍କ ମଧ୍ୟରେ ସେ ପ୍ରକାର ମାନସିକତା ଦେଖାଯାଇନାହିଁ। ଭୁବନେଶ୍ୱରରେ ବସି ରାଜନୈତିକ ଦଳର ନେତୃତ୍ୱମାନେ ବିଶେଷକରି ସରକାରୀ ଦଳର ନେତାମାନେ ଆମେ ତିତ୍‌ଲିକୁ ସମ୍ଭାଳିଦେଲୁ ବୋଲି ପ୍ରଚାର କରୁଛନ୍ତି। କିନ୍ତୁ ବାସ୍ତବରେ ପ୍ରଭାବିତ ଅଞ୍ଚଳରେ ବିଜୁଳି ନାହିଁ, ରିଲିଫ ବ୍ୟବସ୍ଥା ସମସ୍ତଙ୍କ ପାଇଁ ନାହିଁ। କ୍ଷତିଗ୍ରସ୍ତ ପଶୁସମ୍ପଦର ହିସାବ କରାଯାଇନାହିଁ। ମନ୍ତ୍ରୀ କହୁଛନ୍ତି ଅନୁକମ୍ପାମୂଳକ ସହାୟତା ୪ ଲକ୍ଷକୁ ବୃଦ୍ଧି କରାଯାଇ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ହେଲେ ମୃତକଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କା କ'ଣ ଯଥେଷ୍ଟ କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘଦିନ ଧରି ଜଳସମ୍ପଦ ବିଭାଗ ଦାୟିତ୍ୱରେ ଥିଲେ ମଧ୍ୟ ଋଷିକୁଲ୍ୟା ନଦୀରେ ବନ୍ଧବାଡ଼ର ବ୍ୟବସ୍ଥା ନାହିଁ। ଆସ୍କା ସହରର ଉଚ୍ଚତା ଯେତିକି ନଦୀଶଯ୍ୟାର ଉଚ୍ଚତା ବି ସେତିକି। ଫଳରେ ସହର ଭିତରେ ୧୮ ଫୁଟ ଉଚ୍ଚର ପାଣି ମାଡ଼ି ଯାଇଥିଲା। ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷମାନେ ଫୁଟାଣି ଛାଡ଼ି ଏକାଠି ହୋଇ କାମ କରିବା ଦରକାର ବୋଲି ଧର୍ମେନ୍ଦ୍ର କହି ପ୍ରଶାସନକୁ ସମାଲୋଚନା କରିଛନ୍ତି। ଧର୍ମେନ୍ଦ୍ରଙ୍କ ଏହି ବକ୍ତବ୍ୟ ସମ୍ପର୍କରେ ବିଜେଡି ମୁଖପାତ୍ର ଅରୁଣ ସାହୁ କହିଛନ୍ତି ଯେ, ରାଜ୍ୟ ସରକାର ବିପର୍ଯ୍ୟୟ ପରେ ପୁନରୁଦ୍ଧାର ଏବଂ ଥଇଥାନ କରୁଛନ୍ତି। ଦୁର୍ଭାଗ୍ୟର କଥା, କିଛି ଲୋକ ଚାହୁଁଛନ୍ତି ସେମିତି ବିପର୍ଯ୍ୟୟ ଘଟୁ। ବିପର୍ଯ୍ୟୟରୁ ସେମାନଙ୍କୁ ରାଜନୈତିକ ଫାଇଦା ମିଳୁ। ଯିଏ ସାହୁକାର, ତାଙ୍କୁ ସମସ୍ତେ ସାହୁକାର ବୋଲି ଲାଗନ୍ତି ବୋଲି ଅରୁଣ କହିଛନ୍ତି।

## ରାବଣ ପୋଡ଼ିକୁ ନେଇ ଏରସମାରେ ଉତ୍ତେଜନା

# ଦାମଙ୍କ ମଞ୍ଚ ଭାଙ୍ଗିଲା ପୋଲିସ

- ପ୍ରତିବାଦରେ ଏରସମା ବନ୍ଦ
- ୨୫ ବର୍ଷ ହେଲା ଉତ୍ସବ କରୁଥିଲେ ଦାମ

ଜଗତ୍‌ସିଂହପୁର ଅଫିସ,୨୦।୧୦

ଦୀର୍ଘ ୨୫ ବର୍ଷ ହେବ ଏରସମା ଆଞ୍ଚଳିକ ଯୁବ ପରିଷଦ ପଡ଼ିଆରେ ପାରାଦୀପ ବିଧାୟକ ଦାମୋଦର ରାଉତଙ୍କ ପୃଷ୍ଠପୋଷକତାରେ ଦୁର୍ଗାପୂଜା ସମୟରେ ରାବଣ ପୋଡ଼ି ଉତ୍ସବ ହୋଇଆସୁଥିଲା। କିନ୍ତୁ ଚଳିତବର୍ଷ ଦାମଙ୍କ ଏହି ଉତ୍ସବ ଆୟୋଜନରେ ପୋଲିସ ପ୍ରଶାସନ ଅଙ୍କୁଶ ଲଗାଇଛି। ଦାମଙ୍କ ସମର୍ଥକମାନେ ପଡିଆରେ ମଞ୍ଚ କରିଥିବାବେଳେ ପୋଲିସ ପ୍ରଶାସନ ତରଫରୁ ଶୁକ୍ରବାର ତାହାକୁ ଭାଙ୍ଗି ଦିଆଯାଇଛି। ଅନ୍ୟପକ୍ଷରେ ରାବଣ ପୋଡି ଉତ୍ସବ ପାଳନ ପାଇଁ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ସୁଯୋଗ ଦେଇ ପୋଲିସ ପ୍ରଶାସନ ଅଡୁଆରେ ପଡିଛି। ଦୀର୍ଘବର୍ଷ ଧରି ଚାଲିଥିବା ରାବଣ ପୋଡି ଉତ୍ସବକୁ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରାଯାଇଥିବା ଅଭିଯୋଗ କରି ଶହେ ଘରିଆ ଏରସମା ଗ୍ରାମ୍ୟ କମିଟି ପକ୍ଷରୁ ଶନିବାର ଏରସମା ବନ୍ଦ ଡାକରା ଦିଆଯାଇଥିଲା। ଲୋକେ ରାସ୍ତାରେ ଟାୟାର ଜାଳି ତୀବ୍ର ବିରୋଧ କରିଥିଲେ। ଏହାକୁ ସମର୍ଥନ କରି ଏରସମାର ବ୍ୟବସାୟୀମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଦୋକାନ ବଜାର ବନ୍ଦ କରି ଦେଇଥିଲେ। ବିଧାୟକ ମୁଦୁଲିଙ୍କ ଗୋଷ୍ଠୀ ପକ୍ଷରୁ ପୃଥକ ଭାବେ ରାବଣ ପୋଡି ଉତ୍ସବ କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ, ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସହ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସୂଚନା ଅନୁଯାୟୀ, ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ଦାମଙ୍କ ପୃଷ୍ଠପୋଷକତାରେ ରାବଣ ପୋଡି ଉତ୍ସବ ପାଳନ କରାଯାଏ। ପ୍ରଶାନ୍ତ ବିଧାୟକ ହେବା ପରେ ଦାମଙ୍କ ନିମନ୍ତ୍ରଣରେ ଏଥିରେ ଅତିଥି ହେଉଥିଲେ। କିନ୍ତୁ ଦାମ ବିଜେଡିରୁ ବହିଷ୍କୃତ ହେବା ପରେ ଦୁଇ ନେତାଙ୍କ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିଛି। ଫଳରେ ଉତ୍ସବରେ ବିଭ୍ରାଟ ଦେଖାଦେଇଛି ବୋଲି କୁହାଯାଉଛି। ଏ ସମ୍ପର୍କରେ ଦାମ ସମର୍ଥକଙ୍କ କହିବା କଥା ହେଲା ପ୍ରଶାନ୍ତ ବିଧାୟକ ହେବା ପରେ ମଧ୍ୟ ଦାମ ରାବଣ ପୋଡି ଉତ୍ସବରେ ମୁଖ୍ୟ ଭୂମିକା ନିର୍ବାହ କରୁଥିଲେ। ଚଳିତବର୍ଷ ରାବଣ ପୋଡି ଉତ୍ସବ ୧୯ ତାରିଖରେ ହେବ ବୋଲି ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ପୋଲିସ, ପ୍ରଶାସନ ଚଞ୍ଚକତା କରି ଆଞ୍ଚଳିକ ଉନ୍ନୟନ ପରିଷଦ ପଡିଆରେ ଉତ୍ସବ କରିବାକୁ ଅନୁମତି ଦେଇ ନ ଥିଲା। ଏପରି କି ଦାମଙ୍କ ସମର୍ଥକମାନେ ପଡିଆରେ କରିଥିବା ମଞ୍ଚ ଭାଙ୍ଗି ଦିଆଯାଇଥିଲା। କିନ୍ତୁ ୨୦ ତାରିଖରେ ପ୍ରଶାନ୍ତଙ୍କ ଗୋଷ୍ଠୀଙ୍କୁ ରାବଣ ପୋଡ଼ି ଉତ୍ସବ କରିବାକୁ ଅନୁମତି ଦିଆଯାଇଛି। ପୋଲିସ, ପ୍ରଶାସନର ଏଭଳି ପାତରଅନ୍ତରକୁ ନେଇ ଏରସମା ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ପୋଲିସ, ପ୍ରଶାସନ ବିଧାୟକଙ୍କ ନିର୍ଦ୍ଦେଶରେ ବସଉଠ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଶହେ ଘରିଆ ଏରସମା ଗ୍ରାମ୍ୟ କମିଟି ପକ୍ଷରୁ ବନ୍ଦ ପାଳନ ସମୟରେ ଏରସମା ଥାନା ଆଇଆଇସି ପ୍ରଦ୍ୟୁମ୍ନ କୁମାର ବେହେରା ନିଜେ ଭ୍ୟାନ୍‌ରେ ବୁଲି ଡାକବାଜିଯନ୍ତ୍ର ଦ୍ୱାରା ଦୋକାନବଜାର ବନ୍ଦ ନ କରିବା ପାଇଁ ପ୍ରଚାର କରିଥିଲେ। କୌଣସି ବ୍ୟବସାୟୀ ଭୟଭୀତ ନ ହୋଇ ଦୋକାନ ଖୋଲନ୍ତୁ ବୋଲି ସେ କହିଥିଲେ ସୁଦ୍ଧା କେହି ଦୋକାନ ଖୋଲି ନ ଥିଲେ। ସେମାନେ ପୋଲିସ ଉପରେ ଆସ୍ଥା ପ୍ରକଟ କରି ନ ପାରି ଏଭଳି ପକ୍ଷପାତିତାକୁ ନିନ୍ଦା କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବଳି ଦେଇଥିଲେ...



ଗିରଫ ୨ ଅଭିଯୁକ୍ତ।

ଦେଇଛନ୍ତି। ସିନ୍ଦେକେଲା ଗାଁର ହୀରା ରଣାଙ୍କ ପୁଅ ମିଥୁନ୍ ଗତ ୧୩ ତାରିଖ ସନ୍ଧ୍ୟାରୁ ନିଖୋଜ ହୋଇଯାଇଥିଲେ। ଏନେଇ ୧୪ ତାରିଖରେ ସିନ୍ଦେକେଲା ଥାନାରେ ହୀରା ରଣା ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ଅପହରଣ ମାମଲା (ନଂ.୧୧୭/୧୮) ରୁଜୁ ହୋଇଥିଲା। ୧୬ ତାରିଖ ସିନ୍ଦେକେଲାଠାରୁ ୪ କି.ମି ଦୂର ଗନ୍ଧର୍ଲା ଗାଁ ନିକଟ ଉନ୍ଦେର ନଦୀପଠାରୁ ଏକ ମୁଣ୍ଡବିହୀନ ବାଳକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପରିବାର ଲୋକେ ଏହାକୁ ନିଖୋଜ ମିଥୁନ୍‌ଙ୍କ ମୃତଦେହ ବୋଲି ମାଜିଷ୍ଟ୍ରେଟ୍ ଓ ପୋଲିସ ସମ୍ମୁଖରେ ଚିହ୍ନଟ କରିଥିଲେ। ମୁଣ୍ଡ-ଗଣ୍ଡି ଅଲଗା କରାଯାଇ ମିଥୁନ୍‌ଙ୍କୁ ହତ୍ୟା କଲା ପରେ ନଦୀ ବାଲିରେ ପୋତା ଯାଇଥିବାରୁ ଏହା ଏକ ବଳି ଘଟଣା ବୋଲି ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚା ହୋଇଥିଲା। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷେ ମିଥୁନ୍‌ଙ୍କ ପିଉସୀ ପୁଅ ଭାଇ ଶୋଭାବନ(୨୭) ଘଟଣା ଦିନରୁ ଫେରାର ଥିବା ଜଣାପଡିଥିଲା। କିନ୍ତୁ ଶୋଭାବନଙ୍କ ବାପା ମୁଣ୍ଡରୁ ରଣା ସିନ୍ଦେକେଲା ଥାନାରେ ପୁଅର ନିଖୋଜ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତ କରିବା ବେଳେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ମିଥୁନ୍ ହତ୍ୟାକାଣ୍ଡ ଓ ବଳି ଦିଆଯିବା ଘଟଣା ସ୍ପଷ୍ଟ ହୋଇଥିଲା। ସିନ୍ଦେକେଲା ଥାନା ସାଲେବରଟ୍ ଗାଁର ଶୋଭାବନ ରଣାଙ୍କ ପରିବାରରେ କିଛି ଦିନ ହେଲା ଦୁଃଖଯନ୍ତ୍ରଣା, ଆର୍ଥିକ ଅନଟନ ଓ ରୋଗପୀଡା ସମସ୍ୟା ଲାଗିରହିଥିଲା। ଏଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ସେହି ଗାଁରେ ଥିବା ତନ୍ତ୍ରଗୁରୁ ତଥା ସମ୍ପର୍କୀୟ କାକା କୁଞ୍ଜବିହାରୀ (୨୮)ଙ୍କ ଶରଣାପନ୍ନ ହୋଇଥିଲେ ଶୋଭାବନ। ତନ୍ତ୍ରଗୁରୁ କୁଞ୍ଜ ବିହାରୀ କିଛି ତନ୍ତ୍ରପୁସ୍ତକ ଓ ମନ୍ତ୍ରଖାତା ଦେଇ ରାକମ୍ ଦେବୀଙ୍କୁ ଉପାସନା କରିବା ପାଇଁ କହିଥିଲେ। ଇତିମଧ୍ୟରେ ଶୋଭାବନଙ୍କ ସ୍ତ୍ରୀ ଅଧିକ ରୋଗକଷ୍ଟ ଭୋଗିବା ପରେ ତନ୍ତ୍ରଗୁରୁ କୁଞ୍ଜଙ୍କ ପାଖକୁ ଯାଇ ସବିଶେଷ ବିଧାନ କରିବା ପାଇଁ କହିଥିଲେ। ସବୁ ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ଏକ ଛୋଟ ପିଲାକୁ ରାକମ୍ ଦେବୀଙ୍କୁ ବଳି ଦେବାକୁ ପଡିବ ବୋଲି ତନ୍ତ୍ରଗୁରୁ କୁଞ୍ଜବିହାରୀ କହିଥିଲେ। ଏହାପରେ ଶୋଭାବନ ସିନ୍ଦେକେଲାରେ ରହୁଥିବା ନିଜ ମାମୁ ପୁଅ ମିଥୁନ୍ (୯)ଙ୍କୁ ବଳି ଦେବାକୁ ଯୋଜନା କରି ତନ୍ତ୍ରଗୁରୁଙ୍କୁ ଜଣାଇଥିଲେ। ତନ୍ତ୍ରଗୁରୁ ଏନେଇ ସମ୍ମତି ପ୍ରଦାନ କରିବା ପରେ ମିଥୁନ୍‌ଙ୍କୁ ଅପହରଣ ଓ ବଳି ଯୋଜନା ଓ ପୂଜାର୍ଚ୍ଚନା ସ୍ଥାନ ନିର୍ଦ୍ଧାରଣ କରାଯାଇଥିଲା। ଅକ୍ଟୋବର ୧୩ ଶନିବାର ମିଥୁନ୍‌ଙ୍କୁ ଉନ୍ଦେର ନଦୀପଠାରେ ରାକମ୍ ଦେବୀଙ୍କୁ ବଳି ଦିଆଯିବ ବୋଲି ଉଭୟେ ଯୋଜନା କରିଥିଲେ। ଯୋଜନା ମୁତାବକ ଶୋଭାବନ ନିଜ ବାଇକ୍ (ନଂ.ଓଆର୦୩ ଜି ୯୨୫୪)ରେ ଶନିବାର ସନ୍ଧ୍ୟାରେ ସିନ୍ଦେକେଲା ଯାଇଥିଲେ। ଅପରାହ୍ନ ପ୍ରାୟ ୫ଟା ସମୟରେ ବସଷ୍ଟାଣ୍ଡସ୍ଥିତ ଦୋକାନରୁ ନିଜ ଘରକୁ ଫେରୁଥିବା ମାମୁପୁଅ ଭାଇ ମିଥୁନ୍‌ଙ୍କୁ ବାଇକ୍‌ରେ ବସିବାକୁ କହିଥିଲେ। ନିଜ ସମ୍ପର୍କୀୟ ଭାଇ ହୋଇଥିବାରୁ ବିନା ଦ୍ୱିଧାରେ ମିଥୁନ୍ ଶୋଭାବନଙ୍କ ବାଇକ୍‌ରେ ବସିଥିଲେ। ଏହାପରେ ବିଭିନ୍ନ କଥା କହି ମିଥୁନ୍‌ଙ୍କୁ ଗନ୍ଧର୍ଲା ନିକଟ ଉନ୍ଦେର ନଦୀକୁ ନେଇଯାଇଥିଲେ। ପୂର୍ବ ଯୋଜନା ମୁତାବକ ସେଠାରେ ତନ୍ତ୍ରଗୁରୁ କୁଞ୍ଜବିହାରୀ ପୂଜା ସାମଗ୍ରୀ ସହ ଅପେକ୍ଷାରତ ଥିଲେ। ସେଠାରେ ପହଞ୍ଚିବା ପରେ ଉଭୟେ ମିଥୁନ୍‌ଙ୍କ ହାତ ଓ ଗୋଡକୁ ଧରିଥିବା ଗାମୁଛାରେ ବାନ୍ଧି ଦେଇଥିଲେ। ନଦୀ ଭିତରେ ଥିବା ପାଣି ପାଖରେ ରାକମ୍ ଦେବୀଙ୍କ ପୂଜାର୍ଚ୍ଚନା ପରେ ସିନ୍ଦେକେଲା ବଜାରରୁ ୪୦ ଟଙ୍କା ଦେଇ ଶୋବାବନ କିଣି ଆଣିଥିବା ଏକ ଛୁରିରେ ତନ୍ତ୍ରଗୁରୁ କୁଞ୍ଜବିହାରୀ ଓ ଶୋଭାବନ ମିଳିତ ଭାବେ ମିଥୁନ୍‌ଙ୍କ ତଣ୍ଟିକାଟି ବଳି ଦେଇଥିଲେ। ତଣ୍ଟିକାଟିବା ବେଳେ ନିରୀହ ନିଷ୍ପାପ ମିଥୁନ୍ ଛଟପଟ ହୋଇ ଚିତ୍କାର କରିଥିଲେ। ବଳି ଦେଇସାରିବା ପରେ ହତ୍ୟା କରିଥିବା ଛୁରିକୁ ସଫାକରି ସେଠାରେ ଏକ ଗାତ ଖୋଳି ପ୍ରଥମେ ମିଥୁନ୍‌ଙ୍କ ମୁଣ୍ଡ ଓ ପରେ ଗଣ୍ଡି ପୋତି ଦେଇଥିଲେ। ଏହାପରେ ତନ୍ତ୍ରଗୁରୁ କୁଞ୍ଜ ସେଠାରୁ ପାଦରେ ଚାଲି ଚାଲି ସାଲେବରଟ୍ ଫେରି ଆସିଥିଲେ। ଅଭିଯୁକ୍ତ ଶୋଭାବନ ନିଜ ବାଇକ୍‌ରେ ତାଙ୍କ ଶ୍ୱଶୁର ଘର ଅଲଣ୍ଡା ଗାଁକୁ ଚାଲି ଯାଇଥିଲେ। ସିନ୍ଦେକେଲା ଥାନା ଆଇଆଇସି ରଞ୍ଜନ ବରିହା ଘଟଣାର ତଦନ୍ତ କରି ଶୁକ୍ରବାର ଶୋଭାବନଙ୍କୁ ଅଲଣ୍ଡା ଗାଁକୁ ଯାଉଥିବାବେଳେ ବାଗବାହାଲ ଛକରୁ ଗିରଫ କରିଥିଲେ। ଶୋଭାବନଙ୍କ ଶ୍ୱଶୁର ଘର ଅଲଣ୍ଡା ଓ ନିଜ ଘର ସାଲେବରଟରେ ଚଢ଼ାଉ କରି ପୋଲିସ ତନ୍ତ୍ରପୁସ୍ତକ, ମନ୍ତ୍ରଖାତା, ବାଇକ ଟୁଲ ବକ୍ସରୁ ହତ୍ୟା କରାଯାଇଥିବା ଛୁରି, ୨ଟି ସିମ୍ ସହ ମୋବାଇଲ ଓ ରେଲୱେ ଟିକେଟ୍ ଜବତ କରିଥିଲା। ବଳି ସମ୍ପର୍କରେ ସୂଚନା ପାଇବା ପରେ ତନ୍ତ୍ରଗୁରୁ କୁଞ୍ଜଙ୍କ ଘର ଉପରେ ଶନିବାର ଚଢ଼ାଉ କରିଥିଲେ। ଗୁରୁଚେଲା କୁଞ୍ଜବିହାରୀ-ଶୋଭାବନଙ୍କୁ ଗିରଫ କରି ମୁହାଁମୁହିଁ କରିବା ପରେ ଉଭୟେ ମିଥୁନ୍‌ଙ୍କୁ ତଣ୍ଟିକାଟି ହତ୍ୟା କରିଥିବା ସହ ବଳି ଦେଇଥିବା ସ୍ୱୀକାର କରିଥିଲେ। ଟିଟିଲାଗଡ଼ ଏସଡିପିଓ ଅଫିସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମହାପାତ୍ରଙ୍କ ସହ ସିନ୍ଦେକେଲା ଥାନାଧିକାରୀ ରଞ୍ଜନ କୁମାର ବରିହା, ଟିଟିଲାଗଡ଼ ଥାନାଧିକାରୀ ତାପସ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

### ମାଡ଼ିଗଲା ଟ୍ରେନ୍...

ଏତିକିବେଳେ ହଠାତ୍ ଜଳନ୍ଧର ଆଡୁ ଏକ ଟ୍ରେନ୍ ଆସି ଲୋକଙ୍କ ଉପରକୁ ମାଡ଼ିଗଲା। ଏହାପରେ ବିପରୀତ ଦିଗରୁ ଆଉ ଏକ ଟ୍ରେନ୍ ମଧ୍ୟ ମାଡ଼ିଆସିଲା। କେହି କିଛି ଭାବିବା ପୂର୍ବରୁ ମାତ୍ର ୫ ସେକେଣ୍ଡ ଭିତରେ ସେହି ସ୍ଥାନରେ ଅନେକଙ୍କ ପ୍ରାଣବାୟୁ ଉଡ଼ିଗଲା। ଅଳ୍ପ କିଛି ସମୟ ମଧ୍ୟରେ ଉତ୍ସବସ୍ଥାନ ଲୋକଙ୍କ ଆର୍ତ୍ତ ଚିତ୍କାରରେ ଫାଟି ପଡ଼ିଥିଲା। ଏହାପରେ ସେଠାରେ ଆରମ୍ଭ ହୋଇଥିଲା ଉଦ୍ଧାର କାର୍ଯ୍ୟ। ଶେଷ ଖବର ସୁଦ୍ଧା ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ୬୧ ଛୁଇଁଛି। ତନ୍ମଧ୍ୟରୁ ପାଖାପାଖି ୪୦ରୁ ଊର୍ଦ୍ଧ୍ୱ ମୃତଦେହ ଚିହ୍ନଟ କରାଯାଇଛି। ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଉତ୍ତରପ୍ରଦେଶ ଏବଂ ବିହାରର ବାସିନ୍ଦା। ସେମାନେ ଏଠାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଏହି ଘଟଣାକୁ ନେଇ ଆରମ୍ଭ ହୋଇଯାଇଛି କାଦୁଅଫିଙ୍ଗା ରାଜନୀତି। ବିରୋଧୀ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ଏହାକୁ ଗଣହତ୍ୟା ଦର୍ଶାଇଥିବାବେଳେ ଶାସକ କଂଗ୍ରେସ ଦୁର୍ଘଟଣା ବୋଲି ଅଭିହିତ କରିଛି। ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହି ଘଟଣାର ତଦନ୍ତ କରାଯାଉ ବୋଲି ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲ ଦାବି କରିଛନ୍ତି। ତେବେ ରେଳପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ତ୍ରୁଟି ନ ଥିବା କେନ୍ଦ୍ର ସରକାର କହିଛନ୍ତି। ଗୋଟିଏ ପଟେ ଆରୋପ ପ୍ରତ୍ୟାରୋପ ଚାଲିଥିଲାବେଳେ ଅନ୍ୟପଟେ ଭାଜପା, କଂଗ୍ରେସ ଏବଂ ଏଏପି କର୍ମୀମାନେ ରିଲିଫ୍ କାର୍ଯ୍ୟରେ ସହଯୋଗ କରିଛନ୍ତି। ଧର୍ମୀୟ ଉତ୍ସବରେ ଲୋକଙ୍କୁ ଯେପରି ବିପଦର ସାମ୍ନା କରିବାକୁ ନ ପଡ଼େ, ସେଥିଲାଗି ନୀତି ନିର୍ଦ୍ଧାରଣ କରିବାକୁ ଗୃହ ସଚିବ ଏନ୍.ଏସ୍. କାଲ୍‌ସିଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କ୍ୟାବିନେଟ ମନ୍ତ୍ରୀଙ୍କୁ ନେଇ ଅମରିନ୍ଦର ଏକ ସଙ୍କଟ ପରିଚାଳନା ଗ୍ରୁପ୍ ଗଠନ କରିଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯିବ ବୋଲି ସେ ମଧ୍ୟ ଘୋଷଣା କରିଛନ୍ତି। ଏହି ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଶୋକବ୍ୟକ୍ତ କରିଛନ୍ତି। ଏହା ଅତ୍ୟନ୍ତ ହୃଦୟବିଦାରକ ଘଟଣା। କେନ୍ଦ୍ର ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ମୋଦି ଘୋଷଣା କରିଛନ୍ତି। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ, ରେଳମନ୍ତ୍ରୀ ପୀୟୁଷ ଗୋଏଲ, ପଞ୍ଜାବ ରାଜ୍ୟପାଳ ଭି.ପି. ସିଂ ବଦୋର ଏବଂ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ପ୍ରମୁଖ ସମବେଦନା ଜଣାଇଛନ୍ତି। ବ୍ରସେଲ୍ସ ଗସ୍ତରେ ଥିବା ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ମଧ୍ୟ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଭଳି ଘଟଣା ଅତ୍ୟନ୍ତ ଦୁଃଖଦାୟକ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଏବଂ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି। ଉକ୍ତ ଟ୍ରେନ୍‌ର ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି ହେଉଥିବାବେଳେ ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ଏହାକୁ ଖଣ୍ଡନ କରିଛନ୍ତି। ରେଳପଥ ନିକଟରେ ଏଭଳି ଜନଗହଳିପୂର୍ଣ୍ଣ ଉତ୍ସବ ଆୟୋଜନ ନିହାତି ଭୁଲ। ତା'ଛଡ଼ା ଟ୍ରେନ୍ ଡ୍ରାଇଭରଙ୍କର କୌଣସି ତ୍ରୁଟି ନ ଥିବାରୁ ତାଙ୍କୁ କାଠଗଡ଼ାକୁ ଅଣାଯିବ ନାହିଁ ବୋଲି ସିହ୍ନା କହିଛନ୍ତି।

### ଆତ୍ମହତ୍ୟା କଲେ...

ହେବାଦିନଠାରୁ ତାଙ୍କ ଚିକିତ୍ସା ପିଛା ପାରୁ ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ ହୋଇସାରିଛି। ଆର୍ଥିକ ଦୁର୍ଗତି ମଧ୍ୟରେ ପାରିବାରିକ ଚାପର ବଶବର୍ତ୍ତୀ ହୋଇ ଗୌତମ ୮ ମାସ ତଳେ ଧାର କରଜ କରି ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ପରେ ନିଜର ୧୨ ଏକର ଚାଷ ଜମିରେ ଧାନ ଫସଲ କରିବାକୁ ଅଣ୍ଟା ଭିଡ଼ିଥିଲେ। କ୍ଷେତରେ ରୁଆବୁଣା କାର୍ଯ୍ୟ ଆରମ୍ଭ କରି ବ୍ୟାଙ୍କରୁ ୮୦ହଜାର ଚାଷ ଋଣ କରିଥିଲେ। ସେହିପରି ମହାଜନଙ୍କଠାରୁ ଶତକଡ଼ା ୧୦ ପ୍ରତିଶତ ସୁଧରେ ଟଙ୍କା ଆଣି ଧାନ ଚାଷରେ ବିନିଯୋଗ କଲେ। ଲହୁ ଓ ଲୁହ ଏକାକାର କରି ଧାନ ଗଛ ଉଗାଇଲେ। ତେବେ ଭାଗ୍ୟର ବିଡ଼ମ୍ବନା ଦାଉ ସାଧିଲା। ଧାନ ଯୁବାବସ୍ଥାରେ ପହଞ୍ଚିବା ବେଳେ ବର୍ଷାର ଅଭାବ କାଳ ହେଲା। ଫସଲ ନଷ୍ଟ ହେବା ଦେଖି କେନାଲ ପାଣି ପାଇଁ ଯନ୍ତ୍ରୀ, ଏସଡିଓଙ୍କୁ ନେହୁରା ହେଲେ। ଗ୍ରାମବାସୀଙ୍କ ସହଯୋଗ ଲୋଡ଼ିଲେ। ସବୁ ବ୍ୟର୍ଥ ଗଲା। କ୍ଷେତକୁ ପାଣି ପହଞ୍ଚିଲା ନାହିଁ। ଶେଷରେ ବାଧ ହୋଇ କିରୋସିନି ପମ୍ପ ଲଗାଇ ଗୌତମ କ୍ଷେତକୁ ପାଣି ମଡ଼ାଇଲେ। ତାହା କିନ୍ତୁ ପର୍ଯ୍ୟାପ୍ତ ହୋଇପାରିଲା ନାହିଁ। ଧାନ ଗଛ ସବୁ ଶୁଖି ମରିବାକୁ ଲାଗିଲା। ଯାହା କିଛି ବଞ୍ଚିଲା ସେସବୁ ଚକଡା ରୋଗର ପ୍ରକୋପରେ ଲୋଟି ପଡ଼ିଲା। ଏଭଳି କ୍ଷତିରେ ସେ ଭାଙ୍ଗି ପଡ଼ିଥିଲେ। ଆତ୍ମହତ୍ୟା କରିବେ ବୋଲି କହିଆସୁଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ରଙ୍କ ଦୃଷ୍ଟି ସମ୍ବନ୍ଧରୁ ବନ୍ଧୁମିଳନ ସହ ଅର୍ଥନୈତିକ ଉତ୍କର୍ଷତା ମୁହଁରେ ହସ ଫୁଟାଇବ। ପାରିବାରିକ ସୌଖ୍ୟ ସାଙ୍ଗକୁ ପୁତ୍ରକନ୍ୟାଙ୍କ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଆତ୍ମୀୟମାନେ ଈର୍ଷାପରାୟଣ ମନୋଭାବ ନେଇ ଶତ୍ରୁତା ଆଚରଣ କରିପାରନ୍ତି। ଦୂରଯାତ୍ରା ପାଇଁ ପ୍ରସ୍ତୁତି ସହ ନୂତନ ସ୍ଥାନ ପରିଦର୍ଶନର ମଉକା ଜୁଟିପାରେ।

**ବୃଷ** ବୁଧଙ୍କ ଦ୍ୱାଦଶ ସ୍ଥାନ ସମ୍ପର୍କ ଜନିତ ବନ୍ଧୁଙ୍କ ସହ ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତିକୁ ନେଇ ବିଚଳିତବୋଧ କରିପାରନ୍ତି। କର୍ମ କ୍ଷେତ୍ରରେ ପର କଥାକୁ ସତ ମନେକରି ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଆଜିର ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ମହିଳାମାନେ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**ମିଥୁନ** ନିକଟ ସମ୍ପର୍କୀୟଙ୍କ ପ୍ରତ୍ୟକ୍ଷ ସହଯୋଗ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସାହାଯ୍ୟ କରିବ। ବନ୍ଧୁଗହଣରେ ପରିଭ୍ରମଣ, ନୂତନ ସ୍ଥାନ ପରିଦର୍ଶନ ଓ ସତ୍‌ସଙ୍ଗ ସୁଯୋଗ ପାଇବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତିବିଶେଷ ଭଲ ରହିନପାରେ। କର୍ମକ୍ଷେତ୍ରରେ ଦକ୍ଷତା ଓ ଦୃଢ଼ତା କେତେକ କ୍ଷେତ୍ରରେ ଆପଣଙ୍କୁ ସାହାଯ୍ୟ କରିବ।

**କର୍କଟ** ସହକର୍ମୀଙ୍କ ସାହାଯ୍ୟ ଓ ବଦାନ୍ୟତା ଆପଣଙ୍କୁ ଅର୍ଥଲାଭ କରାଇବ। ଶନିଙ୍କ ପ୍ରଭାବରେ ଭଲ ସମ୍ପର୍କ ରହିଥିବା ବନ୍ଧୁମାନେ ଦୂରେଇ ରହିପାରନ୍ତି। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଅତିଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ। ପାର୍ବଣରେ ପୂଜା ମଉଜର ଫାଇଦା ଉଠାଇବେ।

**ସିଂହ** ସାମାଜିକ ସ୍ତରରେ ସାମୂହିକ ଆଲୋଚନା ପରିବେଶକୁ ସରସ ସୁନ୍ଦର କରିବାରେ ସମର୍ଥହେବ। ଯେଉଁ ଜିନିଷ ପାଇବା ପାଇଁ ଚିନ୍ତା କରୁଥିଲେ ଆଜି ଅପରାହ୍ନରେ ତାହା ଟିକିଏ ବିଳମ୍ବରେ ପାଇବେ। ସଭାସମିତି, କଳା ସାହିତ୍ୟ, ରାଜନୀତିରେ କାମ କରି ଉଚ୍ଚ ପ୍ରଶଂସିତ ହେବେ। ନିଜର ପ୍ରିୟ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି।

**କନ୍ୟା** ରାଶ୍ୟାଧିପଙ୍କ ସହ ଶୁକ୍ରଙ୍କ ସମ୍ବନ୍ଧରୁ ନୂତନ ବସ୍ତ୍ରଭୂଷଣ ପ୍ରାପ୍ତି ସହ ସୁପରିଚିତ ବ୍ୟକ୍ତିଙ୍କ ସହ ଆଲୋଚନାରୁ ଖୁସି ରହିବେ। ଉଚ୍ଚ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି ସାମୂହିକ କାମରେ ନିଜର ପତିଆରା ଜାହିର୍ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ ସ୍ତ୍ରୀ ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସଂପର୍କରେ ଚିନ୍ତା ବଢିବ।

**ତୁଳା** ଅତୀତକୁ ସ୍ମରଣ କରି ମନରେ ବହୁବିଧ ଭାବନା ଉଦ୍ରେକ ହୋଇପାରେ। ସହାନୁଭୂତି ବଦଳରେ ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ପୂର୍ବର ସୁପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ,ତଥାପି ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି।

**ବିଛା** ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ମତାନ୍ତର ଘଟିପାରେ। ଅବଶ୍ୟ କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ବିବାଦୀୟ ଘଟଣା କିମ୍ବା ମାଲି ମକଦ୍ଦମା ଫଇସଲା ହେବାର ସମ୍ଭାବନା ରହିଛି।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କଲେ ହଇରାଣରେ ପଡିପାରନ୍ତି। ସନ୍ତାନମାନଙ୍କ ବୈବାହିକ କର୍ମସମ୍ପାଦନ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କୀୟ ଆଲୋଚନା ଫଳପ୍ରଦ ହୋଇପାରେ। କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ। ଘର ଲୋକଙ୍କ ଦ୍ୱାରା କିଛିଟା ଅସୁବିଧାର ସମ୍ମୁଖୀନ ହେବାର ସଂଭାବନା ରହିଛି।

**ମକର** ଚନ୍ଦ୍ର ସହ ମଙ୍ଗଳଙ୍କ ସଂଯୋଗ ଲକ୍ଷ୍ମୀ ଯୋଗ ସୃଷ୍ଟି କରୁଥିବାରୁ ଆର୍ଥିକ ଉନ୍ନତି ସହ ନୂତନ ମିତ୍ରତା ସୃଷ୍ଟିହେବ। ଉତ୍ତରାଷାଢ଼ା ନକ୍ଷତ୍ରର ବୈଷୟିକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିପାରେ। ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିବେ। ଶିଳ୍ପ, ବାଣିଜ୍ୟରେ ସମସ୍ୟା କ୍ରମଶଃ ଦୂରେଇ ଯିବ।

**କୁମ୍ଭ** କର୍ମକ୍ଷେତ୍ରରେ ଆଗାମୀ ସମୟର କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି। କାରବାର, ପୂଜାବଜାର ଏବଂ ବନ୍ଧୁମିଳନ ସମ୍ବନ୍ଧୀୟ ଆନନ୍ଦ ଉପଭୋଗ କରିବେ। କେତେକ କ୍ଷେତ୍ରରେ ପ୍ରଥମେ କାମଟି କରିସାରିବା ପରେ ଚିନ୍ତା କରି ମନସ୍ତାପ କରିବାକୁ ପଡିବ।

**ମୀନ** କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀଙ୍କ ଉପରେ ଖପ୍ପା ହୋଇପାରନ୍ତି। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିକୋଣରୁ ଆଜି ଆପଣ କୌଣସି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା କଷ୍ଟ ମନେ ହେବ। ଆର୍ଥିକ ସ୍ୱଚ୍ଛଳତା ବଢିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବା ନିଶ୍ଚିତ।

ଆଜି ଆଶ୍ୱିନ ଶୁକ୍ଳ ଦ୍ୱାଦଶୀ ରବିବାର, ଅକ୍ଟୋବର ୨୧ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ମେଷ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୧୧ମି. ଗତେ ଘ୮।୪୫ମି. ମଧ୍ୟେ, ଘ୯।୫୪ମି. ଗତେ ଘ୧୧।୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୪୫ମି. ଗତେ ଘ୧୦।୧୯ମି. ମଧ୍ୟେ, ଘ୧।୨୮ମି. ଗତେ ଘ୩।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୩।୪୯ମି. ଗତେ ଘ୫।୧୫ମି. ମଧ୍ୟେ ରାହୁକାଳ।



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ






## ପଞ୍ଜାବ ଟ୍ରେନ୍ ଦୁର୍ଘଟଣା




# ସୀମାନ୍ତରେ ଗୁଳି ବିନିମୟ: ୩ ମାଓବାଦୀ ନିହତ

**ମାଲକାନଗିରି,୨୦।୧୦(ଡି.ଏନ.ଏ.)**

ମାଲକାନଗିରି ସୀମାନ୍ତରେ ଶନିବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ପୋଲିସ ବିପୁଳ ପରିମାଣରେ ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ଜବତ କରିଛି । ସୀମାନ୍ତବର୍ତ୍ତୀ

## ବନ୍ଧୁକ, ଅସ୍ତ୍ରଶସ୍ତ୍ର ଜବତ

ଛତିଶଗଡର ବିଜାପୁର ଜିଲାର ମିର୍‌ତୁର୍ ଜଙ୍ଗଲରେ ଶୁକ୍ରବାର ରାତିରେ ମାଓବାଦୀଙ୍କ ମେଳି ଚାଲିଥିବା ଖବର ପାଇ ଡିଆରଜି ଯବାନମାନେ କୋମ୍ବିଂ ଅପରେଶନରେ ଯାଇଥିଲେ । ପୋଲିସ ଆସିବା ଜାଣି ମାଓବାଦୀଙ୍କ ପକ୍ଷରୁ ପ୍ରଥମେ ଗୁଳିଚାଳନା କରାଯାଇଥିଲା । ଯବାନଙ୍କ ପାଲ୍‌ଟା ଜବାବ୍‌ରେ ଜଣେ ମହିଳାଙ୍କ ସମେତ ୩ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା । ପୋଲିସ ସହ ମୁକାବିଲା କରିନପାରି ଅନ୍ୟ ମାଓବାଦୀମାନେ ଶିବିର ଛାଡି ଚାଲିଯାଇଥିଲେ । ପୋଲିସ ସର୍ଚ୍ଚ ଅପରେସନ୍ କରି ମାଓବାଦୀ କ୍ୟାମ୍ପକୁ ଧ୍ୱଂସ କରିଥିଲା । ଘଟଣା ସ୍ଥଳରୁ ବିପୁଳ ପରିମାଣରେ ବିସ୍ଫୋରକ ଓ ବନ୍ଧୁକ ଜବତ ହୋଇଥିବା ଆଇଜି ବିବେକା ନନ୍ଦ ସିହ୍ନା ସୂଚନା ଦେଇଛନ୍ତି । ତେବେ ଏହି ଘଟଣାରେ ଅନ୍ୟ କେତେ ଜଣ ମାଓବାଦୀ ମୃତାହତ ହୋଇଥାଇପାରନ୍ତି ବୋଲି ପୋଲିସ ଆଶଙ୍କା କରୁଛି ।






# ଦୁର୍ଘଟଣା: ଜଣେ ମୃତ, ୮ ଗୁରୁତର

**ଅତାବିରା,୨୦।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଡଡଙ୍ଗାପାଲିରୁ ବୁର୍ଲା ଥାନା ହୀରାକୁଦ ଜଳଭଣ୍ଡାର ନିକଟ ଜିରୋ ପଏଣ୍ଟକୁ ପିକ୍‌ନିକ୍‌ରେ ଯାତ୍ରୀ ନେଇ ଯାଇଥିବା ଏକ ପିକ୍‌ଅପ୍ ଭ୍ୟାନ ଶନିବାର ଫେରିବା ବାଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଡଡଙ୍ଗାପାଲିର ଶୁକଦେବ ବରିହା । ଅନ୍ୟ ୮ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପିକ୍‌ଅପ୍ ଭ୍ୟାନର ଡ୍ରାଇଭର ଫେରାର ଅଛନ୍ତି।ସୂଚନା ଅନୁସାରେ, ଶନିବାର ଡଡଙ୍ଗାପାଲିର କିଛି ଲୋକ ପିକ୍‌ଅପ୍ ଭ୍ୟାନ ଯୋଗେ ପିକ୍‌ନିକ୍ କରିବା ପାଇଁ ଜିରୋ ପଏଣ୍ଟକୁ ଯାଇଥିଲେ । ସେଠାରେ ଭୋଜିଭାତ ସାରି ସନ୍ଧ୍ୟାରେ ସେମାନେ ଘରକୁ ଫେରିଥିଲେ। ଫେରିବା ବାଟରେ ଜିରୋ ପଏଣ୍ଟର ଅନତିଦୂରରେ ସେହି ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ଭ୍ୟାନରେ ଚାପି ହୋଇ ଶୁକଦେବଙ୍କ ଘଟଣାସ୍ଥଳରେ ମୃତ୍ୟୁହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ। ଖବର ପାଇ ବୁର୍ଲା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତାହତଙ୍କୁ ଉଦ୍ଧାର କରିଥିଲା ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ରାଜ୍ୟପାଳ

**ପୁରୀ ଅଫିସ, ୨୦।୧୦:** ବିଜୟା ଦଶମୀରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ୫୦ରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇ ମନ୍ଦିରକୁ ପାଛୋଟି ନିଆଯାଇଥିଲା। ରାଜ୍ୟପାଳ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବା ପରେ ବେଢ଼ା ପରିସର ବୁଲି ଦେଖିଥିଲେ। ଏହାପରେ ପୁରୀ ରାଜଭବନକୁ ଯାଇଥିଲେ। ଅପରାହ୍ନରେ କୋଣାର୍କ ଗସ୍ତରେ ଯାଇଥିଲେ।







ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ

# ବିରୋଧୀଙ୍କ ପାଇଁ ମଉକା

ଆକାର ପଟେଲ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଦ୍ୱିତୀୟ ଦୀର୍ଘତମ ଅବଧି ଲାଗି ଅର୍ଥନୈତିକ ଅଭିବୃଦ୍ଧି ଜାରି ରହିଥିବାରୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିଛି ଲୋକପ୍ରିୟତା ଅର୍ଜନ କରିଛନ୍ତି। ଗତ ତ୍ରିମାସୀରେ ଆମେରିକାର ଅର୍ଥନୀତି ୪ ପ୍ରତିଶତ ହାରରେ ଅଭିବୃଦ୍ଧି କରିଥିଲା। ତେବେ ଆମେ ଭାରତୀୟମାନେ ଏଥିରେ ପ୍ରଭାବିତ ନ ହୋଇପାରୁ। କିନ୍ତୁ ସତକଥା ହେଲା, ଆମେରିକା ଅର୍ଥନୀତିର ଆକାର ହେଉଛି ଭାରତର ୧୦ ଗୁଣ, ଯଦିଚ ଏହାର ଲୋକସଂଖ୍ୟା ଭାରତର ୪ ଭାଗରୁ ଭାଗେ। ଏହାର ଅର୍ଥ ଜଣେ ହାରାହାରି ଆମେରିକୀୟ ଜଣେ ହାରାହାରି ଭାରତୀୟଙ୍କଠାରୁ ୪୦ ଗୁଣ ଅଧିକ ଉତ୍ପାଦନ କରୁଛି। ଯେତେବେଳେ ବିରୋଧୀ ଦଳ ଟ୍ରମ୍ପଙ୍କ ବ୍ୟକ୍ତିଗତ ଦୋଷତ୍ରୁଟି ଓ ଅସଙ୍ଗତ ନୀତିଗୁଡ଼ିକ ଉପରେ ଅଭିଯୋଗ କରୁଛନ୍ତି, ସେତେବେଳେ ସେ ତାଙ୍କର ଅର୍ଥନୈତିକ ସଫଳତାର କଥା କହୁଛନ୍ତି ଏବଂ ତାଙ୍କ ଅମଳରେ କେତେ ଲୋକ ନିଯୁକ୍ତି ପାଇଛନ୍ତି, ସେ କଥା କହୁଛନ୍ତି। ଆମେରିକାରେ ତିନି ସପ୍ତାହ ଭିତରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେବାକୁ ଯାଉଛି। ଏହି ଅବସରରେ ଟ୍ରମ୍ପଙ୍କ କୃତିତ୍ୱକୁ ନେଇ ତର୍କବିତର୍କ ଚାଲିବ। ବିରୋଧୀ ଦଳ ଅଭିଯୋଗ କରିବେ ଯେ, ଟ୍ରମ୍ପ ଜଣେ ବିପଜ୍ଜନକ ମାନସିକ ରୋଗୀ ଏବଂ ଟ୍ରମ୍ପ ତାଙ୍କ ସଫଳତା ବିଷୟ ବଖାଣିବେ। ଟ୍ରମ୍ପଙ୍କ ଦୋଷତ୍ରୁଟି ସତ୍ତ୍ୱେ ତାଙ୍କ ପ୍ରତି ଜନସମର୍ଥନ ରହିଛି। ତାଙ୍କ ସମର୍ଥକମାନେ ବିରୋଧୀଙ୍କ ଅଭିଯୋଗକୁ ସହଜରେ ଅଣଦେଖା କରିଯିବେ। ସେଥିପାଇଁ ଇତିମଧ୍ୟରେ ତାଙ୍କ ରେଟିଂ ବୃଦ୍ଧି ପାଇଛି କାରଣ ତାଙ୍କ ନ୍ୟାରେଟିଭ୍ (କଥନିକା)ର ଜୟ ହୋଇଛି। ଗତବର୍ଷ ମନେ କରାଯାଉଥିଲା ଯେ, ଟ୍ରମ୍ପଙ୍କ ଦୋଷତ୍ରୁଟିକୁ ଅସ୍ତ୍ର କରି ବିରୋଧୀମାନେ ବାଜି ମାରିନେବେ। କିନ୍ତୁ ଏବେ ତାହା ସମ୍ଭବ ହେବ ବୋଲି ମନେହେଉ ନାହିଁ। ଟ୍ରମ୍ପଙ୍କ ଦଳ ଆଶାଠାରୁ ଭଲ କରିବେ ଅନୁମାନ କରାଯାଉଛି।

ଭାରତରେ ନ୍ୟାରେଟିଭ୍ (କଥନିକା) ଅନେକ ସମୟରେ ଶାସକ ଦଳ ଅପେକ୍ଷା ବିରୋଧୀ ଦଳଗୁଡ଼ିକର ନିୟନ୍ତ୍ରଣରେ ଥାଏ। ୩୦ ବର୍ଷ ତଳେ ବୋଫର୍ସ ଦୁର୍ନୀତିକୁ କେନ୍ଦ୍ରକରି କଂଗ୍ରେସ ବିରୋଧରେ ବିରୋଧୀ ଦଳଗୁଡ଼ିକ ଏକଜୁଟ ହେଲେ, ଯେତେବେଳେ କଂଗ୍ରେସ ହାତରେ ୪୦୦ରୁ ଅଧିକ ଆସନ ରହିଥିଲା। ରାଜୀବ ଗାନ୍ଧୀ ଏକବିଂଶ ଶତାବ୍ଦୀର ଭାରତକୁ ନେଇ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିବା ପାଇଁ ଚେଷ୍ଟା କରି ବିଫଳ ହେଲେ। ବାସ୍ତବରେ ଭାରତରେ ସକାରାତ୍ମକ ଅପେକ୍ଷା ନକାରାତ୍ମକ ପ୍ରସଙ୍ଗଗୁଡ଼ିକ ବେଶି କାମ ଦେଇଥାଏ। ୨୦୧୧ରୁ ୨୦୧୩ ମଧ୍ୟରେ ଘଟିଥିବା ଦୁର୍ନୀତିଗୁଡ଼ିକ ପାଇଁ ମନମୋହନ ସିଂ ସରକାରର ପତନ ଘଟିଲା। ତାଙ୍କ ସରକାର ଦୁର୍ନୀତି ଅଭିଯୋଗଗୁଡ଼ିକର ମୁକାବିଲା କରିପାରିଲେ ନାହିଁ। ଲୋକେ ଏ ସରକାରକୁ ଅପାରଗ ଓ ଦୁର୍ବଳ ବୋଲି ମନେକଲେ। ବର୍ତ୍ତମାନ ଅନେକ ପ୍ରସଙ୍ଗକୁ ନେଇ ମୋଦି ସରକାର ବିରୋଧରେ ମଧ୍ୟ ଅନୁରୂପ ଅପାରଗତାର ଅଭିଯୋଗ ଅଣାଯାଇପାରିବ। ମୁଁ ଏଠାରେ ଅତି କମ୍‌ରେ ୧୦ଟି ପ୍ରସଙ୍ଗର ଅବତାରଣା କରୁଛି: ବିମୁଦ୍ରୀକରଣ, ଭିଡ଼ହିଂସା, ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ, ରାଫାଲ ପ୍ରସଙ୍ଗ, କୃଷି କ୍ଷେତ୍ରରେ ସଂକଟ, ପ୍ରତି ଭାରତୀୟଙ୍କ ଜମାଖାତାରେ ୧୫ ଲକ୍ଷ ଟଙ୍କା ଜମା କରିବାର ପ୍ରତିଶ୍ରୁତି ପୂରଣ ନ ହେବା, ମୁଦ୍ରାସ୍ଫୀତି, ତୈଳଦର ବୃଦ୍ଧି, ମନ୍ତ୍ରୀଙ୍କ ବିରୋଧରେ ଯୌନ ଶୋଷଣର ଅଭିଯୋଗ ଏବଂ ଯୁବବର୍ଗଙ୍କ ପାଇଁ କର୍ମନିଯୁକ୍ତିର ଅଭାବ। ଆଉ ଅନ୍ୟ ପ୍ରସଙ୍ଗ ବି ଥାଇପାରେ। ଯେଉଁଗୁଡ଼ିକ ନିର୍ବାଚନୀ ପ୍ରସଙ୍ଗ ନୁହେଁ, ମୁଁ ସେଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରିନାହିଁ। ଦିଲ୍ଲୀର ରଣକୌଶଳ ବ୍ୟାପାର ବିଶେଷଜ୍ଞମାନେ ଏ ବିଷୟରେ ଏକମତ ଯେ, ଏ ସରକାର ଅମଳରେ ପ୍ରତିବେଶୀ ଚାଇନା ଆମର କିଛି ସୀମାନ୍ତ ଅଞ୍ଚଳକୁ ଜବରଦଖଲ କରିଛି। ଗତ ଚାରିବର୍ଷ ଭିତରେ ଶ୍ରୀଲଙ୍କା, ମାଳଦ୍ୱୀପ, ଭୁଟାନ, ନେପାଳ ଓ ପାକିସ୍ତାନ ସହ ଆମର ସମ୍ପର୍କରେ ଅବନତି ଘଟିଛି।

ନିର୍ବାଚନ ପ୍ରଚାର କରିବା ଲାଗି ବର୍ତ୍ତମାନ ବିରୋଧୀ ଦଳ ହାତରେ ପ୍ରସଙ୍ଗର ଅଭାବ ନାହିଁ। ସରକାର ଏ ଯାବତ୍ ନିଜ ସପକ୍ଷରେ ପ୍ରଚାର ଆରମ୍ଭ କରିନାହାନ୍ତି। ଆଉ କିଛିଦିନ ଭିତରେ ତାହା ଆରମ୍ଭ ହୋଇଯାଇପାରେ କାରଣ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ହେବାକୁ ଯାଉଛି। ସରକାର କିଛି ପ୍ରଭାବଶାଳୀ ବାର୍ତ୍ତା ପ୍ରଦାନ କରିବେ ଯାହା ନିର୍ବାଚନୀ କଥନିକାକୁ ନିୟନ୍ତ୍ରଣ କରିବ। ସମ୍ଭବତଃ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ସରକାର ତାହା କରିପାରନ୍ତି।

ପ୍ରାୟ ସମସ୍ତ କଥନିକା ସଂଖ୍ୟା ବଦଳରେ କେବଳ ଦାବି ଉପରେ ପର୍ଯ୍ୟବସିତ ହେବ। ଆମେରିକାରେ ନିଯୁକ୍ତି ତଥ୍ୟ ନିର୍ଭରଯୋଗ୍ୟ ହୋଇଥାଏ କାରଣ ଏ ତଥ୍ୟ ପାଇବା ପାଇଁ ସେଠାରେ ଅନେକ ଉତ୍ସ ରହିଛି। ଭାରତରେ ଅର୍ଥନୀତିର ଆନୁଷ୍ଠାନିକ କ୍ଷେତ୍ର ଖୁବ୍ ବଡ଼ ହୋଇ ନ ଥିବାରୁ ସେ ତଥ୍ୟ ନିର୍ଭରଯୋଗ୍ୟ ନୁହେଁ। ଆମ ଦେଶରେ ଅର୍ଥନୀତିରେ କେଉଁଠି କ'ଣ ଘଟୁଛି ଆମେ ଜାଣିପାରୁନା। ଏ କ୍ଷେତ୍ର ଖୁବ୍ ଛୋଟ ହୋଇଥିବାରୁ ତାକୁ କେହି ପରିଚାଳନା କରନ୍ତି ନାହିଁ। ତେଣୁ ଆଗ ଅପେକ୍ଷା ସରକାର ଭଲ କରିଛନ୍ତି ବୋଲି ଲୋକଙ୍କୁ ବୁଝେଇବାକୁ ଚେଷ୍ଟା କରିବେ। ତେବେ ଏହା କରିବା ସହଜ ନୁହେଁ। ମୁଁ ଉପରେ ଯେଉଁ ୧୦ଟି ପ୍ରସଙ୍ଗର ଅବତାରଣା କରିଛି, ତାହା ଉପରେ ଉପଲବ୍ଧ ତଥ୍ୟସବୁ ବିରୋଧୀ ଦଳ ସପକ୍ଷରେ ହିଁ ଯିବ। ତେଣୁ ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ନେଇ ଉପଲବ୍ଧ ତଥ୍ୟ ଆଧାରରେ କିପରି ସରକାରଙ୍କୁ ଘେରିହେବ, ତାହା ସମ୍ପୂର୍ଣ୍ଣରୂପେ ବିରୋଧୀ ଦଳଗୁଡ଼ିକ ଉପରେ ନିର୍ଭର କରୁଛି। ଏହାଠାରୁ ଭଲ ମଉକା ସେମାନଙ୍କୁ ଆଉ ମିଳିବ ନାହିଁ।

Email: aakar.patel@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | | 3 | 1 | | B | 5 | E | | | | D | | |
| | | | 9 | | | | 4 | 2 | 3 | 6 | | | C | |
| | | | 7 | D | | | | | | | | | | 2 |
| 5 | 6 | 4 | | | | | C | | E | 8 | | | | |
| | 9 | | | E | | | | | | | | 0 | B | |
| | | | | | A | 1 | 2 | 7 | | D | | B | | 4 |
| | | | | | | E | | | | 9 | | | | |
| | 5 | 9 | | 3 | | | A | | | | | 1 | | |
| 6 | | D | C | 0 | | 4 | | B | 5 | 1 | | 2 | | |
| 4 | | 8 | 6 | | 7 | 5 | | | | | | | | |
| | | 5 | | 4 | D | 7 | | | | | C | | 2 | |
| | B | | | | | | 1 | | | | | | 8 | |
| | 8 | | | 7 | 1 | | | | 4 | | | C | | |
| 2 | | C | | | E | | | | A | 5 | | | | 9 |
| | E | | 2 | A | | 0 | | | | | 9 | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 2 | D | 5 | 7 | A | 9 | 3 | 8 | 6 | 4 | B | C | 1 | E |
| 7 | B | 8 | 6 | 2 | 4 | 5 | A | D | C | E | 1 | 0 | 3 | 9 |
| 4 | C | A | B | 3 | D | 1 | 7 | E | 9 | 2 | 0 | 6 | 5 | 8 |
| E | 5 | 1 | 9 | 8 | C | 0 | 6 | 2 | D | 3 | A | 7 | B | 4 |
| 9 | 6 | 3 | 1 | 0 | E | C | B | 4 | 8 | 7 | 5 | 2 | A | D |
| B | 9 | 6 | 7 | D | 8 | E | 5 | A | 0 | 1 | 2 | 3 | 4 | C |
| 8 | 4 | E | 2 | 6 | 0 | B | 1 | C | 3 | 9 | 7 | A | D | 5 |
| 1 | 0 | C | 4 | A | B | 2 | D | 3 | 5 | 8 | E | 9 | 7 | 6 |
| A | 3 | 7 | C | 5 | 1 | 6 | 9 | 0 | B | D | 4 | 8 | E | 2 |
| 5 | D | 2 | 3 | E | 9 | 4 | 8 | 7 | A | 6 | C | 1 | 0 | B |
| 2 | A | 5 | 0 | 4 | 7 | 8 | E | 6 | 1 | B | 9 | D | C | 3 |
| D | 7 | 4 | E | 9 | 5 | 3 | C | 1 | 2 | A | 8 | B | 6 | 0 |
| 3 | 1 | 9 | D | C | 2 | 7 | 0 | B | 4 | 5 | 6 | E | 8 | A |
| 6 | E | 0 | 8 | B | 3 | A | 4 | 9 | 7 | C | D | 5 | 2 | 1 |
| C | 8 | B | A | 1 | 6 | D | 2 | 5 | E | 0 | 3 | 4 | 9 | 7 |

ଗୁରୁବାର ପ୍ରକାଶିତ ଉତ୍ତର

# ଶୀତଳ ସମ୍ପ୍ରଦାୟ

ଚିତ୍ରଚରିତ୍ର

ନିରଞ୍ଜନ ପାଢ଼ୀ

ଯେଉଁ ସମ୍ପ୍ରଦାୟ ସମ୍ପର୍କରେ କଥାଟି କୁହାଯାଉଛି, ସେମାନଙ୍କ ପାଇଁ 'ଶୀତଳ' ଶବ୍ଦଟି ବୋଧହୁଏ ସବୁଠାରୁ ସଂଭ୍ରାନ୍ତ ଓ ମାର୍ଜିତ ବିଶେଷଣ। ଏମାନଙ୍କୁ ଶୀତଳ କୁହାଗଲେ ବି ଏମାନେ ଯେ କେବେ ଉଷ୍ମ ହୁଅନ୍ତି ନାହିଁ, ତାହା ନୁହେଁ। ଏମାନେ ଉଷ୍ମ ହୁଅନ୍ତି, ନିଜ ଭିତରେ ଜଳନ୍ତି ଓ ଅନ୍ୟମାନଙ୍କୁ ଜଳାଇବାର ବି ସାମର୍ଥ୍ୟ ରଖନ୍ତି। ଯେ ଉଷ୍ମତା କେବଳ ସୁରକ୍ଷିତ ଥାଏ ନିଜ ପାଇଁ ଓ ନିଜର ଯାବତୀୟ ସ୍ୱାର୍ଥସାଧନ ଲାଗି। ମାତ୍ର ଆଖପାଖର ଦୁନିଆରେ ଆତଯାତ ହେଉଥିବା ଅନ୍ୟମାନଙ୍କ ପାଇଁ ଯେତେବେଳେ ଲୋଡ଼ାପଡ଼େ ତାତିଲାପଣ, ସେତେବେଳେ ଏମାନଙ୍କ ଉଷ୍ମ ପୌରୁଷ ଅଚାନକ ଛୁଟିରେ ଚାଲିଯାଏ ଓ ବଦଳରେ ପ୍ରତିଭାତ ହୁଏ ଏକ ହିମ ଶୀତଳ ନିର୍ଜୀବ ବ୍ୟକ୍ତିସତ୍ତା। ମନେହୁଏ, ସତେ ଯେମିତି ମଣିଷଟିଏ ନୁହେଁ ନିଥର କାଠ ଗଣ୍ଡିଟାଏ!

ଅବିଶ୍ୱସନୀୟ ମନେହେଲେ ବି ଏକ ଲୋମଟାଙ୍କୁରା ସତ୍ୟ। କେଇବର୍ଷ ତଳେ ଏକ ଅନତିବିଳମ୍ବିତ ରାତିରେ ମୁମ୍ବାଇର ଏକ ଚଳନ୍ତା ଟ୍ରେନ୍ ଭିତରେ ଜଣେ ମଦ୍ୟପ ଦ୍ୱାରା ବଳାତ୍କାରର ଶିକାର ହେଲା ଚଉଦ ବର୍ଷ ବୟସର ଅପ୍ରାପ୍ତବୟସ୍କା ବାଳିକାଟିଏ। ବାଳିକାଟି ଥିଲା ଅର୍ଦ୍ଧପାଗଳୀ ଓ ତା'ର ବଳାତ୍କାରୀ ପିଶାଚ ଜଣକ ଥିଲା ସମ୍ପୂର୍ଣ୍ଣ ନିଶାଗ୍ରସ୍ତ ଓ ସେଇ ଦୃଷ୍ଟିରୁ ବେଶ୍ ଦୁର୍ବଳ ମଧ୍ୟ। ଅଥଚ ଅସହାୟା, ପ୍ରତିରୋଧଶୂନ୍ୟ ପାଗଳୀଟି ଉପରେ ତା'ର ଏ ନିଷ୍ଠୁର ନିର୍ଯାତନା ଚାଲୁ ରହିଥିଲା ବେଳେ ନୀରବ ନିଥର ଭାବେ ଚାହିଁ ରହିଥିଲେ ସେହି ଡବାରେ ଯାତ୍ରା କରୁଥିବା ଅନ୍ୟ ତିନିଜଣ ନିଷ୍କ୍ରିୟ, ନିଷ୍କରୁଣ ସହଯାତ୍ରୀ। ସେମାନଙ୍କ ମଧ୍ୟରୁ ଜଣେ ବି ଯଦି ଆଗେଇ ଆସି ମଦନିଶାରେ ଟଳଟଳ ଅପରାଧୀକୁ ଧକ୍କାଟିଏ ଦେଇଥାନ୍ତେ, ତେବେ ତା'ର ହୋସ୍ ଉଡ଼ିଯାଇଥାନ୍ତା ଓ ବର୍ବର ବଳାତ୍କାରରୁ ରକ୍ଷା ପାଇଯାଇଥାନ୍ତା ବିଚାରୀ ପାଗଳୀ ଝିଅଟି।

ଅତୀତର ଆଉ ଏକ ଘଟଣା। ଚେନ୍ନାଇ ମହାନଗରୀର ଏକ ସିନେମା ହଲ୍ ସମ୍ମୁଖରେ ଜଣେ ତରୁଣୀକୁ ବହୁ ଭାବେ ଲାଞ୍ଛିତ କରୁଥାନ୍ତି କେଇଜଣ ଅସାମାଜିକ ଯୁବକ। ତରୁଣୀଟି ସିନେମା ଦେଖିସାରି ଏକାକୀ ଯାଉଥିବା ବେଳେ ଦୁର୍ମତିମାନଙ୍କ ମତିଗତି ଦେଖି ସେମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ଆଖପାଖର ଲୋକମାନଙ୍କୁ ସାହାଯ୍ୟ ମାଗୁଥାନ୍ତି। ଆଖି ଆଗରେ ଘଟୁଥାଏ ଚଳଚ୍ଚିତ୍ରର କାହାଣୀଠାରୁ ଆହୁରି ଜଘନ୍ୟ କାଣ୍ଡ। ସିନେମା ଦେଖିବା ପରି ଦୃଶ୍ୟଟିକୁ ଉପଭୋଗ କରୁଥାନ୍ତି ସଭିଏଁ। ଅଥଚ ଗୁଣ୍ଡାମାନଙ୍କୁ ପ୍ରତିରୋଧ କରିବାକୁ କେହି ଜଣେ ବି ଆଗେଇ ଆସୁ ନ ଥାନ୍ତି। ଝିଅଟି ଶରଣ ନେଇଥିବା ଜଣେ ପୋଲିସ କନଷ୍ଟେବଲଙ୍କ ମୃଦୁ ପ୍ରତିବାଦକୁ ଖାତିର ନ କରି ତାଙ୍କୁ ଅନାୟାସରେ ଘଉଡାଇ ଦେଇ ରାକ୍ଷସମାନେ ତରୁଣୀଟିକୁ ନିକଟସ୍ଥ କାର ଭିତରକୁ ଟେକି ନେଇଗଲେ ଓ ନିମିଷକ ମଧ୍ୟରେ ଦୃଶ୍ୟପଟରୁ ଅନ୍ତର୍ହିତ ହୋଇଗଲେ। ପବନରେ ମିଳାଇ ଯାଇଥିଲା ନିରିମାଖି ଝିଅଟିର ବିକଳ ଚିତ୍କାର।

ଦିଲ୍ଲୀ ମହାନଗରୀର ଆଉ ଏକ ଦୃଶ୍ୟ। ନିଜ ସ୍କୁଟିରେ କଲେଜରୁ ଘରକୁ ଫେରୁଥିଲା ବେଳେ ଛାତ୍ରୀ ଜଣଙ୍କୁ ପଛରୁ ଧକ୍କା ଦେଇ ଖସିଗଲା କାରଟିଏ। ବାମପାର୍ଶ୍ୱକୁ ଛିଟିକି ପଡିବାରୁ ସୌଭାଗ୍ୟବଶତଃ ତା'ର ମୁଣ୍ଡ ରହିଗଲା ସିନା, ଗୋଡ଼ ଉପରେ କାରଟି ଚଢି ଚାଲିଯିବାରୁ ଡାହାଣ ଗୋଡ଼ଟି ଭାଙ୍ଗି ଚୂନା ହୋଇଗଲା। ଘଟଣାସ୍ଥଳରେ ଦେଖଣାହାରିଙ୍କ ଭିଡ଼ ଜମିଗଲା, ଝିଅଟି ଉପରେ ଅଜାଡିପଡିଲା ସବୁରି ଅନ୍ତରର ସମବେଦନା। ଅଥଚ ସେତେବେଳେ ଶୁଖିଲା ସମବେଦନାଠୁ ବେଶି ଯାହା ଆବଶ୍ୟକ ଥିଲା, ତାହା ହେଲା ଝିଅଟିକୁ ଅବିଳମ୍ବେ ହସ୍ପିଟାଲ ପଠାଇବାର ପ୍ରଚେଷ୍ଟା। ସେହି ରାସ୍ତା ଦେଇ କୋଡିଏ ମିନିଟ ମଧ୍ୟରେ ପ୍ରାୟ ଶତାଧିକ ଗାଡି ଯାତାୟାତ କରିଥିଲେ ବି ଗୋଟିଏ ବି ଅଟକି ନ ଥିଲା ଝିଅଟିକୁ ଡାକ୍ତରଖାନା ବୋହିନେବା ପାଇଁ। କେହି ଜଣେ ଉଦାର ଦର୍ଶକଙ୍କଠାରୁ ଫୋନ ପାଇ କୋଡିଏ ମିନିଟ୍ ପରେ ଆମ୍ବୁଲାନ୍ସ ଆସି ପହଞ୍ଚିଲା। ମାତ୍ର ସେତେବେଳକୁ ଆଶୁ ଚିକିତ୍ସାର ମୂଲ୍ୟବାନ ମୁହୂର୍ତ୍ତଗୁଡିକ ଅକାରଣ ନଷ୍ଟ ହୋଇସାରିଥିଲା। ପରିଣାମ ସ୍ୱରୂପ, ଝିଅଟିର ଜୀବନ ବଞ୍ଚିଗଲା ସତ, ମାତ୍ର ସବୁଦିନ ପାଇଁ ସେ ହରାଇ ବସିଲା ତା'ର ଗୋଟିଏ ଗୋଡ଼।

ଉପରୋକ୍ତ ତିନୋଟି କରୁଣ ଦୃଶ୍ୟ ଓ ଏ ଦୃଶ୍ୟସବୁର କାପୁରୁଷ ଦର୍ଶକମାନେ ଆଦୌ ଅଭାବିତ ନୁହନ୍ତି ସେହି ସମାଜରେ, ଯେଉଁ ସମାଜ ଅତୀତରେ ଦିନେ ନିଜ ଶକ୍ତି ଓ ସାହସରେ ଦୁର୍ବଳା ଓ ଦୁର୍ବଳଙ୍କ ଉପରେ ବିତୁଥିବା ଦୁର୍ଭାଗ୍ୟକୁ ମୁକାବିଲା କରୁଥିଲା। ଏବେ କିନ୍ତୁ ସମୟ ବଦଳିଯାଇଛି। ତା' ସହିତ ବଦଳିଯାଇଛି ମଣିଷର ଚରିତ୍ର। ସ୍ୱାର୍ଥର ସଡ଼କରେ ବାଟ ଚାଲି ନିଜ ପାଇଁ ସଫଳତା ସାଉଁଟୁଥିବା ଆଧୁନିକ ମଣିଷର ଅଭିଧାନରୁ ଉଭେଇଯାଇଛି ସମ୍ବେଦନା ଓ ମୂଲ୍ୟବୋଧ ଭଳି ଶବ୍ଦସବୁ। ବିସ୍ମୃତ ହୋଇଯାଇଛି ଜୀବସେବାରେ ଶିବସେବା ଭଳି ଆଧ୍ୟାତ୍ମିକ ଉତ୍ତରଣର ମହାନ୍ ମନ୍ତ୍ର। ସେବା ତ ଦୂରର କଥା, ଅସୁବିଧାରେ ପଡିଥିବା ପଡୋଶୀକୁ ବି ସାହାଯ୍ୟ କରିବାକୁ କାହାର ସାମାନ୍ୟ ସ୍ପୃହା ନାହିଁ। ଅନ୍ଧଟିକୁ ନିରାପଦରେ ରାସ୍ତା ପାର କରିଦେବାକୁ ଅବା ବାଟ ଚାଲୁ ଚାଲୁ ପଡିଯାଉଥିବା ବୃଦ୍ଧ ଜଣଙ୍କୁ ଉଠାଇବା ପାଇଁ ନିଜ ହାତ ବଢାଇଦେବାକୁ କାହା ପାଖରେ ସମୟ ନାହିଁ। ଆଖି ସାମ୍ନାରେ ଆତଙ୍କ ସୃଷ୍ଟି କରୁଥିବା ଜଣେ ଦୁଇଜଣଙ୍କୁ ବି କାବୁ କରିନେବା ପାଇଁ ଶହ ଶହ ଲୋକଙ୍କ ଭିଡ଼ ଭିତରୁ ଜଣେ କେହି ବି ବାହାରି ଆସୁନାହାନ୍ତି। ଦୁର୍ଘଟଣାରେ ଆହତ ହୋଇ ରାସ୍ତା ଉପରେ ଛଟପଟ ହେଉଥିବା ଅପରିଚିତ ଲୋକଟିକୁ ହସ୍ପିଟାଲ ବୋହିନେବାକୁ କେହି ବି ନାହାନ୍ତି। ନଗର ସଭ୍ୟତାର ବ୍ୟକ୍ତିକୈନ୍ଦ୍ରିକ ଚେତନା ଏତେ ଉତ୍କଟ ହୋଇଛି ଯେ, ପାଖ ଘରେ ଡକାୟତି ହେଲେ ବି ଏପଟ ଘରର ଲୋକଙ୍କ ନିଦ ଭାଙ୍ଗିଲେ ମଧ୍ୟ ସେମାନେ ଉଠୁନାହାନ୍ତି କି ପଡିଶା ଘରର କେହି ମରିଗଲେ, ତାଙ୍କ ପୁଅ ନାତିମାନେ ଲଣ୍ଡା ନ ହେଲା ଯାଏ ସେ ପାଖ ଘରର କେହି ଜାଣୁନାହାନ୍ତି।

ଅପରର ସ୍ଥିତି ପ୍ରତି ମଣିଷର ଅନୁଭବ ପଥର ପାଲଟି ଯାଉଛି। ନିଜ ବା ନିଜ ପରିବାରର ବାହାରେ ଥିବା ବିଶାଳ ପରିବ୍ୟାପ୍ତ ବିଶ୍ୱ ପାଇଁ ଶୀତଳ ହୋଇଯାଉଛି ମଣିଷ। ନିଜ ପାଦ ତଳର ପୃଥିବୀ ଓ ମୁଣ୍ଡ ଉପର ଆକାଶର ପରିସୀମା ଯେ ନିଜ ପାଖରେ ଶେଷ ହୋଇ ଯାଇନାହିଁ, ଏ କଥା ବୁଝିପାରୁନାହିଁ ସେ। 'ମୁଁ' ଓ 'ମୋର' ଭଳି ଏକ ବିଚିତ୍ର ବ୍ୟାଧିରେ ଅହରହ ଘାଣ୍ଟି ହେଉଛି ମଣିଷର ବ୍ୟକ୍ତିସତ୍ତା। ଯେ ପର୍ଯ୍ୟନ୍ତ ମୁଁ ଠିକ୍ ଅଛି, ମୋର କିଛି ହୋଇନାହିଁ, ସେପର୍ଯ୍ୟନ୍ତ ଅବଶିଷ୍ଟ ପୃଥିବୀର ଜଞ୍ଜାଳ ପ୍ରତି ଆଖି ବୁଜି ରହିବା ହିଁ ବିଜ୍ଞତା ବୋଲି ଭାବୁଛନ୍ତି ସଭିଏଁ।

ଗତ କିଛିଦିନ ଧରି ସାମାଜିକ ଗଣମାଧ୍ୟମର ଏକ ବିଶାଳ ପରିସରରେ ଯେଉଁ ଲୋମହର୍ଷଣକାରୀ ଭିଡିଓଟିଏ ଖେଳି ବୁଲୁଛି, ତାହା ଦେଖିଲା ପରେ ମଣିଷକୁ 'ମଣିଷ' ବୋଲି ଚିହ୍ନିବାରେ ଭାରି କଷ୍ଟ ଲାଗୁଛି। ତାମିଲନାଡୁର ଏକ ହସ୍ପିଟାଲରେ ସ୍ଥାନୀୟ ଜଣେ ରାଜନେତା ଜଣେ କାର୍ଯ୍ୟରତ ମହିଳା ଡାକ୍ତରଙ୍କୁ ତଳେ ପକାଇ ଯେମିତି ନିର୍ମମ ଭାବେ ଗୋଇଠା ମାରି ଚାଲିଥାନ୍ତି, ତାହା ଦେଖିଲେ ଜନସେବକ ବୋଲାଉଥିବା ନେତାଙ୍କ ଉଦଣ୍ଡ ଉତ୍ପାତ ପ୍ରତି ମନରେ ଯେତିକି ବିଦ୍ରୋହ ସୃଷ୍ଟି ହେବ, ତା'ଠାରୁ ଢେର୍ ଅଧିକ କ୍ଷୋଭ ସୃଷ୍ଟି ହେବ ସେଠାରେ ଛିଡା ହୋଇ ଏ ନିର୍ଲଜ ଆଚରଣ ପ୍ରତ୍ୟକ୍ଷ କରୁଥିବା କିଛି ଲୋକଙ୍କ ପ୍ରତିକ୍ରିୟାଶୂନ୍ୟ ନୀରବତା ଦେଖି।

ସତରେ 'ମୁଁ'ରେ କ'ଣ ସରିଯାଏ ଜୀବନ? ଜନ୍ମର ଆଦ୍ୟ ଅଧ୍ୟାୟଠାରୁ ମୃତ୍ୟୁର ଶେଷପର୍ବ ଯାଏ ଅନ୍ୟ କେହି କ'ଣ ଲୋଡା ପଡ଼ନ୍ତିନି 'ମୁଁ' ପାଇଁ? ତେବେ ପରମ ଉଷ୍ମ ଯତ୍ନର ସହ 'ମୁଁ'ଟି ଲାଳିତ ହେଉଥିଲା ବେଳେ ଅନ୍ୟମାନଙ୍କ ପାଇଁ ତାହା ହିମଶୀତଳ ହୋଇଯାଏ କେମିତି??

ସାମ୍ପ୍ରତିକ ସମାଜର ସଭ୍ୟ, ସମ୍ଭ୍ରାନ୍ତ, ସବଳ ଓ ସଫଳ ମଣିଷମାନଙ୍କ ଜୀବନଚର୍ଯ୍ୟାକୁ ଟିକେ ନିରେଖି ଚାହିଁଲେ ଏଇ 'ମୁଁ'ର ମହତ୍ତ୍ୱକୁ ବୁଝିବା ବେଶି କଷ୍ଟକର ହେବନାହିଁ। ପରିବାରର କେହି ଜଣେ ନିକଟ ସମ୍ପର୍କୀୟ ମରିଯାଇଥିବେ। ତାଙ୍କ ଶ୍ମଶାନ ଯାତ୍ରାରେ ଯୋଗଦେଇଥିବା ବେଳେ ହଠାତ୍ ମୋବାଇଲ ଫୋନ୍ ବାଜି ଉଠିବ। ନିଜ ବୃତ୍ତି, ବ୍ୟବସାୟ ବା ଅନ୍ୟ କିଛି ବିଷୟକ ବାର୍ତ୍ତାଳାପରେ ସେ ଏମିତି ନିମଗ୍ନ ରହିବେ ଯେ ତାଙ୍କୁ ଦେଖି କେହି ବି ଜାଣିପାରିବେ ନାହିଁ, କେଇ ମୁହୂର୍ତ୍ତ ପୂର୍ବରୁ ତାଙ୍କର ଜଣେ ପରିଜନଙ୍କର ପରଲୋକ ହୋଇଯାଇଛି ଓ ସେ ତାଙ୍କ ଶେଷ ଯାତ୍ରାରେ ଯାଉଛନ୍ତି ବୋଲି। କେଇକ୍ଷଣ ପୂର୍ବରୁ ଯିଏ ତାଙ୍କ ସହ ବହୁବର୍ଷ ଧରି ଏ ସଂସାରରେ ଥିଲେ, ଯାହାଙ୍କ ମଧୁର ସ୍ମୃତିର ବୋଝ ବୋହି ତାଙ୍କ ବିନା ଏ ସଂସାରରେ ବଞ୍ଚିବାକୁ ପଡିବ, ତାଙ୍କ ମୃତ୍ୟୁରେ କି ଶୁଷ୍କ ଶୋକପାଳନ! କି ଶୀତଳ ପ୍ରତିବେଦନ!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# 'ମିଲ୍‌କମ୍ୟାନ୍'ର ରୂପକାର

ବ୍ୟକ୍ତିତ୍ୱ



ଆନ୍ନା ବର୍ନ୍ସ

'ମୋ ଚରିତ୍ରଗୁଡ଼ିକ ମୋ ପାଖକୁ ଆସି ଗପ ଲେଖିବାକୁ ମୋତେ କହନ୍ତି। ଯେତେବେଳ ଯାଏ ସେମାନେ ଆସି ନ ଥାନ୍ତି ସେତେବେଳ ପର୍ଯ୍ୟନ୍ତ ମୁଁ କିଛି ଲେଖିପାରେ ନାହିଁ।' ୨୦୧୮ 'ମ୍ୟାନ୍ ବୁକର' ପାଇବା ଲାଗି ଉତ୍ତର ଆୟର୍ଲାଣ୍ଡ ଲେଖିକା ଆନ୍ନା ବର୍ନ୍ସଙ୍କ ନାମ ଘୋଷଣା ହେବା ପରେ ସାମ୍ବାଦିକଙ୍କୁ ସେ ନିଜ ପ୍ରତିକ୍ରିୟାରେ ଉପରିଲିଖିତ ଉକ୍ତି ବାଢ଼ିଥିଲେ। ମ୍ୟାନ୍ ବୁକର ପାଇବାରେ ଆନ୍ନା ହେଉଛନ୍ତି ଉତ୍ତର ଆୟାର୍ଲାଣ୍ଡର ପ୍ରଥମ ଲେଖିକା। ଉପନ୍ୟାସ 'ମିଲ୍‌କମ୍ୟାନ୍' ପାଇଁ ସେ ଏହି ସମ୍ମାନ ପାଇବାକୁ ଯାଉଥିବାରୁ ତାଙ୍କୁ ବିଶ୍ୱବ୍ୟାପୀ ଶୁଭେଚ୍ଛା ମିଳିବାରେ ଲାଗିଛି। ତେବେ ଆନ୍ନାଙ୍କ କୃତି ବିଷୟରେ ନିଜସ୍ୱ ମତ ଦେବାକୁ ଯାଇ ପୁରସ୍କାର ବିଚାରକମଣ୍ଡଳୀ ପ୍ୟାନେଲର ଅଧ୍ୟକ୍ଷ ତଥା ଦାର୍ଶନିକ ଓ ଔପନ୍ୟାସିକ ଭାବେ ଖ୍ୟାତି ଅର୍ଜନ କରିଥିବା କ୍ୱାମି ଆନ୍ଥୋନି ଆପ୍ପିଅ କହିଛନ୍ତି ଯେ, 'ମିଲ୍‌କମ୍ୟାନ୍' ଗତାନୁଗତିକ ଚିନ୍ତାଧାରାର ଊର୍ଦ୍ଧ୍ୱକୁ ଯାଇପାରିଛି। ଆନ୍ନା ଏହି ଉପନ୍ୟାସ ମାଧ୍ୟମରେ ପାଠିକାପାଠକଙ୍କୁ ଯେଉଁ ଚରିତ୍ରଗୁଡ଼ିକୁ ଭେଟି ଦେଇଛନ୍ତି ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇପାରିଛି ବୋଲି କ୍ୱାମି କହିଛନ୍ତି। ତେଣୁ ଏଭଳି ଜଣେ ଲେଖିକାଙ୍କ ଜୀବନୀ ଓ କୃତି ବିଷୟରେ ଜାଣିବାକୁ ପାଠିକାପାଠକଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ଆନ୍ନା ୧୯୬୨ରେ ଉତ୍ତର ଆୟର୍ଲାଣ୍ଡ ରାଜଧାନୀ ବେଲ୍‌ଫାଷ୍ଟରେ ଜନ୍ମଗ୍ରହଣ କରିଥିଲେ। ସେଣ୍ଟ ଗେମାସ୍ ହାଇସ୍କୁଲରୁ ଶିକ୍ଷା ଶେଷ କରିଥିଲେ। ୧୯୮୭ରେ ସେ ଲଣ୍ଡନ ଚାଲି ଯାଇଥିଲେ। ପିଲାଟି ବେଳୁ ଲେଖାଲେଖି ପ୍ରତି ଦୁର୍ବଳତା ଥିବାରୁ ସେ ବିଭିନ୍ନ ଘଟଣାବଳୀକୁ ନିଜ ମନ ଭିତରେ ଜାବୁଡ଼ି ଧରିଥାଆନ୍ତି। ସୁଯୋଗ ମିଳିବା ପରେ ତାଙ୍କ ସୃଜନଶୀଳତା ପ୍ରକାଶ ପାଇଥାଏ। ତାଙ୍କ ପ୍ରଥମ ଉପନ୍ୟାସ 'ନୋ ବୋନ୍‌ସ' ବେଲ୍‌ଫାଷ୍ଟରେ ହୋଇଥିବା ଦଙ୍ଗା ବେଳର କାହାଣୀ ଉପରେ ଆଧାରିତ। ସେଭଳି ସ୍ଥିତିରେ ଜଣେ ଝିଅର ଜୀବନ କିଭଳି ଆଗକୁ ଗତିଶୀଳ ହେଉଛି ତାହାକୁ ସେ ବର୍ଣ୍ଣନା କରିଥିଲେ। ପ୍ରଥମ ଉପନ୍ୟାସ ହିଁ ତାଙ୍କୁ ଲେଖକୀୟ ସ୍ୱୀକୃତି ଦେଇଥିଲା। ଫଳରେ ୨୦୦୧ରେ ଏହି ଉପନ୍ୟାସ ରୟାଲ ସୋସାଇଟି ଅଫ୍ ଲିଟ୍‌ରେଚର ଦ୍ୱାରା 'ୱିନ୍‌ଫ୍ରେଡ୍ ହଲ୍‌ଟବାୟ ମେମୋରିଆଲ୍' ପୁରସ୍କାର ଜିତିଥିଲା। ଏହା ପରେ ସେ ୨୦୦୭ରେ ଉପନ୍ୟାସ 'ଲିଟିଲ୍ କନ୍‌ଷ୍ଟ୍ରକ୍‌ସନ୍ସ' ଲେଖିଥିଲେ। କିନ୍ତୁ ତୃତୀୟ ଉପନ୍ୟାସ 'ମିଲ୍‌କମ୍ୟାନ୍'ରେ ସେ ବେଲ୍‌ଫାଷ୍ଟରେ ସେତେବେଳେ ଦେଖାଦେଇଥିବା ବର୍ବରତା ଓ ଯୌନ ଲାଳସା ଚରିତାର୍ଥ ପାଇଁ ଦୁର୍ବାର ପ୍ରୟାସକୁ ଅତି ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି। ଏହି ଉପନ୍ୟାସରେ ଜଣେ ଯୁବତୀଙ୍କ ସହ ବୟସ୍କ ବ୍ୟକ୍ତିଙ୍କ ଯୌନ ଉଚ୍ଛୃଙ୍ଖଳତା ସ୍ଥାନିତ କରାଯାଇଛି। ଏଥିରେ ଯୁବତୀଙ୍କୁ 'ମିଡିଲ୍ ସିଷ୍ଟର' ଓ ବୟସ୍କ ବ୍ୟକ୍ତିଙ୍କୁ 'ମିଲ୍‌କମ୍ୟାନ୍' ଚରିତ୍ରରେ ଚିତ୍ରଣ କରାଯାଇଛି। ଚରିତ୍ରଗୁଡ଼ିକର ପ୍ରକୃତ ନାମ ନ ଥିଲେ ମଧ୍ୟ ଏକ ବାସ୍ତବ ଘଟଣାକୁ ଆନ୍ନା ଯେଭଳି ଢଙ୍ଗରେ ବ୍ୟକ୍ତ କରିଛନ୍ତି, ତାହା ଦ୍ୱାରା ଯୌନ ପରିତୃପ୍ତି ପାଇଁ ମଣିଷ କେତେ ତଳକୁ ଖସିପାରେ ତାହା ବୁଝାପଡ଼ିଯାଉଛି। କ୍ଷମତା ଅପବ୍ୟବହାର କରି ବ୍ୟକ୍ତିଗତ ସ୍ୱାର୍ଥ ଓ ସାମାଜିକ ଦିଗକୁ ପ୍ରଭାବିତ କରୁଥିବା ବ୍ୟକ୍ତିଙ୍କ ମୁଖା ଖୋଲିଦେବାକୁ ଆନ୍ନା ଏହି ଉପନ୍ୟାସକୁ ଆୟୁଧ କରିଛନ୍ତି ବୋଲି ସମୀକ୍ଷକମାନେ ମତ ରଖିଛନ୍ତି।

-ଜିତେନ୍ଦ୍ର

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ବଳରେ ଅସାଧ୍ୟ ସାଧନ କରିହୁଏ। ପିଲାଦିନରୁ କୌଣସି କାର୍ଯ୍ୟରେ ରୁଚି ଓ ଅଭ୍ୟାସ ରଖିଥିଲେ ଭବିଷ୍ୟତରେ ଏଥିରେ ସଫଳତା ଲାଭ କରିହୁଏ। ପ୍ରଶଂସା ଓ ପୁରସ୍କାର ବି ମିଳେ। ସେହିପରି ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ୧୦ବର୍ଷର ବାଳକ ହେଉଛନ୍ତି ଆର୍ଷଦୀପ ସିଂ। ବ୍ରିଟେନ୍‌ର ନ୍ୟାଚୁରାଲ୍ ହିଷ୍ଟ୍ରି ମ୍ୟୁଜିୟମ୍ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ସେ '୨୦୧୮ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର ଅଫ୍ ଦି ଇୟର ଆୱାର୍ଡ' ଲାଭ କରିଛନ୍ତି। ଆର୍ଷଦୀପ ୬ବର୍ଷ ବୟସରେ ବିଭିନ୍ନ ସ୍ଥାନକୁ ଯାଇ ଫଟୋଗ୍ରାଫ୍ ନେବାର ସଉକ୍ ରଖିଥିଲେ। ତାଙ୍କର 'ପାଇପ୍ ଆଉଲ୍‌ସ' ଫଟୋଗ୍ରାଫ୍ ପାଇଁ ସେ ଏହି ପୁରସ୍କାର ପାଇଛନ୍ତି। ପଞ୍ଜାବର କପୂରଥଲା ଅଞ୍ଚଳର ଆର୍ଷଦୀପ ଦିନେ ତାଙ୍କ ପିତାଙ୍କ ସହିତ କାର୍‌ରେ ବସି ଯାଉଥିବା ବେଳେ ଗୋଟିଏ ପାଇପ୍ ଭିତରୁ ଦୁଇଟି ପେଚା ମୁଣ୍ଡ କାଢ଼ି ବସିଥିବାର ଦେଖିବାକୁ ପାଇଥିଲେ। ସେ ତାଙ୍କ ବାପାଙ୍କୁ କାର୍ ଅଟକାଇବାକୁ କହି ପାଖରେ ରଖିଥିବା କ୍ୟାମେରାରେ କାର୍ ଭିତରେ ଥାଇ ଫଟୋ ଉତ୍ତୋଳନ କରିଥିଲେ। ପଞ୍ଜାବରେ ପେଚା ବହୁଳଭାବରେ ଦେଖାଯାଆନ୍ତି। କିନ୍ତୁ ସେଗୁଡ଼ିକ ରାତ୍ରିଚର ପକ୍ଷୀ ହୋଇଥିବାରୁ ଦିବାକାଳରେ କ୍ୱଚିତ୍ ଦେଖାଯାଇଥାଆନ୍ତି। ଏହି ବିରଳ ଫଟୋଗ୍ରାଫ୍ ପାଇଁ ଆର୍ଷଦୀପ ଏକ ଅନ୍ତର୍ଜାତୀୟ ପୁରସ୍କାର ଲାଭ କରିଥିବାରୁ ସେ ସମସ୍ତଙ୍କ ପାଇଁ ଆଦରଣୀୟ ଏବଂ ଆଦର୍ଶ ନିଶ୍ଚୟ।

## ଚିରନ୍ତନୀ

ଚଳ ଗୋ ତୁମେ କାହାର ଲାଗି
ଆଜି ନିଶୀଥେ କିଏ ଅଭାଗୀ
  ରହିଛି ଜାଗି ଢାଳି ତପତ ଶ୍ୱାସ ଗୋ
  ପରାଣେ ବହି ତୀବ୍ରତମ ପ୍ରାସ ଗୋ।
ନୟନେ କା'ର ନାହିଁ ପଲକ
ସକଳ ଦେହେ ଭରେ ଲୋତକ
  ବରଷା ବାରି ପୂରଇ ଯଥା ବିଶ୍ୱେ
  ସ୍ୱରଗ-ଭୂତି କରଇ ଦାନ ନିଃସ୍ୱେ।
ଜଗତେ ଯେହୁ ଯେତିକି ଦୀନ
ସକଳ ସୁଖ-ସୋହାଗ-ହୀନ
  ନୟନବାରି କେବଳ ତା'ର ସମ୍ବଳ
  ଯେ ଧନେ ଆଜି ଉଠଇ ଭରି ଅମ୍ବର।
    (ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ହକି ଖେଳାଳିଙ୍କୁ ଅଣଦେଖା

ମହାଶୟ,

ଧରିତ୍ରୀର ସମ୍ପାଦକୀୟ 'ଓଡ଼ିଆଙ୍କୁ ଚାପୁଡ଼ା' ପଢ଼ିଲି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ନଭେମ୍ବର ୨୮ରୁ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ରେ ଓଡ଼ିଶାର କୌଣସି ଖେଳାଳି ସ୍ଥାନ ନ ପାଇବା କ୍ଷୋଭର ବିଷୟ। ନିକଟ ଅତୀତରେ ଏସିଆନ ଗେମ୍‌ସରେ ବ୍ରୋଞ୍ଜ ପଦକ ହାସଲ କରି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ଦେଶକୁ ଗୌରବାନ୍ୱିତ କରିଥିଲେ ମଧ୍ୟ ସେମାନଙ୍କୁ ଉପେକ୍ଷା କରାଯିବା ଆୟୋଜକଙ୍କର ଓଡିଶା ପ୍ରତି ତାଚ୍ଛଲ୍ୟ ମନୋଭାବର ପରିଚାୟକ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଭଣ୍ଡାରିଆମାନେ ଭଣ୍ଡାରରକ୍ଷକ

ଧରିତ୍ରୀ(୧୫।୮)ରେ 'ପାଠକ ଶ୍ରେଷ୍ଠ ବିଚାରକ' ସ୍ତମ୍ଭରେ ମୋର ମତାମତ 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ଶୀର୍ଷକ ପତ୍ରଟି ସ୍ଥାନିତ ହୋଇଥିଲା। ପ୍ରୋକ୍ତ ପତ୍ରଟି ପାଠ କରିବା ପରେ 'ନିଖିଳ ଉତ୍କଳ ବାରିକ ସମିତି' ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। 'ଭଣ୍ଡାରିଆ' ଶବ୍ଦଟି ବାରିକ ସମ୍ପ୍ରଦାୟ ପ୍ରତି ଅବମାନନା ବୋଲି ସେମାନେ ଅଭିଯୋଗ କରିଥିଲେ। କିନ୍ତୁ 'ସରଳ ଓଡ଼ିଆ ଅଭିଧାନ'ର ୩୭୯ ପୃଷ୍ଠାରେ ଅଛି, ସଂସ୍କୃତ 'ଭାଣ୍ଡାଗାର' ଶବ୍ଦରୁ 'ଭଣ୍ଡାର'ର ଉତ୍ପତ୍ତି ଏବଂ ଭଣ୍ଡାରୀ ବା ଭଣ୍ଡାରିଆ କହିଲେ ଭଣ୍ଡାରରକ୍ଷକ ବା ଭଣ୍ଡାର ଦାୟିତ୍ୱରେ ଥିବା ଲୋକକୁ ବୁଝାଏ। ଅପରନ୍ତୁ, ସଂସ୍କୃତ 'ଭାଣ୍ଡିର' ଶବ୍ଦରୁ ଭଣ୍ଡାରି ଉତ୍ପନ୍ନ, ଯାହାର ଅର୍ଥ ବାରିକ ବା ନାପିତ। ଭଣ୍ଡାରିଆ ଶବ୍ଦ ସମ୍ପୂର୍ଣ୍ଣ ଅଲଗା। ଏହା ବାରିକଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ। ଏତଦ୍‌ଭିନ୍ନ 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ଓଡ଼ିଆ ଭାଷାରେ ଏକ ବହୁପ୍ରଚଳିତ ଏକ ରୂଢ଼ି। ଏହାକୁ ଭିନ୍ନ ଅର୍ଥରେ ନେବା ଉଚିତ ନୁହେଁ।

କାର୍ତ୍ତିକଚନ୍ଦ୍ର ଷଡ଼ଙ୍ଗୀ, ବଲରା, ବିଳାସୁଣୀ, ନିଆଳି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଅକ୍ଟୋବର ୧୯୯୩

- କଟକ ମଦମୃତ୍ୟୁ ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଜଷ୍ଟିସ ବି.କେ.ବେହେରାଙ୍କ ଅଧ୍ୟକ୍ଷତାରେ ଗଠନ କରିଥିବା ତଦନ୍ତ କମିଶନର କାର୍ଯ୍ୟକାଳକୁ ଆଉ ୩ ମାସ ବୃଦ୍ଧି କରିଛନ୍ତି।
- କର୍ନାଟକରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ହେବା ଫଳରେ ୩୦ଜଣଙ୍କ ମୃତ୍ୟୁ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ



## ସଂକ୍ଷେପରେ

### ଏଣିକି ଅପରାହ୍ନ ୪ଟାରେ ବାନା ବନ୍ଧା

ପୁରୀ ଅଫିସ, ୨୦।୧୦: ଶ୍ରୀମନ୍ଦିର ଚୂଡ଼ାରେ ପ୍ରତ୍ୟହ ପତିତପାବନ ବାନା ବନ୍ଧାଯାଏ। ବର୍ତ୍ତମାନ ଶୀତଋତୁ ଆରମ୍ଭ ହୋଇଗଲାଣି। ତେଣୁ ଶୀଘ୍ର ସନ୍ଧ୍ୟା ହେଉଥିବାରୁ ଏଣିକି ପ୍ରତିଦିନ ଅପରାହ୍ନ ୪ଟାରେ ବାନା ବନ୍ଧାଯିବ। ଚୂନରା ସେବକମାନେ ୩ଟାରେ ଶ୍ରୀମନ୍ଦିର ଚୂଡ଼ାକୁ ଚଢ଼ି ୪ଟାରେ ବାନା ବାନ୍ଧିବେ ବୋଲି ସ୍ଥିର ହୋଇଛି। ମହାପ୍ରଭୁଙ୍କ ବାନାକୁ ପତିତପାବନ ବାନା କୁହାଯାଏ। ଶ୍ରୀମନ୍ଦିରରେ ପ୍ରତ୍ୟହ ନୂତନ ବାନା ଲଗାଯାଇଥାଏ। ଗ୍ରୀଷ୍ମଦିନେ ଅପରାହ୍ନ ୪ଟାରେ ଚୂନରା ସେବକମାନେ ଶ୍ରୀମନ୍ଦିର ଚୂଡ଼ାରେ ଚଢି ୫ଟାରେ ବାନା ବାନ୍ଧିଥାନ୍ତି। ସେହିପରି ଶୀତଦିନେ ଅପରାହ୍ନ ୩ଟାରେ ଚଢି ୪ଟାରେ ବାନା ଲଗାଇଥାନ୍ତି। ସୂର୍ଯ୍ୟାସ୍ତକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଗତ ଗୁରୁବାରଠାରୁ ଅପରାହ୍ନ ୪ଟାରେ ବାନା ବନ୍ଧାଯିବା ଆରମ୍ଭ ହୋଇଛି।

### ପୁରୀ ହିଂସା ଘଟଣାରେ ପୁଣି ୪ ଗିରଫ

ପୁରୀ ଅଫିସ, ୨୦।୧୦: ପୁରୀ ହିଂସାକୁ ନେଇ ଦିନକୁ ଦିନ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ଗିରଫଦାରି ସଂଖ୍ୟା ଯେତିକି ବଢୁଛି ଜନ ଅସନ୍ତୋଷ ମଧ ସେହିପରି ବୃଦ୍ଧି ପାଉଛି। ଏହି ହିଂସାରେ କେତେଜଣ ହାତଗଣତି ସେବାୟତ ସାମିଲ ଥିଲେ ବି ଶ୍ରୀମନ୍ଦିର ନୀତି ବନ୍ଦର ଧମକ ମିଳୁଥିବାରୁ ପୋଲିସ ସେମାନଙ୍କ ଦେହରେ ହାତ ମାରୁନାହିଁ। ହେଲେ ଗତ ଦୁଇଦିନ ମଧରେ ପୋଲିସ ପୁଣି ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବରୁ ୮୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏବେ ଏହି ସଂଖ୍ୟା ୮୪ରେ ପହଞ୍ଚିଛି। ମିଳିଥିବା ସୂଚନା ଅନୁଯାୟୀ ସିଂହଦ୍ୱାର ଫାଣ୍ଡି ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନା ପୋଲିସ ପୁଣି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଳଗଣ୍ଡି ଅଞ୍ଚଳରେ ରହୁଥିବା ବ୍ରହ୍ମଗିରିର ମଦନ ଭୋଳ ଏବଂ ମାର୍କଣ୍ଡେଶ୍ୱର ସାହିର ସୁଦର୍ଶନ ମହାନ୍ତି। ଅନ୍ୟପକ୍ଷରେ ସିଂହଦ୍ୱାର ଥାନା ପୋଲିସ ଜଣେ ସେବାୟତଙ୍କୁ ଆଣି ଅଟକ ରଖିଥିଲା। କିନ୍ତୁ ସେ ନୀତି ବନ୍ଦର ଧମକ ଦେବାରୁ ତାଙ୍କୁ ଛାଡିଥିବା ଜଣାପଡିଛି। ସେହିପରି ଟାଉନ ଥାନା ପୋଲିସ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଟେକାପଥର ମାଡ଼ ଏବଂ ରାସ୍ତା ଅବରୋଧ ମାମଲାରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଣିକର୍ଣ୍ଣିକା ସାହିର ହରିହର ଦାସ ଓ ବରାହୀ ଲେନ୍ ଭଣ୍ଡାରି ଗଳିର ଶ୍ୟାମସୁନ୍ଦର ପଣ୍ଡା।

### ପୂର୍ବତନ କଲେଜ ଅଧକ୍ଷାଙ୍କ ବିୟୋଗରେ ଶୋକ

ରେଢ଼ାଖୋଲ,୨୦।୧୦(ଡିଏନଏ) ରେଢ଼ାଖୋଲ ଭୀମଭୋଇ କଲେଜର ପୂର୍ବତନ ଅଧକ୍ଷା ସ୍ୱର୍ଗତା ସବିତା ମିଶ୍ରଙ୍କ ବିୟୋଗରେ ବରିଷ୍ଠ ନାଗରିକ ସମିତି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସଂଘର ସମ୍ପାଦକ ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ରେଢ଼ାଖୋଲ ବିଧାୟକ ତଥା ଉପମୁଖ୍ୟ ସଚେତକ ଇଂ ରୋହିତ ପୁଜାରୀ, ବିଜେପୁରର ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ, ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏନଏସି ଉପାଧକ୍ଷ ସୁନିଲ କୁମାର ପ୍ରଧାନ, ଭୀମଭୋଇ କଲେଜର ଅଧକ୍ଷ ଡ.ହର ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ପ୍ରାଧାପିକା ଡ.ସନ୍ତୋଷନୀ ବାବୁ, ଅଧାପିକା ମମତା ମହାପାତ୍ର, ଅଧାପକ ଜୟକୃଷ୍ଣ ପ୍ରଧାନ, ଅଧାପକ ଡ. ମନୋରଞ୍ଜନ ମହନ୍ତ, ଶ୍ରମିକ ନେତା ଅନାଦୀ ସାହୁ, ବରିଷ୍ଠ ନାଗରିକ ସମିତିର କୃଷ୍ଣଚନ୍ଦ୍ର ସାହୁ, ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା।

# କାନ୍ଧରେ ଝିଅ ମୃତଦେହ ବୋହିଲେ ବାପା

- ଝଡ଼ବର୍ଷାରେ ନାଳରେ ଭାସିଯାଇଥିଲା
- ବ୍ୟବଚ୍ଛେଦ ପ୍ରତିଶ୍ରୁତି ଦେଇ ଫେରିଥିଲା ପୋଲିସ

ରାୟଗଡ଼(ଗଜପତି)/ପାରଳାଖେମୁଣ୍ଡି, ୨୦।୧୦(ଡି.ଏନ.ଏ/ସ୍ୱ.ପ୍ର.)

କଳାହାଣ୍ଡିର ଦାନ ମାଝି ନିଜ ସ୍ତ୍ରୀଙ୍କ ମୃତଦେହ କାନ୍ଧରେ ବୋହିବା ଭଳି ଅଭାବନୀୟ ଘଟଣା ମନରୁ ଲିଭି ନ ଥିବାବେଳେ ଏବେ ଗଜପତି ଜିଲା ରାୟଗଡ଼ ବ୍ଲକ୍ ଆତଙ୍ଗପୁରରେ ଏଭଳି ଘଟଣାର ପୁନରାବୃତ୍ତି ଘଟିଛି। ପୋଲିସ୍ ବ୍ୟବଚ୍ଛେଦ ପାଇଁ ନ ଆସିବାରୁ ବାପା ନିଜ ନାବାଳିକା ଝିଅର ଗଳିତ ମୃତଦେହକୁ ଅଖାରେ ପୂରାଇ କାନ୍ଧରେ ୮ କି.ମି ବୋହିଛନ୍ତି। ଗତ ୧୮ତାରିଖରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ରାୟଗଡ଼ ବ୍ଲକ ଆତଙ୍ଗପୁର ଗ୍ରାମର ମୁକୁନ୍ଦ ଦୋରାଙ୍କ ସ୍ତ୍ରୀ ଗତ ୧୧ତାରିଖ ସକାଳେ ନିଜର ଦୁଇ ପିଲାଙ୍କ ସହ ବିଲକୁ ଯାଇଥିବା ବେଳେ ହଠାତ ତିତ୍‌ଲି ପ୍ରଭାବରେ ଝଡବର୍ଷା ହୋଇଥିଲା। ସେ ଘରକୁ ଫେରିବା ପାଇଁ ଏକ ନାଳ ପାରି ହେଉଥିବା ସମୟରେ ଛୋଟ ଝିଅ ବନିତା ତାଙ୍କ ହାତରୁ ଖସି ପାଣି ସ୍ରୋତରେ ଭାସିଯାଇଥିଲେ। ଗ୍ରାମବାସୀ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ତେବେ ଘଟଣାର ୮ଦିନ ପରେ ବୁଧବାର ଆତଙ୍ଗପୁରଠୁ ପ୍ରାୟ ୩କି.ମି. ଦୂର ଅଲାରସିଂ ଗ୍ରାମ ନିକଟ ଏକ ବୁଦା ମୂଳରୁ ବନିତାଙ୍କ ମୃତଦେହ ମିଳିଥିଲା। ଏହାକୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ ମୁକୁନ୍ଦ। ପୋଲିସ ପହଞ୍ଚି ପଞ୍ଚନାମା କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ଲାଗି ଆଣିବାକୁ ପ୍ରତିଶ୍ରୁତି ଦେଇ ଫେରିଆସିଥିଲା। ମାତ୍ର ଆଉ ନ ପହଞ୍ଚିବାରୁ ମୁକୁନ୍ଦ ନିଜେ ମୃତଦେହକୁ ଏକ ଜରି ଅଖାରେ ପୁରାଇ ତାହାକୁ ବାନ୍ଧି ସ୍ୱାସ୍ଥ୍ୟକେନ୍ଦ୍ର ଅଭିମୁଖେ ଚାଲି ଚାଲି ଆସୁଥିଲେ। କୌଣସି ସୂତ୍ରରୁ ପୋଲିସ ଖବର ପାଇ ପହଞ୍ଚି ଏକ ଅଟୋ ଯୋଗେ ମୃତଦେହକୁ କଇଁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ପରେ ତାହାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।



ଏହାପରେ ମୁକୁନ୍ଦଙ୍କୁ ଜିଲା ପ୍ରଶାସନ ପକ୍ଷରୁ ୧୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ବାବଦ ଚେକ୍ ପ୍ରଦାନ କରାଯାଇଛି। ଖବର ପାଇ ମଧ ସ୍ଥାନୀୟ ପୋଲିସ୍ ମୃତଦେହ ବ୍ୟବଚ୍ଛେଦ ପାଇଁ ନେବାକୁ ଆସି ନ ଥିଲା ବୋଲି ମୁକୁନ୍ଦ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗକୁ ଏସ୍‌ପି ଅମୂଲ୍ୟ କୁମାର ଦାସ ଖଣ୍ଡନ କରିଛନ୍ତି। ଉକ୍ତ ଅଞ୍ଚଳର ରାସ୍ତା ତିତ୍‌ଲି ପ୍ରଭାବରେ ଧୋଇ ହୋଇଯାଇଛି। ଯୋଗାଯୋଗ ବ୍ୟବସ୍ଥା ସ୍ୱାଭାବିକ ହୋଇପାରି ନ ଥିବାରୁ ସେଠାରେ କୌଣସି ଗାଡ଼ି କି ପ୍ରଶାସନ ପହଞ୍ଚି ପାରି ନ ଥିଲା ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

### କସ୍ତୁରବା ମାତୃନିକେତନ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ

ସମ୍ବଲପୁର,୨୦।୧୦(ବ୍ୟୁରୋ)

ବରଗଡ ଜିଲା ପାଇକମାଳସ୍ଥିତ କସ୍ତୁରବା ମାତୃନିକେତନର ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଦୁର୍ଗା ପୂଜା ଅବସରରେ ବୁର୍ଲା ମେଡିକାଲର ଡାକ୍ତର ଶଙ୍କର ରାମଚନ୍ଦାନୀ ଆଶ୍ରମରେ ପହଞ୍ଚି ଅନ୍ତେବାସୀଙ୍କ ସହ ଦୁର୍ଗାପୂଜା ପାଳନ କରିଥିଲେ। ଏହି ଅବସରରେ ସେ ପିଲାମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି।



### ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ଅଫିସ, ୨୦।୧୦

ପବିତ୍ର ବିଜୟା ଦଶମୀରେ ଶୁକ୍ରବାର ଶ୍ରୀମନ୍ଦିରରେ ବିଜୟା ଦଶମୀ ନୀତି ପାଳିତ ହୋଇଛି। ଦ୍ୱାରଫିଟା, ମଙ୍ଗଳ ଆଳତି ଓ ଅବକାଶ ନୀତି ପରେ ରତ୍ନସିଂହାସନରେ ବିରାଜିତ ଦାରୁବିଗ୍ରହଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏଥିଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଅବକାଶ ନୀତି ପରେ ତିନିବାଡ଼ରେ ଚନ୍ଦନ ଲାଗି କରାଯାଇଥିଲା। ନୂଆଲୁଗା ଲାଗିସାରିବା ପରେ ଠାକୁରଙ୍କ ରାଜବେଶ ବା ସୁନାବେଶ ଅନୁଷ୍ଠିତ ହୋଇଥିଲା।

# ରିଆମାଳରେ ରାବଣ ପୋଡ଼ି

ରିଆମାଳ,୨୦।୧୦(ବ୍ୟୁରୋ)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍‌ରେ ସାର୍ବଜନୀନ ଦୁର୍ଗାପୂଜା ଉତ୍ସବ ରାବଣ ପୋଡ଼ି ସହ ଶେଷ ହୋଇଛି। ରିଆମାଳ ଉଚ୍ଚବିଦ୍ୟାଳୟ ଖେଳପଡ଼ିଆଠାରେ ବିଜୟା ଦଶମୀରେ ରାବଣ ପୋଡ଼ିର ଆୟୋଜନ କରାଯାଇଥିଲା। ପୂର୍ବତନ ଲୋକ ସଭା ସଦସ୍ୟ ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରିଆମାଳ ଅଞ୍ଚଳର ବିକାଶ ଦିଗରେ ଆଗାମୀ ଦିନରେ କାର୍ଯ୍ୟ କରିବେ ବୋଲି କହିଥିଲେ। ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବ, ବ୍ଲକ୍ ଅଧକ୍ଷା ରୀତାଞ୍ଜଳି ହାତୀ, ସ୍ଥାନୀୟ ସରପଞ୍ଚ ତରଣୀସେନ ପ୍ରଧାନ, ଉଇଲିୟମ ହେନ୍ସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ପୂଜା କମିଟିର ସମ୍ପାଦକ ତଥା ସ୍ଥାନୀୟ ସମିତି ସଭ୍ୟ ଗାନ୍ଧୀ ଚରଣ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପୂଜା କମିଟିର ସଭାପତି ସତ୍ୟପ୍ରିୟ ଦାଶ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ପଣ୍ଡାଙ୍କୁ ଛତାବରଠାରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ରିଆମାଳକୁ ପାଛୋଟି ନିଆଯାଇଥିଲା। ଏହାପରେ ଦୁଲଦୁଲି ବାଜାରେ ସଙ୍କୀର୍ତ୍ତନ ମଣ୍ଡଳୀ ଗ୍ରାମ ପରିକ୍ରମା କରିଥିଲେ। ପ୍ରମୋଦ କୁମାର ଦେବ ରାବଣ ବେଶରେ ନଗର ପରିକ୍ରମା କରିଥିଲେ। ଉତ୍ସବ କାର୍ଯ୍ୟକ୍ରମରେ ୧୦ ହଜାର ଲୋକଙ୍କ ସମାଗମ ହୋଇଥିଲା।

# ଚାଷୀଙ୍କୁ କଚାଡି ମାରିଲା ଦନ୍ତାହାତୀ

କେନ୍ଦୁଝର/ ଢେଙ୍କିକୋଟ, ୨୦।୧୦ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଗାଁ ମୁହାଁ ଏକ ହାତୀପଲ ଆକ୍ରମଣରେ ରୁଟିଶିଳା ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ରସିକ ମୁଣ୍ଡା (୫୫)ନାମକ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ପାହାଡ ତଳି ଜମିରେ ହୋଇଥିବା ଫସଲ ଜଗିବା ସକାଶେ ୧୯ ତାରିଖ ସନ୍ଧ୍ୟାରେ ସେ ଯାଉଥିଲେ। ଚାଷ ଜମିରେ ଥିବା ମଞ୍ଚାକୁ ଚଢି ଫସଲ ଜଗିଥାନ୍ତେ। ଯିବା ବାଟରେ ହାତୀପଲ ହାବୁଡରେ ପଡିଥିଲେ। ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରି କଚାଡି ମାରି ଦେଇଥିଲା। ଖବର ପାଇ ସଦର ରେଞ୍ଜର ଅନ୍ତର୍ଯ୍ୟାମୀ ବେହେରା ଓ ଫରେଷ୍ଟର ଜ୍ୟୋତ୍ସ୍ନାରାଣୀ ବୋହରା ପ୍ରମୁଖ ସଦଳବଳେ ପହଞ୍ଚି ମୃତଦେହ ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନା ପଠାଇଥିଲେ। ଢେଙ୍କିକୋଟ ଫାଣ୍ଡି ଅଧିକାରୀ ପରେ ମୃତଦେହ ଜବତ କରିଥିଲେ। ଏ ନେଇ ଘଟଗାଁ ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବରଙ୍କୁ ୪୦ ହଜାର ଟଙ୍କା ଅନୁକମ୍ପା ସହାୟତା ପ୍ରଦାନ କରାଯାଇଛି।

- ତିତ୍‌ଲି ବର୍ଷା ସ୍ରୋତରେ ଭାସିଯାଇଥିଲେ

# ମିଳିଲା ଆଉ ଜଣଙ୍କ ମୃତଦେହ

ରାମଗିରି/ଆର.ଉଦୟଗିରି, (ଡି.ଏନ.ଏ.), ୨୦।୧୦

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନଘା ପଞ୍ଚାୟତ ଦଳେଇ ସାହିର ଶୁକ୍ରୁ ଦଳେଇ(୬୫)ଙ୍କ ମୃତଦେହ ଶନିବାର ଉଦ୍ଧାର କରାଯାଇଛି । ମୃତଦେହଟି ପାଣିରେ ଭାସି ଭାସି ଆସି ଏକ ଗଛରେ ଲାଗିବା ପରେ ଗ୍ରାମବାସୀ ଉଦ୍ଧାର କରିଛନ୍ତି । ଏନେଇ ଏକ ଅପମୃତ୍ୟୁ ମାମଲା(ନଂ. ୬/୧୮) ପୋଲିସ ରୁଜୁ କରିଛି । ତିତ୍‌ଲି ବର୍ଷା ସ୍ରୋତରେ ଭାସି ଯାଇ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରାଯାଇଛି। ଗତ ୧୦ ତାରିଖରେ ପୁନିଆ ବେହେରା ଓ ଶୁକ୍ରୁ ସାପ୍ତାହିକ ହାଟ ରାମଗିରିକୁ ଆସିଥିଲେ । ଫେରିବା ସମୟରେ ରାତି ହେବାରୁ ଭୂୟାଁପଡାରେ ଥିବା ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ। ୧୧ ତାରିଖ ଅପରାହ୍ନରେ ଉଭୟ ନିଜ ଗ୍ରାମକୁ ଯାଉଥିବା ବେଳେ ହଠାତ୍ ଗାଁ ପାହାଡ ଧସି ସେମାନଙ୍କ ଉପରେ ପଡିଯାଇଥିଲା। ଫଳରେ ମାଟି ତଳେ ଉଭୟେ ଚାପି ହୋଇଯାଇଥିଲେ । ଗ୍ରାମବାସୀଙ୍କ ଉଦ୍ୟମରେ ଗତ ୧୫ ତାରିଖରେ ପୁନିଆଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । କିନ୍ତୁ ଶୁକ୍ରୁଙ୍କୁ ପାହାଡ ପାଣି ଭସାଇ ନେଇଯାଇଥିଲା । ପୋଲିସ ପୁନିଆଙ୍କ ମୃତଦେହ ଉଦ୍ଧାର କରି ନଂ. ୪/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । ଶନିବାର ଶୁକ୍ରୁଙ୍କ ମୃତଦେହ ମିଳିବା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମଣ୍ଡଳ ରାମଗିରି ଥାନାକୁ ଜଣାଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସୂଚନାକ୍ରମେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

- ଶ୍ରୀମନ୍ଦିରରେ ଆରମ୍ଭ ହେଲା କାର୍ତ୍ତିକ ନୀତି

# ରାଧା ଦାମୋଦର ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ଅଫିସ, ୨୦।୧୦

ଆଶ୍ୱିନ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଅର୍ଥାତ୍ ଶନିବାରଠାରୁ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ ହୋଇଛି। ରତ୍ନସିଂହାସନରେ ରାଇ ଦାମୋଦର ବେଶରେ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଠାକୁରଙ୍କର ଏହି ମହାର୍ଘ ବେଶ କାର୍ତ୍ତିକ ମାସ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କିନ୍ତୁ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପଞ୍ଚୁକ ବେଶ ହେବ। ଏଥର ପଞ୍ଚୁକ ୫ଦିନ ପଡୁଥିବାରୁ ଶ୍ରଦ୍ଧାଳୁ ପଞ୍ଚୁକ ପାଞ୍ଚ ବେଶର ଦର୍ଶନ ପାଇବେ।

କାର୍ତ୍ତିକ ନୀତି ପାଇଁ ଭୋର ୪ଟାରେ ଦ୍ୱାରଫିଟା ଯିବାକୁ ନୀତି ସବ୍ କମିଟି ବୈଠକରେ ସ୍ଥିର ହୋଇଥିଲା। କିନ୍ତୁ କାର୍ତ୍ତିକ ନୀତିର ପ୍ରଥମ ଦିନରେ ବିଳମ୍ବ ହୋଇଛି। ପ୍ରାୟ ୨ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଭୋର ୫ଟା ୫୫ରେ ଶ୍ରୀମନ୍ଦିରର ଦ୍ୱାର ଫିଟା ଯାଇଥିଲା। ସକାଳ ୬ଟା ୩୦ରେ ଭିତର ଶୋଧ ହୋଇ ୬ଟା ୩୫ରେ ଦାରୁଦିଅଁଙ୍କ ମଙ୍ଗଳ ଆଳତି ହୋଇଥିଲା। ୬ଟା ୪୦ରେ ମଙ୍ଗଳ ଆଳତି ପରେ ମଇଲମ ଓ ତଡ଼ପଲାଗି ଏବଂ ଅବକାଶ ନୀତି ବଢିଥିଲା। ଏହାପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ରାଇ ଦାମୋଦର (ରାଧା ଦାମୋଦର) ବେଶରେ ସଜ୍ଜିତ କରିଥିଲେ। ଏହାପରେ ଅନ୍ୟାନ୍ୟ ନୀତି ବଢି ପୂର୍ବାହ୍ନ ୧୧ଟା ୨୫ରେ ସକାଳ ଧୂପ ହୋଇ ମଧାହ୍ନ ୧୨ଟା ୨୦ରେ ବାଳଧୂପ ହୋଇଥିଲା। ପୂର୍ବାହ୍ନ ୧୦ଟା ୧୦ରେ ଭୋଗ ମଣ୍ଡପ ବଢିବା ଲାଗି ଧାର୍ଯ୍ୟ ହୋଇଥିବା ବେଳେ ଅପରାହ୍ନ ୨ଟା ୧୦ରେ ଭୋଗ ମଣ୍ଡପ ଉଠିଥିଲା। ନୀତି ବିଳମ୍ବ ଯୋଗୁ ଭକ୍ତମାନେ ବହୁ ବିଳମ୍ବରେ ମହାପ୍ରସାଦ ପାଇଥିଲେ।

ଅପରପକ୍ଷେ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ୫ଦିନ ପଞ୍ଚୁକ ବେଶ ଅନୁଷ୍ଠିତ ହେବ। ନଭେମ୍ବର ୧୯ରେ ଲକ୍ଷ୍ମୀନାରାୟଣ, ୨୦ରେ ବାଙ୍କଚୂଡ଼, ୨୧ରେ ତ୍ରିବିକ୍ରମ, ୨୨ରେ ଲକ୍ଷ୍ମୀନୃସିଂହ ଏବଂ ନଭେମ୍ବର ୨୩ ତାରିଖ (କାର୍ତ୍ତିକ ପୂର୍ଣ୍ଣିମା)ରେ ରାଜାରାଜେଶ୍ୱର ବେଶ ତଥା ସୁନାବେଶ ଅନୁଷ୍ଠିତ ହେବ। ଦୀପାବଳି ଅମାବାସ୍ୟାଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ମଧରେ ପଡୁଥିବା ସୋମବାରରେ



- ଆରମ୍ଭରୁ ନୀତି ବିଳମ୍ବ
- ଅପରାହ୍ନ ୨ଟାରେ ଉଠିଲା ଭୋଗ ମଣ୍ଡପ

ଅବକାଶ ନୀତି ପରେ ବଡ଼ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ଏଥର ନଭେମ୍ବର ୧୨ ତାରିଖ ଅର୍ଥାତ୍ ଗୋଟିଏ ଦିନ ସୋମବାର ପଡୁଥିବାରୁ ବଳଭଦ୍ରଙ୍କ ବାଡ଼ରେ ହରିହର ବେଶ ହେବ।

**ଆରମ୍ଭ ହେଲା ବାଳଧୂପ**

କାର୍ତ୍ତିକ ମାସର ଅନ୍ୟ ଏକ ବିଶେଷତ୍ୱ ହେଉଛି ବାଳଧୂପ। ଏହି ମାସରେ ମହାପ୍ରଭୁଙ୍କ ନିକଟରେ ସକାଳ ଧୂପ ବଢିବା ପରେ ବାଳଧୂପ ହୋଇଥାଏ। ବାଳଧୂପ ବଢିବା ପରେ ରାଇ ଦାମୋଦର ବେଶ ଓଲାଗି ହୋଇଥାଏ। ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ବାଳଧୂପ ହୋଇଥାଏ। କିନ୍ତୁ ରାଧାଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ହୋଇଥାଏ। ବାଳଧୂପରେ ବିଭିନ୍ନ ପାଚିଲା ଫଳ, ଖଇ ଆଦି ପଞ୍ଚୋପଚାର ବିଧିରେ ମହାପ୍ରଭୁଙ୍କୁ ଲାଗି ହୋଇଥାଏ। ସାଧାରଣତଃ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସମସ୍ତ ପଞ୍ଚୋପଚାର ପୂଜା ସିଂହାସନ ତଳେ ପୂଜାପଣ୍ଡାମାନେ କରୁଥିବା ବେଳେ ବାଳଧୂପରେ ରତ୍ନସିଂହାସନ ଉପରେ ପୂଜାପଣ୍ଡାମାନେ ପଞ୍ଚୋପଚାର ପୂଜା କରିଥାନ୍ତି।


SBC ସମ୍ବଲପୁରୀ ବସ୍ତ୍ରାଳୟ

ମହାଳୟା, ଦଶହରା ଓ କୁମାର ପୂର୍ଣ୍ଣିମା
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



ବିଶେଷ ସରକାରୀ ରିହାତି
10%+20%
ଅବଧି ତା୦୪।୧୦।୨୦୧୮ ରୁ ତା୨୪।୧୦।୨୦୧୮ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍ ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର କେବଳ ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରୟ କରୁଥିବା ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିଙ୍କଠାରେ ଉପଲବ୍ଧ ଅଟେ।


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

### ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା

ସମ୍ବାଦ, ସମାଜ ଏବଂ ଧରିତ୍ରୀ ଖବରକାଗଜରେ ତା-୦୨.୧୦.୨୦୧୮ ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତଗୁଡିକୁ ତା୨୨.୧୦.୨୦୧୮, ୨୩.୧୦.୨୦୧୮, ୨୫.୧୦.୨୦୧୮, ୨୬.୧୦.୨୦୧୮ ଏବଂ ୨୭.୧୦.୨୦୧୮ରିଖ ଦିନ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିଲା । ଅନିବାର୍ଯ୍ୟ କାରଣବଶତଃ ପରମିଟ୍ କମିଟି ବୈଠକ ଉପରୋକ୍ତ ତାରିଖ ପରିବର୍ତ୍ତେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଆବେଦନକାରୀ ଗାଡ଼ି ମାଲିକ ତଥା ପ୍ରତିପକ୍ଷ ଦରଖାସ୍ତକାରୀମାନେ ଉକ୍ତ ତାରିଖ ଓ ସମୟରେ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଆବଶ୍ୟକ କାଗଜାତ ଦାଖଲ କରି ନିଜର ପକ୍ଷ ରଖିପାରିବେ ।

| କ୍ରମିକ ସଂଖ୍ୟା | ପୂର୍ବ ତାରିଖ | ପରିବର୍ତ୍ତିତ ତାରିଖ | ସମୟ |
|---|---|---|---|
| ୧ରୁ ୬୦ | ୨୨.୧୦.୨୦୧୮ | ୧୨.୧୧.୨୦୧୮ | ପୂର୍ବାହ୍ନ ୧୧ଘଟିକା |
| ୬୧ରୁ ୧୨୦ | ୨୩.୧୦.୨୦୧୮ | ୧୩.୧୧.୨୦୧୮ | |
| ୧୨୧ରୁ ୧୮୦ | ୨୫.୧୦.୨୦୧୮ | ୧୪.୧୧.୨୦୧୮ | |
| ୧୮୧ରୁ ୨୪୦ | ୨୬.୧୦.୨୦୧୮ | ୧୫.୧୧.୨୦୧୮ | |
| ୨୪୧ରୁ ୩୦୦ | ୨୭.୧୦.୨୦୧୮ | ୧୬.୧୧.୨୦୧୮ | |
| ୩୦୧ରୁ ୩୨୩ | ୨୮.୧୦.୨୦୧୮ | ୧୭.୧୧.୨୦୧୮ | |

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡ଼ିଶା, କଟକ


DSPL - 204

ହସିଲା ସୂର୍ଯ୍ୟ ଆୟୋଡିନ ଲୁଣ
ଚକମକ ବୁଦ୍ଧି, ଚମକେ ଗୁଣ

ଗର୍ଭବତୀ ମା' ପାଇଁ ଆୟୋଡିନ ଲୁଣ
ଗର୍ଭ ଅବସ୍ଥାରେ ପ୍ରତିଦିନ ଆୟୋଡିନ ଲୁଣ ଖାଇଲେ ଜନ୍ମ ହେବାକୁ ଥିବା ଶିଶୁର ମାନସିକ ଓ ଶାରୀରିକ ଅଭିବୃଦ୍ଧି ହୋଇଥାଏ।

ବଢୁଥିବା ଶିଶୁ ପାଇଁ ଆୟୋଡିନ ଲୁଣ
ପ୍ରତିଦିନ ଖାଦ୍ୟରେ ଆୟୋଡିନ ଲୁଣ ବ୍ୟବହାର କଲେ ପିଲାଙ୍କର ଉପଯୁକ୍ତ ମାନସିକ ବିକାଶ ହୋଇଥାଏ। ସେମାନଙ୍କ ବୁଦ୍ଧି ସ୍ତର ବୃଦ୍ଧି ପାଇଥାଏ।

ସବୁବେଳେ ହସିଲା ସୂର୍ଯ୍ୟ ଚିହ୍ନ ଥିବା ଆୟୋଡିନ ଲୁଣ କିଣନ୍ତୁ ।

ପ୍ରତିଦିନ ଖାଦ୍ୟରେ ଆୟୋଡିନ ଯୁକ୍ତ ଲୁଣ ପିଲାଙ୍କ ମାନସିକ ଶକ୍ତି ଓ ବୁଦ୍ଧି ଲାଗି ସବୁଠୁ ଲାଭଦାୟକ ଉପାୟ।

unicef

facebook.com/HFWOdisha http://www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0087/1819



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ





ସମ୍ବଲପୁର କ୍ଷେତରାଜପୁର ବୈଷ୍ଣଦେବୀ ମନ୍ଦିରରେ ଭକ୍ତମାନେ ସାମୁହିକ ଦୀପଦାନ କରୁଛନ୍ତି ।



ରାବଣପୋଡି ମହୋତ୍ସବରେ ଆତସବାଜିର ଝଲକ ।



ସମ୍ବଲପୁର କାଳୀବାଡି ଦୁର୍ଗା ବିସର୍ଜନ ଶୋଭାଯାତ୍ରାରେ ବାଳିକାମାନେ ଧୁନୁଚି ନାଚରେ ସାମିଲ ହୋଇଛନ୍ତି ।



ଦଲେଇପଡା ମହାନଦୀ ଶଯ୍ୟାରେ ସୁସଜ୍ଜିତ ରାବଣ ।



ସମ୍ବଲପୁର କାଳୀବାଡି ଦୁର୍ଗାଙ୍କୁ ବିସର୍ଜନ କରିବାକୁ ଶୋଭାଯାତ୍ରାରେ ନିଆଯାଉଛି ।



ସମ୍ବଲପୁର ମୁଦିପଡାରେ ସୁସଜ୍ଜିତ ରାବଣ ।



କାଳୀବାଡିରେ ଦେବୀଙ୍କ ସମ୍ମୁଖରେ ସିନ୍ଦୂର ଖେଳା ।



ସମ୍ବଲପୁର ରାବଣ ପୋଡି ମହୋତ୍ସବରେ ଶିଶୁମାନେ ଦେବଦେବୀ ବେଶରେ ସାମିଲ ହୋଇଛନ୍ତି ।

# କିସିଣ୍ଡାରେ ରାବଣପୋଡ଼ି ଉତ୍ସବ

**ନାକଟିଦେଉଳ,୨୦।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡାଠାରେ ୨୨ ଗ୍ରାମର ଜନସାଧାରଣଙ୍କ ସହଯୋଗରେ ଆୟୋଜିତ ହୋଇଥିବା କିସିଣ୍ଡା ଆଞ୍ଚଳିକ ସାର୍ବଜନୀନ ଦୁର୍ଗାପୂଜା ଓ ରାବଣ ପୋଡି ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପଠାରେ ୧୫ ତାରିଖରେ ମା' ଦୁର୍ଗତିନାଶିନୀଙ୍କ ବିଲ୍ୱବରଣ କରାଯାଇ ଷଷ୍ଠୀ ପୂଜା ସମ୍ପନ୍ନ ହୋଇଥିଲା। ୧୯ ତାରିଖ ବିଜୟା ଦଶମୀରେ ପୂର୍ଣ୍ଣାହୁତି କରାଯାଇଥିଲା। ଦୁର୍ଗାପୂଜାର ବିଶେଷ ଆକର୍ଷଣ ଥିଲା ରାବଣ ପୋଡି ଉତ୍ସବ। ବିଜୟା ଦଶମୀ ସନ୍ଧ୍ୟାରେ ଗ୍ରାମର ପିଲାମାନେ ରାମ, ଲକ୍ଷ୍ମଣ ଏବଂ ହନୁମାନ ବେଶରେ ସୁସଜ୍ଜିତ ହୋଇ ଗ୍ରାମ ପରିକ୍ରମାରେ ବାହାରିଥିଲେ। ପୂଜା ମଣ୍ଡପରେ ପହଞ୍ଚି ଆଜ୍ଞାମାଳ ନେବା ପରେ ଯାତ୍ରା ପଡ଼ିଆରେ ନିର୍ମିତ ସୁଉଚ୍ଚ ରାବଣର ପ୍ରତିକୃତିକୁ ଧନୁ ତୀର ନୀକ୍ଷେପ କରି ଦହନ କରିଥିଲେ। ଶତାଧିକ ଲୋକ ଏହି ଦୃଶ୍ୟକୁ ଉପଭୋଗ କରିଥିଲେ। ମା'ଙ୍କ ଷଷ୍ଠୀରୁ ଦଶମୀ ପୂଜା ଅବସରରେ ପ୍ରତି ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅପେରା 'ବିଶ୍ୱରୁପା' ମଞ୍ଚସ୍ଥ ହୋଇଥିଲା। ପୂଜାରେ ପାଣିଗ୍ରାହୀପାଲି ଗ୍ରାମର ଆଶୀଷ କୁମାର ପ୍ରଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଆଞ୍ଚଳିକ ଦୁର୍ଗାପୂଜା କମିଟିର ସଭାପତି ଅକ୍ଷୟ କୁମାର ନାଏକ, ସମ୍ପାଦକ କୈବଲ୍ୟ ଷଣ୍ଢ, କ୍ଷେତ୍ରମୋହନ ବାଘ, ଚେୟାରମ୍ୟାନ ବିପିନ ବିହାରୀ ପ୍ରଧାନଙ୍କ ସମେତ କମିଟିର ସମସ୍ତ ସଦସ୍ୟମାନେ ପୂଜା କାର୍ଯ୍ୟ ସମ୍ପାଦନାରେ ସହଯୋଗ କରିଥିଲେ। ରାବଣ ପୋଡି ଉତ୍ସବ ଆୟୋଜନରେ କିସିଣ୍ଡା ଫ୍ରେଣ୍ଡସ କ୍ଲବର ସଦସ୍ୟମାନେ ସହାୟତାର ହାତ ବଢ଼ାଇଥିଲେ।



ଯାତ୍ରା ପଡ଼ିଆରେ ଆୟୋଜିତ ରାବଣ ପୋଡ଼ି।

# ଡକାୟତି ଘଟଣାର ପର୍ଦ୍ଦାଫାସ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୨୦।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ଲକ୍ଷ୍ମୀଡୁଙ୍ଗୁରି ନିକଟରେ ହୋଇଥିବା ଡକାୟତି ଘଟଣାର ପର୍ଦ୍ଦାଫାସ ହୋଇଛି। ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଲୁଟ୍ ସାମଗ୍ରୀ ସହ ଏକ ଖଣ୍ଡା ଜବତ କରାଯାଇଛି। ସେମାନେ ହେଲେ ସିଦ୍ଧେଶ୍ୱର ସିଦେରିଆ, ସରୋଜ ଧରୁଆ, ପ୍ରଦୀପ ମେହେର। ୧୭ରେ ଟ୍ରକ (ନଂ. ଡବ୍ଲ୍ୟୁ ବି୧୯ ଏ ୭୪୯୪)କୁ ଅଭିଯୁକ୍ତମାନେ ଲକ୍ଷ୍ମୀଡୁଙ୍ଗୁରିଠାରେ ଅଟକାଇଥିଲେ। ଗାଡ଼ିର ଡ୍ରାଇଭର ବିମଲ ଯାଦବଙ୍କୁ ଖଣ୍ଡା ଦେଖାଇ ନଗଦ ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ ଟ୍ରକର ମାଲିକ କ୍ଷେତରାଜପୁରର ପ୍ରମୋଦ କୁମାର ଶର୍ମା ଥାନାରେ ଅଭିଯୋଗ କରିଥିଲେ।

# ଦଶହରାରେ ନୃତ୍ୟ ପ୍ରତିଯୋଗିତା

**ନାକଟିଦେଉଳ,୨୦।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବସଷ୍ଟାଣ୍ଡଠାରେ ରାଇଜିଂ କ୍ଲବ ପକ୍ଷରୁ ଅନୁଷ୍ଠିତ ଶାରଦୀୟ ଦୁର୍ଗାପୂଜା ଅବସରରେ ଅଷ୍ଟମୀ ତିଥି ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅଞ୍ଚଳର ବିଭିନ୍ନ ବର୍ଗର ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ଯଥାକ୍ରମେ ୨୩ ଏବଂ ୧୦ ମୋଟ ୩୩ ପ୍ରତିଯୋଗୀ ଭାଗ ନେଇଥିଲେ। କନିଷ୍ଠରେ ତଣ୍ଡାବିରା ଗ୍ରାମର ଜୁଲି ସାହୁ, ନାକଟିଦେଉଳ ଗ୍ରାମର ଶୁଭସ୍ମିତା ସାହୁ, ଛତ୍ରପୁର ଗ୍ରାମର ପ୍ରଣତି ବେହେରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସେହିପରି ବରିଷ୍ଠରେ ତଣ୍ଡାବିରା ଗ୍ରାମର ମାମି ସାହୁ ପ୍ରଥମ, ଡଇଁଚା ଗ୍ରାମର ବିନୋଦ କୁମାର ନାୟକ ଦ୍ୱିତୀୟ, ତଣ୍ଡାବିରା ଗ୍ରାମର ପ୍ରଣତି ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ନାରାୟଣ ସାହୁ, ପ୍ରଶାନ୍ତ ନାଏକ, ସୁଶାନ୍ତ ବେହେରା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ନାକଟିଦେଉଳସ୍ଥିତ ସି/୧୨ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜଗଦୀଶ ବିଶି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ସଂଯୋଜନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବାବଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟମାନଙ୍କୁ ମଧ ସାନ୍ତ୍ୱନା ମୁଳକ ପୁରସ୍କାର ଦିଆଯାଇଥିଲା। ଅବଦୁଲ ସାଦ୍ଦିକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ରାଇଜିଂ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ମା'ଙ୍କ ଦଶମୀ ପୂଜା ଦିବସରେ ବରିଷ୍ଠ କଂଗ୍ରେସ ନେତା ଆସଫ ଖାନ୍ ପୂଜାମଣ୍ଡପକୁ ପରିଦର୍ଶନରେ ଆସିଥିଲେ। ପୁଜାର୍ଚ୍ଚନା କରିଥିଲେ। ସେହିପରି ଖାନ୍ ବାଟଗାଁ, ଜାମୁଯୋରୀ, ଡଇଁଚା, ଶିମିଳିପାଳ, ଚନ୍ଦ୍ରପୁର, ମହୁକୁଦ, କେଲୋ ଏବଂ କିସିଣ୍ଡାଠାରେ ଆୟୋଜିତ ଦୁର୍ଗାପୂଜା ମଣ୍ଡପକୁ ଯାଇଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଡାଙ୍ଗଟେକାରେ ହକି ଟୁର୍ନାମେଣ୍ଟ

# ଜ୍ଞାନଜ୍ୟୋତି କ୍ଲବ ଦେବଗଡ଼ ଚାମ୍ପିୟନ



ବିଜେତା ଟିମ୍ ଖେଳାଳିଙ୍କ ଗହଣରେ ଅତିଥିଙ୍କ ସହ ଆୟୋଜକ କମିଟି ସଦସ୍ୟଗଣ।

**ନାକଟିଦେଉଳ, ୨୦।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପାଣିମୁରା ଗ୍ରାମପଞ୍ଚାୟତ ସାହଜବାହାଲ ଡାଙ୍ଗଟେକାଠାରେ ପ୍ରେମଚାନ୍ଦ କ୍ଲବ ଆନୁକୁଲ୍ୟରେ ଦଶହରା ଅବସରରେ ଗ୍ରାମୀଣ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଘୋଷରାମାଳସ୍ଥିତ ବଡ଼ମାଳ ପାରିସ ଚର୍ଚ୍ଚ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୩୦ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମୁକାବିଲା ନାକଟିଦେଉଳ କ୍ଲବ କମଳପୁର ଏବଂ ଦେବଗଡ଼ର ଜ୍ଞାନଜ୍ୟୋତି କ୍ଲବ ମଧ୍ୟରେ ହୋଇଥିଲା। ଜ୍ଞାନଜ୍ୟୋତି କ୍ଲବ୍ ୧-୦ ଗୋଲରେ ବିଜୟ ଲାଭ କରି ଟୁର୍ନାମେଣ୍ଟ ବିଜେତା ଟ୍ରଫି ଗ୍ରହଣ କରିଛି। ଧନକୁମା ଟିଗା ମ୍ୟାନ ଅଫ ଦି ସିରିଜ, ସରୋଜ ଟିଗା ମ୍ୟାନ ଅପ ଦି ମ୍ୟାଚ, ବିଜୟ ସରେଙ୍ଗ ବେଷ୍ଟ କ୍ୟାରୀ, ସୁବାଶୀଷ ଲାକ୍ରା ବେଷ୍ଟ ଗୋଲକିପର ଭାବେ ପୁରସ୍କୃତ ହୋଇଛନ୍ତି। ଅଧ୍ୟାପକ ପ୍ରକାଶ କୁମାର ସୋରେଙ୍ଗଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ସମାରୋହରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟ ଅତିଥି, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ପାଣିମୁରା ଗ୍ରାମପଞ୍ଚାୟତ ସରପଞ୍ଚ ସନ୍ତୋଷିନୀ ସାହୁ, ବଡ଼ମାଳ ପାରିସ ଚର୍ଚ୍ଚର ଫାଦର ଯୁଗଳ କିଶୋର ହରୋ, ବେନେଦିକ ଲାକ୍ରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ଜ୍ଞାନଜ୍ୟୋତି କ୍ଲବକୁ ୧୦ ହଜାର, ରନର୍ସଅପ କମଳପୁର ହକି କ୍ଲବ୍‌କୁ ୭ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ନେମାସ ଲାକ୍ରା, ବିଜୟ କେରକେଟା, ଆଶୀଷ ଖାଲ୍‌କୋ, ସରୋଜ ଜିଣ୍ଡୋ, ଅଜୟ ହରୋ ଟୁର୍ନାମେଣ୍ଟର ସମସ୍ତ ଖେଳକୁ ପରିଚାଳନା କରିଥିଲେ। କମିଟି ସଭାପତି ନେମାସ ଲାକ୍ରା, ସମ୍ପାଦକ ଇଲିଆଜାର ମାର୍କ, କୋଷାଧ୍ୟକ୍ଷ ସରୋଜ କିଣ୍ଡୋ, ସଭ୍ୟ ପିଣ୍ଟୁ ମିଞ୍ଜ, ଅମର ଲାକ୍ରା, ଅଲିଭା ଲାକ୍ରା, ଇଶ୍ୱର ମାର୍କ, ସଞ୍ଜୀବ ଖାଖା, ମରିସ ସରୋଙ୍ଗ ଆୟୋଜନରେ ସହଯୋଗ କରିଥିଲେ।

# ଫେଷ୍ଟିଭ୍ ଅଫର୍

**ଫେଷ୍ଟିଭ୍ ସିଜନ୍ । ଛୋଟରୁ ବଡ଼ ପର୍ଯ୍ୟନ୍ତ ସବୁ ଦୋକାନ ତଥା ମଲ୍‌ଗୁଡ଼ିକରେ ପ୍ରତ୍ୟେକ ସାମଗ୍ରୀରେ ମିଳୁଛି ଆକର୍ଷଣୀୟ ଅଫର। ଯଦିଓ ଏହା ସବୁ ବର୍ଗଙ୍କ ଲାଗି ଉପଲବ୍ଧ, ହେଲେ ବିଶେଷକରି ଏହାର ଭରପୂର ଫାଇଦା ନେଉଛନ୍ତି ଯୁବପିଢି....**






ବେଶ୍ କିଛିଦିନ ହେବ ଚାଲିଛି ପାର୍ବଣର ଋତୁ। ସରିଛି ଦଶହରା ଆଉ ଆସୁଛି ଲକ୍ଷ୍ମୀପୂଜା ସାଙ୍ଗକୁ କୁମାର ପୂର୍ଣ୍ଣିମା। ଯେଉଁଥିପାଇଁ ପ୍ରତିଟି ଛୋଟ ବଡ ଦୋକାନ ଠାରୁ ଆରମ୍ଭ କରି ଅନ୍‌ଲାଇନ୍ ସାଇଟ୍‌ଗୁଡିକରେ ଦେଖିବାକୁ ମିଳୁଛି ପୂଜା ପାଇଁ ନୂଆ ନୂଆ ସାମଗ୍ରୀର ସମ୍ଭାର। ଆଉ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ସବୁଠି ଦିଆଯାଉଛି ବିଭିନ୍ନ ଆକର୍ଷଣୀୟ ଫେଷ୍ଟିଭ୍ ଅଫର୍। ଯଦିଓ ବାତ୍ୟା ତିତ୍‌ଲି ପାଇଁ ୨-୩ ଦିନ ପୂଜା ବଜାର ଟିକେ ମାନ୍ଦା ରହିଥିଲା ହେଲେ କମିନି ଅନ୍‌ଲାଇନ୍ ଫେଷ୍ଟିଭ୍ ଶପିଂ କ୍ରେଜ୍। ବିଶେଷ କରି ଯୁବପିଢି ଅଟୋମୋବାଇଲ୍, ଇଲେକ୍ଟ୍ରୋନିକ୍ସ ଗ୍ୟାଜେଟ୍, ଡ୍ରେସ୍ ଏବଂ ଅନ୍ୟାନ୍ୟ ସାମଗ୍ରୀରେ ଥିବା ସ୍ପେଶାଲ୍ ଅଫର୍‌ଗୁଡିକର ଭରପୂର ଫାଇଦା ନେଉଛନ୍ତି। ତେବେ ବ୍ୟବସାୟୀଙ୍କ ଦ୍ୱାରା ଦିଆଯାଉଥିବା ସବୁ ସ୍ପେଶାଲ୍ ଅଫର୍‌ଗୁଡିକରେ ଯେ, ଗ୍ରାହକ ଲାଭବାନ୍ ହେଉଥିବେ ତାହା ପ୍ରଶ୍ନବାଚୀ। ତେଣୁ ଏହି ଫେଷ୍ଟିଭ୍ ସିଜନ୍‌ରେ ମାର୍କେଟ୍‌ରୁ ହେଉ ଅବା ଅନ୍‌ଲାଇନ୍‌ରୁ ସେଲ୍ କିମ୍ବା କୌଣସି ସ୍ପେଶାଲ୍ ଅଫର୍‌ରେ ସାମଗ୍ରୀ କିଣୁଥିଲେ କେତୋଟି କଥା ପ୍ରତି ବିଶେଷ ଦୃଷ୍ଟି ଦିଅନ୍ତୁ.....

■ଦୋକାନ ବା ଶପିଂ ମଲ୍‌ରୁ ହେଉ କିମ୍ବା ଅନ୍ ଲାଇନ୍‌ରେ ପୂଜା ଲାଗି ବିଭିନ୍ନ ଆକର୍ଷଣୀୟ ଅଫର୍ ଏବଂ ସ୍ପେଶାଲ୍ ଡିସ୍କାଉଣ୍ଟ ଦିଆଯାଇଥାଏ। ବିଶେଷ କରି କିଛି ନିର୍ଦ୍ଦିଷ୍ଟ ପ୍ରତିଶତ ରିହାତି, ବାଏ ୱାନ୍ ଗେଟ୍ ୱାନ୍ ଫ୍ରି, ଲକି ଡ୍ର କୁପନ୍ ଭଳି ଅଫର୍ ଦେଖି ଗ୍ରାହକ ଆକୃଷ୍ଟ ହୋଇଥାନ୍ତି। ହେଲେ ଏଭଳି ଅଫର୍ ନିଶାରେ କେବେ କେବେ ଜିନିଷ କିଣି ସାରିବା ପରେ ଗ୍ରାହକ ବିଭିନ୍ନ ସର୍ତ୍ତାବଳୀ ସମ୍ପର୍କରେ ଜାଣିବାକୁ ପାଇଥାନ୍ତି ଏବଂ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଫେଷ୍ଟିଭ୍ ଅଫର୍‌ରେ କୌଣସି ବି ସାମଗ୍ରୀ କିଣିବା ବେଳେ ଟର୍ମ ଆଣ୍ଡ କଣ୍ଡିଶନ୍ ସମ୍ପର୍କରେ ପ୍ରଥମେ ଭଲ ଭାବେ ବୁଝିନିଅନ୍ତୁ।

■ବେଳେ ବେଳେ ବିଭିନ୍ନ ସାମଗ୍ରୀରେ ଲାଷ୍ଟ ଡେଟ୍, ଲିମିଟେଡ୍ ଅଫର୍ ଆଦି ଦେଖି ଗ୍ରାହକ ଅଫର୍ ହାତଛଡା ନ ହୋଇଯିବା ଲୋଭରେ ଶୀଘ୍ର କିଣିନିଅନ୍ତି। ହେଲେ ଆପଣଙ୍କୁ ବୁଝିବାକୁ ହେବ ଯେ, ଏହା ପଛରେ ବି ବ୍ୟବସାୟିକ ଚାଲ୍ ରହିଛି। ତେଣୁ କୌଣସି ବି ସାମଗ୍ରୀ କିଣିବା ବେଳେ ତରବର ଭାବେ ନିଷ୍ପତ୍ତି ନ ନେଇ ପ୍ରଥମେ ବିଚାର କରନ୍ତୁ। ଆପଣ ଚାହିଁଲେ ଅନ୍ୟ ଦୋକାନରେ କିମ୍ବା ଅନ୍‌ଲାଇନ୍‌ରେ ଉକ୍ତ ସାମଗ୍ରୀର ଦାମ୍ କେତେ ଦେଖିବା ପରେ କିଣିପାରିବେ।

■ପୂଜାରେ ବିଭିନ୍ନ ଆକର୍ଷଣୀୟ ଅଫର ଦେଖି ଖୁସି ହୋଇ ଅନେକେ ଆବଶ୍ୟକରୁ ଅଧିକ ଡ୍ରେସ୍ କିଣିନିଅନ୍ତି ଏବଂ ପରବର୍ତ୍ତୀ ସମୟରେ ଠକାମିର ଶିକାର ହୁଅନ୍ତି। ତେଣୁ ଅଫର ନିଶାରେ ଅଧିକ କିଣି ନେବା ବଦଳରେ ପ୍ରଥମେ ଉକ୍ତ ଡିସ୍କାଉଣ୍ଟେଡ୍ ଡ୍ରେସ୍‌ର ମ୍ୟାଟେରିଆଲ୍ ଠିକ୍ ଅଛି ନା ନାହିଁ ଦେଖନ୍ତୁ ଏବଂ ଏହା ଆପଣଙ୍କୁ ଫିଟ୍ ହେଉଛି କି ନାହିଁ ଟ୍ରାଏଲ୍ ରୁମ୍‌ରେ ଚେକ୍ କରିନିଅନ୍ତୁ। ତା'ଛଡା ଏହାକୁ ଏକ୍ସଚେଞ୍ଜ କରିହେବ କି ନାହିଁ କିମ୍ବା ଯଦି ହେବ ତେବେ କେତେଦିନ ମଧ୍ୟରେ, ଏ ସମ୍ପର୍କରେ ଭଲ ଭାବେ ବୁଝିନିଅନ୍ତୁ।

■ଅଧିକ ରିହାତି ଯେପରି ୫୦%, ୬୦% ଛାଡ, ଗୋଟିଏ କିମ୍ବା ଦୁଇଟିରେ ଅନ୍ୟ ଗୋଟିଏ ସମ୍ପୂର୍ଣ୍ଣ ଫ୍ରି, ଏକ ନିର୍ଦ୍ଦିଷ୍ଟ ରାଶି ଯେପରି ୧୦୦୦ରୁ ଅଧିକ ଟଙ୍କାର ସାମଗ୍ରୀରେ ମାଗଣା ଉପହାର ଆଦି ଅଫର ଦେଖି ଗ୍ରାହକ ପ୍ରଥମେ ଏହି ସାମଗ୍ରୀ କିଣିବା ପ୍ରତି ଗୁରୁତ୍ୱ ଦେଇଥାନ୍ତି। ହେଲେ ଆପଣ ଜାଣନ୍ତି କି, କୌଣସି ସାମଗ୍ରୀ ମାଗଣାରେ ମିଳି ନ ଥାଏ। ବରଂ ଆପଣ କିଣୁଥିବା ସାମଗ୍ରୀର ଦାମ୍ ବଢାଇ ଦିଆ ଯାଇଥାଏ ଏବଂ ସେଥିରେ ହିଁ ଫ୍ରି ଦିଆଯାଉଥିବା ସାମଗ୍ରୀର ଦାମ୍ ମିଶିଥାଏ।

■ପୂଜା ଲାଗି ଅନ୍‌ଲାଇନ୍ ଶପିଂ ଏକ ଭଲ ବିକଳ୍ପ। ବିଶେଷକରି ପୂଜା ସିଜନ୍‌ରେ ବିଭିନ୍ନ ଆକର୍ଷଣୀୟ ଅଫର୍ ମଧ୍ୟ ରହିଥାଏ। ହେଲେ ଯଦି ଆପଣ ପ୍ରଥମଥର ପାଇଁ ଅନ୍‌ଲାଇନ୍ ଶପିଂ କରୁଛନ୍ତି, ତେବେ ପ୍ରଥମେ ଉକ୍ତ ସାଇଟ୍‌ର ପ୍ରାଇଭେସିକୁ ଭଲଭାବେ ପଢ଼ନ୍ତୁ । ଏଥିରେ ଆପଣ କିଣୁଥିବା ଜିନିଷ ପସନ୍ଦ ନ ହେଲେ ବଦଳାଇବା ଏବଂ ଜିନିଷ ଦେଖିବା ପରେ ପେମେଣ୍ଟ କରିବା (କ୍ୟାଶ୍ ଅନ୍ ଡେଲିଭରି) ଭଳି ସୁବିଧା ଅଛି କି ନାହିଁ ଜାଣିବା ପରେ ଅର୍ଡର କରନ୍ତୁ। ଆଉ ଗୋଟିଏ କଥା ମନେରଖନ୍ତୁ, ଅନ୍‌ଲାଇନ୍ ଶପିଂ ଲାଗି କ୍ୟାଶ ଅନ୍ ଡେଲିଭରି ସବୁଠୁ ଭଲ। କିନ୍ତୁ ଯଦି ଆପଣ ଏଥିପାଇଁ କ୍ରେଡିଟ୍ କାର୍ଡ ସାହାଯ୍ୟ ନେଉଛନ୍ତି ତେବେ ସାବଧାନ ରହିବେ।

# ଇଣ୍ଟରଭ୍ୟୁ ଗେଟ୍‌ଅପ୍

**ସବୁ ଆଶାୟୀ ପ୍ରାର୍ଥୀ ଜବ୍ ଇଣ୍ଟରଭ୍ୟୁରେ ଭଲ କରିବାକୁ ଚାହାନ୍ତି। ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ନିଜର ବେଷ୍ଟ ଦେବା ସତ୍ତ୍ୱେ କେବେ କେବେ ସଫଳତା ମିଳି ନ ଥାଏ । ଏହା ପଛରେ ଅନ୍ୟ ଏକ କାରଣ ହେଉଛି ଗେଟ୍‌ଅପ୍ । ଏହା ମଧ୍ୟ ପର୍ସନାଲିଟିକୁ ପ୍ରଭାବିତ କରିଥାଏ । ତେଣୁ ଜବ୍ ଇଣ୍ଟରଭ୍ୟୁ ପାଇଁ ଯାଉଥିଲେ କିପରି ଗେଟ୍‌ଅପ୍ ନେବେ ଜାଣି ରଖନ୍ତୁ ...**



❖ଯଦି ଆପଣ ଆକାଉଣ୍ଟ, ଫାଇନାନ୍ସ, ଲ', କନ୍ସଲ୍ଟାନ୍ସି ଭଳି ଇଣ୍ଡଷ୍ଟ୍ରିରେ ଇଣ୍ଟରଭ୍ୟୁ ପାଇଁ ଯାଉଥାନ୍ତି ତେବେ ଫର୍ମାଲ୍ ଡ୍ରେସ୍ ବାଛନ୍ତୁ। କେତେକ ସ୍ଥାନରେ ଇଣ୍ଟରଭ୍ୟୁ ପାଇଁ ଡ୍ରେସ୍‌କୋଡ୍ ଲାଗୁ କରାଯାଇଥାଏ, ଯଦି ସେପରି ହୋଇଥାଏ ତାହାକୁ ପିନ୍ଧନ୍ତୁ ନଚେତ୍ ପ୍ଲେନ୍ ଶାର୍ଟ ସହିତ ଫର୍ମାଲ୍ ପ୍ୟାଣ୍ଟ ଏବଂ ବ୍ଲେଜର୍ ପିନ୍ଧନ୍ତୁ। ତା' ସହିତ କାଜୁଆଲ ପରିବର୍ତ୍ତେ ଫର୍ମାଲ ଜୋତା ବାଛନ୍ତୁ। କର୍ପୋରେଟ୍ ଇଣ୍ଡଷ୍ଟ୍ରୀ ଇଣ୍ଟରଭ୍ୟୁ ପାଇଁ ମଧ୍ୟ ଏହି ଗେଟ୍‌ଅପ୍ ପରଫେକ୍ଟ ।

❖ ଆଡ୍‌ଭର୍ଟାଇଜିଂ, ଗ୍ରାଫିକ୍ ଡିଜାଇନ୍, ମ୍ୟୁଜିକ୍ ଆଦି ଭଳି କ୍ରିଏଟିଭ୍ ଇଣ୍ଡଷ୍ଟ୍ରିରେ ଇଣ୍ଟରଭ୍ୟୁ ଥିଲେ ଏଭଳି ଗେଟ୍‌ଅପ୍ ବାଛନ୍ତୁ ଯାହା ଆପଣଙ୍କୁ ଡିସେଣ୍ଟ ଲୁକ୍ ଦେବା ସହ କ୍ଲାସି ମଧ୍ୟ ଲାଗିବ। ଏଥିରେ ଆପଣ ଫର୍ମାଲ୍ ସହିତ କାଜୁଆଲ୍ ଡ୍ରେସ୍‌କୁ ମିକ୍ସ ମ୍ୟାଚ୍ ବି କରିପାରିବେ।

❖ ଯଦି କୌଣସି ଫ୍ୟାଶନ୍ ବା ଗ୍ଲାମର ଇଣ୍ଡଷ୍ଟ୍ରିରେ ଇଣ୍ଟରଭ୍ୟୁ ଦେବାକୁ ଯାଉଛନ୍ତି ତେବେ ସେଥିପାଇଁ ଷ୍ଟାଇଲିସ୍ କାଜୁଆଲ୍ ଗେଟ୍‌ଅପ୍ ବାଛି ପାରିବେ। ତାହା ଟ୍ରେଣ୍ଡି ହୋଇଥିଲେ ଆପଣ ଲାଟେଷ୍ଟ ଫ୍ୟାଶନ୍ ସହ ଅପ୍‌ଡେଟ୍ ଅଛନ୍ତି ବୋଲି ଜଣାପଡିଥାଏ। ଏହା ସହିତ ପରଫେକ୍ଟ ଜୋତା ଏବଂ ଆସେସରିଜ୍ ବାଛିବା ବି ଗୁରୁତ୍ୱପୂର୍ଣ୍ଣ। ତେବେ ମନେରଖନ୍ତୁ ଟ୍ରେଣ୍ଡି ଲାଗିବା ନିଶାରେ ଏମିତି ଆଉଟ୍‌ଫିଟ୍ ବାଛନ୍ତୁ ନାହିଁ ଯାହା ଆପଣଙ୍କ ପର୍ସନାଲିଟିକୁ ସୁଟ୍ କରୁ ନ ଥିବ।

❖ ଯେଉଁ ବି ଫିଲ୍ଡରେ ଇଣ୍ଟରଭ୍ୟୁ ଥାଉ ନା କାହିଁକି କେବେ ଆବଶ୍ୟକରୁ ଅଧିକ ଗର୍ଜିଅସ୍ କିମ୍ବା ଟ୍ରାଡିଶନାଲ୍ ପୋଷାକ ବାଛନ୍ତୁ ନାହିଁ।

❖ ଇଣ୍ଟରଭ୍ୟୁ ପାଇଁ ସର୍ବଦା ସଫା ଏବଂ ଆଇରନ୍ ଦିଆହୋଇଥିବା ପୋଷାକ ବ୍ୟବହାର କରନ୍ତୁ।

❖ ରେଡ୍, ପିଙ୍କ୍, ୟେଲୋ ଭଳି ବୋଲ୍ଡ କଲର ପୋଷାକ ପରିବର୍ତ୍ତେ ହ୍ୱାଇଟ୍, ବ୍ଲୁ, ବ୍ଲାକ୍, ଗ୍ରେ ଭଳି ଫର୍ମାଲ କଲର ପୋଷାକ ପିନ୍ଧନ୍ତୁ।

❖ ପୋଷାକ ଅନୁସାରେ ହିଁ ଜୋତା ବାଛନ୍ତୁ। ଅଧିକ ଷ୍ଟାଇଲିସ୍ କିମ୍ବା ଶବ୍ଦ କରୁଥିବା ଜୋତା ପିନ୍ଧିବା ଦ୍ୱାରା ଏହା ଆପଣଙ୍କ ପର୍ସନାଲିଟି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

❖ ଇଣ୍ଟରଭ୍ୟୁ ପାଇଁ ଯାଉଥିଲେ ଆବଶ୍ୟକରୁ ଅଧିକ ମେକ୍‌ଅପ୍ କିମ୍ବା ଜୁଏଲେରି ବ୍ୟବହାର କରନ୍ତୁ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧- ନିକଟରେ........ ରାଜ୍ୟ ସରକାରଙ୍କ ପକ୍ଷରୁ ସଶକ୍ତ କିଷାନ ଯୋଜନା ଏବଂ କୃଷି ସମୂହ ଯୋଜନା ଆରମ୍ଭ କରାଯାଇଛି ?

୨- ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ..... ମସିହାରେ ଜାତୀୟକରଣ ହୋଇଥିଲା ?

୩- ଶରଦ ଯୋଶୀ ସମ୍ମାନ........... କ୍ଷେତ୍ରରେ ପ୍ରଦାନ କରାଯାଇଥାଏ ?

୪- ଅଗଷ୍ଟ ୨୦ ତାରିଖ........ ଦିବସ ଭାବେ ପାଳନ କରାଯାଇଥାଏ ?

୫- କଳ୍ପସୂତ୍ରର ଲେଖକ......... ?

## ଗତ ସପ୍ତାହର ଉତ୍ତର

୧ ଛିନ୍ଦୱାରା, ମଧ୍ୟପ୍ରଦେଶ

୨ 'ଶେୟାର୍ ଦି ମେସେଜ୍, ସେଭ୍ ଏ ଲାଇଫ୍'

୩ ରଜନୀ କାନ୍ତ ମିଶ୍ର

୪ ସେପ୍ଟେମ୍ବର ୨୩

୫ ବନ୍ଦର ବିକାଶ

## ଉତ୍ତର ଦାତା



ସୌମ୍ୟକାନ୍ତ ଶୁଭଦର୍ଶନ ପୂଜାରୀ
ଭୁବନେଶ୍ୱର



ଶୁଭାଶିଷ ମାରାଣ୍ଡି
ଭୁବନେଶ୍ୱର

## ଟପ୍ 10

### ପୃଥିବୀର ସବୁଠାରୁ ବଡ଼ ହ୍ରଦ

୧- କାସ୍ପିଆନ୍ ସି......... ୩୭୧,୦୦୦ ବର୍ଗ କି.ମି.
୨- ଲେକ୍ ସୁପେରିଅର୍.... ୮୨, ୪୧୪ ବର୍ଗ କି.ମି.
୩- ଲେକ୍ ଭିକ୍ଟୋରିଆ...... ୬୯, ୪୮୫ ବର୍ଗ କି.ମି.
୪- ଲେକ୍ ହରନ୍........... ୫୯, ୬୦୦ ବର୍ଗ କି.ମି.
୫- ଲେକ୍ ମିଚିଗାନ୍........ ୫୮,୦୦୦ ବର୍ଗ କି.ମି.
୬- ଲେକ୍ ଟାଙ୍ଗାନାଇକା.... ୩୨,୮୯୩ ବର୍ଗ କି.ମି.
୭- ଲେକ୍ ବୈକାଲ୍....... ୩୧, ୫୦୦ ବର୍ଗ କି.ମି.
୮- ଗ୍ରେଟ୍ ବିୟର୍ ଲେକ୍ ..... ୩୧, ୦୮୦ ବର୍ଗ କି.ମି.
୯- ଲେକ୍ ମାଲାୱି........ ୩୦, ୦୪୪ ବର୍ଗ କି.ମି.
୧୦- ଗ୍ରେଟ୍ ସ୍ଲେଭ୍ ଲେକ୍..... ୨୮, ୯୩୦ ବର୍ଗ କି.ମି.



**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

DSPL - 191

# ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ
# ମାନସିକ ରୋଗ ସମ୍ପର୍କରେ ଜାଣିବା କଥା

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍
ଓଡ଼ିଶା ସରକାର

ଓଡ଼ିଶା ଶାସନ

ଆମ ରାଜ୍ୟରେ ବର୍ଷକୁ ପ୍ରାୟ ୧୫ ରୁ ୧୭ ହଜାର ମାନସିକ ରୋଗୀ ଚିହ୍ନଟ ହୋଇଥାନ୍ତି । ତନ୍ମଧ୍ୟରୁ ଶତକଡ଼ା ୫୦ ରୁ ୮୦ ଭାଗ ରୋଗୀ ଆମ ରାଜ୍ୟରେ ବିଳମ୍ବରେ ଚିହ୍ନଟ ହୋଇଥାନ୍ତି । ଆପଣଙ୍କ କିମ୍ବା ଆପଣଙ୍କ ଅଂଚଳରେ ପିଲାଙ୍କ ଠାରେ ନିମ୍ନଲିଖିତ ଲକ୍ଷଣ ପରିଲକ୍ଷିତ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

## ମାନସିକ ରୋଗର ଲକ୍ଷଣ

★ ବହୁଦିନ ଧରି ରାତିରେ ନିଦ ନହେବା
★ ବାରମ୍ବାର ରାତିରେ ଦୁଃସ୍ୱପ୍ନ ଦେଖିବା
★ ମନରେ ଅତ୍ୟଧିକ ଡର ଲାଗିରହିବା
★ ଅନ୍ୟକୁ ଅତ୍ୟଧିକ ସନ୍ଦେହ କରିବା ଓ ହଠାତ୍ ରାଗିଯିବା
★ ମାତ୍ରାଧିକ ସ୍ମରଣଶକ୍ତିର ହ୍ରାସ ଘଟିବା
★ ସବୁବେଳେ ଅନ୍ୟମନସ୍କ ରହିବା ଓ ପ୍ରତ୍ୟେକ କଥା ଭୁଲିଯିବା
★ ବାରମ୍ବାର ଗୋଟିଏ କାମକୁ ଆବଶ୍ୟକତାଠାରୁ ଅଧିକଥର କରିବା
★ ମାତ୍ରାଧିକ ଦୁଃଖୀହେବା ଓ ମୌନ ରହିବା
★ ଗୋଟିଏ କଥାକୁ ବାରମ୍ବାର ଚିନ୍ତା କରିବା
★ ମନକୁ ମନ ହସିବା କିମ୍ବା ଅଯଥା ଗପିବା
★ ହତାଶ ଅନୁଭବ କରିବା ଓ ମନକୁ ଆତ୍ମହତ୍ୟା ଭାବନା ଆସିବା
★ ଅସ୍ୱାଭାବିକ ଆଚରଣ ଓ ବିଶୃଙ୍ଖଳା ଦେଖାଦେବା

## ମାନସିକ ରୋଗକୁ ପ୍ରତିରୋଧ କରିବାର ଉପାୟ

★ କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା
★ ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା
★ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ଜାରି ରଖିବା
★ ନିୟମିତ ଶାରୀରିକ ପରିଶ୍ରମ ଜାରି ରଖିବା
★ ଉଚ୍ଚତା ଓ ବୟସ ଅନୁପାତରେ ନିଜ ଓଜନକୁ ସନ୍ତୁଳିତ ରଖିବା
★ ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସକୁ ଆପଣାଇବା
★ ଅତ୍ୟଧିକ ମାନସିକ ଚାପରୁ ନିଜକୁ ନିବୃତ୍ତ ରଖିବା
★ ନିୟମିତ ଭାବରେ ଯୋଗାଭ୍ୟାସ ଏବଂ ଧ୍ୟାନ ଜାରି ରଖିବା

10036/13/0001/1819

ଯଦି କୌଣସି ବ୍ୟକ୍ତିଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଯାଏ, ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ ।

**ମାନସିକ ରୋଗ ପ୍ରାଥମିକ ଅବସ୍ଥାରେ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ । ମାନସିକ ରୋଗୀମାନଙ୍କ ପାଇଁ ଔଷଧ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ଅଟେ ।**

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, CENTRAL CIRCLE (R&B) NIRMAN SOUDHA, PHASE-II, 2ND FLOOR, BHUBANESWAR**
Mail ID: seccbbsr@gmail.com

**E-Procurement Tender Call Notice No. 14 of 2018-19**

No. 5054 (Estg.) Bhubaneswar the 11th Oct'2018

**No. 732-B:-** The Superintending Engineer, Central Circle (R&B) Bhubaneswar on behalf of the Governor of Odisha invites percentage rate bids for three No. road works to be received in online bidding, double cover system for construction works as detailed in https://tendersorissa.gov.in. The details of bid documents will be available in the above website from 4.00PM of 25.10.2018 to 5.00PM of 08.11.2018. The bidders must possess compatible Digital Signature Certificate of Class II or III. Bids received online shall be opened at 11.00AM of 09.11.2018 in the Office of the Superintending Engineer, Central Circle (R&B) Bhubaneswar. Further details can be seen from the e-Procurement portal www.tendersorissa.gov.in.

Addendum / Corrigendum, if required, will be available only in the website.

*Sd./- Er. R.K. Sahu*
*Superintending Engineer*
*Central Circle (R&B), Bhubaneswar*

34005/11/0025/1819

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, PADAMPUR**
Phone No-(06683)-223418 (Off.), E-mail:-eemipad@yahoo.co.in
No. 3953 / Date- 01.10.2018

588-A

**E-PROCUREMENT NOTICE**
**BID IDENTIFICATION No: EE, MID, PDP/06/2018-19**

| | |
|---|---|
| Name of work | :- Civil Construction Works |
| No. of works | :- 09 (Nine) Nos. |
| Estimated cost | :- Varies from Approximately Rs. 23.68 lakh to Rs 47.37 lakh for 09 Nos. of works. |
| Tender paper cost | :- Referred to DTCN. |
| Period of completion | :- Referred to DTCN. |
| Availability of bid documents | :- From 26.10.2018 at-10.00 AM to 08.11.2018 upto 5.00 PM in website (www.tendersorissa.gov.in) |
| Period of receipt of bid through online | :- From 26.10.2018 at 10.00 AM to 08.11.2018 upto 5.00 PM through online. |
| Date of opening of bid documents | :- On dt.14.11.2018 At 11.00 AM Onwards. |
| Digital signature certificate of Bidder | :- The bidder must possess compatible digital signature certificate (DSC) of Class-II or Class-III. |
| Name & Address of the OIT | :- Executive Engineer, M.I.Division, Padampur. At- Padampur, PO- Raj bora sambar, Dist:-Bargarh, PIN-768036 |
| Further details can be seen from the E-Procurement market place | :- http://tendersorissa.gov.in |

The detail tender call notice can also be seen in the DOWR website- http://dowrorissa.gov.in.

*Executive Engineer*
*M.I. Division, Padampur*

32037/11/0004/1819



ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ



# ତିତ୍‌ଲି: ମୃତ୍ୟୁ ସଂଖ୍ୟା ୬୧ ଛୁଇଁଲା

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ବାତ୍ୟା ତିତ୍‌ଲି ଓ ଏହାର ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲା ସମେତ ୧୭ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାସ୍ତାଘାଟ, ବିଦ୍ୟୁତ୍, ଚାଷ ଜମି ସବୁ ଉଜୁଡି ଯାଇଛି। ମୃତ୍ୟୁ ସଂଖ୍ୟା ବଢିଥିବା ବେଳେ ବହୁ ଧନସମ୍ପତ୍ତି ଭାସିଯାଇଛି। ଏ ପର୍ଯ୍ୟନ୍ତ ୬୧ ଜଣଙ୍କର ଜୀବନ ହାନି ହୋଇଥିବା ବେଳେ ପ୍ରାୟକ ୨୭ ଶହ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ଶନିବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ବାତ୍ୟା ଓ ବର୍ଷା କ୍ଷୟକ୍ଷତିର ସମୀକ୍ଷା କରିବା ପରେ ଏହି ସୂଚନା ଦେଇଛନ୍ତି । ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, କ୍ଷୟକ୍ଷତି ଭରଣା ପାଇଁ କେନ୍ଦ୍ର ସରକାରଙ୍କୁ ୨୦୧୪ କୋଟି ଟଙ୍କାର ସହାୟତା ମଗାଯାଇଛି। ଆମେ ଏ ନେଇ ଏକ ସ୍ମାରକପତ୍ର ପଠାଇଛୁ। ଟିମ୍ ପଠାଇ କ୍ଷୟକ୍ଷତି ଆକଳନ କରିବେ କିମ୍ବା ଟଙ୍କା ପଠାଇବେ ତାହା କେନ୍ଦ୍ର ଉପରେ ନିର୍ଭର କରେ ବୋଲି ପାଢୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ଏୱାଇ)ରେ ବାସଗୃହ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ପାଖାପାଖି ୫୭ ହଜାର ଘର ଭାଙ୍ଗିଛି। ପ୍ରଭାବିତ ଲୋକଙ୍କୁ ପିଏମ୍ଏୱାଇ, ବିଜୁ ପକ୍କାଘର ଏବଂ ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠି(ଏସ୍‌ଡିଆରଏଫ)ରୁ ସହାୟତା ଯୋଗାଇ ଦିଆଯାଉଛି। ସୋରଡା-ଦାରିଙ୍ଗିବାଡି ରାସ୍ତାକୁ ବାଦ୍ ଦେଲେ କ୍ଷତିଗ୍ରସ୍ତ ସମସ୍ତ ରାସ୍ତା ମରାମତି କାର୍ଯ୍ୟ ଶେଷ ହୋଇଛି। ସହରାଞ୍ଚଳରେ ପିଇବା ପାଣି ଯୋଗାଣକୁ ସ୍ୱାଭାବିକ କରାଯାଇଛି। ସେହିପରି ଗ୍ରାମାଞ୍ଚଳରେ ୬୭୦ରୁ ୫୫୦ ପାନୀୟ ଜଳ ପ୍ରକଳ୍ପରେ ଜଳ ଯୋଗାଣ ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ଅବଶିଷ୍ଟ କାର୍ଯ୍ୟ ଚାଲୁ ରହିଛି। ନଳକୂପଗୁଡିକୁ ବିଶୋଧନ କରାଯାଇଛି। ଗଜପତି ଜିଲାର କେତେକ ସ୍ଥାନକୁ ବାଦ୍ ଦେଲେ ଅନ୍ୟ ସବୁ ଜିଲାରେ ୧୦୦ ପ୍ରତିଶତ ବିଦ୍ୟୁତ୍ ସରବରାହକୁ ପୁନଃ ସ୍ଥାପନ କରାଯାଇଛି। ଶ୍ରମିକମାନେ ଛୁଟିରେ ରହିବାରୁ ଗତ ଦୁଇଦିନ କାର୍ଯ୍ୟରେ ମାନ୍ଦାବସ୍ଥା ଥିଲା। ରିଲିଫ୍ ବାବଦରେ ଏ ପର୍ଯ୍ୟନ୍ତ ୧୧ କୋଟି ଟଙ୍କା ପ୍ରଦାନ କରାଯାଇ ସାରିଲାଣି ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ମଧ୍ୟ ତଦନ୍ତ ବେଳେ ପ୍ରଦାନ କରାଯାଇଛି। ଅନ୍ୟ ପକ୍ଷରେ ଗଜପତି ଜିଲାର ପ୍ରତ୍ୟେକ ପରିବାରକୁ ୫୦ କେଜି ଚାଉଳ ବଣ୍ଟନ କରାଯାଇଛି। ୨.୭ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା।

## ପ୍ରଧାନମନ୍ତ୍ରୀଙ୍କୁ ଚିଠି
## ଅନ୍ତରୀଣ ସହାୟତା ୧ ହଜାର କୋଟି ଦିଅ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ):** ପ୍ରଳୟଙ୍କରୀ ବାତ୍ୟା ଓ ଏହା ପରବର୍ତ୍ତୀ ବର୍ଷାରେ ରାଜ୍ୟର ୧୭ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୫୭,୧୩୧ ବାସଗୃହ ନଷ୍ଟ ହୋଇଥିବା ବେଳେ ୨.୭୩ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି। ଗଞ୍ଜାମ ଓ ଗଜପତି ଜିଲାରେ ବିଦ୍ୟୁତ୍ ଭିତ୍ତିଭୂମି ବ୍ୟାପକ କ୍ଷତି ହୋଇଛି। ଏହାଛଡ଼ା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ରାସ୍ତା ମଧ୍ୟ ନଷ୍ଟ ହୋଇଛି। ଏଗୁଡିକର ତୁରନ୍ତ ମରାମତି ଆବଶ୍ୟକତା ରହିଛି। ପ୍ରାଥମିକ ଆକଳନ କରି କେନ୍ଦ୍ର ସରକାରଙ୍କୁ ୨୭୭୦.୨୮ କୋଟି ଟଙ୍କା ପ୍ରଦାନ କରିବାକୁ ସ୍ମାରକପତ୍ର ଦିଆଯାଇଥିବା ବେଳେ ୨୦୧୪.୦୯ କୋଟି ଟଙ୍କା ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏନ୍‌ଡିଆରଏଫ)ରୁ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅକ୍ଟୋବର ୧୮ ତାରିଖରେ ଚିଠି ଲେଖି ଜଣାଇଛନ୍ତି। ବାତ୍ୟା ଓ ବର୍ଷା ପରବର୍ତ୍ତୀ ପୁନରୁଦ୍ଧାର ଓ ଥଇଥାନ ପାଇଁ ଅନ୍ତରୀଣ ସହାୟତା ବାବଦରେ ତୁରନ୍ତ ୧ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ନଷ୍ଟ ହୋଇଥିବା ୫୭,୧୩୧ ବାସଗୃହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଚିଠି ଜରିଆରେ ଜଣାଇଛନ୍ତି।

## -ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା
# ପୁନରୁଦ୍ଧାର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ

**କ୍ଷତିଗ୍ରସ୍ତ ଅଞ୍ଚଳକୁ ଯିବେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ**

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ):** ବାତ୍ୟା ତିତ୍‌ଲି ଓ ଏହାର ପରବର୍ତ୍ତୀ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଜିଲାଗୁଡିକର ରାସ୍ତାଘାଟ ମରାମତି, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ପୁନଃ ସଂଯୋଗ, କ୍ଷୟକ୍ଷତି ଆକଳନ ଆଦି କାର୍ଯ୍ୟ କେମିତି ଚାଲିଛି ସେସବୁ ତଦାରଖ କରିବାକୁ ୫ ଦିନ ପରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯିବେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱତନ୍ତ୍ର ରିଲିଫ କମିଶନର ଓ ଅନ୍ୟ ସମ୍ପୃକ୍ତ ବିଭାଗୀୟ ସଚିବମାନଙ୍କ ସହିତ ତିତ୍‌ଲି ଓ ଏହାର ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ। ପୂର୍ବ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ପୂର୍ତ୍ତ ବିଭାଗର ସମସ୍ତ ରାସ୍ତା ମରାମତି ହୋଇ ଚଳାଚଳ ଉପଯୋଗୀ ହୋଇଛି। ସେହିପରି ଗ୍ରାମ୍ୟ ଉନ୍ନୟନ ରାସ୍ତା, କେନାଲଗୁଡିକରେ ହୋଇଥିବା ଘାଇ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ପ୍ରାୟ ଶେଷ ହୋଇ ସାରିଛି। ଆସନ୍ତା ୪, ୫ ଦିନ ମଧ୍ୟରେ ଏହି ସବୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ରାୟଗଡା ଜିଲାର ଦୁର୍ଗମ ଅଞ୍ଚଳକୁ ବାଦ୍ ଦେଲେ ଅଧିକାଂଶ କ୍ଷତିଗ୍ରସ୍ତ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ହୋଇପାରିଛି। ଆସନ୍ତା ୪ ଦିନ ମଧ୍ୟରେ ସମସ୍ତ ପଞ୍ଚାୟତକୁ ବିଦ୍ୟୁତ୍ ସଂଯୋଗ ହୋଇଯିବ। ସେହିପରି ରିଲିଫ ବାବଦରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ୧ ହଜାର ଟଙ୍କା ସେମାନଙ୍କ ଆକାଉଣ୍ଟରେ ତୁରନ୍ତ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା।

## ବଦଳୁଛି ଆଶ୍ରୟସ୍ଥଳ ଠିକଣା, ଦ୍ୱନ୍ଦ୍ୱରେ ହବିଷିଆଳି

ପୁରୀ ଅଫିସ, ୨୦।୧୦

ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି କାର୍ତ୍ତିକ ନୀତି। ଆଉ ଦିନେ ଦୁଇଦିନ ମଧ୍ୟରେ ଶ୍ରୀକ୍ଷେତ୍ରରେ ପହଞ୍ଚିବେ ହବିଷିଆଳି। ଗତ ଦୁଇବର୍ଷ ଭଳି ଚଳିତବର୍ଷ ମଧ୍ୟ ରାଜ୍ୟ ସରକାର ହବିଷିଆଳିଙ୍କୁ ମାଗଣାରେ ରହିବା ଲାଗି ବ୍ୟବସ୍ଥା କରିଛନ୍ତି। ଗତବର୍ଷ ଗୁଡ଼ିକରେ ହବିଷିଆଳି ଆଶ୍ରୟସ୍ଥଳ କେଉଁଠି କରାଯିବ ତାହା ବହୁ ପୂର୍ବରୁ ସ୍ଥିର ହେଉଥିବା ବେଳେ ଚଳିତବର୍ଷ ପ୍ରଶାସନ ନିର୍ଣ୍ଣୟ ନେଇପାରୁ ନାହିଁ। ପୂର୍ବରୁ ୩ଟି (ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ମୋଚିସାହି କଲ୍ୟାଣ ମଣ୍ଡପ ଓ ମେଡିକାଲ ନିକଟସ୍ଥ ଯାତ୍ରୀ ନିବାସ) ଜାଗାରେ ଆଶ୍ରୟସ୍ଥଳ ହେବ ବୋଲି ସ୍ଥିର ହୋଇଥିଲା। ଏପରିକି ଜିଲାୱାରି ହବିଷିଆଳିଙ୍କ ରହଣି ତାଲିକା ପ୍ରଶାସନ ଚୂଡ଼ାନ୍ତ କରିଥିଲା। ଶନିବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ବସି ଏଥିରେ ପୁଣି ପରିବର୍ତ୍ତନ କରାଯାଇଛି। ୩ଟି ବଦଳରେ ୪ଟି ଜାଗାରେ ଆଶ୍ରୟସ୍ଥଳ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ପ୍ରାୟ ୨୫୦୦ ହବିଷିଆଳିଙ୍କୁ ମାଗଣାରେ ରଖିବା ଲାଗି ଚୂଡ଼ାନ୍ତ ହୋଇଛି। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ରେଲୱେ ଯାତ୍ରୀନିବାସ, ମୋଚିସାହି ନିକଟ ପୌରସଂସ୍ଥା କଲ୍ୟାଣ ମଣ୍ଡପ ଓ ଜଗନ୍ନାଥ ବଲ୍ଲଭରେ ହବିଷିଆଳିଙ୍କୁ ରଖିବା ଲାଗି ସ୍ଥିର କରାଯାଇଛି। ହେଲେ କେଉଁ ଜିଲାର ହବିଷିଆଳି କେଉଁଠି ରହିବେ ତାହା ଚୂଡ଼ାନ୍ତ ହୋଇନାହିଁ। ଜିଲା ପ୍ରଶାସନର ବାରମ୍ବାର ନିଷ୍ପତ୍ତି ପରିବର୍ତ୍ତନକୁ ନେଇ ହବିଷିଆଳି ବି ଦ୍ୱନ୍ଦ୍ୱରେ ପଡିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ୧୩୯୮ ହବିଷିଆଳି ନାମ ପଞ୍ଜୀକରଣ କରିଛନ୍ତି। ଆସନ୍ତା ୨୨ ତାରିଖ ପଞ୍ଜୀକରଣର ଶେଷ ଦିବସ ରହିଛି।

## ପୋଖରୀରେ ବୁଡି ଦୁଇ ନାବାଳିକା ମୃତ

କେସିଙ୍ଗା,୨୦।୧୦(ଡି.ଏନ.ଏ.)

କେସିଙ୍ଗା ଏନଏସିସ୍ଥିତ ୱାର୍ଡ ନଂ.୧ ନିକଟରେ ଥିବା ଖଲିଆପାଲି ପୋଖରୀରେ ବୁଡ଼ି ଦୁଇ ନାବାଳିକାଙ୍କ ଶନିବାର ମୃତ୍ୟୁ ଘଟିଛି । ମୃତକ ଦୁଇ ଜଣ ହେଲେ ୧ନମ୍ବରସ୍ଥିତ ବଗାଡର ରୋଜି ସାହୁ(୧୫), ନମିତା ସାହୁ(୧୨) । ଦୁହେଁ ସାଙ୍ଗ ହୋଇ ବଗାଡ ନିକଟରେ ଥିବା ଖଲିଆବନ୍ଧକୁ ଗାଧୋଇବାକୁ ଯାଇଥିଲେ । ଦୁହେଁ ପାଣିରେ ପହଁରୁ ଥିବା ସମୟରେ ବୁଡି ଯାଇଥିଲେ। ସେହି ଘାଟରେ ଅନ୍ୟ ସ୍ତ୍ରୀ ଓ ପୁରୁଷ ଲୋକମାନେ ମଧ୍ୟ ଥିଲେ । ହେଲେ ସେମାନେ ଏହି ୨ ନାବାଳିକାଙ୍କୁ ଉଦ୍ଧାର କରି ପାରି ନ ଥିଲେ। ଖବର ପାଇ ସ୍ଥାନୀୟ ଯୁବକମାନଙ୍କ ପୋଖରୀରେ ପଶି ବହୁ ପରିଶ୍ରମ ପରେ ଦୁହିଁଙ୍କୁ ଉଦ୍ଧାର କରିଥିଲେ । ୱାର୍ଡବାସୀଙ୍କ ଉଦ୍ୟମକ୍ରମେ ମୃତଦେହକୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ବ୍ୟବଚ୍ଛେଦ କରାଯାଇଥିଲା । ଏହାପରେ ମୃତଦେହକୁ ଉଭୟେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଉକ୍ତ ଘଟଣାରେ ପରେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଦେଇ ବାପ ବୋଲଣା**
**ଅକାଳେ ସକାଳେ ଉଇଁ ଆସିଥିଲା**
**ଛତା ବେଣ୍ଟ କଲି ଗୋଜଣା ।**

ଯେତେ ଜାନି ଯଉତୁକ ଦେଲେ ମଧ୍ୟ ଝିଅ ଶାଶୁଘରେ ବାପଘର ଲୋକଙ୍କୁ ସେତେ ସମ୍ମାନ ମିଳି ନ ଥାଏ । ନିନ୍ଦା ଅପବାଦ, ଗାଳି ଶୁଣିଲେ ମଧ୍ୟ ଭଲରେ ମନ୍ଦରେ ବେଳ ଅବେଳରେ ଝିଅ ଶାଶୁଘରେ ଦ୍ୱାରସ୍ଥ ହେବାକୁ ପଡ଼ିଥାଏ। ଝିଅ ଯେଉଁ ଘରେ ବିବାହ କରିଥାଏ ସେ ଘର ପରିବାର ପ୍ରତି ବାପଘର ଲୋକେ ସଦା ସମର୍ପିତ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଝାମ୍ପୁରି ମୁଣ୍ଡୀ, ଓଲେଇ ତୁଣ୍ଡି**
**ଏମାନଙ୍କ ହାତେ ନ ଦେବ ହାଣ୍ଡି ।**

ରୋଷେଇ ଏକ ଦାୟିତ୍ୱ ଓ ନିଷ୍ଠାର କାର୍ଯ୍ୟ ହୋଇଥାଏ। ଯେଉଁ ମହିଳା ବା ଗୃହିଣୀ ନିଜ ଶରୀର ପ୍ରତି ଯତ୍ନଶୀଳ ହୋଇ ନ ଥାନ୍ତି, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେଇ ନ ଥାନ୍ତି ତଥା ଲୁଚେଇ ଚୋରେଇ ଖାଦ୍ୟ ଖାଇଥାନ୍ତି ସେପରି ମହିଳାଙ୍କ କାର୍ଯ୍ୟକଳାପ କେବେ ସନ୍ତୋଷଜନକ ହୋଇ ପାରି ନ ଥାଏ। ଏପରିସ୍ଥଳେ ଏଭଳି ମହିଳାଙ୍କୁ ରୋଷେଇ ଭଳି ଗୁରୁଦାୟିତ୍ୱ ଦେବା ଅନୁଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପରଲୋକରେ ପ୍ରଯୋଜକ ଅମିୟ ପଟ୍ଟନାୟକ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)

**ପୁରୀରେ ଶେଷକୃତ୍ୟ ସମ୍ପନ୍ନ**



ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ଅମିୟ ରଞ୍ଜନ ପଟ୍ଟନାୟକଙ୍କର ଶୁକ୍ରବାର ପରଲୋକ ଘଟିଛି। ଦିଲ୍ଲୀସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ସେ ପାନକ୍ରିୟାଜ୍ ସଂକ୍ରମଣରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ବର୍ଗଙ୍କ ସମେତ ବଡ଼ଭାଇ ତଥା ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଶୁକ୍ରବାର ଅମିୟଙ୍କ ମରଶରୀରକୁ ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀରୁ ଭୁବନେଶ୍ୱର ଅଣାଯିବା ପରେ ତାଙ୍କ ବାସଭବନରେ ରଖାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ସେଠାରେ ଶେଷ ଦର୍ଶନ କରିଥିଲେ। ଶନିବାର ଅପରାହ୍ନରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅମିୟଙ୍କ ପୁଅ ତଥା ଚଳଚ୍ଚିତ୍ର ପ୍ରଯୋଜକ ଅନୁପମ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ପୁରୀ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ବ୍ୟକ୍ତିଙ୍କ ସମେତ ଅମିୟଙ୍କ ବଡ଼ଭାଇ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଶ୍ୱରଞ୍ଜନ ପଟ୍ଟନାୟକ, ଦୀପ୍ତିରଞ୍ଜନ ପଟ୍ଟନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ ସ୍ୱର୍ଗଦ୍ୱାରରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଅମିୟ ୧୯୮୫ରେ ପ୍ରଥମେ 'ହାକିମ ବାବୁ' ଚଳଚ୍ଚିତ୍ର ନିର୍ମାଣ କରିଥିଲେ, ଯାହାର ନିର୍ଦ୍ଦେଶନା ଦେଇଥିଲେ ଜଣାଶୁଣା ନିର୍ଦ୍ଦେଶକ ପ୍ରଣବ ଦାସ। ଏହାକୁ ରାଜ୍ୟ ଏବଂ ରାଷ୍ଟ୍ରୀୟ ପୁରସ୍କାର ମଧ୍ୟ ମିଳିଥିଲା। ଏହାପରେ ସେ ପ୍ରଯୋଜନା ସହ ନିର୍ଦ୍ଦେଶନା କ୍ଷେତ୍ରକୁ ଓହ୍ଲାଇଥିଲେ। ୧୯୮୫ରେ 'ମମତା ମାଗେ ମୂଲ' ସିନେମା ନିର୍ମାଣ କରିଥିଲେ। ଏହା ସୁପରହିଟ୍ ହୋଇଥିଲା। ପରେ ସେ 'ପୁଅ ମୋର କଳାଠାକୁର', 'ଚକା ଆଖି ସବୁ ଦେଖୁଛି', 'ଆସୁଛି ମୋ କାଳିଆ ସୁନା' ଭଳି ଚଳଚ୍ଚିତ୍ରର ପ୍ରଯୋଜନା କରିଥିଲେ। ହର ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ 'ଚକାଡୋଳା କରୁଛି ଲୀଳା' ଏବଂ 'ପରଦେଶୀ ବାବୁ' ସିନେମା ନିର୍ମାଣ କରିଥିଲେ। ରାଜା ରାଣୀ, ଚକାଡୋଳା କରୁଛି ଲୀଳା, ବାବୁ ଆଇ ଲଭ୍ ୟୁ ଆଦି ଚଳଚ୍ଚିତ୍ର ଓଡ଼ିଶା ସିନେ ଜଗତରେ ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ ସୃଷ୍ଟି କରିଥିଲା।

ଅମିୟଙ୍କ ପରଲୋକରେ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ଚଳଚ୍ଚିତ୍ର ସବୁ ବର୍ଗର ଲୋକଙ୍କୁ ମନୋରଞ୍ଜନ ଯୋଗାଇଛି। କ୍ୟାମେରା ପଛରେ ତାଙ୍କର ଉପସ୍ଥିତି ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରତ୍ୟେକ ବ୍ୟକ୍ତିଙ୍କର ମନେରହିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଶୋକ ବାର୍ତ୍ତାରେ ପ୍ରକାଶ କରିଛନ୍ତି। ଜଣେ ପରିବାର ସଦସ୍ୟଙ୍କୁ ହରାଇନୁ ବରଂ ଓଡ଼ିଶାର ଜଣେ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ହରାଇଛୁ, ଯିଏ ନିଜ ଜୀବନକୁ ସବୁବେଳେ ଓଡ଼ିଶାର ସଂସ୍କୃତି ଓ ଗର୍ବକୁ ପ୍ରଚାର ପ୍ରସାର ଲାଗି ଉତ୍ସର୍ଗ କରିଛନ୍ତି ବୋଲି ପିସିସି ସଭାପତି ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ସେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ଣ୍ଣର



@ ପ୍ରମୋଦ



@ ପୃଥ୍ୱୀରାଜ



@ ରଘୁବୀର



@ ପ୍ରଭଞ୍ଜନ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

IWS TECH SOLUTIONS PVT LTD REQUIRED
40 candidates for its Domestic/ International BPO sector (Regional language preferred) for Bhubaneswar location, free fooding & good incentives.
**Walk in 20th & 21st Oct. 10 A.M. to 4 P.M.** at: 71/C, Jayadurga Nagar, Bomikhal, BBSR-6 (Near Lenskart Showroom)
Mob: 9692645566

WANTED
2 Room Service Boys for Guest House and 1 Maid for House. Labella Guest House, Bhubaneswar.
9437016540

ଏଚ୍‌ଡିପି ପାଇଁ ଆବଶ୍ୟକ
ଗ୍ରାମୀଣ ବ୍ଲକ୍ ସୁପରଭାଇଜର ଜିଲ୍ଲା ସ୍ତରରେ ଆବେଦନ ଆମନ୍ତ୍ରିତ, 325 ମହିଳା 220 ପୁରୁଷ, ଯୋଗ୍ୟତା ଦ୍ୱାଦଶ ଉତ୍ତୀର୍ଣ୍ଣ, ବେତନ - 29700/- ଫଣ୍ଡ + ବୋନସ। ନିଜର ଆଧାରକାର୍ଡ ଓ ଦ୍ୱାଦଶ ମାର୍କଶିଟ୍, ବାୟୋଡାଟା ପଠାନ୍ତୁ।
WhatsApp No-09598301277

ନିଶୁଳ୍କ ଭର୍ତ୍ତି OASIS ରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS, ASSISTANCE MANAGER - 20 NOS OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OASIS MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 9114237051, 9078415615

MCL Mahanadi Coalfields Limited
(A Subsidiary of Coal India Limited)
Jagruti Vihar, Burla-768020, Dist-Sambalpur, Odisha
Ph.(EPABX):0663-2542461 to 469, Website: www.mahanadicoal.in

REQUIRES SECRETARY-CUM-ADMN. NODAL OFFICER FOR CLAIMS COMMISSION, BHUBANESWAR

Applications with complete bio-data are invited from **intending retired IAS Officers** in the rank of Selection Grade / Super Time Scale having field experience as Collector, ADM in the district conversant with land acquisition, consolidation, tenancy and other related revenue laws for their selection to be engaged as Secretary-cum-Admn. Nodal Officer in the Claims Commission set up by the Hon'ble Supreme Court of India vide order dated 19.07.2010 passed in SLP(C) No. 6933 of 2007 for supervision of matters relating to disbursement of compensation to the land losers and other affected persons of Basundhara Area, Sundargarh and to look after the administrative matter of the Office of the Claims Commission at a **monthly consolidated remuneration of Rs.60,000/- besides conveyance allowance of Rs.12,000/-** within 15 days from the date of advertisement. The engagement will co-terminate with the Commission. Further, the engagement is purely temporary and terminable at any time giving one month prior notice. Interested persons may send their applications to the General Manager (P-Coordination) in the following address within 15 days of publication of this advertisement.

Address
General Manager (P-Coordination)
Mahanadi Coalfields Ltd.
P.O : Jagriti Vihar, Burla
Dist : Sambalpur, Odisha-768 020
R-4852

WANTED
ଧରିତ୍ରୀ DHARITRI Oriya daily is looking for

CIRCULATION EXECUTIVES
- Graduates, having good communication skills. Experience in Sales / recovery in media will be given preference.
- Good working knowledge of Computers (Excel & Word) will be required.

SALES PROMOTERS
- Required Intermediate / Graduate Male Candidates having 1-2 yrs experience in sales. Fresher candidates may also apply.
- Candidates must possess own 2-Wheeler / mobile phone.

Apply immediately to : recruitment@dharitri.com
Attractive salary commensurate with experience


**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।




## BRIDE WANTED

Wanted Khandayat bride for good looking fair groom 1984/5'11", interior designer, company based Job (Kolkata), salary- 42,000/-. Contact: 9337748884, 7892291976. D-63393

Karan boy 1988, 5'6", B.Tech serving Infosys, Bangalore "Sunasansar". 9937512659. D-8991

Gopal boy 1987/ 5'10" MJMC working media sector, BBSR. Required service holder, Caste no bar. Barsha. 9338229705, 7381384339. D-64728

Gopal groom Bank 31+, Doctor 29, Infosys 31. Samadhan- 8594926181. D-65037

Now Matrimonial ads. only on Wednesday & Sunday
Book 1 Get 1 FREE

## GROOM WANTED

Beautiful Karan girl 1988 B.Sc, MBA required suitable match. 8908955060. D-64728

Divorcee Brahmin bride Teacher 32, Clerk 38 (caste-no-bar). Contact: 7873374269. D-65033

Divorcee bride Bank 35, Engineer 29, Clerk 31, Samadhan. 8594926181. D-65036

Newly open herbal full body massage with refreshment well trained therapist. 7381239385. D-64621

Herbal full body massage by smart/ expert therapist. Contact: 8338067247. D-65114

All type of full body massage by expert therapist. 7609005923. D-65115

Singar massage club fully relaxed by expert lady also home service available. Contact: 9937637219. D-8941

Experience full body massage with us by expert enquiry. 7377048581. D-65116

Newly opening ayurvedic body massage smart therapist, Shree herbal. 7750020754. D-65117

Ayurvedic herbal body massage by smart expert therapist. 9040900385, 9778137131. D-64622

Physiotherapy and herbal massage by trained ladies/ gents therapist. 9938811534. D-65034

Saishree ayurvedic full body massage ladies & gents. Contact: 7438896074. D-64623

Ayurvedic full body massage ladies / gents smart experts therapist. 9114697517. D-64624

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ଆଦ୍ୱିକ୍ ରାଉତ**

ଟରଣ୍ଟୋ (କାନାଡା)

ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ । ତୋତେ ଦୀର୍ଘାୟୁ କରନ୍ତୁ ।

ଶୁଭେଚ୍ଛା ସହ : ଜେଜେ ମା, ଅଜା, ଆଈ, ବଡବାପା, ବଡମା, ବାପା, ମା, ଦାଦା, ଖୁଡ଼ୀ, ମାମୁଁ ଓ ପରିବାରବର୍ଗ ଧ-୮୯୯୪

## 1st Birthday Wish



**M. Shivanya**

Santoshi Vihar, Bhubaneswar

ଆଜିର ଏହି ପ୍ରଥମ ଶୁଭ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ସେ ତୁମର ଚଲାପଥ କୁସୁମିତ କରିବା ସହ ତୁମକୁ ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ । ଶୁଭେଚ୍ଛା ସହ: ବାପା– ମନଜିତ୍ ସାହୁ, ମା– ମାନସୀ ମିଶ୍ର । ଧ-୮୯୯୬




## SALE

SUV for sell: Model, 2015 August, diesel from Saangyong Rexton Rx6 manual transmission, black colour 43500km driven. Insurance valid upto August 2019, NOC is available. Features- all alloy wheel including spare, special provision for 4wheel drive, leather ire seats for all 7seats, Panasonic roof screen, rain sensing wiper, automatic headlight. ABS, EBS, hill descent, Engine 2700cc CDRI engine, 163bhp 350Nm torque 210 topspeed. Contact: 7377771414. D-65032

Two LPT 407 in good condition for sale. Contact: 9040551000. D-60925

Maruti Swift ZDI, VDI, Pajero, A-star, Automatic, Skoda Octavia, Captiva, Passat. 7381091234, 9861194627. D-64344

Indigo cs model-2008 Dec. Diesel, private white. Contact- 9437286768 price- 1,20,000/-. D-8979

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Gharabari Individual plots Pahal (2000X3), Satya Vihar, 18 Guntha commercial plot at NH-203, ready for possession flats, duplex at Bomikhal, Patia for immediate sale. Details: 9937850303.(ବିଶ୍ବ) D-8911

Two BHK flat near Ravi talkies market area, Puri-Road, Bhubaneswar. 7873492433. D-63857

A luxurious 3BHK flat at Tata Ariana BBSR for sale. Contact: 9337413323, 9437313522. D-64903

3000 sqft. yellowzone plot near GITA Infosys-2 roadside Bhubaneswar. 9438400633. D-64350

Morningsun Residency simplex near Hanspal-28,00,000/- (Handover within 1month) 8908015464, 9853347909. D-64349

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64707

ଭୁବନେଶ୍ୱର Sum Hospital IIIT, Nalco ନିକଟ କାଟେଣାରେ yellowzone gharabari 30' road plot 499/-. 9178388976. D-64727

2100 sft. gharabari residential plot immediate sale Hanspal on NH-5, Bhubaneswar. Contact Deepak: 9937329999. D-64523

Just pay 1,000,00 book a studio 1BHK, 2BHK flats at Puri. 9583879744. D-8968

Behind Sahid Nagar Police Station SC plot 1500/- sqft. 9438389968. 60,00,000/-. D-8978




Rent 6000/- for 2BHK at Sarbodaya Nagar, Puri (near bus stand & Railway Station). 9338401309, 9853916309. D-62131

2BHK, dining, drawing independent house in Bajrangvihar, Patia, Bhubaneswar. Contact: 9866123690. D-65101

1000 sqft. full furnished office with AC, tables, chairs, fans, Aquaguard on Cuttack- Puri road: 9437001960. D-65030

Furnished 3BHK flat near Convent Big Bazar, Satya Nagar. 9778431330. D-61025

3BHK marbled flat at Unit-8 Soubhagya Nagar main road. Contact: 9000004523. D-64904

2BHK first floor 8000/- near KIIT University, BBSR. Family service holder. 9658197163. D-61027

1BHK+ 1small room, parking verandah, backyard, @B4, Krishna Garden 1, Barabari, Bhubaneswar contact: 9438014968, 8658972393, only for family. D-8987




All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

## ଜନ୍ମଦିନ ଶୁଭେଚ୍ଛା



**ଜିତୁ ବେହେରା**

ଆଜି ତମର ଜନ୍ମଦିନରେ ଭଗବାନଙ୍କ ନିକଟରେ ପ୍ରାର୍ଥନା ତମ ଚଲାପଥ କୁସୁମିତ ହେଉ । କର୍ପୋରେଟର– ପ୍ରେମାନନ୍ଦ ଜେନା, ରଶ୍ମି ଜେନା, ମାମୁନି, ବାପି । ଧ-୮୯୯୩

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।




## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

Required 50 acres to 200 acres of agriculture land in Odisha. Genuine sellers may contact: 9099022600. D-64200

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି । 9437114429, 9938214443. D-64342

ଭୁବନେଶ୍ୱରରେ ଘରବାରି ପ୍ଲଟ୍ ବର୍ଗଫୁଟ 450/-, 599/- Bank Finance ଘର କିଣନ୍ତୁ । 9556899700. D-8898




Shivam logistic packers movers. Household/ car relocation countrywide. 9777044177, 9338461133. D-8849




Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967

## GENERAL

## PURCHASE

ଟେଣ୍ଟହାଉସ ଜିନିଷ କିଣିବାକୁ ଆମେ ଚାହୁଁଛୁ ଯଥା ଟେବୁଲ୍ ଚେୟାର ବାସନ । 6371005354. D-63858




Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

# CLASSIFIED BOOKING STATIONS

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**EUREKA ADVERTISER**
N-6/259, IRC Village,Nayapalli, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**TAMANNA COMMUNICATION**
Plot-2132/ 4177(B), Vivekananda Marg, BBSR-2, Babina/ Dudu Mohanty, Mob- 9438092141, 9937073667

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674- 2726335, 9337013246

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda
Nilamadhab Sahoo, Mob: 9439897622, 9777927622

**BEEZY'S & ADD**
Balakati, Khurda, Giridhari Lal Saranga, Mob : 9438302811

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**PANCHAMUKHI ADVERTISERS**
Baramunda, Jagannath Vihar, Lane no-4, Road No-2, BBSR. Mr. Prasanta Kumar Nayak, Mob: 9438689186.

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**CUTTACK**

**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**WELCOME**
Buxi Bazar, Cuttack, Pratap Kumar Sahoo, Mob : 986134039

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437225941, 9861451995

**BERHAMPUR**

**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**BS COMMUNICATION**
Malipada Fatak, Sambalpur, Contact : Nabin Kumar Dash, Mob: 9776813356

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Jheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839




**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ରାଇଚରଣ ମହାନ୍ତି**
ଆବିର୍ଭାବ: ୨୭।୧୨।୧୯୨୯
ଚମ୍ପାମଡ଼ାଇ, ଦେବୀଦ୍ୱାର, ଯାଜପୁର
ତିରୋଧାନ: ୧୧।୧୦।୨୦୧୮
କୋରୁକୋଣ୍ଡା, ମାଲକାନଗିରି

ଅତି ସାଧାରଣ, ପ୍ରେମୀ, ସ୍ନେହୀ, କର୍ତ୍ତବ୍ୟନିଷ୍ଠ, ଭଗବତ ପ୍ରେମୀ, ପରୋପକାରୀ ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବେ । ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଗତ ୧୧ ତାରିଖରେ ସ୍ୱର୍ଗବାସୀ ହେଲେ । ସେହି ଅମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ । ଶୋକସନ୍ତପ୍ତ: ସ୍ତ୍ରୀ– ପଦ୍ମାବତୀ ମହାନ୍ତି, ପୁତ୍ର ଓ କନ୍ୟାଗଣ– ଟୁଟୁ, ବୁଟୁ, ବୁନୁ, ଗୋପନ, ଗୋବିନ୍ଦ, ଗୌରାଙ୍ଗ, ଗୋକୁଳ, ଗୌତମ, ପୁପୁନୁ, ବୁବୁନୁ, ବୀଣାପାଣି, ବିନୋଦିନୀ, କମଳିନୀ, ଜ୍ୱାଇଁ, ନାତି, ନାତୁଣୀ, ଭଣଜା, ଭାଣିଜୀ, ବନ୍ଧୁ ଓ ପରିବାରବର୍ଗ । ଧ-୮୯୯୦

**ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା କୁମୁଦିନୀ ସୁବୁଦ୍ଧି**
(ଜେମା)
ତମାଣ୍ଡୋ, ଭୁବନେଶ୍ୱର
ତିରୋଧାନ: ବିଜୟା ଏକାଦଶୀ

ଆଜିର ଏହି ପୁଣ୍ୟତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ନିମନ୍ତେ ପରମ କାରୁଣିକ ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ । ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ସୁବୁଦ୍ଧି ପରିବାରବର୍ଗ । ଧ-୬୦୯୨୬

**ଚତୁର୍ଥ ବାର୍ଷିକୀ ଶ୍ରାଦ୍ଧୋତ୍ସବ**



**ସ୍ୱର୍ଗତ ଆଦିତ୍ୟ ପ୍ରସାଦ ସେନାପତି**
(ପପୁ)
ଯେମାଦେଇ, ଖୋର୍ଦ୍ଧା
ଜନ୍ମ: ୦୪।୦୭।୧୯୮୩
ମୃତ୍ୟୁ: ୦୩।୧୦।୨୦୧୪

ଭୁଲିପାରୁ ନାହୁଁ ତୋତେ । ତୋତେ ଝୁରି ହେଉଛନ୍ତି । ବାପା, ବୋଉ, ଭଉଣୀ, ଭିଣୋଇ, ଭାଣିଜୀ, ଭଣଜାମାନେ ଏବଂ ପୁଅ– ସତ୍ୟବ୍ରତ, ସ୍ତ୍ରୀ– ଲିପି ଓ ପରିବାରବର୍ଗ ସମସ୍ତେ । ଧ-୮୯୮୯

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଭାସ୍କର ମହାନ୍ତି**
ଜନ୍ମ: ୧୫।୦୬।୧୯୩୧
ତିରୋଧାନ: ୧୧।୧୦।୨୦୧୮

ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ମହାନ୍ତି ପରିବାର ଓ ସମ୍ପର୍କୀୟ ମହାନ୍ତି ଟ୍ରେଡର୍ସ, ଚରମ୍ପା, ଭଦ୍ରକ । ଧ-୮୯୯୫

## ସଂକ୍ଷେପରେ

### ତେଲ ଦର ପୁଣି କମିଲା

**ନୂଆଦିଲ୍ଲୀ, ୨୦-୧୦:** ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମିବା ଯୋଗୁ ଶନିବାର ଦେଶରେ ପେଟ୍ରୋଲ ଓ ଡିଜେଲ ଦର ପୁନର୍ବାର କମିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୧.୯୯ ଟଙ୍କା ରହିଛି, ଯାହାକି ଶୁକ୍ରବାର ଦର ଠାରୁ ୩୯ ପଇସା କମ୍। ସେହିପରି ଡିଜେଲ ଦର ୧୨ ପଇସା ହ୍ରାସ ପାଇ ଲିଟର ପିଛା ୭୫.୩୬ଟଙ୍କାରେ ବିକ୍ରି ହେଉଛି। ସେହିପରି ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୮୭.୪୬ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୯ଟଙ୍କାରେ ମିଳୁଛି। ସରକାର ଚଳିତ ମାସ ୫ରେ ତେଲ ଦର ଅଢ଼େଇ ଟଙ୍କା ହ୍ରାସ ଘୋଷଣା କରିଥିଲେ। କିନ୍ତୁ ସେବେଠାରୁ ଆଜି ପର୍ଯ୍ୟନ୍ତ ଡିଜେଲ ଦର ଲିଟର ୨.୭୪ଟଙ୍କା ବଢ଼ିସାରିଲାଣି। ଏହି ସମୟ ମଧ୍ୟରେ ପେଟ୍ରୋଲ ଦର ଲିଟର୧.୩୩ଟଙ୍କା ବଢ଼ିଛି।

### ବର୍ଷକ ମଧ୍ୟରେ ୭୩୦୦ ବିତ୍ତଶାଳୀ ସୃଷ୍ଟି

**ନୂଆଦିଲ୍ଲୀ, ୨୦-୧୦:** ଦେଶରେ ଧନୀ-ଗରିବଙ୍କ ମଧ୍ୟରେ ଅସମାନତା ବୃଦ୍ଧି ପାଉଥିବା ନେଇ ବିଶେଷଜ୍ଞମାନେ ଚିନ୍ତାବ୍ୟକ୍ତ କରୁଛନ୍ତି। ଅଥଚ କ୍ରେଡିଟ ସୁଇସ୍ର ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ମଧ୍ୟଭାଗ ସୁଦ୍ଧା ବର୍ଷକ ମଧ୍ୟରେ ଦେଶରେ ୭୩୦୦ ବିତ୍ତଶାଳୀ ସୃଷ୍ଟି ହୋଇଛନ୍ତି। ଫଳରେ ଦେଶରେ ଏବେ ମୋଟ୍ ସେମାନଙ୍କ ସଂଖ୍ୟା ୩,୪୩,୦୦୦ରେ ପହଞ୍ଚିଛି। ରିପୋର୍ଟରେ କୁହାଯାଇଛି ଯେ, ସେମାନଙ୍କ ନିକଟରେ ମୋଟ୍ ପ୍ରାୟ ୬ ଲକ୍ଷ କୋଟି ଡଲାର ସମ୍ପତ୍ତି ରହିଛି। ଆଲୋଚ୍ୟ ବର୍ଷରେ ଦେଶରେ ମହିଳା ଧନୀଙ୍କ ସଂଖ୍ୟା ୧୮.୬% ହାରରେ ବଢ଼ିଛି। ବିତ୍ତଶାଳୀଙ୍କ ମଧ୍ୟରେ ୩୪୦୦ଜଣଙ୍କର ସମ୍ପତ୍ତିର ପରିମାଣ ପ୍ରାୟ ୫୦ ମିଲିୟନ ଡଲାର ରହିଥିବା ବେଳେ ୧୫୦୦ ଜଣଙ୍କ ନିକଟରେ ପ୍ରାୟ ୧୦୦ ମିଲିୟନ ଡଲାରରୁ ଊର୍ଦ୍ଧ୍ୱ ସମ୍ପତ୍ତି ରହିଛି। ୨୦୨୩ ସୁଦ୍ଧା ଦେଶରେ ଧନୀ-ଗରିବଙ୍କ ମଧ୍ୟରେ ବ୍ୟବଧାନ ୫୩%କୁ ବୃଦ୍ଧି ପାଇବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

### ବାଙ୍ଗାଲୋରରେ ପ୍ରଥମ ବିଟ୍‌କଏନ ଏଟିଏମ୍

**ନୂଆଦିଲ୍ଲୀ, ୨୦-୧୦:** ସମସ୍ତ ପ୍ରକାର ଭର୍ଚୁଆଲ କରେନ୍ସି ବା ଇଲେକ୍ଟ୍ରୋନିକ ମୁଦ୍ରା କାରବାରକୁ ରିଜର୍ଭ ବ୍ୟାଙ୍କ ବ୍ୟାନ୍ କରିଥିବା ବେଳେ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ୟୁନୋକଏନ ପକ୍ଷରୁ ବେଙ୍ଗାଲୁରୁରେ ଦେଶର ପ୍ରଥମ ବିଟ୍‌କଏନ ଏଟିଏମ୍ ପ୍ରତିଷ୍ଠା କରାଯାଇଛି। ବିଶ୍ୱର ଅନେକ ଦେଶରେ ଏଭଳି ବ୍ୟବସ୍ଥା ଏବେ ପ୍ରଚଳିତ। ଏହି ଏଟିଏମ୍ ଜରିଆରେ ୟୁନୋକଏନ ଗ୍ରାହକ ବିଟ୍‌କଏନ କିଣାବିକା କରିପାରିବେ। ତେବେ ନଗଦ ଅର୍ଥରେ ଏହା ସମ୍ଭବ ହେବ। ରିଜର୍ଭ ବ୍ୟାଙ୍କର ବ୍ୟାନ୍ ପରେ ଏକ୍ସଚେଞ୍ଜ ପକ୍ଷରୁ ଏହି କିଓସ୍କ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ୟୁନୋକଏନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଦିଲ୍ଲୀ ଓ ମୁମ୍ବାଇରେ ଏଭଳି କିଓସ୍କ ଖୋଲାଯିବ ବୋଲି ଏକ୍ସଚେଞ୍ଜ କହିଛି। ତେବେ ଏଠାରେ କେବଳ ନଗଦ କାରବାର ହେବ। ଏଥିପାଇଁ କୌଣସି ଡେବିଟ୍ ଅଥବା କ୍ରେଡିଟ୍ କାର୍ଡ ଗ୍ରହଣ କରାଯିବ ନାହିଁ। ୧୦୦୦ ଅଥବା ୫୦୦ ଟଙ୍କାର ଗୁଣିତକରେ ସର୍ବନିମ୍ନ ଜମା ଅଥବା ଉଠାଣ କରାଯାଇପାରିବ ବୋଲି ୟୁନୋକଏନ ପକ୍ଷରୁ କୁହାଯାଇଛି।

---



“ଗଙ୍ଗାରେ ମିଥାନଲ୍ ଦ୍ୱାରା ପରିଚାଳିତ ୱାଟରକ୍ରାଫ୍ଟ ଚଳାଇବା ଲାଗି ରୁଷିଆ ସହ ଆଲୋଚନା ହୋଇଛି।

– ନୀତିନ ଗଡକରୀ, କେନ୍ଦ୍ର ନୌପରିବହନ ମନ୍ତ୍ରୀ



“ଅତିଧନୀ କ୍ଲାଏଣ୍ଟଙ୍କ ବ୍ୟାଙ୍କିଙ୍ଗ ଆବଶ୍ୟକତାକୁ ଧ୍ୟାନରେ ରଖି ସ୍ୱତନ୍ତ୍ର ସେବା ‘ୱେଲଥ୍ ହବ’ର ଶୁଭାରମ୍ଭ କରାଯାଇଛି।

–ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ

---

### ପେମେଣ୍ଟସ ରେଗୁଲେଟୋରି ବୋର୍ଡ ଗଠନ

# କେନ୍ଦ୍ରକୁ ଖୋଲାଖୋଲି ବିରୋଧକଲା ରିଜର୍ଭ ବ୍ୟାଙ୍କ

**ମୁମ୍ବାଇ/ନୂଆଦିଲ୍ଲୀ,୨୦-୧୦**

- ନିଜ ନିୟନ୍ତ୍ରଣରେ ରଖିବାକୁ ଆର୍‌ବିଆଇର ଯୁକ୍ତି
- ୱେବସାଇଟ୍‌ରେ ଡିସେଣ୍ଟ ନୋଟ୍ ସାର୍ବଜନୀନ
- ଗଭର୍ନରଙ୍କ ଅଧୀନରେ ବୋର୍ଡ ଗଠନ ପ୍ରସ୍ତାବ




କେନ୍ଦ୍ର ସରକାର ଦେୟ ପ୍ରଦାନ ଏବଂ ସମାଧାନ ବ୍ୟବସ୍ଥା ଆଇନ ୨୦୦୭ରେ ସଂଶୋଧନ ଆଣିବାକୁ ଚାହୁଁଛନ୍ତି। ଏଥିପାଇଁ ସୁପାରିସ କରିବାକୁ ଆର୍ଥିକ ବ୍ୟାପାର ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ଆର୍‌ବିଆଇର ଏକଜିକ୍ୟୁଟିଭ ଡାଇରେକ୍ଟର ଗଣେଶ କୁମାର ସଦସ୍ୟ ରହିଥିଲେ। ଦେୟ ପ୍ରଦାନ ବ୍ୟବସ୍ଥାକୁ ନିୟନ୍ତ୍ରଣ ପାଇଁ ଏକ ସ୍ୱତନ୍ତ୍ର ପେମେଣ୍ଟସ ରେଗୁଲେଟୋରି ବୋର୍ଡ ଗଠନ କରିବାକୁ ଏହି କମିଟି ସରକାରଙ୍କୁ ସୁପାରିସ କରିଥିଲେ। କିନ୍ତୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପ୍ରଥମଥର ନିୟମର ବିରୁଦ୍ଧାଚରଣ କରି ଏହି ସୁପାରିସ୍‌କୁ ଖୋଲାଖୋଲି ବିରୋଧ କରିଛି ଏବଂ ନିଜର ଅସହମତି ନୋଟ୍(ଡିସେଣ୍ଟ ନୋଟ୍)କୁ ସାର୍ବଜନୀନ କରିଛି। ଏଥିଯୋଗୁ ସରକାର ଅଡୁଆରେ ପଡିଯାଇଛନ୍ତି। ପେମେଣ୍ଟସ ରେଗୁଲେଟୋରି ବୋର୍ଡର ନିୟନ୍ତ୍ରଣ ଆର୍‌ବିଆଇ ନିକଟରେ ରହିବା ଉଚିତ ବୋଲି ନୋଟ୍‌ରେ ଦର୍ଶାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ପ୍ରସ୍ତାବିତ ବୋର୍ଡରେ ତିନି ଜଣ ଲେଖାଏ ସଦସ୍ୟଙ୍କୁ ଉଭୟ ଆର୍‌ବିଆଇ ଏବଂ କେନ୍ଦ୍ର ସରକାର ଚୟନ କରିବେ ଏବଂ ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କ ନିକଟରେ ଏହାର ଅଧିକାର ରହିବା ଆବଶ୍ୟକ। ଏହାଦ୍ୱାରା ବୋର୍ଡ ପରିଚାଳନା ସୁରୁଖୁରୁରେ ହୋଇପାରିବ ବୋଲି ନୋଟ୍‌ରେ ଉଲ୍ଲେଖ କରାଯାଇଛି। ଅର୍ଥମନ୍ତ୍ରୀ ଘୋଷଣା କରିଥିବା ଆର୍ଥିକ ବିଲ୍ ଅନୁଯାୟୀ ବୋର୍ଡ ଗଠନ କରାଯାଉ ନାହିଁ ବୋଲି ଏଥିରେ ଦର୍ଶାଯାଇଛି। କମିଟି ପକ୍ଷରୁ ସୁପାରିସରେ କୁହାଯାଇଥିଲା ଯେ, ଆର୍‌ବିଆଇର ପରାମର୍ଶକ୍ରମେ କେନ୍ଦ୍ର ସରକାର ବୋର୍ଡର ଅଧ୍ୟକ୍ଷଙ୍କୁ ନିଯୁକ୍ତ କରିବେ। ତେବେ କେନ୍ଦ୍ରୀୟ ବ୍ୟାଙ୍କ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇ କହିଛି ଯେ, ବୋର୍ଡର ନିୟନ୍ତ୍ରଣ କ୍ଷମତା ଗଭର୍ନରଙ୍କ ନିକଟରେ ରହିବା ଆବଶ୍ୟକ। ପ୍ରସ୍ତାବିତ ଆର୍ଥିକ ବିଲ୍‌ରେ ଗଭର୍ନରଙ୍କୁ ହିଁ ବୋର୍ଡର ଅଧ୍ୟକ୍ଷ ଭାବେ ରଖାଯାଇଥିଲା। ନୋଟ୍‌ରେ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କର ନିୟନ୍ତ୍ରଣ ବାହାରେ ଦେୟ ବ୍ୟବସ୍ଥା ପାଇଁ ଅନ୍ୟ ଏକ ନିୟନ୍ତ୍ରକ ରହିପାରିବେ ନାହିଁ। ରିଜର୍ଭ ବ୍ୟାଙ୍କର ଯୁକ୍ତିକୁ ସୁପାରିସ୍‌ରେ ଯଥାଯଥ ସ୍ଥାନ ଦିଆଯାଇନି ବୋଲି ଅଭିଯୋଗ କରାଯାଇଛି। ଉକ୍ତ କମିଟି ଗତ ସେପ୍ଟେମ୍ବରରେ ତାଙ୍କ ରିପୋର୍ଟ ଅର୍ଥ ମନ୍ତ୍ରଣାଳୟକୁ ପ୍ରଦାନ କରିଥିଲେ। ଏହାପରଠାରୁ ଲୋକଙ୍କ ଠାରୁ ମତାମତ ସଂଗ୍ରହ ଲାଗି ସରକାର ଏହାକୁ ସାର୍ବଜନୀନ କରିଥିଲେ। ଅନ୍ୟପକ୍ଷରେ ଆର୍‌ବିଆଇର ଡିସେଣ୍ଟ ନୋଟ୍‌କୁ ମଧ୍ୟ ଏଥିରେ ଦର୍ଶାଯାଇଥିଲା। କିନ୍ତୁ ଆର୍‌ବିଆଇ ସ୍ୱତନ୍ତ୍ର ଭାବେ ନିଜ ୱେବସାଇଟ୍‌ରେ ଏହି ଡିସେଣ୍ଟ ନୋଟ୍‌କୁ ଦର୍ଶାଇଛି। ବର୍ତ୍ତମାନ ପ୍ରଚଳିତ ଆଇନରେ ସଂଶୋଧନ ଦ୍ୱାରା ଲକ୍ଷ୍ୟ ପୂରଣ ସମ୍ଭବ ଥିବା ବେଳେ ଆଉ ଏକ ବିଲ୍ ଆଣିବା ନେଇ ଆର୍‌ବିଆଇ ପ୍ରଶ୍ନ ଉଠାଇଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ପେମେଣ୍ଟସ ସିଷ୍ଟମ ଦେଶର ମୁଦ୍ରା ବ୍ୟବସ୍ଥାର ଏକ ସହାୟକ ଅଙ୍ଗ ହୋଇଥିବାରୁ ଏହାର ନିୟନ୍ତ୍ରଣ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା କରାଯିବା ଉଚିତ। କାର୍ଡ ଭଳି ଦେୟ ପ୍ରଣାଳୀ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ କହିଛି ଯେ, ବିଶ୍ୱସ୍ତରରେ ବ୍ୟାଙ୍କ ଦ୍ୱାରା କାର୍ଡ ଜାରି କରାଯାଇଥାଏ। ଏଥିରେ ଏକାଧିକ ନିୟନ୍ତ୍ରକ ବ୍ୟବସ୍ଥା ଗ୍ରହଣୀୟ ନୁହେଁ। ବ୍ୟାଙ୍କିଙ୍ଗ ପ୍ରଣାଳୀ ଏବଂ ଦେୟ ପ୍ରଦାନ ପ୍ରଣାଳୀ ସମାନ ନିୟାମକ ଦ୍ୱାରା ନିୟନ୍ତ୍ରିତ ହେଲେ ଅଧିକ ତାଳମେଳ ରହିପାରିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଯୁକ୍ତି ଦର୍ଶାଇଛି।




## ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆ ପକ୍ଷରୁ ମହା ଜଏ ଲକି ଡ୍ର

**ଭୁବନେଶ୍ୱର,୨୦-୧୦**

ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ୱିଂସ ଅଫ୍ ଜଏ ଅଫର ଅନ୍ତର୍ଗତ ମହା ଜଏ ଲକି ଡ୍ର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଦୁଇ ଜଣ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଲକ୍ଷ୍ନୌର ପ୍ରେମ କୁମାର ଶ୍ରୀବାସ୍ତବ ଏବଂ ଗୁଜରାଟର ସବିବ ଅସଲାମ୍ ଶେଖ୍ ହୋଣ୍ଡା ବ୍ରିଓ କାର ଜିତିବାର ସୁଯୋଗ ଲାଭ କରିଛନ୍ତି। ଏହି ଅଫର ଅନ୍ତର୍ଗତ କମ୍ପାନୀ ୨୦,୦୦୦ରୁ ଅଧିକ ପୁରସ୍କାର ପ୍ରଦାନ କରିବ। ଅଫର ସମୟ ମଧ୍ୟରେ ଗ୍ରାହକମାନେ ଏଲଜି ଏଲଇଡି ଟିଭି, ସାମସଙ୍ଗ ସ୍ମାର୍ଟଫୋନ୍, ଆମେରିକାନ ଟୁରିଷ୍ଟର ଟ୍ରଲି ବ୍ୟାଗ୍ , ସୋନି ଇୟରଫୋନ ଭଳି ବିଭିନ୍ନ ପୁରସ୍କାର ଲାଭ କରିପାରିବେ। କମ୍ପାନୀର ନିଶ୍ଚିତ ଗିଫ୍ଟ ବାଦ୍ ଗ୍ରାହକ ମହାଜଏ ରିୱାର୍ଡ, ବମ୍ପର ଜଏ ରିୱାର୍ଡର ବିଜେତା ହେବାର ସୁଯୋଗ ରହିଛି। ଏଥିରେ ହୋଣ୍ଡା ଆମେଜ୍ କାର ଗ୍ରାହକ ଲାଭ କରିପାରିବେ।

## ବଜାରରେ ଅନର ୮ ଏକ୍ସ

**ନୂଆଦିଲ୍ଲୀ,୨୦-୧୦**




ହାୱାଇର ସବ୍ ବ୍ରାଣ୍ଡ ଅନର ପକ୍ଷରୁ ବଜାରକୁ ଆସିଛି ନୂଆ ୮ ଏକ୍ସ। ଏକ୍ସ ସିରିଜ୍ ପୋର୍ଟଫୋଲିଓରେ କମ୍ପାନୀ ଏହି ନୂଆ ମଡେଲକୁ ବଜାରକୁ ଛାଡିଛି। ଏଥିରେ ଅକ୍ଟାକୋର କିରିନ୍ ୭୧୦ କ୍ଷମତା ରହିଛି। ଏହା ସହ ୧୬.୫୧ ସେମିର ଫୁଲଭିୟୁ ନୋଚ୍ ଡିସ୍ପଲେ ,୨.୫ଡି ଡବଲ୍ ଟେକ୍ସର ଅରୋରା ଗ୍ଲାସ ବଡି, ଗ୍ରେଟିଂ ଇଫେକ୍ଟ ରହିଛି। ୬ଜିବି ସହ ୧୨୮ ଭାରିଆଣ୍ଟର ବଜାର ଦର ୧୮,୯୯୯ ଟଙ୍କା ରହିଛି। ଏହା ରେଡ୍,ବ୍ଲୁ ଏବଂ ବ୍ଲାକ୍ ରଙ୍ଗରେ ଉପଲବ୍ଧ । ଗ୍ରାହକଙ୍କୁ ଅତୁଳନୀୟ ସ୍ମାର୍ଟଫୋନ ଅଭିଜ୍ଞତା, ଉନ୍ନତ ଟେକ୍ନୋଲୋଜି, ଡିଜାଇନ ଏବଂ ଭାଲ୍ୟୁ ପ୍ରଦାନ ଦିଗରେ ଉଦ୍ୟମ ଜାରି ରହିଥିବା ହାୱାଇ ଇଣ୍ଡିଆ କଞ୍ଜ୍ୟୁମର ବିଜ୍‌ନେସ ଗ୍ରୁପ ଉପସଭାପତି ପି.ସଞ୍ଜୀବ ସୂଚନା ଦେଇଛନ୍ତି।

## ଉନ୍ନତ ଓନରଶିପ୍ ଅଭିଜ୍ଞତା ଦେଉଛି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା

**ଭୁବନେଶ୍ୱର,୨୦-୧୦**

Mahindra Rise.

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ଲିଜିଂ ଫର୍ ରିଟେଲ ବାୟର୍ ସମ୍ପର୍କରେ ଘୋଷଣା କରିଛି। ଏହା ଦ୍ୱାରା ଗ୍ରାହକଙ୍କୁ ଏକ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ କମ୍ପାନୀ କାର୍ଯ୍ୟକରୁଥିବା ପ୍ରକାଶ କରିଛି। ଏହି ସୁବିଧା ପର୍ସନାଲ ରେଞ୍ଜ୍ ଯାନ ଉପରେ ଉପଲବ୍ଧ ହେଉଛି। ସୁଲଭ ତଥା ସହଜରେ ଓନରଶିପ୍ ଅଭିଜ୍ଞତା ପ୍ରଦାନ କ୍ରୟ ବିକଳ୍ପକୁ ବୃଦ୍ଧି କରିବା ଦିଗରେ କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। କମ୍ପାନୀ କେୟୁଭି ୧୦୦ ଏନ୍‌ଏକ୍ସଟି ଏବଂ ଏକ୍ସୟୁଭି ୫୦୦ ଉପରେ ମାସିକ ଯଥାକ୍ରମେ ୧୩,୪୯୯ ଟଙ୍କା ଓ ୩୨,୯୯୯ ଟଙ୍କାର ଲିଜ୍ ରେଣ୍ଟାଲ ସୁବିଧା ପ୍ରଦାନ କରୁଛି। ଲିଜ୍ ବେନିଫିଟ ମଧ୍ୟରେ ମୋଟ୍ ସୁବିଧା,ଡାଉନପେମେଣ୍ଟ କ୍ଷେତ୍ରରେ ସୁବିଧା, ଜିରୋ ରିସ୍କ ଭଳି ଅନ୍ୟ କେତେକ ସୁବିଧା ପ୍ରଦାନ କରୁଛି। ଓନର୍‌ଶିପ ଅଭିଜ୍ଞତାକୁ ସୁଗମ କରିବା ଲାଗି ଏଭଳି ପଦକ୍ଷେପ ଉପରେ କାର୍ଯ୍ୟ କରୁଛୁ ବୋଲି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଗ୍ରୁପ ସିଏଫ୍‌ଓ ତଥା ସିଆଇଓ ଭି.ଏସ୍. ପାର୍ଥସାରଥି ସୂଚନା ଦେଇଛନ୍ତି।

## ମାଲ୍ୟାଙ୍କ ୬ ଦାମୀ କାର୍ ବିକ୍ରି ହେବ

**ନୂଆଦିଲ୍ଲୀ,୨୦-୧୦**

ଏକାଧିକ ଭାରତୀୟ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ଲଣ୍ଡନ ପଳାଇ ଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ୬ଟି ଦାମୀ କାର୍ ବିକ୍ରି ଲାଗି ୟୁକେ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଅଦାଲତଙ୍କ ଏନଫୋର୍ସମେଣ୍ଟ ଅଫିସର ଏହି କାର୍‌ଗୁଡିକୁ ବିକ୍ରି କରିପାରିବେ। ବିକ୍ରି ହେବାକୁ ଥିବା କାର୍ ମଧ୍ୟରେ ରହିଛି ୦୦୦୭ ଭିଜେଏମ୍ ପୋର୍ସ କାୟେନ, ବିଓ୫୫ ଭିଜେଏମ୍ ୨୦୦୬ ଫେରାରୀ ଏଫ୍‌୪୩୦, ଏଫ୍୧ ଭିଜେଏମ୍ ରେଞ୍ଜ ରୋଭର, ଏଫ୍୧ ଭିଜେଏମ୍, ମେବ୍ୟାକ୍ ୬୨ ଭିଜେଏମ୍ ରହିଛି। ଅକ୍ଟୋବର ୧୧ରେ ବିଚାରପତି କକ୍‌ରିଲ୍ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, ମାଲ୍ୟାଙ୍କ ୨୦୧୬ ମିନି କଣ୍ଟ୍ରିମ୍ୟାନ ଏବଂ ଫେରାରୀ ଏଫ୫୧୨ଏମ୍‌କୁ ଉକ୍ତ ୪ଟି କାର୍ ସହ ଏକତ୍ର ବିକ୍ରି କରାଯିବ। ସୂଚନାଥାଉ କି, ଗତ ମେ'ରେ ୟୁକେ ହାଇକୋର୍ଟ ମାଲ୍ୟାଙ୍କ ସାରା ବିଶ୍ୱରେ ଥିବା ସମସ୍ତ ସମ୍ପତ୍ତି ବିକ୍ରି କରିବାକୁ ଅନୁମତି ଦେଇଥିଲେ ଏବଂ ବିକ୍ରି ଲବ୍ଧ ଅର୍ଥକୁ ଭାରତୀୟ ବ୍ୟାଙ୍କକୁ ଫେରାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ହାୟର ଇଣ୍ଡିଆର ନୂଆ ଇଜି କନେକ୍ଟ ଏଲ୍‌ଇଡି

**ନୂଆଦିଲ୍ଲୀ,୨୦-୧୦**



ପ୍ରମୁଖ ଇଲେକଟ୍ରୋନିକ୍ସ ବ୍ରାଣ୍ଡ ହାୟର ପକ୍ଷରୁ ଇଜି କନେକ୍ଟ ଏଲ୍‌ଇଡିର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ସ୍ମାର୍ଟ ଶେୟାର ବୈଶିଷ୍ଟ୍ୟ ସହ ୨ଟି ନୂଆ ଏଲ୍‌ଇଡି ଏଲ୍‌ଇ ୪୩ବି ୯୨୦୦ ଡବ୍ଲୁବି (୧୦୮ ସେମି ଫୁଲ୍ ଏଚ୍‌ଡି) ଓ ଏଲ୍‌ଇ ୩୨ବି ୯୨୦୦ ଡବ୍ଲୁବି (୮୦ ସେମି ଏଚ୍‌ଡି) ବଜାରକୁ ଆସିଛି। ଏହା ଗ୍ରାହକଙ୍କ ସ୍ମାର୍ଟ ଭ୍ୟୁୟିଙ୍ଗ ଅଭିଜ୍ଞତା ପ୍ରଦାନ କରୁଥିବା କମ୍ପାନୀ ସୂଚନା ଦେଇଛି। ଏହାର ମୂଲ୍ୟ ଯଥାକ୍ରମେ ୪୦,୯୯୯ ଏବଂ ୨୨,୯୯୦ ଟଙ୍କା ରହିଛି। ବିନା କୌଣସି ଅସୁବିଧାରେ ଗ୍ରାହକଙ୍କୁ ମନ ପସନ୍ଦର କଣ୍ଟେଣ୍ଟ ଅନୁଭବ ପ୍ରଦାନ ଲାଗି ଏଭଳି ଟିଭି ପ୍ରସ୍ତୁତ କରିଛୁ ବୋଲି ହାୟର ଇଣ୍ଡିଆର ସଭାପତି ଏରିକ୍ ବ୍ରାଗାଞ୍ଜା କହିଛନ୍ତି।

## ଏସ୍‌ବିଆଇ ଲାଇଫ୍ ଦିବ୍ୟାଙ୍ଗଙ୍କ ଲାଗି ସହାୟତାର ହାତ ବଢ଼ାଇଲା

**ଭୁବନେଶ୍ୱର,୨୦-୧୦**

ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ ପକ୍ଷରୁ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ ସାଇନ୍ସକୁ ଏକ ଭ୍ରାମ୍ୟମାଣ ମେଡିକାଲ ୟୁନିଟ ଦାନ କରାଯାଇଛି। ଭିନ୍ନକ୍ଷମଙ୍କୁ ଚିହ୍ନଟ କରିବା ତଥା ଚିକିତ୍ସା କରିବା ଦିଗରେ ଏହା ବିଶେଷ ଭାବେ ସହାୟକ ହେବ। ଏଥିରେ ଅଡିଓମିଟର, ଇମ୍ପିଡେନ୍ସ, ସ୍କ୍ରିନର, ଫିଜିଓଥେରାପି ଭଳି ଉପକରଣ ରହିଛି। ଏହା ୩୦ ଜିଲାରେ ବୁଲିବ। ପ୍ରତିବର୍ଷ ୩୦ ହଜାର ଲୋକଙ୍କ ନିକଟରେ ପହଞ୍ଚିବ। ଏସଂକ୍ରାନ୍ତ ଚେକ୍‌କୁ ଏସବିଆଇ ଲାଇଫ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ସଞ୍ଜିବ କୁମାର ନୌଟିୟାଲ୍ ଏହି ଚେକ୍‌କୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଏସବିଆଇ ଲାଇଫର ସଭାପତି ରବୀନ୍ଦ୍ର କୁମାର, ଆଞ୍ଚଳିକ ନିର୍ଦ୍ଦେଶକ ସଞ୍ଜୟ ଭଟ୍ଟନାଗର ପ୍ରମୁଖ ଉପସ୍ଥିତ ଥିଲେ।

---

### ଏୟାର ଇଣ୍ଡିଆର ମିଶ୍ରଣ, ୧୧୧ ବିମାନ କିଣା

# ଇଡି ନଜରରେ ପୂର୍ବତନ ମନ୍ତ୍ରୀ, ଅଧିକାରୀ

**ନୂଆଦିଲ୍ଲୀ,୨୦-୧୦**




ଉପା ସରକାର ସମୟରେ ଏୟାର ଇଣ୍ଡିଆ ସହ ଇଣ୍ଡିଆନ ଏୟାରଲାଇନ୍ସର ମିଶ୍ରଣ ଏବଂ ୧୧୧ଟି ବିମାନ କିଣାରେ ମନିଲଣ୍ଡରିଂ ହୋଇଛି କି ନା ଜାଣିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବେ ଖୋଳତାଡ ଆରମ୍ଭ କରିଛି। ଏନେଇ ଏକାଧିକ ମାମଲା ଦାଏର କରାଯାଇଛି। ଉପା ସରକାର ସମୟର ମନ୍ତ୍ରୀ, ଅଧିକାରୀଙ୍କ ଉପରେ ଏବେ ଇଡିର ନଜର ପଡିଛି। ଏହାଛଡା କେନ୍ଦ୍ର ସରକାର ସେତେବେଳେ ବୋଇଂ ଓ ଏୟାରବସ୍‌ରୁ ୭୦ ହଜାର କୋଟି ଟଙ୍କା ବ୍ୟୟରେ ୧୧୧ଟି ବିମାନ କିଣିଥିଲେ। ଏ ସଂକ୍ରାନ୍ତରେ ଗତ ମେ'ରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ଅଭିଯୋଗର ତଦନ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ସେତେବେଳେ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଥାଉ କି, ମିଶ୍ରଣ ପରେ ଏୟାର ଇଣ୍ଡିଆ ବଡ଼ ଧରଣର ଋଣଯନ୍ତାରେ ପଡିଯାଇଛି। ଏହାଛଡା ସରକାର ସେତେବେଳେ ଲାଭଜନକ ରୁଟ୍‌ରୁ ଏୟାର ଇଣ୍ଡିଆକୁ ପ୍ରତ୍ୟାହାର କରିନେଲେ। ଫଳରେ କିଛି ଘରୋଇ ଓ ଅନ୍ତର୍ଜାତୀୟ ବିମାନ କମ୍ପାନୀ ଏହାର ଫାଇଦା ନେଲେ। ଏ ସମ୍ପର୍କରେ ସିଏଜି ତାଙ୍କ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିବା ସହ ୧୧୧ଟି ବିମାନ କିଣିବା ନେଇ ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଥିଲେ। ଉପା ସରକାର କ୍ଷମତାକୁ ଆସିବା ପୂର୍ବରୁ ଏୟାର ଇଣ୍ଡିଆ ୪୩ଟି ବିମାନ କିଣିବାକୁ ପ୍ରସ୍ତାବ ଦେଇଥିଲା। ତେବେ ବଜାର ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଏଥିରେ ସଂଶୋଧନ କରିଥିଲେ। ଏହି କାରବାରରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ସନ୍ଦେହ କରି ପିଏମ୍‌ଏଲ୍‌ଏ ଅଧୀନରେ ଇଡି ଏକାଧିକ ମାମଲା ଦାଏର କରିଛି। ବିମାନ କିଣାର ସମସ୍ତ ଦସ୍ତାବିଜ ହସ୍ତଗତ ହେବା ପରେ ଇଡି ଏବେ ଏହାର ଖୋଳତାଡ ଆରମ୍ଭ କରିଛି। ତତ୍କାଳୀନ ଉପା ସରକାରଙ୍କ ମନ୍ତ୍ରୀ, ଏୟାର ଇଣ୍ଡିଆ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଅଧିକାରୀଙ୍କ ନିଷ୍ପତ୍ତିର ଯାଞ୍ଚ ଆରମ୍ଭ ହୋଇଛି।

---

### କୋହଳ ହେଲା ଆର୍‌ବିଆଇ ନିୟମ

## ଏନ୍‌ବିଏଫ୍‌ସିକୁ ମିଳିବ ୫୦ହଜାର କୋଟି ଋଣ

**ନୂଆଦିଲ୍ଲୀ, ୨୦-୧୦**

ଗଭୀର ଅର୍ଥସଙ୍କଟର ସମ୍ମୁଖୀନ ହେଉଥିବା ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି) ଗୁଡିକୁ ଏଣିକି ସହଜରେ ଋଣ ମିଳିଯିବ। ବ୍ୟାଙ୍କିଙ୍ଗ ସେକ୍ଟରକୁ ନିୟନ୍ତ୍ରଣ କରୁଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବ୍ୟାଙ୍କମାନଙ୍କ ଲାଗି ଋଣ ଦେବା ନିୟମକୁ କିଛି ମାତ୍ରାରେ କୋହଳ କରିଛି। ଫଳରେ ଏନ୍‌ବିଏଫ୍‌ସିଙ୍କୁ ଏବେ ପ୍ରାୟ ୫୦ ହଜାର କୋଟି ଟଙ୍କାର ଋଣ ମିଳିବା ସହଜ ହେବ। ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ବ୍ୟାଙ୍କ ଏନ୍‌ବିଏଫ୍‌ସି ଏବଂ ଏଚ୍‌ଏଫ୍‌ସିକୁ ଯେତିକି ଅଧିକ ଋଣ ଦେବେ, ସେମାନଙ୍କୁ ସେତିକି ପରିମାଣର ସରକାରୀ ସିକ୍ୟୁରିଟି ରିଜର୍ଭ ବ୍ୟାଙ୍କ ନିକଟରେ ଜମା କରିବାକୁ ହେବ। ଏହାକୁ ଆଧାର କରି ବ୍ୟାଙ୍କଗୁଡିକ ଋଣ ଦେଇପାରିବେ। ଏହାଦ୍ୱାରା ବ୍ୟାଙ୍କଗୁଡିକ ନିକଟରେ ଋଣ ଦେବା ଲାଗି ପର୍ଯ୍ୟାପ୍ତ ଅର୍ଥ ମିଳିଯିବ।

## ସାମ୍‌ସଙ୍ଗ ପକ୍ଷରୁ ରିହାତି

**ଭୁବନେଶ୍ୱର,୨୦-୧୦**




ପ୍ରମୁଖ କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ବ୍ରାଣ୍ଡ ସାମ୍‌ସଙ୍ଗ ପକ୍ଷରୁ ନେଭର ବିଫୋର ଅଫର ସମ୍ପର୍କରେ ଘୋଷଣା ହୋଇଛି। ଏହି ଅଫର ମାଧ୍ୟମରେ କମ୍ପାନୀ ଏହାର ବିଭିନ୍ନ ରେଞ୍ଜର ପ୍ରଡକ୍ଟ ଉପରେ ରିହାତି ପ୍ରଦାନ କରୁଛି। ଫେଷ୍ଟିଭ ଅଫର ଅନ୍ତର୍ଗତ ନଭେମ୍ବର ୧୧ ଯାଏ ଗ୍ରାହକମାନେ ୨୫% ପର୍ଯ୍ୟନ୍ତ ତ୍ୱରିତ କ୍ୟାଶବ୍ୟାକ୍ ସୁବିଧା ପାଇବେ। ସେହିଭଳି ଏଚ୍‌ଡିଏଫ୍‌ସି, ଆକ୍ସିସ ଏବଂ ଆଇସିଆଇସିଆଇ ବ୍ୟାଙ୍କ୍ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡରେ କ୍ରୟ କ୍ଷେତ୍ରରେ ଅତିରିକ୍ତ ୧୫% ରିହାତି ସୁବିଧା ଲାଭ କରିପାରିବେ। ଉଚ୍ଚ ଗୁଣବତ୍ତାବିଶିଷ୍ଟ ପ୍ରଡକ୍ଟ ଦ୍ୱାରା ଗ୍ରାହକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଦିଗରେ କାର୍ଯ୍ୟ କରୁଛୁ ବୋଲି ସାମ୍‌ସଙ୍ଗ ଇଣ୍ଡିଆର କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ବିଜ୍‌ନେସର ବରିଷ୍ଠ ଉପସଭାପତି ରାଜୀବ ଭୂତାନି ସୂଚନା ଦେଇଛନ୍ତି।

## କାନାରା ବ୍ୟାଙ୍କର କ୍ରେଡିଟ୍ ଏକ୍ସପୋ

**ଭୁବନେଶ୍ୱର,୨୦-୧୦**

କାନାରା ବ୍ୟାଙ୍କ ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ କ୍ରେଡିଟ୍ ଏକ୍ସପୋ ସ୍ଥାନୀୟ ରେଡ୍‌କ୍ରସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାନାରା ବ୍ୟାଙ୍କ ବାଙ୍ଗାଲୋର କାର୍ଯ୍ୟାଳୟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏମ୍.ଭି. ରାଓ, ବ୍ୟାଙ୍କର ମଣ୍ଡଳମୁଖ୍ୟ ତଥା ଉପମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଲଡର ଏବଂ ଗାଡି ଡିଲରମାନେ ସେମାନଙ୍କ ଉତ୍ପାଦକୁ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ କଟକ ଏବଂ ଭୁବନେଶ୍ୱରର ଶାଖା ପ୍ରବନ୍ଧକମାନେ ଅଂଶ ଗ୍ରହଣ କରିଥିଲେ। ସହାୟକ ମହାପ୍ରବନ୍ଧକ ବି.କେ. ରଥ ଓ ସୁଜିତ କୁମାର ଏଥିରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାରତ ଏ' ମହିଳା ଟି୨୦ ଦଳ ଘୋଷିତ

ମୁମ୍ବାଇ, ୨୦।୧୦ (ପି.ଟି.)-ସୋମବାରଠାରୁ ଏଠାରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ଏ' ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶନିବାର ୧୫ଜଣିଆ ଭାରତ ଏ' ମହିଳା ଟି୨୦ ଦଳ ଘୋଷଣା କରିଛି। ଏଥିରେ ସିନିୟର ଦଳର ଅଧିକାଂଶ ଖେଳାଳି ସ୍ଥାନ ପାଇଛନ୍ତି। ହରମନପ୍ରୀତ କୌରଙ୍କୁ ଅଧିନାୟିକା ଏବଂ ସ୍ମୃତି ମନ୍ଧାନାଙ୍କୁ ତାଙ୍କ ଡେପୁଟି ଭାବେ ନିଯୁକ୍ତି ଦିଆଯାଇଛି। ୱେଷ୍ଟଇଣ୍ଡିଜରେ ନଭେମ୍ବର ୯ରୁ ହେବାକୁଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ସର୍ବଭାରତୀୟ ମହିଳା ଚୟନ କମିଟି ଏହି ଦଳ ମନୋନୟନ କରିଛି। ସିନିୟର ଖେଳାଳିମାନେ ଟି୨୦ ବିଶ୍ୱକପ୍ ପାଇଁ ଏହି ସିରିଜରେ ନିଜକୁ ପ୍ରସ୍ତୁତ କରିପାରିବେ। ଅଷ୍ଟ୍ରେଲିଆ ଏ' ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ବିକେସି ମୁମ୍ବାଇଠାରେ ଅକ୍ଟୋବର ୨୨, ୨୪ ଓ ୨୬ରେ ଖେଳାଯିବ।

ଭାରତ ଏ' ମହିଳା ଟି୨୦ ଦଳ: ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ମିଥାଲି ରାଜ, ଜେମିମା ରୋଡ୍ରିଗୁଏଜ୍, ବେଦ କ୍ରିଷ୍ଣାମୂର୍ତ୍ତି, ଦୀପ୍ତି ଶର୍ମା, ତାନ୍ୟା ଭାଟିଆ (ଉଇକେଟକିପର), ପୁନମ ଯାଦବ, ରାଧା ଯାଦବ, ଅନୁଜା ପାଟିଲ, ଏକତା ବିସ୍ତ, ଡି. ହେମଲତା, ମାନସୀ ଯୋଶି, ପୂଜା ବସ୍ତ୍ରାକାର, ଅରୁନ୍ଧତୀ ରେଡ୍ଡୀ।



"ଲୋକେ ମୋତେ ଷ୍ଟାର ଖେଳାଳିର ମାନ୍ୟତା ପ୍ରଦାନ କରିଥିଲେ ମଧ୍ୟ ଏହା ମୋ ପ୍ରଦର୍ଶନକୁ ପ୍ରଭାବିତ କରିବ ନାହିଁ।
–ନାଓମି ଓସାକା, ଜାପାନିଜ ଟେନିସ ଖେଳାଳି



"ଇଡେନ ହାଜାର୍ଡ ଯଦି ତାଙ୍କ ଫର୍ମ ବଜାୟ ରଖିପାରନ୍ତି ତେବେ ଚେଲ୍‌ସି ଏହି ସିଜନରେ ପ୍ରିମିୟର ଲିଗ୍ ଟାଇଟଲ ହାସଲ କରିପାରିବ।
–ଜୋସ୍ ମୋରିନୋ, ମାଞ୍ଚେଷ୍ଟର ୟୁନାଇଟେଡ୍ ଏଫ୍‌ସି, ମ୍ୟାନେଜର।

# ବିଜୟ ହଜାରେ ଟ୍ରଫି
# ମୁମ୍ବାଇକୁ ତୃତୀୟ ଟାଇଟଲ

ବେଙ୍ଗାଲୁରୁ, ୨୦।୧୦(ପି.ଟି.)

ଉଇକେଟ କିପର ବ୍ୟାଟ୍ସମ୍ୟାନ ଆଦିତ୍ୟ ତାରେଙ୍କ ଉପଯୋଗୀ ଅର୍ଦ୍ଧଶତକୀୟ ପାଳି ବଳରେ ମୁମ୍ବାଇ ଦିଲ୍ଲୀକୁ ୪ ଉଇକେଟରେ ପରାସ୍ତ କରି ତୃତୀୟଥର ପାଇଁ ବିଜୟ ହଜାରେ ଟ୍ରଫି ହାସଲ କରିଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ହାଇସ୍କୋରିଂ ହୋଇ ନ ଥିଲା। ଶେଷଥର ପାଇଁ ମୁମ୍ବାଇ ୨୦୦୬-୦୭ରେ ରାଜସ୍ଥାନକୁ ହରାଇ ଚାମ୍ପିୟନ ହୋଇଥିଲା।

ଟସ୍ ଜିତି ମମ୍ବାଇ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୪୫.୪ ଓଭରରେ ୧୭୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ମୁମ୍ବାଇ ବ୍ୟାଟିଂ ଆରମ୍ଭ କରି ୩୫ ଓଭରରେ ୬ ଉଇକେଟ ହରାଇ ୧୮୦ ରନକରି ବିଜୟୀ ହୋଇଥିଲା। ତାରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୭୮ ରନ ଟାର୍ଗେଟର ପିଛା କରି ମୁମ୍ବାଇ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟିଥିଲା। ମାତ୍ର ୪୦ ରନରେ ମୁମ୍ବାଇ ୪ ଉଇକେଟ ହରାଇଥିଲା। ଓପନର ପୃଥ୍ୱୀ ଶ ୮, ଆଜିଙ୍କ୍ୟ ରାହାନେ ୧୦, ଅଧିନାୟକ ଶ୍ରେୟାସ ଆୟାର ୭, ସୂର୍ଯ୍ୟକୁମାର ଯାଦବ ୪ ରନ କରି ଆଉଟ ହୋଇଥିଲେ। ଏହାପରେ ପଞ୍ଚମ ଉଇକେଟ ଯୋଡିରେ ତାରେ ଓ ସିଦ୍ଧେଶ ଲାଡ ୧୦୫ ରନ କରି ସ୍ଥିତି ସମ୍ଭାଳିବା ସହ ବିଜୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲେ। ତାରେ ୮୯ ବଲରୁ ୧୩ ଚୌକା ଓ ୧ ଛକା ସହାୟତାରେ ୭୧ ରନ କରି ଆଉଟ ହେବା ପରେ ଲାଡ ୪୮ ରନର ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ଶିବମ ଦୁବେ ୧୯ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ନବଦୀପ ସଇନି ସର୍ବାଧିକ ୩, କୁଲୱନ୍ତ ଖେଜ୍ରୋଲିୟା, ମନନ ଶର୍ମା ଓ ଲଳିତ ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ମଧ୍ୟ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ତଥା ଉଇକେଟ କିପର ଉନ୍ମୁକ୍ତ ଚାନ୍ଦ ୧୩, ଅଧିନାୟକ ଗୌତମ ଗମ୍ଭୀର ୧, ମନନ ଶର୍ମା ୫ ରନ କରି ଆଉଟ ହୋଇଥିଲେ। ଦିଲ୍ଲୀ ୨୧ ରନରେ ୩ ଉଇକେଟ ହରାଇଥିଲା। ହିମତ ସିଂ ସର୍ବାଧିକ ୪୧ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବ ସୋରେ ୩୧, ନୀତୀଶ ରାଣା ୧୩, ଲଳିତ ଯାଦବ ୬, ସୁବୋଧ ଭଟ୍ଟି ୨୫, ସଇନି ୭ ରନ କରି ଆଉଟ ହୋଇଥିଲେ। ପବନ ନେଗୀ ୨୧ ରନକରି ରିଟାୟାର୍ଡ ହର୍ଟ ହୋଇଥିଲେ। ବୋଲିଂରେ ମୁମ୍ବାଇ ପକ୍ଷରୁ ଧାୱଲ କୁଲକର୍ଣ୍ଣୀ ଓ ଶିବମ ଦୁବେ ୩ଟି ଲେଖାଏ, ତୁଷାର ଦେଶପାଣ୍ଡେ ୨, ଶାମ୍ସ ମୁଲାନୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

# ଇଂଲଣ୍ଡ ସିରିଜ ବିଜୟୀ

କାଣ୍ଡି (ଶ୍ରୀଲଙ୍କା), ୨୦।୧୦(ଏଏଫ୍‌ପି)

ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଶନିବାର ଏଠାରେ ଅନୁଷ୍ଠିତ ୪ର୍ଥ ଦିନିକିଆ କ୍ରିକେଟ ମ୍ୟାଚ୍‌କୁ ଇଂଲଣ୍ଡ ଡିଏଲ୍‌ଏସ୍ ପଦ୍ଧତିରେ ୧୮ ରନରେ ଜିତି ନେଇଛି। ସ୍ଥାନୀୟ ପାଲିକେଲ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ହରାଇ ୨୭୩ ରନ କରିଥିଲା। ଦଳ ପକ୍ଷରୁ ଓପନର୍ ତଥା ଉଇକେଟ୍‌କିପର ନିରୋଶାନ ଡିକ୍‌ୱେଲା (୫୨) ଓ ଦସୁନ ସନକା (୬୬) ଅର୍ଦ୍ଧଶତକ ହାସଲ କରିଥିବାବେଳେ ଅଧିନାୟକ ଦିନେଶ ଚାଣ୍ଡିମଲ (୩୩), ଥିସାରା ପେରେରା (୪୪) ଓ ଅକିଲ ଧନଞ୍ଜୟ (୩୨*) ଉପଯୋଗୀ ଇନିଂସ ଖେଳିଥିଲେ। ସଫଳ ବୋଲର ଭାବେ ଭ୍ରମଣକାରୀ ଇଂଲଣ୍ଡ ପକ୍ଷରୁ ମୋଇନ ଅଲୀ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଇଂଲଣ୍ଡ ୨୭ ଓଭରରେ ୨ ଉଇକେଟ୍ ହରାଇ ୧୩୨ ରନ କରିଥିବାବେଳେ ବର୍ଷା ହୋଇଥିଲା।

ଫଳରେ ଖେଳ ଆଉ ସମ୍ଭବପର ନ ହେବାରୁ ଅମ୍ପାୟର ଡିଏଲ୍‌ଏସ୍ ପଦ୍ଧତିର ସହାୟତା ନେଇଥିଲେ। ଏଥିରେ ଇଂଲଣ୍ଡ ଉନ୍ନତ ରନରେଟ୍ ଯୋଗୁ ୧୮ ରନରେ ବିଜୟୀ ହୋଇଥିଲା।

# ମେଘାଳୟର ବୃହତ ବିଜୟ

ଭୁବନେଶ୍ୱର, ୨୦।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫି କ୍ରିକେଟ ପ୍ରତିଯୋଗିତାରେ ଶନିବାର ୩ଟି ମ୍ୟାଚ୍ ଖେଳାଯାଇଛି। କିଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ମେଘାଳୟ ୧୯୮ ରନର ବୃହତ ବ୍ୟବଧାନରେ ସିକିମକୁ ପରାସ୍ତ କରିଛି। ଅନ୍ୟ ଦୁଇଟି ମ୍ୟାଚ୍‌ରେ ବିହାର ଓ ଅରୁଣାଚଳ ପ୍ରଦେଶ ବିଜୟ ଲାଭ କରିଛନ୍ତି।

କିଟ୍ କ୍ରିକେଟ୍ ଷ୍ଟାଡିୟମରେ ସିକିମ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ମେଘାଳୟ ୪୯.୫ ଓଭରରେ ୨୮୮ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ହ୍ରିତିକ୍ ଶର୍ମା ୧୦୯ ରନ କରିଥିଲେ। ଜବାବରେ ସିକିମ ଆରିଫ୍ ଅହମ୍ମଦଙ୍କ ୭୦ ରନ ସତ୍ତ୍ୱେ ମାତ୍ର ୯୦ ରନ କରି ଅଲ୍‌ଆଉଟ୍ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଅଭିଶେକ ସର୍ବାଧିକ ୫ଟି ଉଇକେଟ୍ ଅକ୍ତିଆର କରିଥିଲେ। ସେହିପରି ରେଲ୍‌ୱେ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ବିହାର ୮ ଉଇକେଟ୍‌ରେ ମଣିପୁରକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରି ମଣିପୁର ୪୮.୪ ଓଭରରେ ୧୪୯ ରନ କରିଥିବାବେଳେ ବିହାର ୩୬.୧ ଓଭରରେ ୨ଟି ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବିହାର ପକ୍ଷରୁ ପିୟୂଷ କୁମାର ସିଂ ୬୩ ରନ କରିଥିଲେ। ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ତିମ ତଥା ୩ ମ୍ୟାଚ୍‌ରେ ଅରୁଣାଚଳ ପ୍ରଦେଶ ୩୦ ରନରେ ପୁଡୁଚେରୀକୁ ହରାଇ ଦେଇଛି। ମହମ୍ମଦ ବିଲାଲଙ୍କ ୭୦ ରନ ବଳରେ ପ୍ରଥମେ ବ୍ୟାଟିଂ ଅରୁଣାଚଳ ପ୍ରଦେଶ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରାଇ ୧୯୦ ରନ କରିଥିଲା। ଜବାବରେ ପୁଡୁଚେରୀ ଯୋର୍ଜୁମ ସେରା (୫ ଉଇକେଟ୍)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ୪୨.୪ ଓଭରରେ ୧୬୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।







**BHUBANESWAR MUNICIPAL CORPORATION**

**No : 35091** **Dt.20.10.2018**

**AUCTION SALE NOTICE**

Sealed quotations in plain paper are invited from intending bidders for auction sale of Scrap Materials of BMC.

a. Last date of receipt of sealed quotation on **29.10.2018** upto. **05.00 PM.**
b. Inspection of materials from **21.10.2018 to 30.10.2018** during office hours.
c. Date & time of opening on **31.10.2018** at **11 AM.**

The details of Scrap materials terms & conditions, EMD, to be deposited, off set price etc. can be seen from BMC website www.bmc.gov.in or can be seen at BMC office (Mechanical Section).

Executive Engineer,Division No.-II, BMC

Progress Through Partnership for a Better Bhubaneswar



# OFFICE OF THE VYASANAGAR MUNICIPALITY VYASANAGAR, JAJPUR

**Email_Id : vyasanagarmunicipality@gmail.com, Website : ulbodisha.gov.in, Ph. No. : 06726-220207**

## QUOTATION CALL NOTICE FOR MOSQUITO CONTROL OPERATION

**No. 3802/ Date : 20.10.2018**

The Executive Officer, Vyasanagar Municipality, Jajpur Road invites sealed Quotations from persons / firms sufficient knowledge, manpower, machineries and experience in running integrated mosquito and pest control operation in Urban Local Bodies / township areas and having valid license to stock and use restricted insecticides for commercial pest control operations issued by the comptent authority according to the insecticide Act 1968 and rules there under, for the below mentioned works. The quotation should accompany attested xerox copies of PAN card / TCC/ Valid VAT clearance certificate / service tax registration certificate / EPF & ESI registration certificate / proof of work experience & work completion certificate / valid registration certificate under institute Act-1968/ valid paste control License / IPCA membership and EMD of Rs. 20,000.00 (Rupees Twenty thousand only) in shape of Demand Draft / Bankers Cheque issued from any nationalized Bank in favour of the Executive Officer, Vyasanagar Municipality payable at Vyasanagar, Jajpur Road. The quotation should also accompany an undertaking to the effect that the bidders / firms shall produce the required Labour License and insurance to the cover accidental risk of all categories of work men under the work men compensation Act, If awarded with the work. The bidder/ firm shall require to submit a certificate duly signed by a reputed expert not below the rank ADMO, PH of the State Govt. to the effect that the chemicals he. they proposed to use in the mosquito control operation are genuine, effective and result oriented. The bidder / firm should also submit the booklets containing the detailed technical specification of any of the above documents with EMD is liable for rejection of the quotation. The quotations complete in all respect should be delivered in the designated tender box kept for the purpose in the office of the Municipality latest by 11.30 A.M. of dtd. 29.10.2018 which will be opened at 12.00 A.M. same day in presence of the bidders or their authorised representatives if they so wish. But the same can also be opened by the undersigned in absence of any or all the bidders/ firms. The rate including cost & conveyance of all materials, chemicals, solutions, machineries & equipments, vehicles and fuel required to carry out the operation, tools and tackles with taxes, cost of all labor, including public awareness campaign through a public address system regarding the dos, don'ts and timing of operation etc. should be quoted both in figures and words and in case of discrepancy between the two, the rates as indicated in words will be considered. The selected bidder will have to execute an agreement containing the detailed scope of work, terms & conditions and mode of operation & payment with the undersigned before issue of work order. Any other details can be had from the office of the undersigned during office hours on all working days.

The undersigned reserves the right to accept or reject any or all the quotations or part thereof without assigning any reason thereof.

| Sl. No. | Name of Operation | Area of Operation | Freeq-uency | Approxi-mate no. of operations required | Unit | Rate in (Rs.) | |
|---|---|---|---|---|---|---|---|
| | | | | | | In figures | In words |
| 1 | 2 | 3 | 4 | 5 | 6 | 7 | 8 |
| 1 | Anti Mosquito larvae operation by appliction of NVBDCP approved larvicides diluted properly in water in required proportion. | All possible bredding place such as drains, catch basins, puddles, swampy area, stagnant waters, tree stumps, discarded automobile tires and all other such places in and around 100 mtr radius of the Vyasanagar Municipal area. | Once in a week | 9 | Per one litre consumption of solution prepared diluting approved larvicide with water in required proportion | | |
| 2 | Thermal fogging operation using NVBDCP approved adultcides to be diluted properly in diesel in required proportion. | All streets, residential colonies & areas parking places, lawns, gardens, Bus Stand, Railway Station, construction sites, Schools, Colleges, abandoned buildings sites, all possible mosquito resting sites including hedges, covered drains, bushes tree shaded areas and all around 100 mtr radius of the Vyasanagar Municipal area. | Once in a fortnight | 5 | Per one litre consumption of solution prepared diluting approved adulticide for fogging with Diesel in required proportion | | |
| 3 | Adult Mosquito Control by indoor residual spraying to individual houses using NVBDCP approved adultcides.. | All house holds in the Municipal Area (in-door and out-door spraying) | Once in a month | Once | Per one Kg Consumption of solution prepared diluting approved adulticide with water in required proportion. | | |

**LIST OF SOME ADULTICIDES / LARVICIDES AND MIXING RATIO**

| Sl. No. | Operation | Adulticide / Larvicide | Unit (One litre Solution Break up) |
|---|---|---|---|
| 1 | Thermal Foggin | Deltamethrin 1.25% ULV | 5ml = 995 ml of Diesel |
| | | Cyphenothrin 5% EC | 10ml + 990 ml of Diesel |
| 2 | Indoor residual Spraying | Lambdacyhalothrin 10% WP | 12.5 gms in 1 Litre of water |
| | | Deltamethrin 2.5% WP | 40 gms in 1 Litre of water |
| 3 | Anti Larvae Treatment | Temephos 50% EC | 1.5 ml in 1 litre of water |

Sd./- Executive Officer, Vyasanagar Municipality



ଧରିତ୍ରୀ DHARITRI

Quiz No.7

**Puja Quiz- 2018**

**Main Sponsor** TVS

**Co-Sponsors** CENTRAL Nikon

☑ Tick mark the box which is correct

୧. କେଉଁ ସହରକୁ 'ସିଟି ଅଫ୍ ପ୍ୟାଲେସେସ୍'' କୁହାଯାଏ ?
କ. ମୁମ୍ବାଇ ☐ ଖ. କୋଲକାତା ☐ ଗ. ବାଙ୍ଗାଲୋର ☐ ଘ. କେଉଁଟି ନୁହେଁ ☐
୨. ହଜାରିବାଗ୍ ନ୍ୟାସ୍‌ନାଲ୍ ପାର୍କ କେଉଁଠାରେ ଅବସ୍ଥିତ ?
କ. କେରଳ ☐ ଖ. ଝାରଖଣ୍ଡ ☐ ଗ. ଆସାମ ☐ ଘ. କେଉଁଟି ନୁହେଁ ☐
୩. ଆଜମେର ଦୁର୍ଗ କିଏ ନିର୍ମାଣ କରିଥିଲେ ?
କ. ଆକବର ☐ ଖ. ଅଜୟ ପାଲ ଚୌହାନ ☐ ଗ. ବାବର ☐ ଘ. କେଉଁଟି ନୁହେଁ ☐
୪. ହିନ୍ଦୁ ପୁରାଣ ଅନୁସାରେ ଭଗବାନ ବିଷ୍ଣୁଙ୍କର ଦଶମ ଅବତାର କ'ଣ ଅଟେ ?
କ. କାଳସର୍ପ ☐ ଖ. ବାମନ ☐ ଗ. କଲ୍‌କୀ ☐ ଘ. କେଉଁଟି ନୁହେଁ ☐
୫. ଭାରତର ୨୯ତମ ରାଜ୍ୟ କିଏ ?
କ. ଛତିଶଗଡ଼ ☐ ଖ. ଝାରଖଣ୍ଡ ☐ ଗ. ତେଲେଙ୍ଗାନା ☐ ଘ. କେଉଁଟି ନୁହେଁ ☐

Participant's Name:......................................................
Address:......................................................
......................................................
Education ......................................................
Mobile......................................................Age:..............
E-mail:......................................................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes: Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 7
B-15, Industrial Estate, Rasulgarh, Bhubaneswar-10






## ଓଡ଼ିଶା ସରକାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
## ସଂସ୍କୃତି ଭବନ, ଭୁବନେଶ୍ୱର-୧୪

21-RR

### 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ' ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ

୧. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ' ନାମରେ ଏକ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ସମ୍ମାନସ୍ୱରୂପ ବିଶେଷଜ୍ଞ କମିଟି ଦ୍ୱାରା ଚୟନ କରାଯାଇଥିବା କାର୍ଯ୍ୟରତ ସାହିତ୍ୟ ସଙ୍ଗଠନ/ ସାହିତ୍ୟିକ/ସାହିତ୍ୟିକାଙ୍କୁ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ନଗଦ ଅର୍ଥ ରାଶି ପ୍ରଦାନ ସହିତ ଅଙ୍ଗବସ୍ତ୍ର ଓ ତାମ୍ରଫଳକ ପ୍ରଦାନ କରାଯିବ। ଏହି ସମ୍ମାନ ପ୍ରତ୍ୟେକବର୍ଷ ଜଣେ ବ୍ୟକ୍ତିବିଶେଷ କିମ୍ବା ଗୋଟିଏ ସାହିତ୍ୟ ଅନୁଷ୍ଠାନକୁ ପ୍ରଦାନ କରାଯିବ।
୨. (କ) ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଉନ୍ନତି ନିମନ୍ତେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଥିତଯଶା ସାହିତ୍ୟିକ/ସାହିତ୍ୟିକାଙ୍କ ସାମଗ୍ରିକ ସାହିତ୍ୟ କୃତିକୁ ବିଚାରକୁ ନେଇ ଏହି ସମ୍ମାନ ଦିଆଯିବ। ବ୍ୟାସକବି ଫକୀରମୋହନଙ୍କ ସମ୍ପର୍କରେ ଉତ୍କୃଷ୍ଟ ଆଲୋଚନା ବା ସାରସ୍ୱତ ରଚନାର କୃତିତ୍ୱକୁ ଅଗ୍ରାଧିକାର ଦିଆଯିବ।
(ଖ) ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଓ ନିରନ୍ତର କାର୍ଯ୍ୟରତ ସଙ୍ଗଠନର କାର୍ଯ୍ୟଧାରାକୁ ବିଚାରକୁ ନେଇ ଏହି ସମ୍ମାନ ପ୍ରଦାନ କରାଯିବ। ଯେଉଁ ସାରସ୍ୱତ ଅନୁଷ୍ଠାନ ଅତିକମ୍‌ରେ ୫ବର୍ଷ ଧରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ/ଅଗ୍ରଗତି ପାଇଁ ନିରନ୍ତର କାର୍ଯ୍ୟ ଅବ୍ୟାହତ ରଖିଥିବେ, ତାଙ୍କୁ ଏ ସମ୍ମାନ ପ୍ରଦାନ ପାଇଁ ବିଚାରକୁ ନିଆଯିବ। ଯେଉଁ ଅନୁଷ୍ଠାନ ଫକୀରମୋହନଙ୍କ ସାହିତ୍ୟର ପ୍ରଚାର/ପ୍ରସାର ପାଇଁ କାର୍ଯ୍ୟକରିଥିବେ, ସେହି ଅନୁଷ୍ଠାନକୁ ଏ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ।
୩. ଏଥିପାଇଁ ସାହିତ୍ୟିକ/ସାହିତ୍ୟିକାଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ।
୪. ସାହିତ୍ୟିକ ସଙ୍ଗଠନ କ୍ଷେତ୍ରରେ ଅନୁଷ୍ଠାନ ଅନ୍ୟୁନ ୫ବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଆବଶ୍ୟକ ଏବଂ ବିଗତ ୫ ବର୍ଷର କାର୍ଯ୍ୟାବଳୀ ସହିତ ସମୀକ୍ଷା ବିବରଣୀ ଦାଖଲ କରିବା ଅପରିହାର୍ଯ୍ୟ।
୫. ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ।
୬. ଆବେଦନ କରିଥିବା ସାହିତ୍ୟିକ/ସାହିତ୍ୟିକାମାନେ ପୂର୍ବରୁ ବିଭିନ୍ନ ଏକାଡେମୀ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଯଥା ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, କବିସମ୍ରାଟ ଉପେନ୍ଦ୍ରଭଞ୍ଜ ପୁରସ୍କାର ଓ ଧର୍ମପଦ ପୁରସ୍କାରପ୍ରାପ୍ତ ହୋଇ ନ ଥିବେ।
୭. ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ଚୟନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ସେ ସମ୍ବନ୍ଧରେ କୌଣସି ବ୍ୟକ୍ତିବିଶେଷ/ଅନୁଷ୍ଠାନର ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବ ନାହିଁ।
୮. ଏହି ପୁରସ୍କାର ପାଇଁ ଉପଯୁକ୍ତ ଯୋଗ୍ୟବ୍ୟକ୍ତି ବା ଅନୁଷ୍ଠାନ ଉପଲବ୍ଧ ନ ହେଲେ ସେହି ବର୍ଷ ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ।
୯. ନିଜେ ପ୍ରାର୍ଥୀ କିମ୍ବା କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନ ଫର୍ମ ସଠିକ୍ ଭାବେ ପୂରଣ କରି ୨୦ ନଭେମ୍ବର ୨୦୧୮ ମଧ୍ୟରେ ସରକାରୀ କାର୍ଯ୍ୟଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ ଦ୍ୱିତୀୟ ମହଲା, ଭୁବନେଶ୍ୱର- ୭୫୧୦୧୪ରେ ଦାଖଲ କରିପାରିବେ। ନିର୍ଦ୍ଦିଷ୍ଟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣୀୟ ହେବ ନାହିଁ। ଏ ବିଷୟରେ ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ ସୁରେଶ ଚନ୍ଦ୍ର କର, ସଂସ୍କୃତ ବିଦ୍ୱାନ, ମୋ- ୯୪୩୯୯୧୧୯୮୭ଙ୍କ ସହ ଯୋଗାଯୋଗ କରିପାରିବେ।
୧୦. ଆବେଦନ ସମ୍ବନ୍ଧୀୟ ତଥ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର website: www.odishaculture.gov.inରେ ମଧ୍ୟ ଉପଲବ୍ଧ ଅଟେ।

**ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା, ଭୁବନେଶ୍ୱର**

**ଆବେଦନ ଫର୍ମ**

**ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ-୨୦୧୮**

୧. ସାହିତ୍ୟିକ/ସାହିତ୍ୟିକା/ଅନୁଷ୍ଠାନଙ୍କ ନାମ :
୨. ସାହିତ୍ୟିକ/ସାହିତ୍ୟିକା/ଅନୁଷ୍ଠାନଙ୍କ ଠିକଣା ଓ ଫୋନ୍ ନଂ. :
୩. (କ) ଜନ୍ମତାରିଖ (ବ୍ୟକ୍ତିଙ୍କ କ୍ଷେତ୍ରରେ) :
(ଖ) ପଞ୍ଜୀକରଣ ତାରିଖ ଓ ସ୍ଥାନ (ଅନୁଷ୍ଠାନ କ୍ଷେତ୍ରରେ)
(ଆବଶ୍ୟକୀୟ ପ୍ରମାଣପତ୍ର ନକଲ ସଂଯୋଗ କରିବେ) :
୪. ସାହିତ୍ୟିକ ଗବେଷଣା/କୃତିର ସବିଶେଷ ବିବରଣୀ (ସମ୍ବନ୍ଧିତ କାଗଜପତ୍ର ଦାଖଲ କରିବେ) :
୫. ବ୍ୟାସକବି ଫକୀରମୋହନଙ୍କ ରଚନା ଉପରେ କରିଥିବା ଗବେଷଣା ତଥା ସାହିତ୍ୟିକ ପର୍ଯ୍ୟାଲୋଚନାର ସବିଶେଷ ବିବରଣୀ :
(ସମ୍ବନ୍ଧିତ କାଗଜପତ୍ର ଦାଖଲ କରିବେ)
୬. ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଲାଭ କରିଥିବା ପୁରସ୍କାରର ବିବରଣୀ (ପ୍ରମାଣପତ୍ରର ନକଲ ଦାଖଲ କରିବେ) :
୭. ଅନୁଷ୍ଠାନ କ୍ଷେତ୍ରରେ ବିଗତ ପାଞ୍ଚବର୍ଷର କାର୍ଯ୍ୟ ଓ ବ୍ୟୟସମୀକ୍ଷା ବିବରଣୀ :

ଉପରୋକ୍ତ ସମସ୍ତ ତଥ୍ୟ ସଠିକ୍ ଅଟେ।

ସାହିତ୍ୟିକ/ସାହିତ୍ୟିକା/ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର
(ଅନୁଷ୍ଠାନ କ୍ଷେତ୍ରରେ ତତ୍ତ୍ୱାବଧାରକଙ୍କ ସ୍ୱାକ୍ଷର)

03001/11/0045/1819

"ନମ୍ବର ୪ ସ୍ଥାନରେ ଅମ୍ବାତି ରାୟୁଡୁ ଯଦି ସ୍ଥିର ପ୍ରଦର୍ଶନ ବଜାୟ ରଖିପାରନ୍ତି ତେବେ ମିଡଲ ଅର୍ଡର ସମସ୍ୟା ସମାଧାନ ହୋଇପାରିବ।
–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ।



"ରବିବାରଠାରୁ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ଦିନିକିଆ ସିରିଜରେ ଆମକୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ।
–ଜାସନ ହୋଲ୍‌ଡର, ୱେଷ୍ଟଇଣ୍ଡିଜ ଅଧିନାୟକ।



DADLS-148
e ବିତରଣ Odisha Bitaran
ରାଜ୍ୟବାସୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା
୧୦୮ଟି ସହରାଞ୍ଚଳ
୩୧୦ଟି ବ୍ଲକ
୧୫ ଦିନ ନୂଆ ରାସନ କାର୍ଡ ବଣ୍ଟନ
୧୫ ଲକ୍ଷ ହିତାଧିକାରୀ
"ଜଣେ ବି ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବାକୁ ମୁଁ ଦେବି ନାହିଁ !"
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଓଡ଼ିଶା ସରକାର
@Naveen_Odisha CMO.Odisha @CMO_Odisha
15001/13/0328/1819



# ମିଡଲ ଅର୍ଡର ସୁଧାରିବା ଲକ୍ଷ୍ୟରେ ଭାରତ

ଗୁଆହାଟୀ, ୨୦।୧୦(ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୨–୦ରେ କ୍ଲିନ୍ ସୁଇପ୍ କରିବା ପରେ ଭାରତ ଏବେ ଦିନିକିଆ ସିରିଜରେ ଭିନ୍ନ ପ୍ରକାର ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ସ୍ଥାନୀୟ ବର୍ଷପରା କ୍ରିକେଟ ଷ୍ଟାଡିୟମରେ ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମୁକାବିଲାରେ ଭାରତ ଓ ୱେଷ୍ଟଇଣ୍ଡିଜ ମୁହାଁମୁହିଁ ହେବେ। ଦିନିକିଆ ଫର୍ମାଟରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରୁଥିଲେ ମଧ୍ୟ ଭାରତ ପାଇଁ ମିଡଲ ଅର୍ଡରରେ ସମସ୍ୟା ଜାରିରହିଛି। ମିଡଲ ଅର୍ଡରର ଏହି ଅସ୍ଥିରତାକୁ ସୁଧାରିବା ଲକ୍ଷ୍ୟରେ ଭାରତ ରହିଛି। ଏହି ସିରିଜରେ ଅଧିନାୟକ ବିରାଟ କୋହଲିଙ୍କ ପ୍ରତ୍ୟାବର୍ତ୍ତନ ହେବ। ଗତ ଏସିଆ କପ୍ ନ ଖେଳି ବିଶ୍ରାମ ନେବାକୁ ଭାରତ ଶ୍ରେୟସ୍କର ମଣିଥିଲା। ଅବଶ୍ୟ କୋହଲିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ଏସିଆ କପ୍ ଟାଇଟଲ ହାସଲ କରିବାକୁ ସକ୍ଷମ ହୋଇଥିଲା। ଯୁବ ତଥା ପ୍ରତିଭାସମ୍ପନ୍ନ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଦିନିକିଆରେ ପଦାର୍ପଣ କରିବା ନିଶ୍ଚିତ ମନେହେଉଛି। ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ପନ୍ତ ଦିନିକିଆରେ ମଧ୍ୟ କମାଲ କରିବା ଆଶା କରାଯାଉଛି। ପନ୍ତଙ୍କୁ ନେଇ କୋହଲି ଦିନିକିଆରେ ପରୀକ୍ଷା ନିରୀକ୍ଷା କରିବା ମନେ ହୁଏ। ୨୧ ବର୍ଷୀୟ ପନ୍ତ ନିଜର ପଦାର୍ପଣ ସିରିଜରେ ଇଂଲଣ୍ଡ ବିପକ୍ଷ ଓଭାଲ ଟେଷ୍ଟରେ ଲଢୁଆ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ପରେ ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇଟି ଟେଷ୍ଟରେ ସେ ୯୨ ରନ ଲେଖାଏ କରି ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅଭିଜ୍ଞ ଦୀନେଶ କାର୍ତ୍ତିକଙ୍କ ବଦଳରେ ପନ୍ତଙ୍କୁ ଦଳରେ ସାମିଲ କରାଯାଇଛି। ନୂଆ ଫର୍ମାଟରେ ଖେଳିବା ପୂର୍ବରୁ ପନ୍ତଙ୍କ ଉପରେ ଚାପ ରହିବ।

ପୁଣିଥରେ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଫୋକସ୍‌କୁ ଆସିଛନ୍ତି। ଧୋନୀଙ୍କ ବ୍ୟାଟିଂରେ ପୂର୍ବ ଚମକ କମିବା ପରିଲକ୍ଷିତ ହୋଇଛି। ପୁଣି ମିଡଲ ଅର୍ଡରରେ ମଧ୍ୟ ତାଙ୍କୁ ସେତେଟା ସୁଯୋଗ ମିଳିପାରୁ ନାହିଁ। ତେଣୁ ଏହି ସରିଜରେ ସେ ପରୀକ୍ଷାର ସମ୍ମୁଖୀନ ହେବେ। ଏହା ସତ୍ତ୍ୱେ ଧୋନୀଙ୍କ ଉପରେ ମୁଖ୍ୟ ଚୟନକର୍ତ୍ତା ଏମ୍‌ଏସକେ ପ୍ରସାଦ ଭରଷା କରିଛନ୍ତି। ଅତିକମ୍‌ରେ ବିଶ୍ୱକପ୍ ପର୍ଯ୍ୟନ୍ତ ଧୋନୀ ପ୍ରଥମ ପସନ୍ଦର ଉଇକେଟକିପର ରହିବେ ବୋଲି ସେ କହିଛନ୍ତି।

ଗତ ଏସିଆ କପ୍‌ରେ ଧୋନୀ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ୪ ଇନିଂସ ଖେଳି ସେ ୧୯. ୨୫ ଓ ୬୨.୦୯ ଷ୍ଟ୍ରାଇକ୍ ରେଟ୍‌ରେ ମାତ୍ର ୭୭ ରନ ସଂଗ୍ରହ କରିଥିଲେ। ୨୦୧୮ରେ ସେ ୧୫ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ୧୦ଟିରେ ବ୍ୟାଟିଂ କରିବାର ସୁଯୋଗ ହାସଲ କରି ୨୮.୨୧ ରନ ହାରରେ, ୬୬. ୩୬ ଷ୍ଟ୍ରାଇକ୍ ରେଟ୍‌ରେ ରନ ସଂଗ୍ରହ କରିଥିଲେ। ସେ ଇଂଲଣ୍ଡରେ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ଇଂଲଣ୍ଡରେ ସେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ଶତକ ହାସଲ କରିପାରିନାହାନ୍ତି। ୨୦ଟି ଦିନିକିଆ ଖେଳି ସେ ଇଂଲଣ୍ଡରେ ୩୮.୦୬ ହାରରେ ରନ ସଂଗ୍ରହ କରିଛନ୍ତି। ଯେତେବେଳେ କି, ତାଙ୍କ କ୍ୟାରିୟର ଆଭରେଜ ୫୦. ୬୧ ରହିଛି।

ଅମ୍ବାତି ରାୟୁଡୁ ୪ ନମ୍ବରରେ ବ୍ୟାଟିଂ କରିବା ଆଶା କରାଯାଉଛି। ଏସିଆ କପ୍‌ରେ ସେ ୬ଟି ଇନିଂସରୁ ୪୩.୭୫ ରନ ହାରରେ ୧୭୫ ରନ ସଂଗ୍ରହ କରିଥିଲେ। ୩ ବର୍ଷ ଦଳେ ଦିନିକିଆ ପଦାର୍ପଣ କରିଥିଲେ ମଧ୍ୟ ମନୀଷ ପାଣ୍ଡେ ଅବଶ୍ୟ ଏପର୍ଯ୍ୟନ୍ତ ଦଳରେ ତାଙ୍କ ସ୍ଥାନ ପକ୍କା କରିପାରିନାହାନ୍ତି। ଲୋୟର ଅର୍ଡରରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା କମାଲ କରିବା ଆଶା କରାଯାଉଛି। ଗତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜରେ ମିଳିଥିବା ସୁଯୋଗର ଭରପୂର ଫାଇଦା ଉଠାଇ ଜାଡେଜା ରନ ସଂଗ୍ରହ କରବା ସହ ବୋଲିଂରେ ମଧ୍ୟ ଦମ୍ ଦେଖାଇଥିଲେ। ଦୀର୍ଘ ଗୋଟିଏ ବର୍ଷ ପରେ ମଧ୍ୟ ସେ ଗତ ଏସିଆ କପ୍‌ରେ ଦିନିକିଆ ପ୍ରତ୍ୟାବର୍ତ୍ତନ କରି ସଫଳ ହୋଇଥିଲେ।

ବୋଲିଂରେ ଦୁଇ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ, ଦ୍ରୁତ ବୋଲର ମହମ୍ମଦ ସାମି ଓ ଇନ୍ ଫର୍ମ ଉମେଶ ଯାଦବ ଭଲ ପ୍ରଦର୍ଶନ କରିବା ଆଶା କରାଯାଉଛି। ଦୁଇ ତାରକା ବୋଲର ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ଏମାନଙ୍କ ଉପରେ ଦ୍ରୁତ ବୋଲିଂର ଦାୟିତ୍ୱ ରହିବ। କାର୍ଯ୍ୟଭାର କମାଇବା ପାଇଁ ଭୁବନେଶ୍ୱର ଓ ବୁମରାଙ୍କୁ ପ୍ରଥମ ଦୁଇଟି ଦିନିକିଆରେ ବିଶ୍ରାମ ଦିଆଯାଇଛି। ଏସିଆ କପ୍‌ର ଦୁଇଟି ମ୍ୟାଚ୍ ଖେଳି ବେଶ୍ ସଫଳ ହୋଇଥିବା ଯୁବ ଦ୍ରୁତ ବୋଲର ଖଲିଲ ଅହମ୍ମଦ ସୁଯୋଗର ଫାଇଦା ଉଠାଇବା ଆଶା କରାଯାଉଛି।

ଟେଷ୍ଟ ସିରିଜରେ ଭଲ ଖେଳି ନ ଥିଲେ ମଧ୍ୟ ୱେଷ୍ଟଇଣ୍ଡିଜ୍ ଦିନିକିଆରେ ବେଶ୍ ଶକ୍ତିଶାଳୀ ମନେ ହୁଏ। ଅବଶ୍ୟ ଆଘାତସମସ୍ୟା ଦଳ ପାଇଁ ଚିନ୍ତା ସୃଷ୍ଟି କରିଛି। ଡାଇନାମିକ ଓପନ ଏଭିନ ଲୁଇସ୍ ବ୍ୟକ୍ତିଗତ କାରଣ ଦର୍ଶାଇ ଦିନିକିଆ ସିରିଜରୁ ଓହରିଯାଇଛନ୍ତି। ପୁଣି କ୍ରିସ୍ ଗେଲ ଓ ଆଣ୍ଡ୍ରେ ରସେଲଙ୍କ ଭଳି ଅଭିଜ୍ଞ ତଥା ତାରକା ଖେଳାଳି ଦଳରେ ନାହାନ୍ତି। ଏଥି ସହିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଆଚରଣବିଧି ଉଲ୍ଲଂଘନ କରିବା କାରଣରୁ କୋଚ୍ ଷ୍ଟୁଆର୍ଟ ଲ ପ୍ରଥମ ଦୁଇଟି ଦିନିକିଆରେ ଦାୟିତ୍ୱରେ ରହିପାରିବେ ନାହିଁ। ଫଳରେ ୱେଷ୍ଟଇଣ୍ଡିଜ୍‌ର ସମସ୍ୟା ଦ୍ୱିଗୁଣିତ ହୋଇଛି। ତେବେ ଦଳରେ ଅଭିଜ୍ଞ ମାର୍ଲନ ସାମୁଏଲ୍ସ, ଅଧିନାୟକ ତଥା ଅଲରାଉଣ୍ଡର ଜାସନ ହୋଲ୍ଡର ଓ ଦ୍ରୁତ ବୋଲର କେମର ରୋଚ୍‌ଙ୍କ ଭଳି ଖେଳାଳି ରହିଛନ୍ତି। ୱେଷ୍ଟଇଣ୍ଡିଜ ଦଳରେ ୩ ଜଣ ନବାଗତ ଚନ୍ଦରପଲ ହେମରାଜ, ଅଲରାଉଣ୍ଡର ଫାବିଆନ ଆଲେନ ଓ ଦ୍ରୁତ ବୋଲର ଓସାନ ଥୋମାସ ସାମିଲ ହୋଇଛନ୍ତି।

## ପ୍ରଥମ ଦିନିକିଆ ଆଜି

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, ମହେନ୍ଦ୍ର ସିଂ ଧୋନୀ, ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଖଲିଲ ଅହମ୍ମଦ, ଲୋକେଶ ରାହୁଲ ଓ ଉମେଶ ଯାଦବ।

**ୱେଷ୍ଟଇଣ୍ଡିଜ ଦଳ:** ଜାସନ ହୋଲ୍ଡର (ଅଧିନାୟକ), ଫାବିଆନ ଆଲେନ, ସୁନୀଲ ଅମ୍ବ୍ରିସ, ଦେବେନ୍ଦ୍ର ବିଶୁ, ଚନ୍ଦରପଲ ହେମରାଜ, ଶିମରନ ହେଟମେୟର, ଶାଇ ହୋପ୍, ଅଲଜାରି ଜୋଶେଫ୍, କିରନ ପାୱେଲ, ଅଶଲେ ନର୍ଶ, କିମୋ ପଲ, ରୋଭମ୍ୟାନ ପାୱେଲ, କେମର ରୋଚ୍, ମାର୍ଲନ ସାମୁଏଲ୍ସ,ଓସାନ ଥୋମାସ ଓ ଓବେଡ ମ୍ୟାକକୋଏ।

**ସମୟ: ଅପରାହ୍ନ ୧.୩୦**
**ସ୍ଥାନ: ଗୁଆହାଟୀ**
**ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ**

# ଫାଇନାଲ୍‌ରେ ସାଇନା

ଓଡିଞ୍ଜ୍ (ଡେନ୍‌ମାର୍କ), ୨୦।୧୦ (ପି.ଟି.)

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଡେନମାର୍କ ଓପନ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିବା ବେଳେ କିଡାମ୍ବି ଶ୍ରୀକାନ୍ତ ତାଙ୍କ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ ହାରିଯାଇଛନ୍ତି। ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ଶନିବାର ଅନୁଷ୍ଠିତ ଏକ ଏକତରଫା ସେମିଫାଇନାଲ ମ୍ୟାଚରେ ଇଣ୍ଡୋନେସିଆର ଗ୍ରେଗୋରିଆ ତୁନ୍‌ଜୁଙ୍ଗଙ୍କୁ ୨୧–୧୧, ୨୧–୧୨ରେ ପରାସ୍ତ କରିଛନ୍ତି। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ସାଇନା ବିଶ୍ୱର ନମ୍ବର ୱାନ ଖେଳାଳି ଚାଇନିଜ ତାଇପେର ତାଇ ଜୁ ଇଙ୍ଗଙ୍କୁ ଭେଟିବେ। କ୍ୟାରିୟରରେ ସାଇନାଙ୍କ ବିପକ୍ଷରେ ତାଇ ଜୁଙ୍କ ବିଜୟ ଓ ପରାଜୟ ରେକର୍ଡ ଯଥେଷ୍ଟ ଭଲ ରହିଛି। ଉଭୟଙ୍କ ମଧ୍ୟରେ ଏ ପର୍ଯ୍ୟନ୍ତ ହୋଇଥିବା ମୁକାବିଲା ଗୁଡ଼ିକରେ ତାଇ ଜୁ ୧୨ଥର ବିଜୟ ଲାଭ କରିଥିବା ବେଳେ ଭାରତୀୟ ଖେଳାଳି ମାତ୍ର ୫ ଥର ଜିତିବାରେ ସକ୍ଷମ ହୋଇ ପାରିଛନ୍ତି। ପୂର୍ବରୁ ଅନୁଷ୍ଠିତ ବିଶ୍ୱର ନମ୍ବର ୱାନ ଖେଳାଳି କେଣ୍ଟୋ ମୋମୋତାଙ୍କ ବିପକ୍ଷ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଶ୍ରୀକାନ୍ତ ୪୨ ମିନିଟ୍‌ରେ ହାରିଯାଇଥିଲେ। ଦ୍ୱିତୀୟ ଗେମ୍‌ରେ ତାଙ୍କର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ସେ ୧୬–୨୧, ୧୨–୨୧ରେ ପରାସ୍ତ ହୋଇଯାଇଥିଲେ।

# ଭାରତୀୟ ହକିରେ ବୈପ୍ଲବିକ ପରିବର୍ତ୍ତନ ହୋଇଛି: ଚାର୍ଲ୍ସୱର୍ଥ




ଭାରତୀୟ ହକିକୁ କଡ଼ା ସମାଲୋଚନା କରୁଥିବା ଅଷ୍ଟ୍ରେଲୀୟ ଲିଜେଣ୍ଡ ରିଚାର୍ଡ ଚାର୍ଲ୍ସୱର୍ଥ ଏବେ ତାଙ୍କ ସ୍ୱର ବଦଳାଇଛନ୍ତି। ଏସିଆନ୍ ଗେମ୍ସରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ ମଧ୍ୟ ସେ ଭାରତୀୟ ହକିକୁ ବେଶ୍ ପ୍ରଶଂସା କରିଛନ୍ତି। ଗତ ୩–୪ ବର୍ଷ ମଧ୍ୟରେ ଭାରତୀୟ ହକିରେ ବୈପ୍ଲବିକ ପରିବର୍ତ୍ତନ ହୋଇଛି ବୋଲି ସେ ମତ ଦେଇଛନ୍ତି।

ଜଣେ କୋଚ୍ ଓ ଖେଳାଳି ହିସାବରେ ଚାର୍ଲ୍ସୱର୍ଥ ବିଶ୍ୱକପ୍ ଜିତିଛନ୍ତି। ଭାରତୀୟ ହକିର ପରିଚାଳନାକୁ ସେ ପୂର୍ବରୁ କଡ଼ା ସମାଲୋଚନା କରି ବେଶ୍ ଚର୍ଚ୍ଚାରେ ରହିଥିଲେ। ଏଥିରେ ବିତସ୍ପୃହ ହୋଇ ସେ ଭାରତୀୟ ହକି ଟେକ୍‌ନିକାଲ ଡାଇରେକ୍ଟର ହିସାବରେ ମାତ୍ର ୧୦ ମାସ କାର୍ଯ୍ୟକରି ଇସ୍ତଫା ଦେଇଥିଲେ। ବାରମ୍ବାର କୋଚ୍‌ଙ୍କୁ ପରିବର୍ତ୍ତନ କରାଯିବା ନେଇ ସେ ଅପତ୍ତି ଉଠାଉଥିଲେ। ତେବେ ବର୍ତ୍ତମାନ ଭାରତୀୟ ହକି ଠିକ୍ ଦିଗରେ ଗତି କରୁଛି ବୋଲି କହିଛନ୍ତି। ୩–୪ ବର୍ଷ ତଳେ ମୁଁ ଭାରତୀୟ ହକିକୁ ନେଇ ସେତେଟା ଆଶାବାଦୀ ନ ଥିଲି। କିନ୍ତୁ ବର୍ତ୍ତମାନ ଏଥିରେ ବୈପ୍ଲବିକ ପରିବର୍ତ୍ତନ ଆସିଛି ବୋଲି ସେ କହିଛନ୍ତି। ଖେଳାଳିମାନେ ସେମାନଙ୍କ ଆଭିମୁଖ୍ୟ ବଦଳାଇଛନ୍ତି ଓ ସକାରାତ୍ମକ ଭାବେ ଚିନ୍ତା କରୁଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ଭାରତ ଦୁଇଟି ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିବାରେ ସକ୍ଷମ ହୋଇଛି। ପ୍ରକୃତରେ ଦେଖିବାକୁ ଗଲେ ଗତ ସଂସ୍କରଣରେ ଭାରତ ଏବେ ଅଷ୍ଟ୍ରେଲିଆଠାରୁ ବେଶ୍ ଭଲ ଖେଳୁଛି। ଭାରତ କେବଳ ଶୁଟ୍ ଆଉଟ୍‌ରେ ପରାସ୍ତ ହୋଇଥିଲା ବୋଲି ଚାର୍ଲ୍ସୱର୍ଥ କହିଛନ୍ତି।

ହକି ଇଣ୍ଡିଆ ଲିଗ୍ କାରଣରୁ ଏହି ପରିବର୍ତ୍ତନ ଆସିଛି। ଆନ୍ତର୍ଜାତିକ ଖେଳାଳିମାନଙ୍କ ସହ ନିୟମିତ ଭାବେ ଖେଳିବା କାରଣରୁ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆସିଛି। ଭାରତରେ ହକି ପ୍ରତିଭାର ଅଭାବ ନାହିଁ। କିନ୍ତୁ ଏମାନଙ୍କୁ ବିକଶିତ ହେବାର ଆବଶ୍ୟକତା ରହିଛି।

ବିଂଶତମ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଭାରତୀୟ ହକି ବିଶ୍ୱରେ ଆଧିପତ୍ୟ ବିସ୍ତାର କରିଥିଲା। ହକିକୁ ଭାରତ ଏକ ଭିନ୍ନ ରୂପ ଦେବାରେ ସଫଳ ହୋଇଥିଲା। ୭୦ ଦଶକରେ ଭାରତ ଓ ପାକିସ୍ତାନକୁ ହରାଇବା ଅଷ୍ଟ୍ରେଲିଆ ପାଇଁ କଷ୍ଟକର ଥିଲା। ତେବେ ଗତ ୩୦ ବର୍ଷ ମଧ୍ୟରେ ଭାରତୀୟମାନେ ଅଧିକ କିଛି ଶିକ୍ଷା କରିବାକୁ ଉତ୍ସାହିତ ନ ଥିଲେ। ଫଳରେ ଭାରତୀୟ ହକିର ଅବନତି ହୋଇଥିଲା ବୋଲି ସେ କହିଛନ୍ତି। ତେବେ ବର୍ତ୍ତମାନ କଥା ଅଲଗା ହୋଇଛି ଓ ଭାରତୀୟ ହକି ଉନ୍ନତି ପଥରେ ରହିଛି। ଖେଳାଳିମାନଙ୍କର ଆତ୍ମବିଶ୍ୱାସ ବଢ଼ିଛି। ନିଜର ପ୍ରତିଦ୍ୱନ୍ଦ୍ୱୀ ଓ ଖେଳ ସମ୍ପର୍କରେ ଖେଳାଳିମାନେ ବେଶ୍ ଭଲଭାବେ ଅବଗତ ରହିଛନ୍ତି। ସ୍ଥିର ପ୍ରଦର୍ଶନ ଉପରେ ମଧ୍ୟ ଖେଳାଳିମାନେ ଗୁରୁତ୍ୱ ଦେଉଛନ୍ତି। ତେବେ ଅନ୍ତିମ ମୁହୂର୍ତ୍ତରେ ଭାରତୀୟ ଖେଳାଳିମାନେ ତ୍ରୁଟି ସୁଧାରିବାରେ ବିଫଳ ହେଉଛନ୍ତି ବୋଲି ସେ କହିଛନ୍ତି। ଏସିଆନ ଗେମ୍ସରେ ମାଲେସିଆ ବିପକ୍ଷ ସେମିଫଇନାଲରେ ଏହା ଦେଖିବାକୁ ମିଳିଥିଲା। ଭାରତ ଶୁଟ୍ ଆଉଟ୍‌ରେ ହାରିଥିଲା। ଟୋକିଓ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଭାରତୀୟ ସପୋର୍ଟ ଷ୍ଟାଫଙ୍କୁ ନେଇ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଅତ୍ୟଧିକ ପରିବର୍ତ୍ତନ କ୍ଷତିକାରକ ହୋଇଥାଏ। ଟେରୀ ୱାଲ୍ସ ଓ ରୋଲେଣ୍ଟ ଅଲ୍ଟମ୍ୟାନ୍ସଙ୍କୁ ବହିଷ୍କାର କରାଯାଇଥିଲା। ତେବେ ହରେନ୍ଦ୍ର ସିଂ କୋଚ୍ ହିସାବରେ ଭଲ ଭାବେ ଦାୟିତ୍ୱ ନର୍ବାହ କରୁଛନ୍ତି ବୋଲି ସେ କହିଛନ୍ତି।





POLICE COMMEMORATION DAY

Message

I am glad to know that the 59th **Police Commemoration Day** is being observed across the country including Odisha at the State Police Head-quarters and District Police Headquarters on October 21, 2018.

The day is of great significance for Police personnel of all ranks. It is a day of remembering and expressing gratitude to all those martyred police personnel for their bravery, heroism, sacrifice and devotion to duty. Odisha Police has a distinct recored of serving people in difficult circumstances daring and braving challenges. This is truly admirable. While paying my tribute to the martyred police personnel I urge upon those in service to draw fresh inspiration and continue to serve with pride and dignity holding the spirit high. My best wishes to the Odisha Police.

I will the observance all success.

(Ganeshi Lal)

DSPL - 203
12029/13/0048/1819





ପୋଲିସ ଶହୀଦ ସ୍ମୃତି ଦିବସ

ବାର୍ତ୍ତା

ଓଡ଼ିଶା ପୋଲିସ ତରଫରୁ ୫୯ତମ "**ପୋଲିସ ଶହୀଦ ସ୍ମୃତି ଦିବସ**" ଅକ୍ଟୋବର ୨୧ ତାରିଖ, ୨୦୧୮ ଦିନ ପାଳନ କରାଯାଉଅଛି। ଦେଶ ପାଇଁ ସର୍ବୋଚ୍ଚ ତ୍ୟାଗ ସ୍ୱୀକାର କରିଥିବା ବୀର ପୋଲିସମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ୧୯୬୦ ମସିହାରୁ ଏହି ଦିବସ ପାଳନ କରାଯାଇ ଆସୁଅଛି।

ଆଜିର ଏହି ସ୍ମରଣୀୟ ଦିବସରେ ମୁଁ ସେହି ଶହୀଦ ପୋଲିସମାନଙ୍କ ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ସେମାନଙ୍କ ପରିବାର ବର୍ଗଙ୍କୁ ମୋର ସମବେଦନା ଜଣାଉଛି।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

DSPL - 203
12029/13/0048/1819

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ବୃକ୍ଷ ଉଦ୍‌ଗମ ମାତ୍ରକେ ଫଳ ଲାଭର ଆଶା କରାଯାଇପାରେ କି? ବୃକ୍ଷ ବଢ଼ି ଫଳ ଧରିବାକୁ ସମୟ ଲଗେ। ସେହିପରି ମଣିଷ ବଡ଼ ହେବାକୁ ସମୟ ଓ ଯୋଗ୍ୟତା ଲୋଡ଼ା।

- ଶ୍ରୀ ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ରଘୁନାଥ କ୍ରିକେଟ ଟୁର୍ନାମେଣ୍ଟ: ପାନସିଆଲି ସେମିରେ

**ଉଲୁଣ୍ଡା, ୨୦।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିନ୍ଦିରିଆବାହାଲ ରଘୁନାଥ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ୨୬ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଦ୍ୱିତୀୟ ଦିନ ଖେଳରେ ପାନସିଆଲି ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ମହଦା ଦଳ ବ୍ୟାଟିଂ କରି ୧୦ ଓଭରରେ ୮ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା। ଜବାବରେ ସମ୍ବଲପୁର ଆମ୍ବେଦକର ଦଳ ୬ ଉଇକେଟ ହରାଇ କେବଳ ୯୫ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ଖେଳରେ ବଲାରଙ୍ଗା ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୨୮ ରନ ସଂଗ୍ରହ କରିଥିଲା। ପାନସିଆଲି ଦଳ ୩.୩ ଓଭରରେ ୩ ଉଇକେଟ ହରାଇ ୨୯ ରନ ସଂଗ୍ରହ କରିନେଇ ବିଜୟୀ ହୋଇଥିଲା। ପରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ମହଦା ଦଳ ଟସ୍ ଜିଣି ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ହରାଇ ୯୫ ରନ ସଗ୍ରହ କରିଥିଲା। ଜବାବରେ ପାନସିଆଲି ଦଳ ୮.୩ ଓଭରରେ ଖେଳି ୪ ଉଇକେଟ ବିନିମୟରେ ଆବଶ୍ୟକ ୯୬ ରନ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ରାଧାକାନ୍ତ ପଧାନ, ସୁଶାନ୍ତ ପଧାନ ଖେଳ ସବୁ ପରିଚାଳନା କରିଥିଲେ। ଚିତରଞ୍ଜନ ଦେହୁରୀ ସ୍କୋରିଂ ଏବଂ ଭୁବନେଶ୍ୱର ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ପରେ ରିଲୁ କୁମାର ପୁରୋହିତଙ୍କ ସଭାପତିତ୍ୱରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ଖେଳପ୍ରେମୀ ମହେଶ ରଞ୍ଜନ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୦ବଲରେ ୫୦ ରନ ସଂଗ୍ରହ କରିଥିବା ବିଲୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

# ସ୍ୱଧାର ଗୃହରୁ ସ୍ୱର୍ଗଦ୍ୱାର

**ବୀରମହାରାଜପୁର, ୨୦।୧୦ (ଡି.ଏନ.ଏ.)**



**ନ୍ୟାୟ ମିଳିଲାନି**
- ଆଖି ବୁଜିଲେ ତିଲୋତ୍ତମା
- ପରିବାରର କେହି ଆସିଲେନି ଦେବାକୁ ଚାରିକାନ୍ଧ
- ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ହେଲା ଶେଷକୃତ୍ୟ
- ଜିଲା ମୁଖ୍ୟ ଡାକ୍ତରଖାନାରେ ଶିଶୁକନ୍ୟା ଚିକିତ୍ସାଧୀନ

ପ୍ରେମ ପ୍ରତାରଣାର ଶିକାର ହେବା ପରେ ନ୍ୟାୟ ପାଇଁ ଲଢେଇ ଜାରି ରଖିଥିବା ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳର ତିଲୋତ୍ତମା ସାହୁ (୨୨) ନାମ୍ନୀ ଯୁବତୀ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି। ଦୀର୍ଘ ପ୍ରାୟ ୫ମାସ ହେଲା ସ୍ଥାନୀୟ ସ୍ୱଧାର ଗୃହରେ ଆଶ୍ରୟ ନେଇଥିବା ଏହି ବାପ ଛେଉଣ୍ଡ ଯୁବତୀଙ୍କ ଅସୁସ୍ଥତା ଯୋଗୁ ଚିକିତ୍ସାଧୀନ ଥିବା ଅବସ୍ଥାରେ ମୃତ୍ୟୁ ଘଟିଛି। ସ୍ୱଧାର ଗୃହରେ ଆଶ୍ରିତା ଥିବାବେଳେ ଜନ୍ମଲାଭ କରିଥିବା ତାଙ୍କର ୩ ମାସର ଶିଶୁକନ୍ୟା ଅନାଥିନୀ ହେବା ସହ ଅସୁସ୍ଥତା କାରଣରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏବେ ଚିକିତ୍ସିତ ହେଉଥିବା ଜଣାପଡିଛି। ବୀରମହାରାଜପୁର ପୋଲିସର ହସ୍ତକ୍ଷେପ ଯୋଗୁ ଜିଲା ଶିଶୁ ସୁରକ୍ଷା ସମିତି ତତ୍ତ୍ୱାଧାନରେ ଶିଶୁ କନ୍ୟାଟିର ସ୍ୱଧାର ଗୃହ ଅଧୀକ୍ଷିକା ଯତ୍ନ ନେଉଛନ୍ତି।

ପ୍ରକାଶ ଯେ, ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତ ଅନ୍ତର୍ଗତ ଜମ୍ବାଲିପାଲି ଗ୍ରାମର ମୂଳବାସିନ୍ଦା ବିଶ୍ୱଜିତ ଶତପଥୀ ନାମକ ଜଣେ ବିବାହିତ ଯୁବକ ଗାଡି ଚାଳକ ଥାଇ ବିଭିନ୍ନ ସ୍ଥାନକୁ ଯାତାୟାତ କରିବା ଭିତରେ ତିଲୋତ୍ତମାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ତାଙ୍କର ସ୍ତ୍ରୀ ଓ ୨ ଝିଅ ଥିବା କଥାକୁ ଲୁଚାଇ ବିବାହର ପ୍ରତିଶ୍ରୁତି ଦେଇ ଅନ୍ୟତ୍ର ପଳାଇଥିଲେ। ଗତବର୍ଷ ମେ ମାସରେ ବୀରମହାରାଜପୁର ଫେରି ଆସିଥିଲେ ହେଁ ନିକଟବର୍ତ୍ତୀ ରଣାପାଲିସ୍ଥିତ ଜଣେ ସମ୍ପର୍କୀୟଙ୍କ ଘରେ ତିଲୋତ୍ତମାଙ୍କୁ ଛାଡି ଫେରାର ହୋଇଯାଇଥିଲେ ବିଶ୍ୱଜିତ। ତେଣୁ ତାଙ୍କ ସ୍ତ୍ରୀ ଅନନ୍ୟୋପାୟ ହୋଇ ୨ଝିଅଙ୍କ ସହ ବାପଘରେ ଆଶ୍ରୟ ନେବାକୁ ବାଧ ହୋଇଥିଲେ। ଏଣେ ୫ମାସର ଗର୍ଭବତୀ ଯୁବତୀ ଅସହାୟ ଅବସ୍ଥାରେ ଖୋଜି ଚାଲିଥିଲେ ବିଶେଷରେ ନିରାଶ ହୋଇ ଗତ ମେ ୧୩ ତାରିଖରେ ବୀରମହାରାଜପୁର ଥାନାକୁ ଯାଇ ଏତଲା ଦାଏର କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଦଫା ୪୧୭, ୪୯୩, ୫୦୬ରେ ଏକ ମାମଲା (ନଂ. ୬୬/୧୮) ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲା। ଏସବୁ ଭିତରେ ତିଲୋତ୍ତମାଙ୍କ ପରିବାର ତାଙ୍କୁ ଆଉ ଫେରାଇ ନେବା ପାଇଁ ଅରାଜି ହେବାରୁ ସେହି ଦିନଠାରୁ ସ୍ୱଧାର ଗୃହରେ ଆଶ୍ରୟ ନେଇଥିଲେ। ଏ ସମ୍ପର୍କିତ ଖବର ଗତ ଜୁଲାଇ ୧୪ତାରିଖ ଧରିତ୍ରୀରେ ପାଇଥିଲା। ଇତିମଧ୍ୟରେ ଜୁଲାଇ ୨୪ ତାରିଖରେ ତିଲୋତ୍ତମା ଏକ ଅପରିପକ୍ୱ କନ୍ୟା ସନ୍ତାନକୁ ବୁର୍ଲା ଡାକ୍ତରଖାନାରେ ଜନ୍ମ ଦେଇଥିଲେ ହେଁ ପରବର୍ତ୍ତୀ ପର୍ଯ୍ୟାୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାକୁ ଫେରିଥିଲେ। ତେବେ ବିଡ଼ମ୍ବନା ଚଳିତ ମାସ ୧୩ତାରିଖରେ ତିଲୋତ୍ତମା ଅସୁସ୍ଥ ହୋଇପଡ଼ିବାରୁ ସ୍ୱଧାର ଗୃହ ପକ୍ଷରୁ ତାଙ୍କୁ ପ୍ରଥମେ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଡାକ୍ତରଙ୍କ ପରାମର୍ଶରେ ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା ହେଁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା। ତେଣୁ ୧୬ତାରିଖରେ ତାଙ୍କୁ ସେଠାରୁ ବୁର୍ଲା ଭିମସାର ଡାକ୍ତରଖାନା ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ୧୭ତାରିଖ ସନ୍ଧ୍ୟାରେ ମୃତ୍ୟୁ ହୋଇଯାଇଥିଲା। ପରିବାର ନିକଟକୁ ଖବର ଦିଆଯାଇଥିଲେ ସୁଦ୍ଧା ମୃତଦେହ ନେବା ପାଇଁ କେହି ନ ପହଞ୍ଚିବା ଫଳରେ ସ୍ୱଧାର କର୍ତ୍ତୃପକ୍ଷଙ୍କ ଅଡୁଆ ବଢ଼ିଯାଇଥିଲା। ତେବେ ପୋଲିସର ସହାୟତାରେ ସମ୍ବଲପୁରସ୍ଥିତ ସମ୍ବଲ ନାମକ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଏ ଦିଗରେ ଆଗଭର ହେବା ସହିତ ସ୍ୱର୍ଗଦ୍ୱାରରେ ଶବ ସଂସ୍କାର କରିଥିଲେ।

ଏ ନେଇ ବୀରମହାରାଜପୁର ପୋଲିସ୍‌କୁ ଖବର ଦିଆଯିବା ସହ ସ୍ୱଧାର ଗୃହର ଅଧୀକ୍ଷିକା ଭାଗ୍ୟଲକ୍ଷ୍ମୀ ସାହୁ ଶିଶୁ କନ୍ୟାକୁ ନେଇ ବୀରମହାରାଜପୁର ଥାନାରେ ପହଞ୍ଚିଥିଲେ। ଗତ ୧୮ତାରିଖ ବୀରମହାରାଜପୁର ପୋଲିସ ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ସମିତିକୁ ଏ ନେଇ ଅବଗତ କରାଇଥିଲେ। ଶିଶୁଟି ଅସୁସ୍ଥ ହୋଇ ପଡିଥିବାରୁ ଜିଲା ଡାକ୍ତରଖାନା ଶିଶୁୱାର୍ଡରେ ଭର୍ତ୍ତି କରାଯାଇଛି। ସ୍ୱଧାର ଗୃହ କର୍ମକର୍ତ୍ତା ସେଠାରେ ଜଗି ରହିଥିବା ଜଣାଯାଇଛି। ସବିଶେଷ ଖବର ଅନୁସାରେ ତିଲୋତ୍ତମାଙ୍କ ଶିଶୁକୁ ଗ୍ରହଣ କରିବାକୁ ତାଙ୍କ ପରିବାର ଲୋକେ ରୋକଠୋକ ମନା କରିଦେଇଛନ୍ତି।

# ପରିତ୍ୟକ୍ତ କୂଅରୁ ୬ ବାର୍‌ହା ଉଦ୍ଧାର

**ସୋନପୁର,୨୦।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ଖଲିଆପାଲି ଗାଁ ଚାଷ ଜମି ନିକଟସ୍ଥ ଏକ ପରିତ୍ୟକ୍ତ କୂଅରୁ ଶୁକ୍ରବାର ସକାଳେ ୬ଟି ବାରହାକୁ ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ ମା' ଓ ଛୁଆ ବାର୍‌ହାଙ୍କୁ ସ୍ଥାନୀୟ ଖଲିଆପାଲି ଜଙ୍ଗଲରେ ଛଡା ଯାଇଛି। ସୂଚନା ଅନୁଯାୟୀ ବାର୍‌ହା ପଲ ପାଚିଲା ଧାନ ଖାଇବା ପାଇଁ ରାତିରେ ଜଙ୍ଗଲରୁ କ୍ଷେତକୁ ଚାଲି ଅସିଥିଲେ। ଖାଦ୍ୟ ଅନ୍ୱେଷଣରେ ଥିବା ବେଳେ ଭୁଲବଶତଃ ସେମାନେ କୂଅରେ ପଡିଯାଇଥିଲେ। ସକାଳେ ଚାଷୀମାନେ କୂଅରେ ବାର୍‌ହା ପଡିଥିବା ଦେଖି ଲଛିପୁର ବନପାଳ ବିନୋଦ ବିହାରୀ ସାହୁଙ୍କୁ ଖବର ଦେଇଥିଲେ। ବନପାଳ ସାହୁ, ସୋନପୁର ବନପାଳ ଜୟକୃଷ୍ଣ ପଟ୍ଟନାୟକ ଓ ଖଲିଆପାଲି ଫରେଷ୍ଟ ଗାର୍ଡ ପ୍ରବୀଣ ରଥ କର୍ମଚାରୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ଦଉଡି ସାହାଯ୍ୟରେ ବାର୍‌ହାଙ୍କୁ ଉପରକୁ ଆଣିଥିଲେ।



କୂଅ ଭିତରେ ବାରହା ପଲ ।

# ଦୁର୍ଗାପୂଜା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

**ସିଂଘିଯୁବା,୨୦.୧୦(ଡି.ଏନ୍.ଏ)**

ବିନିକା ବ୍ଲକ ସିଂଘିଯୁବାରେ ଦୁର୍ଗାପୂଜା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରୁପ୍ ଡ୍ୟାନ୍ସ, ସିଙ୍ଗଲ ଡ୍ୟାନ୍ସ ପରିବେଷଣ ହୋଇଥିଲା। ମୁଖ୍ୟଅତିଥି ଶିକ୍ଷାବିତ୍ ପ୍ରମୋଦ କୁମାର ପଣ୍ଡା, ସମ୍ମାନୀତ ଅତିଥି ଅବସରପ୍ରାପ୍ତ ଶିକ୍ଷାବିତ୍ ଫଗୁନୁ କୁମ୍ଭାର, ଶିକ୍ଷାବିତ୍ ରାଜକୁମାର ମହାକୁର, ସାଂସ୍କୃତିକ କଳା ପରିଷଦର ସୁଧାଂଶୁ ଶେଖର ତ୍ରିପାଠୀ, ଗୀତିକାର ସୁରେଶ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଧନପତି ପଧାନ ଓ ଫକୀର ଗଡ୍ଡୁଆ । ନୃତ୍ୟଶିଳ୍ପୀମାନେ ସିଂଘିଯୁବା ଦୁର୍ଗାପୂଜା ମଣ୍ଡପ ସମ୍ମୁଖରେ ନୃତ୍ୟକଳା ପରିବେଷଣ କରିଥିଲେ । ତିଲେଇମାଳର ଇତିଶ୍ରୀ ପାଣିଗ୍ରାହୀ ପ୍ରଥମ, ବାଙ୍କିଘିର୍ଡିର ସୁରେନ୍ଦ୍ର ଜୁଆଡି ଦ୍ୱିତୀୟ ଓ ଲଛିପୁରର ପ୍ରିୟଙ୍କା ସା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାନ୍ତ୍ୱନାମୂଳକ ପୁରସ୍କାର ୫ଜଣଙ୍କୁ ମିଳିଥିଲା । କମିଟି ସଭାପତି ପବିତ୍ର କୁମାର ଶର୍ମା କାର୍ଯ୍ୟକ୍ରମ ପରିସମାପ୍ତି ଘୋଷଣା କରିଥିଲେ ।

# ବୀରମହାରାଜପୁର ଯୁବ ମହାସଂଘ ଗଠିତ

**ଅମରପାଲି/ ବୀରମହାରାଜପୁର, ୨୦।୧୦ (ଡି.ଏନ.ଏ)**

ବୀରମହାରାଜପୁରରେ ଯୁବ ମହାସଂଘ ଗଠିତ ହୋଇଛି। ମୈତ୍ରୀ ସଦନରେ ଏହାର ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ସଂଗଠନ ପାଇଁ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି। ଉକ୍ତ ବୈଠକରେ ପୂର୍ବରୁ ଗଠିତ ହୋଇଥିବା ଉଲୁଣ୍ଡା ଯୁବ ମହାସଂଘର ୧୦ଜଣ ସଦସ୍ୟଙ୍କ ସମେତ ୩୦ଜଣ ସଦସ୍ୟ ଉପସ୍ଥିତ ଥିଲେ। ଯୁବ ମହାସଂଘ ପାଇଁ ଆନନ୍ଦ ବିଶ୍ୱାଳଙ୍କୁ ସଭାପତି, ପ୍ରଦୀପ ପଧାନ ଉପସଭାପତି, ପ୍ରଶାନ୍ତ ମାଝୀ ସମ୍ପାଦକ, ରାଜେନ୍ଦ୍ର ମେହେର ଓ ମାନସ କଲତା ସହସମ୍ପାଦକ, ଅମରେଶ ଦଣ୍ଡସେନାଙ୍କୁ କୋଷାଧ୍ୟକ୍ଷ ମନୋନୀତ କରାଯାଇଛି। ଗୋପୀନାଥ ବାରିକ, ସୁଶାନ୍ତ ଭୋଇ ଓ ସୁଦାମ ଗାଇଗରିଆଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ସଂଗଠନ ମାଧ୍ୟମରେ ଅଞ୍ଚଳ ସମସ୍ୟାର ଚିହ୍ନଟ, ଦୂରୀକରଣ ସହିତ ସମାଜସେବା କରିବା ଲକ୍ଷ୍ୟ ରହିଛି ବୋଲି ପ୍ରକାଶ କରିଛନ୍ତି।

# ପାର୍ବଣର ଗହଳିରେ ଜମିଲା ରାବଣ ଦରବାର



ପରିବେଷିତ ରାବଣ ଦରବାରର ଏକ ଦୃଶ୍ୟ।

**ବୀରମହାରାଜପୁର,୨୦।୧୦ (ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ପାର୍ବଣର ଅନ୍ତିମ ପର୍ବ ଭସାଣୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାର ଅବ୍ୟବହିତ ପୂର୍ବରୁ ଶକ୍ରବାର ରାତିରେ ଆୟୋଜିତ ହୋଇଥିଲା ରାବଣରାଜ କାର୍ଯ୍ୟକ୍ରମ। ବିଜୟ ଦଶମୀ ଉପଲକ୍ଷେ ସ୍ଥାନୀୟ ତ୍ରିବେଣୀ ଛକ ପୂଜା କମିଟି ପକ୍ଷରୁ ହାଇସ୍କୁଲ୍ ପଡ଼ିଆରେ ଏହାର ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଦର୍ଶିତ ହୋଇଥିଲା ରାବଣ ବଧ। ଟାଙ୍ଗରପାଲି କିଶୋର କଳାକାରମାନେ ରାମ ଲକ୍ଷ୍ମଣ, ହନୁମାନ ତଥା ବାନରସେନା ବେଶରେ ଅବତୀର୍ଣ୍ଣ ହୋଇଥିବାବେଳେ ମେଣ୍ଢାମାଳ ଗ୍ରାମର ରାମଲୀଳା କମିଟିର ଅଭିଜ୍ଞ କଳାକାରବୃନ୍ଦ ରାବଣ ସେନା ଭାବରେ ମଞ୍ଚକୁ ଓହ୍ଲାଇଥିଲେ। ତାହା ପୂର୍ବରୁ ଉଭୟ ପକ୍ଷଙ୍କ ସମର ଶୋଭାଯାତ୍ରା ବସ୍ତି ପରିକ୍ରମା କରିଥିଲା। ପରେ ପରେ ଅନୁଷ୍ଠିତ ରାବଣ ଦରବାରରେ ରାବଣ ରାଜର ଦୃଶ୍ୟାଭିନୟ ବେଶ ମନୋରଞ୍ଜନଧର୍ମୀ ହୋଇଥିଲା। ଶେଷ ପର୍ଯ୍ୟାୟରେ ସମ୍ପନ୍ନ ହୋଇଥିଲା ଆକର୍ଷଣୀୟ ରାବଣପୋଡ଼ି ଉତ୍ସବ। ଶୁକ୍ରବାର ସନ୍ଧ୍ୟାଠାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଜନଗହଳି ଲାଗି ରହିଥିଲା। ଏହାରି ଭିତରେ ଉତ୍ଫୁଲ, ଶୈଳସୁତା କ୍ଲବ ପୂଜା କମିଟି ତରଫରୁ ନାଟକ ରାବଣ ବଧ ପରିବେଷଣ କରାଯାଇଥିଲା ଏବଂ ବସ୍‌ଷ୍ଟାଣ୍ଡ ପୂଜା ମଣ୍ଡପରେ ମେଲୋଡ଼ି ପରିବେଷଣ ହୋଇଥିଲା।


**ସମ୍ବଲପୁରୀ ବସ୍ତ୍ରାଳୟ**

**ମହାଳୟା, ଦଶହରା ଓ କୁମାର ପୂର୍ଣ୍ଣିମା**

ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



**ବିଶେଷ ସରକାରୀ ରିହାତି**

**10%+20%**

ଅବଧି ତା୦୪।୧୦।୨୦୧୮ ରୁ ତା୨୪।୧୦।୨୦୧୮ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍ ସେଟ୍

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର କେବଳ ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରୟ କରୁଥିବା ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିଙ୍କଠାରେ ଉପଲବ୍ଧ ଅଟେ।


ସୁବର୍ଣ୍ଣପୁରରେ ରାବଣପୋଡ଼ି

# ମାତୃଶକ୍ତିକୁ ସମ୍ମାନ ଦେଲେ ସମାଜର ଅଗ୍ରଗତି ହେବ

**ସୋନପୁର,୨୦।୧୦ (ନି.ପ୍ର.)**

ଅସତ୍ୟ ଉପରେ ସତ୍ୟର ବିଜୟ, ପାପ ଉପରେ ଧର୍ମର ବିଜୟର ପ୍ରତୀକ ଭାବେ ରାବଣପୋଡି ଉତ୍ସବ ସୁବର୍ଣ୍ଣପୁର ଜିଲାରେ ପାଳିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସୋନପୁର ବ୍ଲକ ଛକସ୍ଥିତ ରୟାଲ ପଡିଆଠାରେ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ରାବଣ ପୋଡିରେ ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାବଣର ବିରାଟକାୟ ପ୍ରତିକୃତିରେ ଅଗ୍ନିସଂଯୋଗ କରିଥିଲେ। ସମାଜରୁ କୁସଂସ୍କାର ଦୂର କରିବା ଉପରେ ଜିଲାପାଳ ମିଶ୍ର ତାଙ୍କ ବକ୍ତବ୍ୟରେ ଗୁରୁତ୍ୱ ଦେଇଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ମାତୃଶକ୍ତିଙ୍କୁ ସମ୍ମାନ ଦେଲେ ହିଁ ସମାଜର ଅଗ୍ରଗତି ହୋଇ ପାରିବ ବୋଲି କହିଥିଲେ। ଡ. ଜ୍ୟୋତିରଞ୍ଜନ ବହିଦାରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଦୁର୍ଗାପୂଜା କମିଟିର ସଭାପତି ଅରବିନ୍ଦ ବାରିକ୍, ସମ୍ପାଦକ ନିଶାନ୍ତ ମହାନ୍ତି, ସୁକାନ୍ତି ଇଣ୍ଟର ନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷା କମଳିନୀ ତ୍ରିପାଠୀ ଓ ଉପସଭାପତି ଦିଲ୍ଲିପ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଦିଲ୍ଲୀରୁ ଆସିଥିବା ଇସୁ ମହାଦେବ ଗ୍ରୁପ ଦ୍ୱାରା ସୁନ୍ଦର ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ଗ୍ରାମାଞ୍ଚଳ ଓ ସହରର ହଜାର ହଜାର ଜନସାଧାରଣ ସମବେତ ହୋଇଥିଲେ। ସେହିପରି ସହରର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା।




ଦିଲ୍ଲୀ ଇସୁ ମହାଦେବ ଗ୍ରୁପର କଳାକାରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।


**ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ**

**ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା**

ସମ୍ବାଦ, ସମାଜ ଏବଂ ଧରିତ୍ରୀ ଖବରକାଗଜରେ ତା-୦୨.୧୦.୨୦୧୮ ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତଗୁଡିକୁ ତା୨୨.୧୦.୨୦୧୮, ୨୩.୧୦.୨୦୧୮, ୨୫.୧୦.୨୦୧୮, ୨୬.୧୦.୨୦୧୮ ଏବଂ ୨୭.୧୦.୨୦୧୮ରିଖ ଦିନ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିଲା । ଅନିବାର୍ଯ୍ୟ କାରଣବଶତଃ ପରମିଟ୍ କମିଟି ବୈଠକ ଉପରୋକ୍ତ ତାରିଖ ପରିବର୍ତ୍ତେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଆବେଦନକାରୀ ଗାଡ଼ି ମାଲିକ ତଥା ପ୍ରତିପକ୍ଷ ଦରଖାସ୍ତକାରୀମାନେ ଉକ୍ତ ତାରିଖ ଓ ସମୟରେ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଆବଶ୍ୟକ କାଗଜାତ ଦାଖଲ କରି ନିଜର ପକ୍ଷ ରଖିପାରିବେ ।

| କ୍ରମିକ ସଂଖ୍ୟା | ପୂର୍ବ ତାରିଖ | ପରିବର୍ତ୍ତିତ ତାରିଖ | ସମୟ |
|---|---|---|---|
| ୧ରୁ ୬୦ | ୨୨.୧୦.୨୦୧୮ | ୧୨.୧୧.୨୦୧୮ | ପୂର୍ବାହ୍ନ ୧୧ଘଟିକା |
| ୬୧ରୁ ୧୨୦ | ୨୩.୧୦.୨୦୧୮ | ୧୩.୧୧.୨୦୧୮ | |
| ୧୨୧ରୁ ୧୮୦ | ୨୫.୧୦.୨୦୧୮ | ୧୪.୧୧.୨୦୧୮ | |
| ୧୮୧ରୁ ୨୪୦ | ୨୬.୧୦.୨୦୧୮ | ୧୫.୧୧.୨୦୧୮ | |
| ୨୪୧ରୁ ୩୦୦ | ୨୭.୧୦.୨୦୧୮ | ୧୬.୧୧.୨୦୧୮ | |
| ୩୦୧ରୁ ୩୨୩ | ୨୮.୧୦.୨୦୧୮ | ୧୭.୧୧.୨୦୧୮ | |

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡ଼ିଶା, କଟକ



DSPL - 204



**ହସିଲା ସୂର୍ଯ୍ୟ ଆୟୋଡିନ ଲୁଣ**
**ଚକମକ ବୁଦ୍ଧି, ଚମକେ ଗୁଣ**

ଗର୍ଭବତୀ ମା' ପାଇଁ ଆୟୋଡିନ ଲୁଣ
ଗର୍ଭ ଅବସ୍ଥାରେ ପ୍ରତିଦିନ ଆୟୋଡିନ ଲୁଣ ଖାଇଲେ ଜନ୍ମ ହେବାକୁ ଥିବା ଶିଶୁର ମାନସିକ ଓ ଶାରୀରିକ ଅଭିବୃଦ୍ଧି ହୋଇଥାଏ।

ବଢୁଥିବା ଶିଶୁ ପାଇଁ ଆୟୋଡିନ ଲୁଣ
ପ୍ରତିଦିନ ଖାଦ୍ୟରେ ଆୟୋଡିନ ଲୁଣ ବ୍ୟବହାର କଲେ ପିଲାଙ୍କର ଉପଯୁକ୍ତ ମାନସିକ ବିକାଶ ହୋଇଥାଏ। ସେମାନଙ୍କ ବୁଦ୍ଧି ସ୍ତର ବୃଦ୍ଧି ପାଇଥାଏ।

ସବୁବେଳେ ହସିଲା ସୂର୍ଯ୍ୟ ଚିହ୍ନ ଥିବା ଆୟୋଡିନ ଲୁଣ କିଣନ୍ତୁ ।

10003/13/0087/1819

ପ୍ରତିଦିନ ଖାଦ୍ୟରେ ଆୟୋଡିନ ଯୁକ୍ତ ଲୁଣ ପିଲାଙ୍କ ମାନସିକ ଶକ୍ତି ଓ ବୁଦ୍ଧି ଲାଗି ସବୁଠୁ ଲାଭଦାୟକ ଉପାୟ।

unicef

facebook.com/HFWOdisha http://www.health.odisha.gov.in @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।

- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### ଶାରଦୀୟ ଦଶହରା ପର୍ବ ସମ୍ପନ୍ନ

**ଘଣ୍ଟାପଡା,୨୦।୧୦(ଡି.ଏନ.ଏ.):** କଣ୍ଟାମାଳ ବ୍ଲକର ବିଭିନ୍ନ ପୂଜାପୀଠରେ ଶାରଦୀୟ ଦଶହରା ପର୍ବ ପାଳିତ ହୋଇଯାଇଛି । ବ୍ଲକର ହରୀଶଙ୍କର କଳାମଣ୍ଡପ, ବ୍ଲକ ଛକ ପୂଜା ମଣ୍ଡପ ଆଦିରେ ଆକର୍ଷଣୀୟ ସାଜସଜ୍ଜା ସହ ଆଲୋକ ମାଳାରେ ଚଳଚଞ୍ଚଳ ହୋଇଉଠିଥିଲା ସାରା ପରିବେଶ । ଆମ୍ବଗାଁ ଗ୍ରାମାଞ୍ଚଳ ଉନ୍ନୟନ କ୍ରୀଡା ସାଂସ୍କୃତିକ ପରିଷଦ ପକ୍ଷରୁ ଦୀର୍ଘ ୩୧ ବର୍ଷ ହେଲା ଏହି ପୂଜା ପାଳନ ହୋଇ ଆସୁଛି । ଚଳିତ ବର୍ଷ ଆଚାର୍ଯ୍ୟ ବଳରାମ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୂଜାରେ ଫଗୁନୁ ରଣା ଓ ଲଳିତା ରଣା ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସଭାପତି କୀର୍ତ୍ତନ ରଣା, ସମ୍ପାଦକ ଅଶ୍ୱିନୀ କୁମାର ବେହେରା, ଉପସଭାପତି ରାଜ କୁମର ରଣା, ଗିରିଧାରୀ ରଣା, ମଣ୍ଟୁ ଗୁପ୍ତା ଓ ଆମ୍ବଗାଁବାସୀ ସହଯୋଗ କରିଥିଲେ ।

### ଅମରପାଲିରେ ପୀଠ ଦଶହରା ପାଳିତ

**ଅମରପାଲି, ୨୦।୧୦(ଡି.ଏନ.ଏ):** ବୀରମହାରାଜପୁର ବ୍ଲକ ଅମରପାଲିଠାରେ ବିଜୟା ଦଶମୀରେ ପୀଠ ଦଶହରା ପାଳିତ ହୋଇଯାଇଛି। ପ୍ରତ୍ୟହ ପୂଜା ପାଉଥିବା ଉକ୍ତ ମନ୍ଦିରରେ ଦଶହରା ପାଇଁ ପୂର୍ବ ପ୍ରସ୍ତୁତି କାର୍ଯ୍ୟସୂଚୀ ସ୍ଥିର କରାଯାଇଥିଲା। ଦଶମୀ ଦିନ ଭୋରରୁ ନୀତିକାନ୍ତରେ ଷୋଡଷ ପୂଜା କରାଯାଇଥିଲା। ପୂଜା ସମୟରେ ଢ଼ୋଲ, ନିଶାନ, ତାସା ଆଦି ପଞ୍ଚବାଦ୍ୟରେ ପ୍ରକମ୍ପିତ ହୋଇ ପଡିଥିଲା ମନ୍ଦିର ପରିସର। ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ବ୍ରତଧାରୀ ଉପବାସ କରି ନିଷ୍ଠା ଓ କାଷ୍ଠାରେ ବ୍ରତ କରିଥିଲେ। ସନ୍ଧ୍ୟାରେ ହୋଇଥିଲା ଆଳତୀ ଓ ସନ୍ଧ୍ୟା ଦର୍ଶନ। ଏହାପରେ ଭଜନ, କୀର୍ତ୍ତନ ସହିତ ରାତି ସାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ନବଦୁର୍ଗା ଉତ୍ସବ

**ବରଗଡ଼ ଅଫିସ୍,୨୦।୧୦:** ବରଗଡ଼ ବ୍ଲକ ଜମୁର୍ଡ଼ାରେ ନବଦୁର୍ଗା ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଜିଲା ବିଜେଡ଼ି ଯୁବ ସଭାପତି ହିମାଂଶୁ ଦାଶ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ଆମ୍ବା ପଣ୍ଡା, ନିଲୁ ମହାପାତ୍ର, ପ୍ରଶାନ୍ତ ଭୋଇ, ସୁଶାନ୍ତ ଭୋଇ, ସୁରୁ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଗଗନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

 କ୍ରିକେଟ ଟୁର୍ନାମେଣ୍ଟ

# ଆମ୍ବଗାଁ ଜୁନିୟର ବିଜୟୀ

**ଘଣ୍ଟାପଡା,୨୦।୧୦(ଡି.ଏନ.ଏ.)**



ଅତିଥିମାନଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ ।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ଜୁନିଅର କ୍ରିକେଟ କ୍ଲବ ପକ୍ଷରୁ ଶାରଦୀୟ ଦଶହରା ଉପଲକ୍ଷେ ସ୍ଥାନୀୟ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଥିବା ଟେନ୍-ଟେନ୍ ଧମାକା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ମୋଟ ୧୬ଟି କ୍ରିକେଟ ଦଳକୁ ନେଇ ଆରମ୍ଭ କରିଥିବା ଏହି ଟୁର୍ନାମେଣ୍ଟର ଅନ୍ତିମ ପର୍ଯ୍ୟାୟରେ ଯଥାକ୍ରମେ ଗ୍ରୁପ(ଏ) ପକ୍ଷରୁ ଆମ୍ବଗାଁ ସିନିଅର କ୍ଲବ ଓ ଗ୍ରୁପ୍ (ବି) ପକ୍ଷରୁ ଆମ୍ବଗାଁ ଜୁନିଅର କ୍ଲବ ଫାଇନାଲକୁ ପ୍ରବେଶ କରିଥିଲା। ଫାଇନାଲ ଖେଳରେ ଆମ୍ବଗାଁ ଜୁନିୟର ଦଳ ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ମ୍ୟାଚ୍‌ରେ ଆମ୍ବଗାଁ ସରପଞ୍ଚଙ୍କ ପ୍ରତିନିଧି ଚଞ୍ଚଳ ରଣା ଅତିଥି ଭାବେ ଯୋଗଦେଇ ଖେଳକୁ ଶୁଭାରମ୍ଭ କରିଥିଲେ। ୧୦ ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଜୁନିୟର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଙ୍ଗ କରିବାର ନିଷ୍ପତ୍ତି ନେଇଥିଲା ଓ ନିର୍ଦ୍ଧାରିତ ଓ ୯.୨ ଓଭର ଖେଳରେ ସମସ୍ତ ଉଇକେଟ ହରାଇ ୭୦ ରନ ସଂଗ୍ରହ କରିଥିଲା । ଜବାବରେ ସିନିୟର ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୯ ସଂଗ୍ରହ କରି ପରାଜୟ ବରଣ କରିଥିଲା । ରନ ପୁଟା ଓ ନିରନ ସାହୁ ଖେଳ ପରିଚାଳନା କରିଥିବା ବେଳେ କୈଳାଶ କୁଶଳ ସ୍କୋରର୍ ଥିଲେ। ଶିବଶଙ୍କର କାଲସେ ଖେଳର ଧାରା ବିବରଣୀ ଦେଇଥିଲେ । ପୁରସ୍କାର ବିତରଣ ସଭାରେ କଣ୍ଟାମାଳ ବିଧାୟକ ପ୍ରତିନିଧି ସୁଧାଂଶୁ ରଣା ମୁଖ୍ୟଅତିଥି, ସିଆରସିସି ନୀଳାଞ୍ଚଳ ଭୋଇ, ସମିତି ସଭ୍ୟ ପ୍ରତିନିଧି ଦାନବୀର ରଣା, ଗ୍ରାମର ଗୌନ୍ତିଆ ମୋତିଲାଲ ରଣା, ଶିକ୍ଷପତି କରୁଣାକର ସାହୁ, ଜିଆରଏସ୍ ଜୟକିଶୋର ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆମ୍ବଗାଁ ସିନିୟର ଦଳକୁ ରନର୍ସ ଅପ୍ ଓ ଜୁନିୟର ଦଳକୁ ଚାମ୍ପିୟନ ଏବଂ ଦିନେଶ କୁମାର ପଣ୍ଡା ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମଦନ କୁମ୍ଭାରଙ୍କୁ ମ୍ୟାନ ଅଫ୍ ଦି ସିରିଜ୍ ପାଇଁ ଟ୍ରଫି ସହିତ ଅର୍ଥରାଶି କରାଯାଇଥିଲା। ଆୟୋଜକ ଜୁନିୟର ଦଳ ପକ୍ଷରୁ ପାଞ୍ଚ ଦିନଧରି ଆୟୋଜିତ ହୋଇଥିବା ଏହି ଖେଳରେ ଅଧିନାୟକ ସୁଧାଂଶୁ ତାଣ୍ଡିଆ, ଉପ ଅଧିନାୟକ ହିମାଂଶୁ ପୁଟେଲ, ବିନୟ ରଣା ଓ ସୁବଳ ରଣା ପ୍ରମୁଖ ସହଯୋଗ କରିଥିଲେ।

# ପାରମ୍ପରିକ ଅନୁକୂଳ ପର୍ବ ପାଳିତ

**ବୀରମହାରାଜପୁର, ୨୦।୧୦(ଡି.ଏନ.ଏ.):**

ଦଶହରା ସନ୍ଧ୍ୟାରେ ବସ୍ତି ବାସିନ୍ଦାଙ୍କ ସମାଗମ ହୁଏ ଦଶହରା ପଡିଆରେ। ନିଜ ନିଜର କୂଳ ବେଉଷାର ଶୁଭାରମ୍ଭ କରି ଥାଆନ୍ତି ସେଇଠି। ଏଥିରେ ସାମିଲ ହୋଇ ଥାଆନ୍ତି ବିଦ୍ୟାର୍ଥୀ। ଦେବୀଙ୍କର ଆରାଧନା ହୁଏ ଏବଂ ସଭିଏଁ ଶୁଭ ଅନୁକୂଳର ସଫଳତା କାମନା କରି ଘରକୁ ଲେଉଟି ଥାଆନ୍ତି। ଏଭଳି ଏକ ସୁନେଲି ପରମ୍ପରା ରହି ଆସିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ସର୍ବାଧିକ ଜନବହୁଳ ଏବଂ ପୁରାତନ ଜନବସତି ସୁବଳୟା ଗ୍ରାମରେ। ଏହିକ୍ରମରେ ଶୁକ୍ରବାର ଦଶହରା ଉପଲକ୍ଷେ ସୁବଳୟାବାସୀ ପାଳନ କରିଥିଲେ ଅନୁକୂଳ ପର୍ବ। ଗାଁରେ ଥିବା ବଣିକମାନେ ସନ୍ଧ୍ୟାବେଳେ ପଡିଆରେ ପହଞ୍ଚି ବିଧି ମୁତାବକ ଆରାଧନା ସହ ନୂଆଁ ଖାତା ଖୋଲିଥିଲେ। ସେହିଭଳି ବିଦ୍ୟାର୍ଥୀମାନେ ଲେଖାପଢ଼ା ଚଳାଇଥିଲେ। ସୁବଳୟା ଉପକଣ୍ଠସ୍ଥିତ ନୂଆଁପଡାର ପାଇକ ମନ୍ଦିରରେ ପୂଜା ପାଉଥିବା ଦେବୀଙ୍କ ପ୍ରତୀକ ତରବାରୀକୁ ଛତିଛତର ସହ ପଡିଆ ନିଆଯାଇଥିଲା। ସେହିଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା।



ସୁବଳୟାବାସୀ ଅନୁକୂଳ ପର୍ବ ପାଳନ କରୁଛନ୍ତି।

# ଦଶହରାରେ ରାମାୟଣ ପାରାୟଣ



ରାମାୟଣ ପାରାୟଣ ପାଇଁ କଳସ ଶୋଭାଯାତ୍ରା ।

**ଜହ୍ନାପଙ୍କ, ୨୦।୧୦ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଜହ୍ନାପଙ୍କ ବସ୍‌ଷ୍ଟାଣ୍ଡରେ ଦୀର୍ଘ ୨୭ ବର୍ଷ ହେଲା ମାରୁତି ଯୁବକ ସଂଘ ଓ ଗ୍ରାମବାସୀଙ୍କ ସହଯୋଗରେ ଦଶହରା ଅନୁଷ୍ଠିତ ହୋଇଆସୁଛି । ଏବର୍ଷ ଦଶମୀ ତିଥିରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ୟାସ ଭାବେ ଅଳକା ଦାସ ଓ ପୂଜକ ଭାବେ ନାରାୟଣ ମିଶ୍ର ଯୋଗ ଦେଇଥିଲେ । ୧୮ ତାରିଖରେ ଗାଁର ମହିଳା ଓ ଯୁବତୀମାନେ ବୁରକଟା ଜାମ୍ବୁବନ୍ଧରୁ ୧୦୮ କଳସ ଜଳ ଧରି ଜହ୍ନାପଙ୍କ ଗ୍ରାମ ପରିକ୍ରମା କରି ଦୁର୍ଗାମଣ୍ଡପରେ ସ୍ଥାପନ କରିଥିଲେ । ଜହ୍ନାପଙ୍କ ସଂକୀର୍ତ୍ତନ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ । ଗ୍ରାମବାସୀ ସହଯୋଗ କରିଥିଲେ ।

# ସମାଜକୁ ମଧୁସିକ୍ତ କରିବା ମଣିଷର ଶ୍ରେଷ୍ଠ ତପସ୍ୟା

**ବରଗଡ଼ ଅଫିସ୍,୨୦।୧୦**

ମଣିଷ ସମାଜକୁ ମଧୁମୟ କରିବା ହିଁ ସାହିତ୍ୟର ଲକ୍ଷ୍ୟ। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସାହିତ୍ୟରୁ ଏହା ସ୍ପଷ୍ଟ ଅନୁମେୟ । ସେହିପରି ସମାଜକୁ ମଧୁସିକ୍ତ କରିବା ହିଁ ମଣିଷର ଶ୍ରେଷ୍ଠ ତପସ୍ୟା । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନ ଓ ସାହିତ୍ୟରେ ଏହା ମଧ୍ୟ ପ୍ରତିଫଳିତ। ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ଲେଣ୍ଡାସ୍ଥିତ ସ୍ୱୟଂସିଦ୍ଧା ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଶାରଦୀୟ ବନ୍ଧୁମିଳନ ଓ ପାଠୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡଃ ମଣୀନ୍ଦ୍ର କୁମାର ମେହେର ଏହା ମତବ୍ୟକ୍ତ କରିଛନ୍ତି । ବରପାଲି ଗଙ୍ଗାଧର ସ୍ମୃତି ଭବନ ପରିସରରେ ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ କୌସ୍ତୁଭ ବୁଧିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ ଆଡ଼ମିନିଷ୍ଟ୍ରେଶନର ଫ୍ୟାକଲଟି ଡଃ ସୁଜିତ କୁମାର ପୃଷେଠ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସେ କହିଥିଲେ, ସାହିତ୍ୟ ଓ ସାମ୍ବାଦିକତା ଆଜି ଏକ ଦୃଢ଼ ସ୍ତମ୍ଭ ଭାବେ ସମାଜକୁ ଆଗେଇ ନେଇଛି। ସାହିତ୍ୟ ମାଧ୍ୟମରେ ସମାଜକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି । ଏହି କ୍ରମରେ ଡଃ ପୃଷେଠ ବିଶ୍ୱ ଓ ଭାରତୀୟ ଦର୍ଶନ, ସାହିତ୍ୟରୁ ଉଦାହରଣ ଦେଇଥିଲେ । ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ଡଃ ସୁଶୀଲ କୁମାର ବାଗ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡଃ ଲକ୍ଷ୍ମଣ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ । ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ଡଃ ଶୁକମନି ମେହେର ସଭାପତିତ୍ୱ କରିଥିଲେ । ଆଲୋଚକ ଭାବେ ଝାଡ଼ଖଣ୍ଡସ୍ଥିତ କୋହ୍ଲାନ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡଃ ବାଳକୃଷ୍ଣ ବେହେରା ଯୋଗଦେଇ ସାମ୍ପ୍ରତିକ ଓଡ଼ିଆ କବିତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କବିତା ପାଠୋତ୍ସବକୁ ଅଧ୍ୟାପକ ଚିନ୍ମୟ ସାହୁ ଓ ଅଧ୍ୟାପକ ବିଶ୍ୱନାଥ ସାହୁ ସଂଯୋଜନା କରିଥିଲେ । କୁନି କବି ସୌଭିକ ସୁମନ ମେହେରଙ୍କ କବିତା ପାଠରୁ ଆରମ୍ଭ ହୋଇଥିବା ପାଠୋତ୍ସବରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସୁବ୍ରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଟବଲ ଟୁର୍ନାମେଣ୍ଟ: ଜିଏମ୍‌ସି ଚାମ୍ପିୟନ

**ବୌଦ୍ଧ,୨୦।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା କଚେରୀ ପଡିଆଠାରେ ଗେହ୍ଲାମା କ୍ଲବ ଆନୁକୁଲ୍ୟରେ ଆୟୋଜିତ ଗେହ୍ଲାମା କପ୍ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଟାଉନ ଆଥଲେଟିକ କ୍ଲବକୁ ୫-୬ ରେ ହରାଇ ଆୟୋଜକ ଗେହ୍ଲାମା କ୍ଲବ ଜିଏମସି କପ୍ ୨୦୧୮ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିମାନେ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ । ଶେଷ ପର୍ଯ୍ୟନ୍ତ ମ୍ୟାଚ୍ ଅମୀମାଂଶିତ ରହିବାରୁ ଶେଷରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡମ୍ବରୁଧର ଭୋଇ ମୁଖ୍ୟଅତିଥି ଏବଂ ସନ୍ତୋଷ ଟ୍ରଫି ଖେଳାଳି ସତ୍ୟପ୍ରକାଶ ଦାଶ ଓ ବରିଷ୍ଠ ଖେଳାଳି ଲିଙ୍ଗରାଜ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । କୁବେର ବେହେରାଙ୍କୁ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଅଭିଳାଷ ବେହେରା ଓ ଶ୍ରେଷ୍ଠ ଡିଫେନ୍ସ ହରିଶ୍ଚନ୍ଦ୍ର ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା । ରେଫରୀ ବିଭୂତି ବେହେରା, ସୁରେନ୍ଦ୍ର ବେହେରା, ଶେଷଦେବ ବେହେରା ଓ ବିକ୍ରମ ନାଏକ ଫାଇନାଲ ଖେଳ ପରିଚାଳନା କରିଥିଲେ।



ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

### ଆଜି କ'ଣ କେଉଁଠି

ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାରଫଟା (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଉତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନପସନ୍ଦ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି କଠିନ ରୁ କଠିନ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠ୍‌କରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

### ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

INVESTORS/ PARTNER
required for a running Automobile Unit in Patia.
20 Corporates + 150 (+) Clients.
Spares outlet opening facility.
CONTACT:
8114721727

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ। କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ରାବଣ ପୋଡି ସହ ଦୁର୍ଗାପୂଜା ଉଦ୍‌ଯାପିତ

ଭେଡେନ, ୨୦।୧୦ (ଡି.ଏନ.ଏ): ଭେଡେନ ବ୍ଲକର ବିଭିନ୍ନ ଗ୍ରାମରେ ଚାଲିଥିବା ଶାରଦୀୟ ପାର୍ବଣ ଶୁକ୍ରବାର ରାବଣ ବଧ ତଥା ରାବଣ ପୋଡି ସହ ଉଦ୍‌ଯାପିତ ହୋଇଛି । ବ୍ଲକର ଭେଡେନ, ରେମଣ୍ଡା, ଚିଚିଣ୍ଡା, କୁଶନପୁରୀ, କୁର୍ବା, ତେନ୍ତୁଲିଟିକ୍ରା, ଖୁଣ୍ଟଲିପାଲି, ରୁଷୁଡା ଆଦି ଗ୍ରାମରେ ପାରମ୍ପରିକ ଉତ୍ସାହ ଉଦ୍ଦୀପନାର ସହ ସମ୍ପନ୍ନ ହୋଇଛି ପାର୍ବଣ । ଭେଡେନରେ ଅନ୍ତିମ ଦିବସରେ ରଣଜିତା ଶୋଭାଯାତ୍ରା, କସରତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷ ଡୋଲାମଣି କ୍ଷେତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପରେ ରାବଣ ଦରବାର ପଡିଆରେ ରାବଣ ପୋଡି ଅନୁଷ୍ଠିତ ହୋଇଥିଲା । ସେହିପରି ରେଶମ ଦୁର୍ଗାପୂଜାର ମୁଖ୍ୟ ଆକର୍ଷଣ ଥିଲା ରାବଣ ଦରବାର । ସେହିପରି ତେନ୍ତୁଲିଟିକ୍ରା ଦୁର୍ଗାପୂଜାର ବିଭିନ୍ନ ଦିବସରେ କୃଷ୍ଣଗୁରୁ ସଂକୀର୍ତ୍ତନ ପରିବେଷିତ ହୋଇଥିଲା। ଅନୁରୂପ ଭାବେ ଚିଚିଣ୍ଡା ଦୁର୍ଗାପୂଜାର ମଧ ମୁଖ୍ୟ ଆର୍କଷଣ ଥିଲା ରଣଜିତା ଶୋଭଯାତ୍ରା। ସେହିପରି ରେମଣ୍ଡାରେ ରାବଣ ବଧ ସହ ଦୁର୍ଗାପୂଜା ଉଦ୍‌ଯାପିତ ହୋଇଛି। ବୁର୍ଜା, କୁଶନପୁରା, ଖଣ୍ଟଲିପାଲି, ରୁଷୁଡା ଆଦି ବିଭିନ୍ନ ଗ୍ରାମରେ ମଧ ଦୁର୍ଗାପୂଜା ସମ୍ପନ୍ନ ହୋଇଛି । ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ଦୁର୍ଗା ମଣ୍ଡପ ତଥା ରାବଣ ଦରବାରରେ ରାଜ ଅତିଥି ଭାବେ ଯୋଗ ଦେଇଥିଲେ ।



### ରୂପେଶଙ୍କୁ ମିଳିଲା ସହଯୋଗର ହାତ

ଅତାବିରା, ୨୦।୧୦ (ଡି.ଏନ.ଏ): ଅର୍ଥାଭାବ ଯୋଗୁ ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ବିଶିପାଲି ଗ୍ରାମର ଜଣେ ଶିଶୁଙ୍କ ଚିକିତ୍ସା ହୋଇପାରୁ ନ ଥିଲା । ଫଳରେ ସେ ୫ବର୍ଷ ହେଲଣ ଗୋଟିଏ ଖଟିଆରେ ପଡିରହିଥିଲେ । ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏହି ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି ସାମାଜିକ କର୍ମୀ । ବିଶିପାଲି ଗ୍ରାମର ସ୍ୱପ୍ନେ ପାଣ୍ଡେଙ୍କ ପୁତ୍ର ରୂପେଶ (୫) ଦୀର୍ଘ ୫ବର୍ଷ ହେଲା ଖଟିଆରେ ପଡିଛନ୍ତି । ତାଙ୍କ ପିତାମାତା ଧାରକରଜ କରି ଚିକିତ୍ସା ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ନିସ୍ୱାନ୍ତ ହୋଇଗଲେଣି । ସରକାରୀ ସ୍ୱାସ୍ଥ୍ୟବୀମା ସୁବିଧା ଏହି ପରିବାରକୁ ଏପର୍ଯ୍ୟନ୍ତ ମିଳିପାରିନି । ଏ ନେଇ ଧରିତ୍ରୀରେ ପ୍ରଥମେ ଖବର ପ୍ରକାଶ ପାଇବା ପରେ ସାମାଜିକ କର୍ମୀ ଗୋବିନ୍ଦ ନାଗ ଓ ଅନ୍ୟମାନେ ଉକ୍ତ ଗ୍ରାମରେ ପହଞ୍ଚି ରୂପେଶଙ୍କ ପରିବାରକୁ କିଛି ସହାୟତା ଦେଇଥିଲେ । ଏହାସହ ସରକାରୀ ସହାୟତା ପାଇଁ ସେମାନେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

■ ଧାନ ସଂଗ୍ରହ ଆରମ୍ଭ ହୋଇନି

# ଚାଲିଛି ଅଣ୍ଡରରେଟ୍ ମସୁଧା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୦।୧୦

ବରଗଡ଼ ଜିଲାରେ ଆଉ ୨ସପ୍ତାହ ପରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ । ନଭେମ୍ବର ୫ତାରିଖରୁ ଜିଲାରେ ଧାନ କିଣାବିକା ଚାଲିବ । ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଚାଲିଛି। ଚାଷୀ ପଞ୍ଜୀକରଣ ପ୍ରକ୍ରିୟାଠାରୁ ଆରମ୍ଭ କରି ଆକାଉଣ୍ଟ ଯାଞ୍ଚ ଏବଂ ଅନ୍ୟ ଆବଶ୍ୟକ କାଗଜାତ୍ ପ୍ରସ୍ତୁତିରେ ବିଭାଗୀୟ ଅଧିକାରୀମାନେ ଲାଗି ପଡ଼ିଛନ୍ତି। ଅନ୍ୟପଟେ ଅଣ୍ଡରରେଟ୍‌ରେ ଧାନ କିଣିବା ପାଇଁ ବେପାରୀଙ୍କ ମସୁଧା ମଧ୍ୟ ପଛରେ ପଡ଼ିନାହିଁ ।

ଧାନ ସଂଗ୍ରହ ପ୍ରକ୍ରିୟାର ଅବ୍ୟବହିତ ପୂର୍ବରୁ ଗ୍ରାମାଞ୍ଚଳରେ ବେପାରୀମାନେ ତତ୍ପର ହୋଇ ପଡ଼ିଛନ୍ତି । ମିଲର୍ସଙ୍କ ତଥାକଥିତ ଏଜେଣ୍ଟ ଭାବେ ପରିଚିତ ବେପାରୀମାନେ ଗାଁ ଗହଳିରେ ନିଜର ଜଣେ ଜଣେ ସବ୍ ଏଜେଣ୍ଟ ରଖୁଥିବା ଦେଖିବାକୁ ମିଳୁଛି । ସମ୍ପୃକ୍ତ ସବ୍ ଏଜେଣ୍ଟମାନେ ଗ୍ରାମର ଚାଷୀମାନଙ୍କୁ ଯୋଗାଯୋଗ କରି ସେମାନଙ୍କ ପାଖରେ ଧାନ ବିକିବାକୁ ପ୍ରବର୍ତ୍ତାଉଥିବା ଦେଖିବାକୁ ମିଳୁଛି । କେବଳ ସେତିକି ନୁହେଁ, ଅଞ୍ଚଳର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ମାର୍କେଟ୍ ୟାର୍ଡ଼ ଏବଂ ତନଖି ଫାଟକରେ ସମ୍ପୃକ୍ତ ବେପାରୀମାନଙ୍କ ନିୟମିତ ଗତିବିଧି ଅଧିକ ଚର୍ଚ୍ଚାର ବିଷୟ ହୋଇଛି । ଅଣ୍ଡରରେଟ୍‌ରେ ଧାନ କିଣିବା ପାଇଁ ସମ୍ପୃକ୍ତ ବେପାରୀମାନେ ବିଭାଗୀୟ କର୍ମଚାରୀଙ୍କ ପାଇଁ ସେଭଳି ମଧ୍ୟସ୍ଥି କରୁଥିବା ଆଲୋଚନା ହେଉଛି ।

ବରଗଡ଼ ଜିଲା



ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ଚାଷୀମାନେ ଧାନ ଅମଳ କରୁଛନ୍ତି ।

ଜିଲାରେ ଧାନ ବେପାରୀଙ୍କ ସେଭଳି କାର୍ଯ୍ୟକଳାପ ନୂଆ ନୁହେଁ । ବେପାରୀମାନେ ବିଭାଗୀୟ ଅଧିକାରୀଙ୍କୁ ହାତ କରି କରି ନକଲି ଚାଷୀ ପରିଚୟ ପତ୍ର ପ୍ରସ୍ତୁତି କରିବା ସହିତ ଲକ୍ଷାଧିକ ଟଙ୍କାର ଧାନ କିଣାବିକା ମଧ୍ୟ ନଜିର ରହିଛି । ବିଗତ ଦିନରେ ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ ରୁଷୁଡ଼ା ପ୍ରାଥମିକ କୃଷି ସେବା ସମବାୟ ସମିତି (ପ୍ୟାକ୍ସ)ରେ ଏଭଳି ଜାଲିଆତି ଧରାପଡ଼ିଥିଲା । ଘଟଣାଟି ପୋଲିସଠାରୁ ଆରମ୍ଭ କରି ଭିଜିଲାନ୍ସ ପାଖକୁ ମଧ୍ୟ ପହଞ୍ଚିଥିଲା । ମାତ୍ର ଏପର୍ଯ୍ୟନ୍ତ ସେହି ଘଟଣାରେ ପ୍ୟାଚଅପ ମରାଯାଇଥିବା ବେଳେ ସମ୍ପୃକ୍ତ ଅସାଧୁ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ହୋଇନାହିଁ । ସେହିପରି ବରଗଡ଼ ତହସିଲ ଅନ୍ତର୍ଗତ କଟାପାଲି ପ୍ୟାକ୍ସରେ ମଧ୍ୟ ସେଭଳି ଅନିୟମିତତା ପଦାକୁ ଆସିଥିଲା ଏବଂ ବିଗତ ଦିନରେ ସେଥିପାଇଁ ଜଣେ ରାଜସ୍ୱ ନିରୀକ୍ଷକଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା । ଏଠାରେ ଅନ୍ୟ ଏକ ଘଟଣାରେ ପ୍ୟାକ୍ସ ସମ୍ପାଦକକୁ ନିଲମ୍ବିତ କରାଯାଇଥିଲା । ଏହା ସହିତ ଆରଏମସି କର୍ମଚାରୀଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ସେତେବେଳେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ କେବଳ କାର୍ଯ୍ୟସ୍ଥଳୀରେ ଅଦଳବଦଳ କରାଯାଇଥିଲା ।

ଚଳିତବର୍ଷ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ବେପାରୀମାନେ ଯେଭଳି ଅଣ୍ଡରରେଟରେ ଧାନ କିଣିବା ପାଇଁ ତତ୍ପର ହୋଇ ପଡ଼ିଲେଣି । ଏଥର ମଧ୍ୟ ଧାନ କିଣାବିକାରେ ସେଭଳି ଅନିୟମିତତା ଆଶଙ୍କାକୁ ଏଡ଼ାଇ ଦେଇ ହେଉନାହିଁ। ନିକଟରେ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ସରିଥିବା ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକରେ ମଧ୍ୟ ଚାଷୀ ତଥା ଉପସ୍ଥିତ ଜନ ପ୍ରତିନିଧିମାନେ ସେଭଳି ଆଶଙ୍କା ପ୍ରକାଶ କରିଥିଲେ । ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ବେପାରୀମାନେ ଅଣ୍ଡରରେଟ୍‌ରେ ଧାନ କିଣି ମଣ୍ଡି ପରିବର୍ତ୍ତେ ସିଧାସଳଖ କେତେକ ରାଇସ ମିଲକୁ ନେଉଥିବା ସେମାନେ ଅଭିଯୋଗ କରିଥିଲେ । ଏଭଳି ଅଭିଯୋଗ କରି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ପୂର୍ବରୁ କେଉଁ ରାଇସ ମିଲ୍‌ରେ କେତେ ପରିମାଣରେ ଧାନ, ଚାଉଳ ଗଚ୍ଛିତ ରହିଛି, ତାର ଯାଞ୍ଚ କରିବାକୁ ମଧ୍ୟ ସେମାନେ ଜିଲାପାଳଙ୍କଠାରେ ଦାବି କରିଥିଲେ । ଏଭଳି ଅଭିଯୋଗ ଉଠିବା ପରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ଥିବା ମିଲର୍ସମାନେ ନିର୍ଦ୍ଧାରିତ ମଣ୍ଡି ପରିବର୍ତ୍ତେ ବାହାରୁ ଧାନ କିଣି ପାରିବେ ନାହିଁ ବୋଲି ବିଭାଗୀୟ ଅଧିକାରୀମାନେ ବୈଠକରେ ସ୍ପଷ୍ଟ କରିଥିଲେ । ତେବେ ଏପର୍ଯ୍ୟନ୍ତ ସେଭଳି କୌଣସି ମିଲ୍‌ରେ ଯାଞ୍ଚ ହୋଇନାହିଁ । ଆଗକୁ ବିଭାଗୀୟ ଅଧିକାରୀଙ୍କ ସେଭଳି ଦୃଢ଼ୋକ୍ତି କେତେଦୂର କାର୍ଯ୍ୟକାରୀ ହେବ, ତାହା ସମୟ କହିବ। ଏ ନେଇ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝୀଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ ।

## ଶହୀଦ ଦିବସ ପାଇଁ ଗଣଦୌଡ଼



ଶହୀଦ ଦିବସ ପୂର୍ବରୁ ବରଗଡ଼ରେ ପୋଲିସର ଗଣଦୌଡ଼ ଚାଲିଛି ।

ବରଗଡ଼ ଅଫିସ୍,୨୦।୧୦

ଓଡ଼ିଶା ପୋଲିସ ରବିବାର ଶହୀଦ ଦିବସ ପାଳନ କରିବ । ଏହାର ଅବ୍ୟବହିତ ପୂର୍ବରୁ ଶନିବାର ବରଗଡ଼ ଜିଲା ପୋଲିସ ପକ୍ଷରୁ ସହରରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଗାନ୍ଧୀଛକରୁ ଟାଉନ ଥାନା ଛକ ପର୍ଯ୍ୟନ୍ତ ଗଣଦୌଡ଼ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଏସ୍‌ପି ମୁକେଶ କୁମାର ଭାମୁ, ଅତିରିକ୍ତ ଏସ୍‌ପି ଯଶୋବନ୍ତ ସେନାପତି, ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାୟକ, ଏସଡ଼ିପିଓ ସୁରେଶ କୁମାର ନାଏକ, ଥାନା ଆଇଆଇସି ବିଭୂତି ଭୂଷଣ ଭୋଇ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସ୍ଥାନୀୟ ଅନ୍ୟ ପୋଲିସ କର୍ମଚାରୀ ମଧ୍ୟ ଗଣଦୌଡ଼ରେ ଅଂଶଗ୍ରହଣ କରିଥିଲେ ।

■ ଶିଙ୍କ୍‌ଲାରେ ବନ୍ଧା ଜୀବନ ଘଟଣା

## ବୁର୍ଲାରେ ଯୁବତୀଙ୍କୁ ଭେଟିଲେ ସାମାଜିକ କର୍ମୀ

ବରଗଡ଼ ଅଫିସ୍,୨୦।୧୦

ମାନସିକ ରୋଗରେ ଆକ୍ରାନ୍ତ ହୋଇ ଭୀମସାର, ବୁର୍ଲା ଡାକ୍ତରଖାନା ମାନସିକ ରୋଗ ବିଭାଗରେ ଚିକିତ୍ସାଧୀନ ଥିବା ବରଗଡ଼ ଜିଲା ଅତାବିରା ବ୍ଲକ ଟାଙ୍ଗରପାଲି ପଞ୍ଚାୟତ ଅଧୀନ ରେଙ୍ଗାଲପାଲି ଝୁଣ୍ଟିପଡ଼ାର ଲିଲିମା ଭରାସାଗର ଓ ପରିବାର ଲୋକଙ୍କୁ ରବିବାର ସାମାଜିକ କର୍ମୀ ନିହାଲ ସିଂ ଭେଟିଥିଲେ । ସେ ଡାକ୍ତରଖାନାରେ ଭର୍ତ୍ତି ହେବା ଦିନଠାରୁ ଏହି ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନେ ଲିଲିମାଙ୍କ ପାଖକୁ ଆସି ଦେଖାରଖା କରୁଥିବା ସିଂ କହିଛନ୍ତି । ପ୍ରକାଶଥାଉକି, ଶିଙ୍କୁଳିରେ ବାନ୍ଧି ରଖିଥିବା ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ତାଙ୍କୁ ଜିଲା ପ୍ରଶାସନ ସହଯୋଗର ହାତ ବଢ଼ାଇଥିଲା । ଗୋଡ଼ରୁ ଶିକୁଳି ଖୋଲାଯାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପିଂ ହାର୍ଟର ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଲିଲିମାଙ୍କୁ ଗତ ୧୭ତାରିଖ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ଏବଂ ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି ।

## ୮ ବର୍ଷ ହେଲା ଶିକୁଳିରେ ବନ୍ଧା ହୋଇ ବିତୁଛି ଜୀବନ

ଅତାବିରା,୨୦।୧୦(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ଗୋଡ଼ଭଗା-ଡୁରୁମ ରାସ୍ତାର ଲରମ୍ବା କଲେଜ ଛକ କେନାଲ ହିଡ଼ରେ ଜଣେ ବିବାହିତ ମାନସିକ ରୋଗଗ୍ରସ୍ତ ଲୋକଙ୍କୁ ଦୀର୍ଘ ୮ବର୍ଷରୁ ଊର୍ଦ୍ଧ୍ୱ ହେଲା ଗୋଡ଼ରେ ଶିକୁଳି ପକାଇ ରଖାଯାଇଛି। ସେ ଏବେ ଜୀବନ ଯନ୍ତ୍ରଣାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ।

ଲରମ୍ବା ଛକର ସୂର୍ଯ୍ୟ ମେହେର(୫୦) ଗାଁରୁ ପନିପରିବା ସଂଗ୍ରହ କରି ସାପ୍ତାହିକୀ ବଜାର ବୁଲି ବିକ୍ରି କରୁଥିଲେ । ଖରାଦିନେ ଆଇସକ୍ରିମ ବିକ୍ରି କରି ନିଜ ପରିବାର ପୋଷଣ କରୁଥିଲେ। କୌଣସି କାରଣରୁ ସେ ମାନସିକ ରୋଗଗ୍ରସ୍ତ ହୋଇ ପଡିଥିଲେ । ପରିବାର ଲୋକେ ତାଙ୍କୁ ବିଭିନ୍ନ ଡାକ୍ତରଖାନାକୁ ନେଇ ଚିକିତ୍ସା କରୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ଠିକ୍ ହୋଇ ନ ଥିଲା । ସେ ଏଣେତେଣେ ଦୌଡ଼ି ବୁଲୁଥିବାରୁ ସୁରକ୍ଷା ଦୃଷ୍ଟିକୋଣରୁ ପରିବାର ଲୋକେ ତାଙ୍କୁ ୮ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଶିକୁଳିରେ ବାନ୍ଧି ରଖିଛନ୍ତି। ଉଚ୍ଚତର ଚିକିତ୍ସା ହୋଇ ପାରିଲେ ସୂର୍ଯ୍ୟ ଭଲ ହେବ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି । ମାତ୍ର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି । ଏହି ଗରୀବ ପରିବାରକୁ ଏପର୍ଯ୍ୟନ୍ତ ଚିକିତ୍ସା ସହାୟତା ମିଳିବା ତ ଦୂରର କଥା, ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ ମଧ୍ୟ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାରେ ମଧ୍ୟ ସାମିଲ କରାଯାଇନାହିଁ ।

### ସାଇବାବାଙ୍କ ମହାପ୍ରୟାଣ ଦିବସ ପାଳିତ

ପଦ୍ମପୁର, ୨୦।୧୦ (ଡି.ଏନ.ଏ)

ବରଗଡ ଜିଲା ପଦ୍ମପୁର ବ୍ଲକ କଲୋନୀ ସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ପବିତ୍ର ବିଜୟା ଦଶମୀ ଅବସରରେ ସାଇବାବାଙ୍କ ୧୦୦ତମ ମହାପ୍ରୟାଣ ଦିବସ ପାଳିତ ହୋଇଛି। ଏହି ଅବସରରେ ସାଇ ଭକ୍ତମାନେ ସକାଳୁ ସଂକୀର୍ତ୍ତନ କରି ନଗର ପରିକ୍ରମା କରିଥିଲେ । ପରେ ବାବାଙ୍କୁ ସ୍ନାନ କରାଇ ନୂତନ ବସ୍ତ୍ର ପରିଧାନ କରାଇଥିଲେ। ପୂର୍ବାହ୍ନରେ ହୋମଯଜ୍ଞ ସମ୍ପାଦିତ ହୋଇଥିଲା । ଯଜ୍ଞରେ ସୁଶାନ୍ତ ଦାସ ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ମନ୍ଦିର ପୂଜକ ଅଗସ୍ତି ପଣ୍ଡା ଓ ସରୋଜ ପାଣିଗ୍ରାହୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଅପରାହ୍ନରେ ସାଇବାବାଙ୍କ ଏକ ଭବ୍ୟ ପାଲିଙ୍କି ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ନିରୋଜ ଦୋରା, ଅଭିମନ୍ୟୁ ପ୍ରଧାନ ଓ ପ୍ରଦୀପ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଫୁଟବଲ: ଅତାବିରା ଚାମ୍ପିୟନ

ଗଣ୍ଡତୁରୁମ, ୨୦।୧୦ (ଡି.ଏନ.ଏ)

ଭେଡେନ ବ୍ଲକ ଅନ୍ତର୍ଗତ ଟିହିକିପାଲି ଫରୱାର୍ଡ କ୍ଲବ ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ଖେଳ ପଡିଆରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏହାସହିତ ଟୁର୍ନାମେଣ୍ଟର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ପାଳନ କରାଯାଇଛି । ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ସେମିଫାଇନାଲ ମ୍ୟାଚ୍‌ରେ ଯଥାକ୍ରମେ ଅତାବିରା ଦଳ ଆଗଲପୁରକୁ ଏବଂ କଦଳୀପାଲିକୁ ହରାଇ ଡୁଙ୍ଗୁରିପାଲି ଦଳ ଫାଇନାଲକୁ ପ୍ରବେଶ କରିଥିଲେ । ଅତାବିରା ଏବଂ ଡୁଙ୍ଗୁରିପାଲି ଦଳ ମଧ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟରେ ଫଳାଫଳ ଅମୀମାଂସିତ ହେବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା । ଟାଇବ୍ରେକରେ ଅତାବିରା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ସୁବାଷ ହୋତା, ସମିତି ସଭ୍ୟା ସୁଭଦ୍ରା ନାଇ, ନିରଞ୍ଜନ ତ୍ରିପାଠୀ, ସୁରଥ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ଏହି ଅବସରରେ ଅଞ୍ଚଳର ପୂର୍ବତନ ଫୁଟବଲ ଖେଳାଳିମାନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଖେଳଗୁଡିକୁ ନରସିଂହ ସେଠି, ବାବୁଲାଲ ସାହୁ, ଆନନ୍ଦ ବଡ଼େଇ ଓ ସୁଜିତ ପଧାନ ପରିଚାଳନା କରିଥିଲେ । ପିଣ୍ଟୁ କର, ଉତ୍ତମ ଛୁରିଆ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଫରୱାର୍ଡ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ଅତିଥିମାନଙ୍କ ଗହଣରେ ଟୁର୍ନାମେଣ୍ଟର ଖେଳାଳିମାନେ ।

■ ମାଁ ମାହେଶ୍ୱରୀ କଳା ପରିଷଦ

## ନାଟକ ଏ...ବା...ବାରେ... ମଞ୍ଚସ୍ଥ



ସମ୍ବଲପୁରୀ ନାଟକ ଏ....ବା....ବାର ଏକ ଦୃଶ୍ୟ ।

ଭେଡେନ, ୨୦।୧୦ (ଡି.ଏନ.ଏ)

ପବିତ୍ର ଦଶହରା ପର୍ବ ଅବସରରେ ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ କୁବେଡେଗାଠାରେ ମାଁ ମାହେଶ୍ୱରୀ କଳା ପରିଷଦ ତରଫରୁ ତେଜରୁ ବାରିକଙ୍କ ରଚିତ ସମ୍ବଲପୁରୀ ନାଟକ ଏ....ବା....ବାରେ ପରିବେଷିତ ହୋଇଛି । ସୁରେନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ହୋଇଥିବା ନାଟକର ଉଦ୍‌ଘାଟନୀ ଉତ୍ସବରେ ଯୁବ ବାହିନୀ ଉପଦେଷ୍ଟା ଦୁର୍ଗା ପ୍ରସାଦ ଛୁରିଆ ମୁଖ୍ୟଅତିଥି, ଆମ୍ବା କମିଟି ସଭାପତି ହରିଶଙ୍କର ବେହେରା, ଅରବିନ୍ଦ ହୋତା, ଆଇନଜୀବୀ ଭରତ ତ୍ରିପାଠୀ, ବର୍ଷିୟାନ ନାଗରିକ ଜନ୍ମେଜୟ ମିଶ୍ର, ଅଶୋକ ନାଏକ, ବିଜୟ ସାହୁ, ଖବରଦାତା ନିର୍ମଳ କୁମାର ମେହେର, ଜ୍ୟୋତିରଞ୍ଜନ ମହାପାତ୍ର, ବଳରାମ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚଳଚ୍ଚିତ୍ର ଆଦିମ ବିଚାରର ଅଭିନେତ୍ରୀ ସୁଶ୍ରୀସ୍ମିତା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଳା ପରିଷଦର ସଭାପତି ସୁଜିତ ଶତପଥି ସ୍ୱାଗତ ଭାଷଣ ଏବଂ ସୁସଜ୍ଜିତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅରୂପାନନ୍ଦ ସାହୁଙ୍କ ନିର୍ଦ୍ଦେଶନାରେ ପରିବେଷିତ ଏହି ନାଟିକାରେ ଦିନେଶ ଶତପଥି, ସୁନୀଲ କୁମାର ଦାଶ, ଭୋଜରାଜ ଭୁଏ, ଦୁଷ୍ମନ୍ତ କର, ତେଜରାଜ ମହାକୁର, ମହେଶ ତ୍ରିପାଠୀ ପ୍ରମୁଖ ଅଭିନୟ କରିଥିଲେ । ଏହି ଅବସରରେ ପରିଷଦର ପୂର୍ବତନ ଅଭିନେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଯୋଜକ ମୁକ୍ତିକାନ୍ତ ଦାଶ, ହିମାଂଶୁ ଅମାତ, ସନ୍ତୋଷ ବିଶି, କାନନ୍ଦ ମିଶ୍ରଙ୍କ ସମେତ ପରିଷଦର ସଦସ୍ୟମାନେ ସହଯୋଗ କରିଥିଲେ ।

■ ୨୭ବର୍ଷରେ ପେଟୁପାଲି ଗଜଲକ୍ଷ୍ମୀ ପୂଜା

## କଳାସୁର ବଧ ମୁଖ୍ୟ ଆକର୍ଷଣ

ଘେଁସ,୨୦।୧୦(ଡି.ଏନ.ଏ)

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ପେଟୁପାଲି ଗ୍ରାମର ଗଜଲକ୍ଷ୍ମୀ ପୂଜା ଭାଇଚାରା, ସଦ୍‌ଭାବନା ଏବଂ ଏକତାର ବାର୍ତ୍ତା ପ୍ରେରଣ କରିଆସିଛି। ଧନଧାନ୍ୟର ଅଧିଷ୍ଠାତ୍ରୀ ଦେବୀ ମା ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ସୁନାମ ଅର୍ଜିଛି ଏହି ଅଞ୍ଚଳ । ଚଳିତବର୍ଷ ପୂଜା ୨୭ ବର୍ଷରେ ପଦାର୍ପଣ କରିଛି । ୧୯୯୨ ମସିହାରେ ଗାଁର କେତେକ ଶ୍ରଦ୍ଧାଳୁ ଭକ୍ତଙ୍କ ଉଦ୍ୟମରେ ପୂଜା ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଗ୍ରାମବାସୀ ନିରବଚ୍ଛିନ୍ନ ଭାବେ ପାଳନ କରି ଆସୁଛନ୍ତି । ଆସନ୍ତା କୁଆଁର ପୂର୍ଣ୍ଣିମା ତିଥିରୁ ପୂଜା ଆରମ୍ଭ ହେଉଥିବା ବେଳେ ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ମୂର୍ତ୍ତି ନିର୍ମାଣ ପାଇଁ ଯାଜପୁର ଜିଲା କୁଲୁଙ୍ଗା ଗ୍ରାମର ଶିଳ୍ପୀ ବାନାମ୍ବର ସାହୁ ଶେଷସ୍ପର୍ଶ ଦେବାରେ ଲାଗି ପଡିଛନ୍ତି । ସେହିପରି ୪୫ ଫୁଟ୍ ଉଚ୍ଚ ତୋରଣ ନିର୍ମାଣ କାମ ଚାଲିଛି। ପୂଜା ସମୟରେ ଆଧୁନିକ ସାଜସଜ୍ଜା ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକ ମାଳାରେ ପେଟୁପାଲି ଝଲସି ଉଠିବ । ଗ୍ରାମର ବିପିନ ମେହେର, ମିନି ମେହେର, ଗଣେଶ ମେହେର, କମଳାକାନ୍ତ ପଧାନ ଏବଂ ଶନିଶ୍ଚର ମେହେର ପରଭା ତିଆରିରେ ଲାଗିପଡିଛନ୍ତି। ଦର୍ଶକଙ୍କ ମନୋରଞ୍ଜନ ଲାଗି ପୌରାଣିକ କଥାବସ୍ତୁକୁ ନାଟକର ରୂପ ଦେଇ କଳାସୁର ବଧ କାର୍ଯ୍ୟକ୍ରମ ଅଭିନୀତ ହେବ । ପ୍ରତିବର୍ଷ ପୂଜା କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ଲାଗି ପୂଜା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏହାସହ ହଜିବାକୁ ବସିଥିବା ଲୋକକଳା, ସଂସ୍କୃତି, ଲୋକନୃତ୍ୟକୁ ଏହି ପୂଜା ମହୋତ୍ସବ ମାଧ୍ୟମରେ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ଲୋକ ମହୋତ୍ସବ 'ମହନୀ' ଅନୁଷ୍ଠିତ ହେବ ।

### ପୂଜା କମିଟି କର୍ମକର୍ତ୍ତା ଯାହା କୁହନ୍ତି...



ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର ।



"ଆଜକୁ ୨୭ ବର୍ଷ ହେଲା ମାଁଙ୍କ ପୂଜା କରିଆସୁଛୁ। ପୂଜା ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ଲାଗି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।
**-ଘୋଷାମଣି ବାଗ, ପୂଜା କମିଟି ସଭାପତି**



"ମାଁଙ୍କ ପୂଜା ଧୁମ୍‌ଧାମ୍ ଓ ନିଷ୍ଠାର ସହ ପାଳନ କରାଯିବ । ପୂଜା ସମୟରେ ଦର୍ଶକଙ୍କ ମନୋରଞ୍ଜନ ଲାଗି କଳାସୁର ବଧ ଓ ମହନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।
**-ସୁବାସ ଦିପ୍ତି, ପୂଜା କମିଟି ସମ୍ପାଦକ**



"୨୭ ତମ ବର୍ଷରେ ମାଁଙ୍କ ପୂଜାର୍ଚ୍ଚନା ଲାଗି ଗୁରୁଦାୟିତ୍ୱ ବହନ କରିଛି । ପୂଜା ଲାଗି ୭ ଲକ୍ଷ ଟଙ୍କାର ବ୍ୟୟବରାଦ ଲକ୍ଷ୍ୟ ରହିଛି । ବିଧିପୂର୍ବକ ପୂଜାର୍ଚ୍ଚନା ସହ ଭକ୍ତଙ୍କ ମନୋରଞ୍ଜନ ଲାଗି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।-**କୁମରମଣି ବିଶି, କୋଷାଧକ୍ଷ ପୂଜା କମିଟି**



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।

- ବ୍ୟାସକବି ଫକୀରମୋହନ ସେନାପତି

## ସଂକ୍ଷେପରେ

### ବନ୍ଧୁମିଳନରେ ପରିବେଶ ସ୍ୱଚ୍ଛତା ଉପରେ ଗୁରୁତ୍ୱ

**ଦେଓଗାଁ,୨୦।୧୦ (ଡି.ଏନ.ଏ):** ବଲାଙ୍ଗୀର ଜିଲା ସଦର ବ୍ଲକ ଅନ୍ତର୍ଗତ କୁଡାସିଂହା ପର୍ଶୁରାମ ହାଇସ୍କୁଲ ୨୦୦୫-୦୬ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କୁଡାସିଂହା ହାଇସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବୃଷକେତୁ ସାହୁଙ୍କ ସଭାପତିତ୍ୱ ଓ ସଚ୍ଚିଦାନନ୍ଦ ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ବନ୍ଧୁମିଳନରେ ପରିବେଶ ସ୍ୱଚ୍ଛତା ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ୟାଚର ଛାତ୍ରୀଛାତ୍ରମାନେ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଗୀତ, କବିତା ଆଦି ପ୍ରତିଯୋଗିତା, କମେଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯାଇଥିଲା । ଆଶିଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜନ୍ମେଜୟ ସାହୁ, ସୁଦର୍ଶନ ପୁଟେଲ, ଆଶିଷ କୁମାର ସାହୁ, ଶରତ କୁମାର ସାହୁ, ପ୍ରତ୍ୟୁଷ କୁମାର ସାହୁ, ବିକାଶ ସାହୁ, ମୁକେଶ ପୁଟେଲ, ନରେଶ ପୁଟେଲ, ରାମଚନ୍ଦ୍ର ବଡ଼ିଆ ପ୍ରମୁଖ ସହଯୋଗ କରିଥିଲେ ।

### ଗାୟତ୍ରୀ ପୀଠରେ ନବରାତ୍ର ପୂଜା ସମ୍ପନ୍ନ

**ଗୁଡଭେଲା,୨୦।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷରାସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଗତନଅ ଦିନ ଧରି ଚାଲିଥିବା ଶାରଦୀୟ ନବରାତ୍ର ପୂଜା ଶୁକ୍ରବାର ସମ୍ପନ୍ନ ହୋଇଯାଇଛି। ତିନିକୁଣ୍ଡିୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶାନ୍ତିକୁଞ୍ଜ ହରିଦ୍ୱାରର ଗଣେଶ୍ୱର ସାହୁ ଓ ଉର୍ମିଳା ଦିଦି ବେଦମନ୍ତ୍ର ସହିତ ଯଜ୍ଞ ଓ କର୍ମକାଣ୍ଡ ସମ୍ପାଦନ କରିଥିଲେ । ଜଗଦୀଶ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ରାଜ କୁମାରୀ ଅଗ୍ରୱାଲ, ଶ୍ୟାମ ପ୍ରସାଦ କେଡିଆ ଓ ତାଙ୍କ ସ୍ତ୍ରୀ ମୀରା କେଡିଆ ଏବଂ ମାଗି ସାହୁ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ । ମାଁଙ୍କୁ ନଅ ଦିନ ଧରି ବିଭିନ୍ନ ବେଶରେ ସୁସଜ୍ଜିତ କରାଯାଇଥିଲା।

ପାଟଖଣ୍ଡା ଯାତ୍ରାର ତୃତୀୟ ଦିନ

# ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି

**ଦେଓଗାଁ,୨୦।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାରେ ବିଜୟା ଦଶମୀ ତିଥିରେ ଗୁରୁବାର ଆରମ୍ଭ ହୋଇଛି ପଞ୍ଚଦିନ ବ୍ୟାପୀ ଐତିହ୍ୟପୂର୍ଣ୍ଣ ମା' ପାଟଖଣ୍ଡା ଯାତ୍ରା । ଶନିବାର ଯାତ୍ରାର ତୃତୀୟ ଦିନରେ ନିଶିପୂଜା, ଲିଙ୍ଗାବରଣ ପୂଜା ଓ ମଧ୍ୟରାତ୍ରରେ ସନ୍ଧିପୂଜା ଅନୁଷ୍ଠିତ ହୋଇଥିଲା। ଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମୁଛି।

ନିର୍ଦ୍ଧାରିତ ଲଗ୍ନ ଅନୁସାରେ ବିଜୟା ଦଶମୀ ଦିନ ଅପରାହ୍ନ ୫ଟା ୧୮ ମିନିଟରେ ପାଟଖଣ୍ଡା ଦେବତା ସାଲେପାଲି ନିକଟସ୍ଥ ଦେଝାର ଜଙ୍ଗଲରୁ ଆବିର୍ଭାବ ହୋଇଥିଲେ । ଏହି ସମୟରେ ସ୍ୱତନ୍ତ୍ର ବାଜା, ଧ୍ୱନୀ, ଘଣ୍ଟ, ଶଙ୍ଖ ଓ ହୁଳହୁଳିରେ ଉଚ୍ଛୁଳି ପଡିଥିଲା ଜମିଦାରଙ୍କ ଗିଣ୍ଡୁଲବାହାଲ ଖଳା । ଜରାସିଂହା ଜମିଦାର ତଥା ଦେବତାଙ୍କ ମୁଖ୍ୟ ସେବକ ସାମନ୍ତ ଦୁର୍ଗା ପ୍ରସାଦ ସିଂଦେଓ, ୩୨ଦେହୁଲି ଗଣ, ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା ହଜାରହଜାର ଭକ୍ତଙ୍କ ଉପସ୍ଥିତିରେ ଦେବତାଙ୍କୁ ବରଣ କରାଯାଇଥିଲା। ପରମ୍ପରା ଅନୁସାରେ ପାଟଖଣ୍ଡା ଦେବତା ବିଭିନ୍ନ ଭଙ୍ଗୀରେ ନୃତ୍ୟ କରି ସୋନଗଡ ନଦୀ ମଧ ଦେଇ ଢୋଲରେ ବସି ପୀଠସ୍ଥଳୀକୁ ପ୍ରବେଶ କରିଥିଲେ । ପୀଠରେ ପହଞ୍ଚିବା ପରେ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପୁରାତନ କାଳରୁ ଲୋକଙ୍କ ବିଶ୍ୱାସ ରହିଛି ଯେ, ଏହି ଯାତ୍ରା ସମୟରେ ମା'ଙ୍କ ପାଖରେ ମାନସିକ କଲେ ନିଜର ମନୋକାମନା ପୂର୍ଣ୍ଣ ହୋଇଥାଏ । ଏଣୁ ଏହିଦିନ ଜିଲା ତଥା ଜିଲା ବାହାରରୁ ଆସିଥିବା ହଜାର ସଂଖ୍ୟକ ମାନସିକ ଶ୍ରଦ୍ଧାଳୁ ଓ ଭକ୍ତଗଣ ମା'ଙ୍କଠାରେ ଗୁହାରି କରିଥିଲେ । ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ଧ୍ୟାନପୂର୍ବକ ବସି ରହିଥିବା ମାନସିକ ଧାରୀଙ୍କୁ ବରପ୍ରାପ୍ତି ନିମନ୍ତେ ଫଳଖିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଦିନ ମୁଖ୍ୟ ଅତିଥିଭାବେ ବିରୋଧିଦଳ ନେତା ନରସିଂହ ମିଶ୍ର ସମ୍ମାନୀତ ଅତିଥିଭାବେ ଭାବେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ପ୍ରମୁଖ ଯୋଗଦେଇ ମା' ପାଟଖଣ୍ଡାଙ୍କୁଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ । ସେହିପରି ଶୁକ୍ରବାର ଅପରାହ୍ନରେ ଉଛବାହାଲି ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ପରିପେକ୍ଷୀରେ ଦେବତା ବେଢା ପରିକ୍ରମା, ରାଜବଖରି ପରିକ୍ରମା,ଭକ୍ତ ହାରିଗୁହାରି ଶୁଣି ବର ପ୍ରଦାନ ଓ ବେଢା ନିକଟସ୍ଥ ସ୍ଥାନରେ ଦେବୀଙ୍କୁ ହଇରାଣ କରୁଥିବା କେନ୍ତଲବାମଡା ଭୂତକୁ ମୋହିତ କରିବା ପାଇଁ ପାଟଖଣ୍ଡା ଦେବୀଙ୍କ ଦ୍ୱାରା ବଳି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ୫.୫୩ ମଧ୍ୟେ ସାଲେପାଲି ଛକ ନିକଟସ୍ଥ ବଉରାପିଟାସ୍ଥଳକୁ ଦେବତା ପ୍ରତ୍ୟାବର୍ତ୍ତନ କରି ରାତ୍ରିବିଶ୍ରାମ କରିଥିଲେ। ଶନିବାର ନିଶିପୂଜା, ଲିଙ୍ଗାବରଣ ପୂଜା ଅନୁଷ୍ଠିତ ହୋଇଥିଲା। ୨୧ତାରିଖ ରବିବାର ସକାଳେ ବଉରାପିଟାସ୍ଥଳକୁ ଦେବୀଙ୍କ ଆଗମନ ପରେ ମାନସିକ ରୋଗୀ, ପାଗଳାମି କରୁଥିବା ବ୍ୟକ୍ତି, ବିଭିନ୍ନ ରୋଗୀମାନଙ୍କୁ ଦେବତା ଲୁହାର ଏକ ଶିକୁଳି ସ୍ପର୍ଶ କରି ରୋଗ ଛଡାଇବାର କାର୍ଯ୍ୟକ୍ରମ ପରେ ମଧ୍ୟାହ୍ନରେ ନିଶିଗୁଡିକୁ ଆଗମନ ବିରୁପାଣି ପୂଜା, ଜେନାପୂଜା ଓ ଅର୍ଦ୍ଧରାତ୍ରୀ ସମୟରେ ନିଶିଗୁଡି ଯାତ୍ରା, ସୋମବାର ବାହୁଡା ବିଜୟ ପରେ ଦେବତାଙ୍କ ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ଓ ବୁଧବାର ଅଷ୍ଟମଙ୍ଗଳା ପୂଜା ପରେ ଯାତ୍ରା ସମ୍ପନ୍ନ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ। ଏହି ଯାତ୍ରାକୁ ରାଜବ୍ରହ୍ମା ଅମୂଲ୍ୟ ତ୍ରିପାଠୀ, ପଣ୍ଡିତ ଅସିତ କୁମାର ତ୍ରିପାଠୀ, ମୁଖ୍ୟ ସେବାୟତ ସନ୍ତୋଷ କୁମାର ଥନାପତି, ଉଜ୍ୱଳ ଝାଙ୍କର, ମଶାଲିଆ ଶ୍ରୀବଚ୍ଛ ସାହୁ, ଡା.ସରୋଜ କୁମାର ସାହୁ, ୩୨ ଦେହୁଲି ଗଣ ସମେତ ବ୍ରଜେନ୍ଦ୍ର ନାରାୟଣ ଆଥଲେଟିକ ଆସୋସିଏଶନ ଓ ଜରାସିଂହା ଗ୍ରାମବାସୀ ସହଯୋଗ କରୁଛନ୍ତି।



ଜରାସିଂହା ପ୍ରସିଦ୍ଧ ପାଟଖଣ୍ଡା ଯାତ୍ରା ଅବସରରେ ମା' ପାଟଖଣ୍ଡା ଦେବତା ଭକ୍ତଙ୍କୁ ଫୁଙ୍କାଝରା କରୁଛନ୍ତି ।



ମୁଣ୍ଡପଲା ଗାଁରେ ନିଶାମୁକ୍ତ ଓ ଆଦର୍ଶ ଗାଁ ପାଇଁ ସାମୂହିକ ବୈଠକରେ ଉପସ୍ଥିତ ମହିଳା ଗୋଷ୍ଠୀ।

ନିଶାମୁକ୍ତ ଗାଁ ଗଠନ ପ୍ରୟାସ

# ଅଣ୍ଟା ଭିଡ଼ିଲେ ମହିଳା ଗୋଷ୍ଠୀ

**ଦେଓଗାଁ,୨୦।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତର ମୁଣ୍ଡପଲା ଗାଁକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ଓ ଏକ ଆଦର୍ଶ ଗାଁ ଭାବେ ଗଢ଼ିବା ପାଇଁ ଅଣ୍ଟା ଭିଡିଛନ୍ତି ସ୍ଥାନୀୟ ମହିଳା ଗୋଷ୍ଠୀ। ଶୁକ୍ରବାର ଗାଁରେ ଏକ ସାମୂହିକ ବୈଠକ ଅନୁଷ୍ଠିତ ହୋଇଥିଲା। ପୁଷ୍ପାଞ୍ଜଳି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଡା. ଶଶୀଭୂଷଣ ସାହୁ, ସମ୍ମାନୀତ ଅତିଥି ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣିମା ରଣା, ସ୍ୱେଚ୍ଛାସେବୀ ଗାୟତ୍ରୀ ଜୟସ୍ୱାଲ, ପିଏଲଭି ସଦସ୍ୟା ତଥା ସ୍ୱଚ୍ଛ ଭାରତ ମିଶନ ପ୍ରବର୍ତ୍ତିକା ବିଦ୍ୟୁତଲତା ଖମାରୀ, ସୀତାଂଶୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମହିଳା ଗୋଷ୍ଠୀଙ୍କ ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିବା ସହ ଆଦର୍ଶ ଗାଁ ଗଠନ ପାଇଁ ନିଶାମୁକ୍ତ ସହ ପରିବେଶ ସ୍ୱଚ୍ଛତା ଦିଗରେ ବିଭିନ୍ନ ପଦକ୍ଷେପ ହାତକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଦିନ ଗାଁର ସମସ୍ତ ଘର ଦୁଆର ମୁହଁକୁ ପରିଷ୍କାର କରି ଝୋଟି ଆଙ୍କି ଅତିଥିଙ୍କୁ ସ୍ୱାଗତ କରିଥିଲେ । ପ୍ରତ୍ୟହ ଝୋଟି ଆଙ୍କି ଘର ଅଗଣାକୁ ପରିଷ୍କାର କରିବା ପାଇଁ ସଂକଳ୍ପ ନେଇଥିଲେ । ଗାଁରେ ମଦ ବିକ୍ରୀ କରୁଥିବା କୁଚିଆଙ୍କୁ ବିକ୍ରୀ ବନ୍ଦ କରିବା ପାଇଁ କହିଥିଲେ। ଆଗକୁ ବିକ୍ରୀ କରିବା ନଜରକୁ ଆସିଲେ ପରିସ୍ଥିତି ଭୟାବହ ହେବ ବୋଲି ଚେତାବନୀ ଦେଇଛନ୍ତି । ପ୍ରତ୍ୟେକ ପରିବାରରେ ପାଇଖାନା ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମତପ୍ରକାଶ ପାଇଥିଲା। ଏଥିସହ ଗାଁର ସମସ୍ତ ପରିବାରର ମହିଳାମାନେ ଅତିକମରେ ଗୋଟିଏ ଲେଖାଏଁ ଗଛ ଲଗାଇ ତାର ଉପଯୁକ୍ତ ଯତ୍ନ ନେବାପାଇଁ ସଂକଳ୍ପ ନେଇଥିଲେ । ଗାଁରେ ଅନୁଷ୍ଠିତ ହେଉଥିବା ପଲ୍ଲିସଭାରେ ଗାଁର ସମସ୍ତ ମହିଳା କେମିତି ଉପସ୍ଥିତ ରହି ସରକାରଙ୍କ ସମସ୍ତ ଯୋଜନା ଉପରେ ଅବଗତ ହେବା ସହ ସାମିଲ ହୋଇପାରିବେ ସେ ନେଇ ସରପଞ୍ଚ ରଣା ଆଲୋଚନା କରିଥିଲେ ।

ସରିଲା ଶାରଦୀୟ ଦୁର୍ଗାପୂଜା

# ଆକର୍ଷିତ କଲା ରାବଣ ଦରବାର, ରାବଣପୋଡ଼ି

## ଆଧାତ୍ମିକ ଏକତା ବିକାଶର ନୂଆ ବାଟ ଫିଟାଇବ

**ବଲାଙ୍ଗୀର ଅଫିସ, ୨୦।୧୦**

ବଲାଙ୍ଗୀରରେ ଶାରଦୀୟ ଦୁର୍ଗାପୂଜା ମହାସମାରୋହରେ ସମ୍ପନ୍ନ ହୋଇଛି। ବିଜୟ ଦଶମୀ ଦିନ ସହରର ବିଭିନ୍ନ ପୂଜା ମଣ୍ଡପରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ସହରରେ ମୁଖ୍ୟ ଆକର୍ଷଣର କେନ୍ଦ୍ର ଥିଲା ଗାନ୍ଧୀନଗରପଡାର ରାବଣ ଦରବାର ଓ ଗୁଗୁଡିପଡା, ପ୍ୟାଲେସଲାଇନ୍ ରାବଣ ପୋଡି । ଏହା ସହିତ ଟିକ୍ରାପଡା ଗାନ୍ଧୀ ପାଠାଗାର, ତାଲପାଲିପଡା ଶାରଦୀୟ ଦୁର୍ଗାପୂଜା ମହୋତ୍ସବ ଓ ଅନ୍ୟାନ୍ୟ ପୂଜା କମିଟିର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ କିଣି ନେଇଥିଲା । ବିଜୟା ଦଶମୀ ଦିନ ଗାନ୍ଧୀନଗରପଡା ପୂଜା କମିଟି ପକ୍ଷରୁ ପୃଥ୍ୱୀରାଜ ହାଇସ୍କୁଲ ପଡିଆରେ ରାବଣ ଦରବାର ଓ ରାବଣ ପୋଡି ମହୋତ୍ସବ ମହାସମାରୋହରେ ପାଳିତ ହୋଇଥିଲା। ରାବଣ ଭୂମିକାରେ ରବୀନ୍ଦ୍ର କୁମାର ସାହୁ ଚିତ୍ତାକର୍ଷକ ଅଭିନୟ କରିଥିଲେ । ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ରାବଣ ପ୍ରତିକୃତିରେ ଅଗ୍ନିସଂଯୋଗ କରିଥିଲେ । ପୂଜା କମିଟି ସଭାପତି ଅଭିନାଶ ଦାନୀ, ସମ୍ପାଦକ ଶୁଭେନ୍ଦୁ ସାହୁ ସମ୍ପାଦକ ଓ କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ମେହେର, ରାବଣପୋଡି କମିଟି ଆବାହକ ସନ୍ତୋଷ ପୁରୋହିତ, ଉମାକାନ୍ତ ସାହୁ, କିଶୋର ଦଣ୍ଡସେନା, ବାବୁଲୁ ବେହେରା, ବରିଷ୍ଠ ସଦସ୍ୟ ରାମ ପୁରୋହିତ, ଶିବ ଦତ୍ତ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ବକ୍ତବ୍ୟ ରଖି ମୁଖ୍ୟଅତିଥି ବିଧାୟକ ମିଶ୍ର ଶାରଦୀୟ ପୂଜା ଅବସରରେ ସହରରେ ଆଧାତ୍ମିକ ପରିବେଶ ସୃଷ୍ଟି ହେଉଛି ଓ ଏହି ଆଧାତ୍ମିକ ଏକତା ଅଞ୍ଚଳର ବିକାଶରେ ନୂଆ ବାଟ ଫିଟାଇବ ବୋଲି କହିଥିଲେ । ଆଗକୁ ବଲାଙ୍ଗୀର ବିକାଶ ନୂଆ ରୂପରେଖ କିଭଳି କରାଯିବ ସେ ସୂଚନା ଦେଇ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଗାନ୍ଧୀନଗରପଡାର ନୂଆକରି ଏମବିବିଏସ୍ ପାଠ ପଢ଼ିଥିବା ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ଟିକ୍ରାପଡା ଗାନ୍ଧୀପାଠାଗାର ପୂଜା ମଣ୍ଡପ ସମ୍ମୁଖରେ ପାଠାଗାର ସଭାପତି ଭଗବାନ ବଗର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଯୋଗଦେଇ ବିଧାୟକ ମିଶ୍ର ବଲାଙ୍ଗୀରବାସୀଙ୍କ ସାଂଗଠନିକ ଏକତାକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମକୁ ସନ୍ତକ ବହିଦାର ସଂଯୋଜନା କରିଥିବାବେଳେ ବିକ୍ରମାନନ୍ଦ ବହିଦାର ମଞ୍ଚାସୀନ ଥିଲେ। ପୂର୍ବତନ ନଗରପାଳ ପ୍ରଦୀପ ସାହୁ ଧନ୍ୟବାଦ ଦେଇଥିଲେ । ଯୁବନେତା ଚନ୍ଦ୍ରମଣି ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ତାଲପାଲିପଡା ଦୁର୍ଗାପୂଜା ମହୋତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ମିଶ୍ର ପୂଜା କିଭଳି ମାନସିକ ଶୁଦ୍ଧତା ଓ ସାମୂହିକ ଏକତା ସୃଷ୍ଟି କରେ କହିଥିଲେ । ଏଠାରେ ସ୍କୁଲସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ମିଶ୍ର ପୁରସ୍କାର ବଣ୍ଟନ କରିଥିଲେ ।

ଗୁଗୁଡିପଡା ରାବଣପୋଡିରେ ପୂଜା କମିଟି ସଭାପତି ଲଳିତ କୁମାର ନାୟକ, ଉପସଭାପତି ଚେତନାନନ୍ଦ ପଣ୍ଡା ଓ ସଞ୍ଜୀବ ଶତପଥୀ, ସମ୍ପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ ସମ୍ପାଦକ କାହ୍ନୁ ବଗର୍ତ୍ତୀ ଓ ପିଙ୍କୁ ବାଗ, କୋଷାଧ୍ୟକ୍ଷ ଦେବାଶିଷ ମହାକୁର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅତିଥିଭାବେ ଏମପି କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ଜନସାଧାରଣଙ୍କୁ ଶାରଦୀୟ ଅଭିନନ୍ଦନ ଜଣାଇଥିଲେ। ପ୍ୟାଲେସଲାଇନ୍‌ଠାରେ ପୂଜା କମିଟି ସଭାପତି ଲୋକନାଥ ମହାନ୍ତି, ଉପସଭାପତି ଶିଳାଜିତ୍ ସିଂଦେଓ, ସାଧାରଣ ସମ୍ପାଦକ ଗ୍ଲେଡଷ୍ଟୋନ୍ ତାଣ୍ଡି, କୋଷାଧ୍ୟକ୍ଷ ସରୋଜ କୁମାର ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏଠାରେ ମଧ ରାବଣ ପୋଡି ଅନୁଷ୍ଠିତ ହୋଇଥିଲା । ସେହିପରି ଶାନ୍ତିପଡା, କଲେଜ ଛକ, ଠିକାଦାରପଡା, ଜଗନ୍ନାଥପଡା, ରାଧାରାଣୀପଡା, ପୁରୁଣା ରାଜବାଟୀ, ସାଗରପଡା, ତୁଳସୀନଗର, ରାଜେନ୍ଦ୍ରପଡା, ରେଲୱେ କଲୋନୀ, ମନୋହରପୁର, କ୍ଲବ୍‌ପଡା, ପିପି ଏକାଡେମୀ ଛକ, ସରକାରୀ ବସଷ୍ଟାଣ୍ଡ, ଜିଲା କାରାଗାର, ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ଦୁର୍ଗା ମନ୍ଦିର, ମାଳପଡା ମେଟାକାନୀ ମନ୍ଦିର ଠାରେ ମହାସମାରୋହରେ ଦୁର୍ଗାପୂଜା ସମ୍ପନ୍ନ ହୋଇଛି । ଶନିବାର ଓ ରବିବାର ବିଭିନ୍ନ ପୂଜା କମିଟିର ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହେବ ।



ଗାନ୍ଧୀନଗରପଡା ରାବଣ ଦରବାରଠାରେ ମୁଖ୍ୟଅତିଥି ନରସିଂହ ମିଶ୍ର କୃତି ଏମବିବିଏସ୍ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।


SBC
ସମ୍ବଲପୁରୀ ବସ୍ତ୍ରାଳୟ
ମହାଳୟା, ଦଶହରା ଓ କୁମାର ପୂର୍ଣ୍ଣିମା
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ବିଶେଷ ସରକାରୀ ରିହାତି
10%+20%
ଅବଧି ତା୦୪।୧୦।୨୦୧୮ ରୁ ତା୨୪।୧୦।୨୦୧୮ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍ ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର କେବଳ ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରୟ କରୁଥିବା ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିଙ୍କଠାରେ ଉପଲବ୍ଧ ଅଟେ।



ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ
ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା

ସମ୍ବାଦ, ସମାଜ ଏବଂ ଧରିତ୍ରୀ ଖବରକାଗଜରେ ତା-୦୨.୧୦.୨୦୧୮ ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତଗୁଡିକୁ ତା୨୨.୧୦.୨୦୧୮, ୨୩.୧୦.୨୦୧୮, ୨୫.୧୦.୨୦୧୮, ୨୬.୧୦.୨୦୧୮ ଏବଂ ୨୭.୧୦.୨୦୧୮ରିଖ ଦିନ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିଲା । ଅନିବାର୍ଯ୍ୟ କାରଣବଶତଃ ପରମିଟ୍ କମିଟି ବୈଠକ ଉପରୋକ୍ତ ତାରିଖ ପରିବର୍ତ୍ତେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଆବେଦନକାରୀ ଗାଡ଼ି ମାଲିକ ତଥା ପ୍ରତିପକ୍ଷ ଦରଖାସ୍ତକାରୀମାନେ ଉକ୍ତ ତାରିଖ ଓ ସମୟରେ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଆବଶ୍ୟକ କାଗଜାତ ଦାଖଲ କରି ନିଜର ପକ୍ଷ ରଖିପାରିବେ ।

| କ୍ରମିକ ସଂଖ୍ୟା | ପୂର୍ବ ତାରିଖ | ପରିବର୍ତ୍ତିତ ତାରିଖ | ସମୟ |
|---|---|---|---|
| ୧ରୁ ୬୦ | ୨୨.୧୦.୨୦୧୮ | ୧୨.୧୧.୨୦୧୮ | ପୂର୍ବାହ୍ନ ୧୧ଘଟିକା |
| ୬୧ରୁ ୧୨୦ | ୨୩.୧୦.୨୦୧୮ | ୧୩.୧୧.୨୦୧୮ | |
| ୧୨୧ରୁ ୧୮୦ | ୨୫.୧୦.୨୦୧୮ | ୧୪.୧୧.୨୦୧୮ | |
| ୧୮୧ରୁ ୨୪୦ | ୨୬.୧୦.୨୦୧୮ | ୧୫.୧୧.୨୦୧୮ | |
| ୨୪୧ରୁ ୩୦୦ | ୨୭.୧୦.୨୦୧୮ | ୧୬.୧୧.୨୦୧୮ | |
| ୩୦୧ରୁ ୩୨୩ | ୨୮.୧୦.୨୦୧୮ | ୧୭.୧୧.୨୦୧୮ | |

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡ଼ିଶା, କଟକ



DSPL - 204
ହସିଲା ସୂର୍ଯ୍ୟ ଆୟୋଡିନ ଲୁଣ
ଚକମକ ବୁଦ୍ଧି, ଚମକେ ଗୁଣ
ଗର୍ଭବତୀ ମା' ପାଇଁ ଆୟୋଡିନ ଲୁଣ
ଗର୍ଭ ଅବସ୍ଥାରେ ପ୍ରତିଦିନ ଆୟୋଡିନ ଲୁଣ ଖାଇଲେ ଜନ୍ମ ହେବାକୁ ଥିବା ଶିଶୁର ମାନସିକ ଓ ଶାରୀରିକ ଅଭିବୃଦ୍ଧି ହୋଇଥାଏ।
ବଢୁଥିବା ଶିଶୁ ପାଇଁ ଆୟୋଡିନ ଲୁଣ
ପ୍ରତିଦିନ ଖାଦ୍ୟରେ ଆୟୋଡିନ ଲୁଣ ବ୍ୟବହାର କଲେ ପିଲାଙ୍କର ଉପଯୁକ୍ତ ମାନସିକ ବିକାଶ ହୋଇଥାଏ । ସେମାନଙ୍କ ବୁଦ୍ଧି ସ୍ତର ବୃଦ୍ଧି ପାଇଥାଏ।
ସବୁବେଳେ ହସିଲା ସୂର୍ଯ୍ୟ ଚିହ୍ନ ଥିବା ଆୟୋଡିନ ଲୁଣ କିଣନ୍ତୁ ।
10003/13/0087/1819
ପ୍ରତିଦିନ ଖାଦ୍ୟରେ ଆୟୋଡିନ ଯୁକ୍ତ ଲୁଣ ପିଲାଙ୍କ ମାନସିକ ଶକ୍ତି ଓ ବୁଦ୍ଧି ଲାଗି ସବୁଠୁ ଲାଭଦାୟକ ଉପାୟ।
unicef
facebook.com/HFWOdisha http://www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା



ଭୁଲ୍‌ର ପୁନରାବୃତ୍ତି ନ ହେବା ହିଁ ହେଉଛି ସବୁଠାରୁ ବଳି ବଡ଼ ଅନୁତାପ।
- ନିକୋଲସ୍ କପରନିକସ

## ସଂକ୍ଷେପରେ

### ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟର ୭୫ତମ ସଂସ୍ଥାପନ ଦିବସ

ଖଡିଆଳ, ୨୦।୧୦ (ଡି.ଏନ.ଏ)- ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟର ଶୁକ୍ରବାର ୭୫ତମ ସଂସ୍ଥାପନ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ସ୍ଥାନୀୟ ବ୍ଲକ ଛକ ନିକଟରେ ଏକତ୍ର ହୋଇ ସୁରପସୋନିକ କ୍ଷେପଣାସ୍ତ୍ର ବ୍ରହ୍ମୋସ୍ତ୍ରର ପ୍ରତିକୃତିକୁ ସ୍ୱାଗତ ସହ ସ୍କୁଲ ଛାତ୍ରୀଛାତ୍ର, ଏନସିସି, ସ୍କାଉଟ ଗାଇଡ ପୁରାତନ ଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ସମସ୍ତେ ସାମିଲ ହୋଇ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ସ୍କୁଲ ପରିସରକୁ ପହଞ୍ଚିଥିଲେ। ପରେ ସ୍କୁଲର ପ୍ରତିଷ୍ଠାତା ରାଜା ଆର୍ତ୍ତତ୍ରାଣ ସିଂଦେଓ ଏବଂ ପ୍ରଥମ ପ୍ରଧାନଶିକ୍ଷକ ସ୍ୱର୍ଗତ ସେନଗୁପ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପରେ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଆୟକର ବିଭାଗ କମିଶନର ଶ୍ରୀକାନ୍ତ ଚାଟାର୍ଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ବଳଭଦ୍ର ମହାଉତି, ଅମୂଲ୍ୟ ଚନ୍ଦ୍ର ପଟ୍ଟନାୟକ, ଶିକ୍ଷାବିତ ଫଣିନ୍ଦ୍ର ସିଂଦେଓ, ପ୍ରଧାନଶିକ୍ଷକ ନକୁଳ ଯୋଗଦେଇଥିଲେ।

# ସପ୍ତାହକ ପରେ ସୁନାଦେଇ ଯାତ୍ରା

ନୂଆପଡା ଅଫିସ,୨୦।୧୦

ନୂଆପଡା-ଛତିଶଗଡ ସୀମାନ୍ତ ସୁନାବେଡା ଅଭୟାରଣ୍ୟର ପ୍ରସିଦ୍ଧ ସୁନାଦେଈ ଯାତ୍ରା ଦିବସ ଯେତିକି ପାଖେଇ ଆସୁଛି। ସୀମାନ୍ତ ଗାଁମାନଙ୍କରେ ଉତ୍ସୁକତା ସେତିକି ବଢିଚାଲିଛି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମକୁ କିପରି ଆକର୍ଷଣୀୟ ଏବଂ ଜାକଜମକ କରାଯିବ ସେଥିପାଇଁ ପ୍ରସ୍ତୁତି ମଧ୍ୟ ଜୋରସୋରରେ ଚାଲିଛି। କୁମାର ପୂର୍ଣ୍ଣିମା ତିଥିରେ ହେଉଥିବା ଏହିଯାତ୍ରା ଆଗକୁ ସପ୍ତାହେ ସମୟ ରହିଥିବାବେଳେ ସମଗ୍ର ସୁନାବେଡା ଅଭୟାରଣ୍ୟ ଚଳଚଞ୍ଚଳ ହୋଇଉଠିଛି। ସୁନାବେଡା ଅଭୟାରଣ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ସୁନାଦେଈଙ୍କର ପୂଜା ପ୍ରତିବର୍ଷ କୁମାର ପୂର୍ଣ୍ଣିମା ତିଥିରେ ହୋଇଥାଏ। ଏହା ପୂର୍ବରୁ ପନ୍ଦର ଦିନ ଧରି ସୁନାବେଡାବାସୀ ପୂଜାମଣ୍ଡପରେ ଆଳତୀ ଜାଳିଥାନ୍ତି। ପୂର୍ଣ୍ଣିମା ଦିନ ସକାଳୁ ସୁନାଦେଈ ପୀଠରେ ଭିଡ ଆରମ୍ଭ ହୋଇଯାଇଥାଏ। ଏଠାରେ ପଶୁପକ୍ଷୀ ବଳି ପରେ ମା'ଙ୍କର ବଏଲ ଯାତ୍ରା ସମଗ୍ର ଗାଁକୁ ପରିକ୍ରମା



ସୁନାଦେଈ ଯାତ୍ରା ସକାଶେ ଅଭୟାରଣ୍ୟର ଲୋକମାନେ ପୂଜା ସାମଗ୍ରୀ ଆଣି ଜମା କରୁଛନ୍ତି।

- ସମଗ୍ର ସୁନାବେଡାରେ ହର୍ଷଉଲ୍ଲାସ
- ସବୁସ୍ତରରେ ପ୍ରସ୍ତୁତି ଜୋରଦାର
- ରାସ୍ତା ନିର୍ମାଣ ହେଉନାହିଁ

କରିଥାଏ। ଏହି ସମୟରେ ସବୁ ଦ୍ୱାର ମୁହଁରେ ବନ୍ଦାପନା କରି ଛୁଆଠୁ ବୁଢା ମା'ଙ୍କର ଆଶୀର୍ବାଦ ଭିକ୍ଷା କରିବା ସହ ମାନସିକ ରଖିଥାନ୍ତି। ଦୁଇ ଦିନ ଧରି ଦିନତମାମ ବଜାର ବସୁଥିବାବେଳେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ ହୋଇଥାଏ। ତେବେ ଏଥିସକାଶେ ପୂଜା କମିଟି ସହ ସ୍ଥାନୀୟ ସୁନାଦେଈ ଯୁବକ ସଂଘର କର୍ମକର୍ତ୍ତାମାନେ ତୁହାକୁ ତୁହା ବୈଠକ କରୁଛନ୍ତି। ସମଗ୍ର ସୁନାବେଡା ବସ୍ତିକୁ ସଫେଇ କରି ବିଭିନ୍ନ ଜାଗାରେ ସଚେତନତା ଧର୍ମୀ ବ୍ୟାନର ସବୁ ଲଗାଯାଇଛି। ଏଥର ପୂଜାକୁ ଯାକଜମକ କରିବାକୁ ସବୁ ପ୍ରକାର ପଦକ୍ଷେପ ହାତକୁ ନିଆଯାଇଛି। ଏଥିରେ ସ୍ୱତଃପ୍ରବୃତ୍ତ ଭାବେ ଅଞ୍ଚଳର ଆଦିବାସୀମାନେ ଆଗକୁ ଆସି ସହାୟତାର ହାତ ବଢାଉଛନ୍ତି ବୋଲି ସରପଞ୍ଚ ତିଲସିଂ ଝାଙ୍କର କହିଛନ୍ତି। ଏହିଭଳି ପୂଜାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସ୍ଥାନୀୟ ଗ୍ରାମର ମୁଖିଆମାନେ ପୂଜାଭାର ଆଣି ରଖିଛନ୍ତି। ଏହା ସହ ସେମାନଙ୍କର ମାନସିକ ରଖିଛନ୍ତି। ଏଥିରେ ଶାନ୍ତିଶୃଙ୍ଖଳା ବ୍ୟବସ୍ଥାକୁ କଡାକଡି କରିବାକୁ ଯୁବକ ସଂଘକୁ ଦାୟୀତ୍ୱ ଦିଆଯାଇଛି। ପୂଜା ସମୟରେ ଜଙ୍ଗଲ ସୁରକ୍ଷା ଏବଂ ସ୍ୱଚ୍ଛତାକୁ କିପରି ବିଶେଷ ଦୃଷ୍ଟି ଦିଆଯିବ, ସେଥିପାଇଁ ସମସ୍ତଙ୍କୁ ଆହ୍ୱାନ କରାଯିବ ବୋଲି ଯୁବକମାନଙ୍କ ନେତୃତ୍ୱ ନେଉଥିବା କଳିରାମ ସୁଆର କହିଛନ୍ତି। ଏଠାକୁ ଯେହେତୁ ନୂଆପଡା ଜିଲା ସମେତ ପଡୋଶୀ ଜିଲା ଏବଂ ରାଜ୍ୟର ଲୋକେ ଆସୁଥିବା ହେତୁ ଏଠିକାର ଗମନାଗମନ ବ୍ୟବସ୍ଥା ଭୁଶୁଡି ପଡିଛି। ଏଥିପ୍ରତି ପ୍ରଶାସନ ତରଫରୁ ଦୃଷ୍ଟି ଦିଆଯାଇ ନ ଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିପ୍ରତି ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଯୁଦ୍ଧକାଳୀନଭିତ୍ତିରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି।

# ପୋଲିସ ବ୍ୟାରିକେଟ ଅନ୍ୟ କାମରେ ବ୍ୟବହାର




ପୋଲିସର ବ୍ୟାରିକେଟ ଅନ୍ୟ କାମରେ ବ୍ୟବହାର।

ଖଡିଆଳ, ୨୦।୧୦ (ଡି.ଏନ.ଏ)

ଖଡିଆଳ ସହର ବିଭିନ୍ନ ଛକ ସ୍ଥାନରେ ଟ୍ରାଫିକକୁ ନିୟନ୍ତ୍ରଣ କରିବା ପାଇଁ ଖଡିଆଳ ପୋଲିସ ଦ୍ୱାରା ବ୍ୟାରିକେଟର ବ୍ୟବସ୍ଥା କରାଯାଇଛି। କିନ୍ତୁ ଉକ୍ତ ବ୍ୟାରିକେଟ ଛକ ଗୁଡିକ ବଦଳରେ କିଛି ଠିକାଦାର ନିଜ ଠିକା କାମରେ ବ୍ୟବହାର କରୁଥିବା ଘଟଣା ସାମନାକୁ ଆସିଛି । ଏହିପରି ଘଟଣା ଦେଖିବାକୁ ମିଳିଛି ଖଡିଆଳ ସହରରେ ଯାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ମିଳିଥିବା ଖବର ଅନୁସାରେ ଉକ୍ତ ପୋଲିସ ବ୍ୟାରିକେଟ ଲଗାଇ ଖଡିଆଳ ଏନଏସି ୱାର୍ଡ ନମ୍ବର ୧୧ର ଅନ୍ଦାରିବୋରି ପଡାରେ କଂକ୍ରିଟ ରାସ୍ତା ନିର୍ମାଣରେ ବ୍ୟବହାର କରି ସଂପୃକ୍ତ ଠିକାଦାର ଜଣକ ରାସ୍ତା କାମ କରୁଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ବ୍ୟାରିକେଟ କାହା ପାଇଁ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ପ୍ରସିଦ୍ଧ ରାବଣପୋଡି ସହ ଶେଷ ହେଲା ଦଶହରା

# ମଞ୍ଚରେ ଦେଶପ୍ରେମର ବାର୍ତ୍ତା

ନୂଆପଡା ଅଫିସ, ୨୦।୧୦

ଆଜକୁ ଦଶଦିନ ଧରି ନୂଆପଡା ଜିଲାର ପୁରପଲ୍ଲୀରେ ଦଶହରା ପର୍ବ ପାଳିତ ହୋଇଥିଲା। ଶେଷ ଦିନରେ ବିଭିନ୍ନ ଜାଗାରେ ରାବଣ ପୋଡି, ଆତସବାଜୀ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ଥିଲା। ତନ୍ମଧ୍ୟରୁ ଜିଲା ସଦର ମହକୁମାର ରାବଣ ଦହନ କାର୍ଯ୍ୟକ୍ରମ ନିଆରା ଥିଲା।

ଜିଲା ସଦର ମହକୁମାରେ ୭ଟି ଜାଗାରେ ଅର୍ଥାତ ସାର୍ବଜନୀନ ପୂଜା, ଦୁର୍ଗା ମନ୍ଦିର, ତେଲିପଡା, ଶ୍ରୀରାମ କମ୍ପ୍ଲେକ୍ସ, ପୋଲିସ ପଡିଆ, ସିର୍ଡୋଲ ଏବଂ ନୀଳଶୈଳ ନଗର ପଡାରେ ପୂଜା ହୋଇଥିଲା। ଏସବୁ ଜାଗାରେ ନଅଦିନ ଧରି ଅହୋରାତ୍ର ପୂଜା ଚାଲିଥିବାବେଳେ ରାତିରେ



ରାବଣପୋଡି ଅବସରରେ ମଞ୍ଚରେ ଅନୁଷ୍ଠିତ ପ୍ରତିଯୋଗିତାରେ ଶିଶୁକଳାକାର।

ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସବୁ ଲୋକଙ୍କ ମନମୋହୁଥିଲା। ଏଥିରେ ସମଗ୍ର ସହର ସନ୍ଧ୍ୟା ହେଲେ ଆଲୋକମାଳାରେ ଝଲସୁଥିଲା। ଶେଷ ଦିନ ଅର୍ଥାତ ଶୁକ୍ରବାର ସନ୍ଧ୍ୟାରେ ସାମୂହିକ ଭାବେ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ରାବଣପୋଡି କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟା ୭ଟାବେଳେ ସ୍ଥାନୀୟ ପୋଲିସ ପଡିଆରେ ଆୟୋଜିତ ହୋଇଥିଲା କାର୍ଯ୍ୟକ୍ରମ। ଏଥିରେ ସମଗ୍ର ପଡିଆକୁ ସଜ୍ଜିତ କରାଯାଇଥିଲା। ଏଥିରେ ପ୍ରଥମେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କର ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ତନ୍ମଧ୍ୟରୁ ସ୍ଥାନୀୟ ଚେଚେରାଭଟାର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ଦେଶାତ୍ମକବୋଧକ କାର୍ଯ୍ୟକ୍ରମ ସମସ୍ତ ଦର୍ଶକଙ୍କ ମନମୋହିଥିଲା। ଏହି ଅବସରରେ ଆୟୋଜିତ ରାବଣଙ୍କ ରଙ୍ଗସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ସଭାପତି ବସନ୍ତ କୁମାର ପଣ୍ଡା, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନୂଆପଡାବାସୀଙ୍କ ମଧ୍ୟରେ ଭାଇଚାରାର ବୃଦ୍ଧି ସକାଶେ ଅତିଥିମାନେ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମକୁ ଶଙ୍କର୍ଷଣ ପୁରୋହିତ ପରିଚାଳନା କରିଥିବାବେଳେ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗିତା କରିଥିଲେ। ଏହା ପରେ ଶିଶୁକଳାକାରମାନଙ୍କ ଦ୍ୱାରା ରାବଣ ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ଏହି କ୍ରମରେ ସାର୍ବଜନୀନ ପୂଜାସ୍ଥଳରୁ ଶ୍ରୀରାମଙ୍କୁ ଶୋଭାଯାତ୍ରାରେ ପରିକ୍ରମା କରି ମଞ୍ଚ ନିକଟକୁ ପାଛୋଟି ଅଣାଯାଇଥିଲା। ନାଟକରେ ଶେଷରେ ରାବଣବଧ ପରେ ଆତସବାଜୀ ସହ ରାବଣ ଦହନ ହୋଇଥିଲା। ଏହାକୁ ସହର ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ଉପସ୍ଥିତ ରହି ଅଧର୍ମ ଉପରେ ଧର୍ମର ବିଜୟ ଯାତ୍ରାକୁ ଦେଖିଥିଲେ।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


### ଖଡିଆଳରେ ରାବଣପୋଡି ସମ୍ପନ୍ନ

ଖଡିଆଳ, ୨୦।୧୦ (ଡି.ଏନ.ଏ)

ରାବଣ ଦହନ କମିଟି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ରାବଣ ପୋଡି ଉତ୍ସବ ପାଳିତ ହୋଇଯାଇଛି। ୩୦ ଫୁଟ ଉଚ୍ଚର ନିର୍ମାଣ କରାଯାଇଥିବାବେଳେ ବିଭିନ୍ନ ପ୍ରକାର ଆତସବାଜି ପ୍ରଦର୍ଶିତ କରାଯାଇଥିଲା। ଫଳରେ ଆତସବାଜୀରେ ପଡିଆ ଝଲସି ଉଠିଥିଲା । ପରେ କମିଟିର ସଭାପତି ଅଧିରାଜ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଖଡିଆଳ ଏସଡିପିଓ ବିଦ୍ୟୁତ ଦାଶ ମୁଖ୍ୟଅତିଥି, ଆଇଆଇସି ସଦାନନ୍ଦ ପୂଜାହାରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପରେ କୁନି କୁନି କଳାକାରମାନେ ରାମ, ଲକ୍ଷ୍ମଣ, ହନୁମାନ ଏବଂ ବାନର ସେନା ବେଶରେ ସୁସଜ୍ଜିତ ହୋଇ ୩୦ ଫୁଟ ଉଚ୍ଚର ନିର୍ମିତ ରାବଣର ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ । ଶେଷରେ କମିଟିର ସମ୍ପାଦକ ଉଜ୍ଜଳ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ରାବଣ ପୋଡି ଉତ୍ସବ ଦେଖିବା ପାଇଁ ଖଡିଆଳ ସହରର ସମେତ ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା।

# ମା' ମହୁଲଗୋଛିଏନ୍‌ଙ୍କ ଛତର ଯାତ୍ରା

ସିନାପାଲି, ୨୦।୧୦(ଡି.ଏନ୍.ଏ.)

ନୂଆପଡା ଜିଲା ସିନାପାଲି ଗ୍ରାମଦେବୀ ମା' ମହୁଲଗୋଛିଏନ୍‌ଙ୍କ ଛତରଯାତ୍ରା ଶୁକ୍ରବାର ବିଜୟାଦଶମୀ ଅବସରରେ ସମ୍ପନ୍ନ ହୋଇଯାଇଛି। ଏ ବର୍ଷ ମଧ ଏହି ଯାତ୍ରା ବିଜୟାଦଶମୀ ତିଥିରେ ପାଳନ କରାଯାଇଥିଲେ ମଧ, ମହାଷ୍ଟମୀ ଦିନରୁ ହିଁ ବିଭିନ୍ନ ରୀତିନୀତି ଆରମ୍ଭ ହୋଇଥିଲା। ତନ୍ମଧ୍ୟରୁ ଖଣ୍ଡାଧୁଆ ଅନ୍ୟତମ। ଅଷ୍ଟମୀ ସନ୍ଧ୍ୟାରେ ଗ୍ରାମର ଝାଙ୍କର, ପୋଟା (ପାଟମାଝୀ) ଓ ମକଡ଼ଦମ୍ ସକାଳୁ ଉପବାସ ରହି ବୁଢାଦେଓଙ୍କ ମନ୍ଦିର ପ୍ରାଙ୍ଗଣରେ ସନ୍ଧ୍ୟାରେ ଏକତ୍ରିତ ହୋଇ ଖଣ୍ଡାଧୁଆ ଯାତ୍ରାରେ ସାମିଲ ହୋଇଥିଲେ। ଉତ୍ସବରେ ଗ୍ରାମଦେବତା ଓ ଦେବୀଙ୍କ ଖଣ୍ଡା, ତ୍ରିଶୁଳ, ଲେଠ୍ ବୁଢାଦେଓଙ୍କ ଛତର୍ ପ୍ରଭୃତିକୁ ଢୋଲ, ତସା, ଡାପ, ନିଶାନ୍ ତଥା ମହୁରୀର ତାଳେ ତାଳେ ଗ୍ରାମର ଉତ୍ତରରେ ପ୍ରବାହିତ ଉଦନ୍ତୀ ନଦୀକୁ ନିଆଯାଇଥିଲା। ପ୍ରଥମେ କ୍ଷୀରରେ ଓ ପରେ ନଦୀର ପାଣି ଓ ବାଲିରେ ସମସ୍ତ ଅସ୍ତ୍ରଶସ୍ତ୍ରକୁ ସୁନ୍ଦର ଭାବରେ ଧୁଆ ଯାଇଥିଲା । ପରେ ପରେ ସମସ୍ତ ଦେବାଦେବୀଙ୍କୁ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ବାଲିର ଏକ ସ୍ତୁପ ନିର୍ମାଣ କରି ବୁଢାଦେଓଙ୍କ ଶକ୍ତିର ପ୍ରତୀକ ପାଟଖଣ୍ଡାକୁ ସ୍ଥାପନ କରାଯାଇଥିଲା। ଏହି ଦିନ ବୋଦାର ପ୍ରତୀକ ସ୍ୱରୂପ ପାଣିକଖାରୁକୁ ବଳି ଦିଆଯିବା ସହ ବିଭିନ୍ନ ପ୍ରକାର ଫଳକୁ ନୈବେଦ୍ୟ ରୂପେ ଅର୍ପଣ କରାଯାଇଥିଲା। ବିଜୟାଦଶମୀ ଦିନ ସକାଳୁ ଦେବଦେବୀଙ୍କ ରୀତିନୀତି ଆରମ୍ଭ ହୋଇଯାଇଥିଲା। ଅପରାହ୍ନରେ ନିକଟସ୍ଥ କାପସି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ଛତର ବଜାର ଦେବତାପାର୍ ତାଳେତାଳେ ସିନାପାଲି ନଗରରେ ପ୍ରବେଶ କରିବା ପରେ ଝାଙ୍କର ତଥା ଅନ୍ୟାନ୍ୟ ଲୋକ ମିଶି ଅନ୍ୟ ଏକ ବଜା ସହ ଦେବୀଙ୍କ ଛତର୍‌କୁ ସ୍ୱାଗତ କରିଥିଲେ। ଏହା ପରେ ଶିରାମାନଙ୍କୁ କାଳିସୀ ଲାଗିଥିଲେ ଏବଂ ଦେବତାପାର୍‌ର ତାଳେ ତାଳେ ନୃତ୍ୟ କରୁଥିବାର ମନୋରମ ଦୃଶ୍ୟ ସମସ୍ତଙ୍କ ମନରେ ଉଦ୍ଦୀପନା ଜାତ



କରୁଥିଲା। କଣ୍ଟାଦୋଳିରେ ସମସ୍ତ କାଳିସୀ ଝୁଲିବା ପରେ ଗ୍ରାମର ପଶ୍ଚିମଦିଗରେ ଥିବା ରୋହିଣୀସ୍ଥାନ (ବର୍ତ୍ତମାନର ସାପ୍ତାହିକ ବଜାର ପ୍ରାଙ୍ଗଣରେ ସ୍ଥିତ)କୁ ଶୋଭାଯାତ୍ରା ଯାଇଥିଲେ। ପରେ ହଜାର ହଜାର ଜନସଂଖ୍ୟା ବିଶିଷ୍ଟ ବିରାଟ ପଟୁଆର ଗ୍ରାମର ପରିକ୍ରମା କରିଥିଲେ । କେହି କେହି ଦେବୀଙ୍କ ଖଣ୍ଡାକ ନିଜ ଶରୀରରେ ଓ କେହି ଏକ ଆରେକଙ୍କ ଶରୀରରେ ଚାଳନା କରିବା ସହ, କଣ୍ଟା ଶିକୁଳି ଓ ବାଜେକୋଡ଼ାରେ ଶରୀରରେ ପ୍ରହାର ଲୋକଙ୍କ ମଧ୍ୟରେ ଥିବା ଉତ୍ସାହ ଓ ଉଦ୍ଦୀପନାକୁ ସୂଚାଇଥିଲା । ଶରୀରରେ ଅସ୍ତ୍ରଚାଳନା ମଧ୍ୟ କ୍ଷତ ସୃଷ୍ଟି କରୁ ନ ଥିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା, ଯାହାକୁ ଦେବୀଙ୍କ ଆଶୀର୍ବାଦ କୁହାଯାଉଥିଲା । ବୁଏଲ୍‌ଯାତ୍ରାରେ ସାମିଲ ସମସ୍ତ ଅସ୍ତ୍ରଶସ୍ତ୍ରକୁ ଗ୍ରାମର ସମସ୍ତ ଲୋକେ ପୂଜାର୍ଚ୍ଚନା କରି ସ୍ୱାଗତ କରିଥିଲେ । ପୂଜାର୍ଚ୍ଚନାରେ ନଡ଼ିଆ, ପାଣି କଖାରୁ, ମନ୍ଦାର, ଗେଣ୍ଡୁଫୁଲହାର ତଥା ମରୁଆଁପତ୍ରର ହାର, ଧୂପ ତଥା ଅନ୍ୟାନ୍ୟ ନୈବେଦ୍ୟ ଅର୍ପଣ କରାଯାଇଥିଲା ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

T.C.F. FINANCE
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଆଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

INVESTORS/ PARTNER
required for a running Automobile Unit in Patia.
20 Corporates + 150 (+) Clients.
Spares outlet opening facility.
CONTACT:
8114721727

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi



ଭୁଲ୍ କରିବାଟା ମନୁଷ୍ୟର ପ୍ରକୃତି,
ତେଣୁ ସେ କ୍ଷମା ପାଇପାଇପାରିବ।
- ଯୋସେଫ ଆଡିଶନ



## ସଂକ୍ଷେପରେ

### ତେଜୁଛି ଆୟୁଷ ଡାକ୍ତରଙ୍କ ଅସନ୍ତୋଷ

ଭବାନୀପାଟଣା,୨୦।୧୦(ଡି.ଏନ୍.ଏ.)

ବାରମ୍ବାର ଦାବି ସତ୍ତ୍ୱେ ଆୟୁଷ ଡାକ୍ତରଙ୍କ ବିଭିନ୍ନ ସମସ୍ୟା ପ୍ରତି ସ୍ୱାସ୍ଥ୍ୟ ବିଭାଗ ଧ୍ୟାନ ଦେଉ ନ ଥିବାରୁ ଆୟୁଷ ଡାକ୍ତରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୨୦୦୭ରୁ ନିଯୁକ୍ତି ପାଇ ଆୟୁଷ ଡାକ୍ତରମାନେ ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଛନ୍ତି। ରାଜ୍ୟରେ ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଲୋପ୍ୟାଥିକ୍ ଡାକ୍ତରଙ୍କ ଅଭାବ ଯୋଗୁ ସେମାନଙ୍କ ସ୍ଥାନରେ ଆୟୁଷ ଡାକ୍ତରଙ୍କୁ କାର୍ଯ୍ୟ କରିବାକୁ ବାଧ କରାଯାଉଛି। ଆୟୁଷ ଡାକ୍ତରମାନେ ଜରୁରୀକାଳୀନ ପରିସ୍ଥିତିରେ ରୋଗୀମାନଙ୍କୁ ଦେଖାଶୁଣା କରୁଥିଲେ ହେଁ ରୋଗୀ ନିରାକରଣ ପାଇଁ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଆର୍ଯ୍ୟୁବେଦିକ ଔଷଧ ଉପଲବ୍ଧ ହେଉ ନାହିଁ। ଫଳରେ ଅନିଚ୍ଛା ସତ୍ତ୍ୱେ ଆୟୁଷ ଡାକ୍ତରମାନେ ଅଭିଜ୍ଞତା ନ ଥିଲେ ବି ଏଲୋପ୍ୟାଥିକ ଔଷଧ ଲେଖିବାକୁ ବାଧ ହେଉଛନ୍ତି। ଫଳ ସ୍ୱରୂପ ସମୟାନୁକ୍ରମେ ଆର୍ଯ୍ୟୁବେଦିକ ଚିକିତ୍ସାର ସଫଳ ରୂପାୟନ ହୋଇପାରୁ ନାହିଁ। ଏଲୋପ୍ୟାଥିକ୍ ଔଷଧର ବିକଳ୍ପ ବ୍ୟବସ୍ଥା ରୂପେ ଆର୍ଯ୍ୟୁବେଦିକ ଔଷଧ ପରିଗଣିତ ହେଉଥିବା ହେଁ ସ୍ୱାସ୍ଥ୍ୟବିଭାଗ କର୍ତ୍ତୃପକ୍ଷଙ୍କ କାଳକ୍ଷେପଣ ନୀତି ଯୋଗୁ ଏହା ସମ୍ଭବ ପର ହୋଇପାରୁ ନ ଥିବାରୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନେ ଏ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଅପରପକ୍ଷେ ଏଲୋପ୍ୟାଥିକ୍ ଡାକ୍ତରମାନଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଫାର୍ମାସିଷ୍ଟ ନିଯୁକ୍ତି କରୁଥିବା ବେଳେ ଆୟୁଷ ଡାକ୍ତରମାନଙ୍କ ପାଇଁ ସେପରି ବ୍ୟବସ୍ଥା ନ କରିବା ପରିତାପର ବିଷୟ। ଆୟୁଷ ଡାକ୍ତରଙ୍କ ସମସ୍ୟାପ୍ରତି ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସଚିବ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଶେଷ ହେଲା ଦୁର୍ଗାପୂଜା, ମନ ଜିଣିଲା ଦାଣ୍ଡିଆ ନୃତ୍ୟ

ଭବାନୀପାଟଣା,୨୦।୧୦(ଡି.ଏନ୍.ଏ.)

ଜଗତଜନନୀ ମା'ଦୁର୍ଗାଙ୍କ ଶାରଦୀୟ ଦୁର୍ଗା ପୂଜା ଉତ୍ସବ ବହୁ ଧୁମ୍‌ଧାମ୍‌ରେ ଶୁକ୍ରବାର ଶେଷ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ପାରମ୍ପରିକ ପୂଜା ଉତ୍ସବ ସହ ଢୋଲ, ମହୁରୀ, ନିଶାନ, ବାଦ୍ୟରେ ପବିତ୍ର ଶକ୍ତି ପୀଠ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଦେଇ ତାଳେ ତାଳେ ମା' ଧରାପୃଷ୍ଠରୁ ବିଦାୟ ନେଇଛନ୍ତି। ଭବାନୀପାଟଣା ସହରରେ ଥିବା ମା' ମାଣିକେଶ୍ୱରୀଙ୍କ ମହାନବମୀ ସକାଳୁ ଅନୁଷ୍ଠିତ ଛତର ଯାତ୍ରାରେ ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଗାନ୍ଧୀଛକଠାରେ ମା'ଆମ୍ବାଙ୍କ ମନ୍ଦିର ତଥା ମନ୍ଦାରବଗିଚା ପଡାଠାରେ ଥିବା ଆମ୍ବା ମନ୍ଦିରରେ ମା'ଙ୍କ ୧୬ପୂଜା ଅନୁଷ୍ଠିତ ହୋଇଥିବାବେଳେ ସହରର ୧୦ଟି ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥିଲେ। ଚଳିତ ବର୍ଷ ସ୍ଥାନୀୟ ଇରିଗେସନ କଲୋନୀଠାରେ ପ୍ରଥମ କରି ମା'ଙ୍କ ପୂଜା ହେଉଥିବାରୁ ସ୍ଥାନୀୟ ଯୁବକଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳିଥିଲା ବେଳେ ସନ୍ଧ୍ୟାରେ ଝିଅମାନଙ୍କର ମନୋଜ୍ଞ ଦାଣ୍ଡିଆ ନୃତ୍ୟ ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲା। ଦଶହରା ଉତ୍ସବ ଆସିବା ପୂର୍ବରୁ ଜିଲାବାସୀଙ୍କ ମନରେ ଏକପ୍ରକାର ଉତ୍ସାହ ଓ ଆନନ୍ଦ ଭରି ଯାଇଥାଏ। ନବରାତ୍ରପୂଜା ବିଭିନ୍ନ ପୂଜାମଣ୍ଡପରେ ଆୟୋଜିତ ହୋଇଥାଏ। ପୁଣି ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା ଆହୁରି ଆନନ୍ଦ ଦେଇଥାଏ ଜିଲାବାସୀଙ୍କୁ।



ଭବାନୀପାଟଣା ଅଞ୍ଚଳରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜା କରାଯାଉଛି।

ମୁଖ୍ୟ ଆକର୍ଷଣ ରାବଣପୋଡି। ଭବାନୀପାଟଣା ସହରରେ ଏ ବର୍ଷ ଦଶହରା ଉତ୍ସବ ବିଭିନ୍ନ ପୂଜାମଣ୍ଡପରେ ଧୁମଧାମରେ ପାଳନ କରାଯାଇଥିଲା। ନକଟିଗୁଡା ଠାରେ ପୂଜାମେଢ ଏବଂ ଆଲୋକ ସାଜସଜ୍ଜା ଲୋକଙ୍କୁ ଆକର୍ଷିତ କରିଥିଲା। ପ୍ରଥମ କରି ଇରିଗେସନ କଲୋନୀଠାରେ ଚଳିତ ବର୍ଷ ପୂଜା ଆରମ୍ଭ ହୋଇଥିଲା। ଗତକାଲି ନକଟିଗୁଡା ଏବଂ ଜନତା ଦୁର୍ଗାପୂଜା କମିଟି ତରଫରୁ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିଲା ରାବଣପୋଡି ଉତ୍ସବ। ଏଥିରେ ହଜାର ହଜାର ଲୋକଙ୍କ ଭିଡ ଜମିଥିଲା। ପୂଜା ମଣ୍ଡପକୁ ଛାଡିଦେଲେ ମାଣିକେଶ୍ୱରୀ ପୀଠ, ଜୁନାଗଡର ଲଙ୍କେଶ୍ୱରୀପୀଠ, ଥୁ.ରାମପୁରର ମାଣିକେଶ୍ୱରୀ ପୀଠ, ଯୁଗସାଏ ପାଟଣା ଏବଂ ମ.ରାମପୁର ଡୁକୁରୀପୀଠରେ ମଧ୍ୟ ଦଶହରା ଉତ୍ସବ ରୀତିନୀତିରେ ପାଳିତ ହୋଇଥିଲା। ତିନିଦିନ ଧରି ସହରର ପ୍ରତିଟି ପୂଜା ମଣ୍ଡପରେ ଲକ୍ଷଲକ୍ଷ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ଜିଲା ପୋଲିସ ପ୍ରଶାସନ ଓ ପୌରସଂସ୍ଥା ପକ୍ଷରୁ ଶୃଙ୍ଖଳା ରକ୍ଷା ପାନୀୟ ଜଳ ବ୍ୟବସ୍ଥା ପରିବେଶ ସୁରକ୍ଷା ଓ ପ୍ରତି ଦିଗପ୍ରତି ଗୁରୁତ୍ୱ ଦିଆଯାଇଥିଲା।

**ଜୁନାଗଡ,(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡରେ ମଙ୍ଗଳବାରଠାରୁ ଚାଲିଥିବା ଶାରଦୀୟ ଦୁର୍ଗାପୂଜା ଶୁକ୍ରବାର ସନ୍ଧ୍ୟାରେ ରାବଣ ପୋଡି ସହ ଶେଷ ହୋଇଛି। ଏହି ଅବସରରେ ଗ୍ରାମର ଜୟଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଥିବା ରାବଣପୋଡି ଦେଖିବାକୁ ଅଞ୍ଚଳର ଶତାଧିକ ଲୋକଙ୍କ ଭିଡ ଜମିଥିଲା।

**ଲାଞ୍ଜିଗଡ,(ଡି.ଏନ୍.ଏ.)**

ଲାଞ୍ଜିଗଡ ବ୍ଲକରେ ସବୁଠି ଆଲୋକମାଳାରେ ସଜ୍ଜିତ ହୋଇଥିଲା ପୂଜା ମଣ୍ଡପ ଗୁଡିକ। ଚଳିତ ବର୍ଷ ପୂଜା କମିଟି ପକ୍ଷରୁ ସଭାପତି ବିନୋଦ ଗଉଡ ଓ ଲାଞ୍ଜିଗଡ ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମକର୍ତ୍ତାଙ୍କ ସହିତ ଜୋରସୋରରେ ଉଦ୍ୟମ କରାଯାଇଥିଲା। ସେହିପରି ଲାଞ୍ଜିଗଡ ହାଇସ୍କୁଲ ପଡିଆଠାରେ ରାବଣପୋଡି କାର୍ଯ୍ୟକ୍ରମ ମହାସମାରୋହ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାବଣର ଭଲ ଗୁଣକୁ ଗ୍ରହଣ କରି ଖରାପଗୁଣକୁ ତ୍ୟାଗ କରିବା ପାଇଁ କହିଥିଲେ। ସେହିପରି ବେଦାନ୍ତ ପକ୍ଷରୁ ବାହ୍ୟ ସ ନିର୍ଦ୍ଦେଶକ ସଞ୍ଜିବ କୁମାର, ସିଏସଆର ମୁଖ୍ୟ ହରମିତ ସେହେରା ଓ ଲୋକସମ୍ପର୍କ ଅଧିକାରୀ ଶିବଦତ୍ ମିଶ୍ର, ଶେଶଦେବ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।

**ପଲମ,(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନସ୍ଥ ପଲମ ପଞ୍ଚାୟତସ୍ଥିତ ପଲମ ବିଜୟା ଛକଠାରେ ଦୁର୍ଗାପୂଜା କମିଟିର ସଦସ୍ୟମାନଙ୍କ ଦ୍ୱାରା ୩୮ତମ ମା'ଦୁର୍ଗା ମହାମାୟୀଙ୍କ ନବରାତ୍ରି ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଗୁରୁବାର ସକାଳୁ ମା' ଦୁର୍ଗାଙ୍କର ନବରାତ୍ରି ପୂଜା ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉମାଶଙ୍କର ମିଶ୍ର ଓ ଶିବ ଶଙ୍କର ମିଶ୍ର ପୂଜକ ଭାବେ ନିର୍ବାହ କରୁଥିବାବେଳେ ହେମସାଗର ସାହୁ ଓ ତାଙ୍କ ପତ୍ନୀ କଳ୍ପନା ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

**କେସିଙ୍ଗା,(ଡି.ଏନ.ଏ.)**

କେସିଙ୍ଗା ସହରସ୍ଥିତ ଦୁର୍ଗାପୂଜା ମଣ୍ଡପଠାରେ ୬୧ତମ ସାର୍ବଜନୀନ ପୂଜା ସମ୍ପର୍ଣ୍ଣ ହେବା ସହିତ ରାବଣପୋଡି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଶୁକ୍ରବାର ରାବଣ ପୋଡି ସହ ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ହୋଇଥିଲା। ଏହି ପୂଜାରେ କର୍ତ୍ତା ଭାବେ ନାରାୟଣୀ ପାଢ଼ୀ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମୁଖ୍ୟ ପୂଜକ ଭୁବନେଶ୍ୱରରୁ ଆସିଥିବା ଚିରଞ୍ଜୀବି ମିଶ୍ର ଓ ସାଥିମାନେ ପୂଜା କାର୍ଯ୍ୟରେ ସମ୍ପାଦନା କରୁଛନ୍ତି। ଏହି ପୂଜା କମିଟିର ସଭାପତି ରାମକୁମାର ଜୈନ, ଉପ ସଭାପତି ସରିତା ସିନ୍ଧୁର, ସମ୍ପାଦକ ଉମେଶ ଚନ୍ଦ୍ର ନାୟକ, ପୂର୍ବତନ ନଗରପାଳ ରାମଜୀ ମାତଖଣ୍ଡିଆ, କୋଷାଧକ୍ଷ ଅନୀଲ ଜୈନ, ସହଯୋଗୀ ବଳରାମ ସୁନା, ବିଘ୍ନରାଜ ଦୀପ, ରିସବ ଜୈନ ପ୍ରମୁଖ ସହଯୋଗ କରିଥିଲେ।

**ଆଉ ବରଷକୁ ଅପେକ୍ଷା**

- ଛତର ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼
- ନାଚଗୀତର ଧୁନ୍‌ରେ ନାଚିଲେ ସହରବାସୀ
- ମୁଖ୍ୟ ଆକର୍ଷଣ ପାଲଟିଲା ରାବଣପୋଡି

## ଚଭାଡି ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

ଭବାନୀପାଟଣା,୨୦।୧୦(ଡି.ଏନ୍.ଏ.)

ସ୍ଥାନୀୟ ରେଡ୍‌କ୍ରସ୍ କଲ୍ୟାଣ ମଣ୍ଡପ ସମ୍ମୁଖରେ ଥିବା ଶିରିଡ଼ି ସାଇବାବାଙ୍କ ଓଁ ସାଇ ଦ୍ୱାରିକାମୟୀ ଆଶ୍ରମଠାରେ ବାବାଙ୍କ ଶତାବ୍ଦୀ ସମାଧି ଦିବସ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗତ ୧୮ ଓ ୧୯ତାରିଖ ଦୁଇ ଦିନ ଧରି ହୋଇଥିଲା ଏହି କାର୍ଯ୍ୟକ୍ରମ। ଏହି ଉପଲକ୍ଷେ ୧୮ତାରିଖ ଗୁରୁବାର ଅପରାହ୍ନରେ ଦ୍ୱାରିକାମୟୀ ଆଶ୍ରମଠାରୁ ବାବାଙ୍କର ଚଭାଡ଼ି ଯାତ୍ରା ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ସାଇ ପ୍ରେମୀ ମହିଳା ଓ ପୁରୁଷ ଏହି ଚିତ୍ତାକର୍ଷକ ଯାତ୍ରାରେ ଯୋଗଦେଇ ବାବାଙ୍କର ଆଶୀର୍ବାଦ ପ୍ରାର୍ଥନା କରିଥିଲେ ଓ ସ୍ଥାନୀୟ ରେଡ୍‌କ୍ରସ୍ କଲ୍ୟାଣ ମଣ୍ଡପଠାରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଗତ ୧୯ତାରିଖ ଶୁକ୍ରବାର ପବିତ୍ର ଶାରଦୀୟ ଦଶହରା ଦିନ ଆଶ୍ରମ ପରିସରରେ ଶିରିଡ଼ି ସାଇବାବାଙ୍କ ଶତାବ୍ଦୀ ସମାଧି ଦିବସ ପାଳନ ଅବସରରେ ବହୁ ବିଧ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଯଜ୍ଞ କର୍ମରେ କର୍ତ୍ତା ଓ କର୍ତ୍ତୀ ରୂପେ ସାଇପ୍ରେମୀ ଆଦର୍ଶ ମହାପାତ୍ର ଓ ତାଙ୍କ ସ୍ତ୍ରୀ ଶର୍ମିଷ୍ଠା ମହାରଣା ଉପସ୍ଥିତ ଥିଲେ। ମଧ୍ୟାହ୍ନ ଆରତୀ ପରେ ପରେ ସାଇଭକ୍ତଙ୍କ ଗହଣରେ ନାରାୟଣମାନଙ୍କୁ ପ୍ରସାଦସେବନ ଓ ବସ୍ତ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ବେହେରାଗୁଡ଼ା ସାଇଧାମ୍‌ଠାରେ ମଧ୍ୟ ଆନନ୍ଦ ଉଲ୍ଲାସ ମଧ୍ୟରେ ଗତ ୧୯ତାରିଖ ଦିନ ବାବାଙ୍କ ଶତାବ୍ଦୀ ସମାଧି ଦିବସ ପାଳିତ ହୋଇଯାଇଛି।

## ଦେଉଣ୍ଡିରେ ନୃତ୍ୟ ପ୍ରତିଯୋଗିତା

ଜୁନାଗଡ,୨୦।୧୦(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାଲୋପଲା ପଞ୍ଚାୟତ ଦେଉଣ୍ଡି ସ୍କୁଲ ଛକଠାରେ ଦୁର୍ଗାପୂଜା ଉପଲକ୍ଷେ ଗୁରୁବାର ରାତିରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା ସମେତ ପଡୋଶୀ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ଟି ଦଳ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମ ସ୍ଥାନ ଭାବେ କୁତ୍ରୁର ବିକେ ଟାଇଗର ଗ୍ରୁପ, ଦ୍ୱିତୀୟ ସ୍ଥାନ ଭାବେ ସମ୍ବଲପୁରର ଆରତୀ ରାଉତ, ତୃତୀୟ ସ୍ଥାନ ଭାବେ ଭବାନୀପାଟଣାର ସୌରଭ ସିଂହ, ଚତୁର୍ଥରେ କଣ୍ଡାବୁଟୁରାର ମିସ୍ ରୀତା, ପଞ୍ଚମ ସ୍ଥାନରେ ସମ୍ବଲପୁର ଅତାବିରାର ପ୍ରଶାନ୍ତ ଭୋଇ ଓ ଷଷ୍ଠ ସ୍ଥାନରେ ଲଡୁଗାଁର ମିସ୍ ସଲମା ମନୋନୀତ ହୋଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଶ୍ରୀକାନ୍ତ ସିଂହ, ଶୁଶୀଲ ପାଢ଼ୀ, ଜୟନ୍ତ ବାରିକ, କୃତ୍ତିବାସ ଠାକୁର ପ୍ରମୁଖ ଦାୟିତ୍ୱ ତୁଲାଇ ଥିଲେ। ଦାମୋଦର ବାରିକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୁନାଗଡର ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ ମେହେର ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ କାଲୋପଲା ସରପଞ୍ଚ ନିର୍ମଳା ସିଂହ, ସ୍ଥାନୀୟ ପୂଜା କମିଟିର ସଭାପତି ଶ୍ରୀରାଜ ସିଂହ ଓ ସମ୍ପାଦକ ବିବେକାନନ୍ଦ ବେହେରା ପ୍ରମୁଖ ଯୋଗଦେଇଥିଲେ।



ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ ଯୋଗଦେଇ କାର୍ଯ୍ୟକ୍ରମକୁ ସମ୍ବୋଧନ କରୁଛନ୍ତି।

## ଜିଲାପାଳଙ୍କ ଜନଶୁଣାଣି ଶିବିର

ଜୁନାଗଡ,୨୦।୧୦(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସିରେ ଶୁକ୍ରବାର କଳାହାଣ୍ଡି ଜିଲାପାଳଙ୍କ ଏନ୍‌ଏସି ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀକନ୍ଦପାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲାପାଳ ଗାଭାଲି ପରାଗ ହର୍ଷଦ ଯୋଗଦେଇ ୨୮ଟି ଆବେଦନର ଶୁଣାଣି କରି ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜୁନାଗଡ ଏନ୍‌ଏସିର କାଉନସିଲରମାନେ ୱାର୍ଡ ଅନୁଯାୟୀ ପିଡିଏସ୍ ବଣ୍ଟନ କରିବା ପାଇଁ ଜିଲାପାଳଙ୍କୁ ଦାବି ଜଣାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶନ୍ନ ଷଡଙ୍ଗୀ, ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା,





ଅଭିଯୋଗ ଶୁଣାଣି ସମୟରେ ଜିଲାପାଳ ଗାଭାଲି ପରାଗ ହର୍ଷଦଙ୍କ ସମେତ ଅନ୍ୟମାନେ।

ସହକାରୀ ଜିଲାପାଳ ବାସନ୍ତୀ ସେଠୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ ତିଆଡି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଭୋଳାନାଥ ନାଏକ, ଜିଲା ଯୋଗାଣ ଅଧିକାରୀ ଶିବ ଶଙ୍କର ଦୋରା, ଜିଲା ଉପକୃଷି ନିର୍ଦ୍ଦେଶକ ପ୍ରହ୍ଲାଦ ସାହୁ, ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା ପ୍ରମୁଖଙ୍କ ସମେତ ଜିଲା ଓ ବ୍ଲକସ୍ତରର ଅନେକ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜୁନାଗଡ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ ପରିଚାଳନା କରିଥିଲେ।

## କଳାପାହାଡ ଦେବୀ ପୀଠରେ ଖଣ୍ଡାଯାତ୍ରା

ପଲମ,୨୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନସ୍ଥ ଭୀମକେଲା ପଞ୍ଚାୟତସ୍ଥିତ ଭୀମକେଲା ଗ୍ରାମରେ ୧୯ତାରିଖ ଦିନ କଳାପାହାଡ ଦେବୀ ପୀଠରେ ଖଣ୍ଡା ଯାତ୍ରା ପାଳିତ ହୋଇଯାଇଛି। ପୂଜାର ପରମ୍ପରା କାହିଁ କେତେ ଦିନରୁ ପାଳିତ ହୋଇ ଆସୁଛି। ଏହି ମନ୍ଦିରଟି ଗାଁର ଶେଷ ଭାଗରେ ରହିଛି। ପ୍ରତିବର୍ଷପରି ଏ ବର୍ଷ ମଧ୍ୟ ମନ୍ଦିର ପ୍ରାଙ୍ଗଣରେ ମହାସମାରୋହରେ ୨୬ତମ ଖଣ୍ଡା ଯାତ୍ରା ଓ ଛତର ଯାତ୍ରା ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୀମକେଲା ଓ ଫଲସାପଡାର ପୂଜାରୀମାନେ ତିନି ଦିନ ଧରି ପୂଜା କାର୍ଯ୍ୟ କରିଥାନ୍ତି। ଏହି ୩ଦିନ ବ୍ୟାପୀ ମଙ୍ଗଳା ପୁରାଣ, ଚଣ୍ଡୀପାଠ କରାଯାଇ ମାନସିକଧାରୀ ଭକ୍ତମାନେ ମଙ୍ଗଳା ବ୍ରତ ପାଳନ କରୁଥିବାବେଳେ ଭକ୍ତି ଓ ନିଷ୍ଠାରେ କଳାପାହାଡ ଦେବୀଙ୍କ ଉପାସନା କରିଥିଲେ। ଦେବୀମାନେ କଣ୍ଟା ଦୋଳୀରେ ଝୁଲିବା ସହ ପୋତା ଯାଇଥିବା ଖଣ୍ଡା ଉପରେ ଚାଲିବା ଦୃଶ୍ୟ ଭକ୍ତମାନଙ୍କ ମନରେ ଅଖଣ୍ଡ ବିଶ୍ୱାସ ଜାଗରଣ ହୋଇଥିଲା। ଛତରଯାତ୍ରାରେ ଶିବଲାଲ ବାଗ ସହ ଗୋପାଳ ପଦାନ, ତେଜ ସା, ଧବଳେଶ୍ୱର ସା, ଭାଗ୍ୟବନ୍ତ ମାଝୀ, ଋଷି କରୁଆଁ, ପଙ୍କଜ କରୁଆଁ ଓ ଫଲସାପଡାର ପୂଜାରୀମାନେ ସହଯୋଗ କରିଥିଲେ।

## କୃଷି ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ଭବାନୀପାଟଣା,୨୦।୧୦(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମୋଟେଲଗୁଡାରୁ ରଣମାଲ ଦେଇ ଭୁର୍ଷିଗୁଡାକୁ ଯାଇଥିବା ସବମାଇନର କେନାଲ ବିପର୍ଯ୍ୟସ୍ତ ହୋଇପଡିଛି। ମରାମତି ଅଭାବରୁ କେନାଲରେ ଲଟା ଭର୍ତ୍ତି ହୋଇଯାଇଛି। ଫଳରେ ପାଣି ଠିକ୍ ଭାବେ ଯାଇପାରୁ ନ ଥିବାରୁ ଫସଲ ଅମଳ ନେଇ ଆଶଙ୍କା ପ୍ରକାଶ ପାଇଛି। କେନାଲ ମରାମତି ପାଇଁ ଗୁରୁବାର ଚାଷୀମାନ ଉପର ଇନ୍ଦ୍ରାବତୀ କେନାଲ ଡିଭିଜନ୍ କୁସୁମଖୁଣ୍ଟି ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ଅନୁପସ୍ଥିତ ଥିବାରୁ ନିରାଶରେ ଫେରିଥିଲେ। ଇନ୍ଦ୍ରାବତୀ ବାମମୁଖ୍ୟ କେନାଲ କୁସୁମଖୁଣ୍ଟି ଡିଭିଜନ ଅଧୀନରେ ଥିବା ମୋଟେଲଗୁଡା ସବମାଇନରୁ ରଣମାଲ ଦେଇ ଭୁର୍ଷିଗୁଡାକୁ ଯାଇଥିବା କେନାଲ ଉପରେ ରଣମାଲ ଓ ଭୁର୍ଷିଗୁଡା ଗ୍ରାମର ୪ଶହରୁ ଅଧିକ ଏକର ଜମିର ଜଳସେଚନ ହୋଇଥାଏ। ହେଲେ ୨ବର୍ଷ ହେବ କେନାଲ ସଫା କରାଯାଉ ନ ଥିବାରୁ କେନାଲରେ ଲଟା ଭରି ରହିଛି। ଫଳରେ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଛି। ଆବଶ୍ୟକ ପାଣି ମିଳୁ ନ ଥିବାରୁ ଚାଷ ପ୍ରଭାବିତ ହେଉଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଦେବାକୁ ଚାଷୀ ବିରାଜ ବାଗ, ଶିବ ବାଗ, ସମ୍ଭୁ ପଣ୍ଡା, ପୋଲସ୍ତି ପୂଜାରୀ, ସୁଧୀର ପଣ୍ଡା, ଶଙ୍କର ବିଶ୍ୱାଳ, ଜଗ ପୂଜାରୀ, ଖଗେଶ୍ୱର ପାତ୍ର, ପ୍ରେମଲାଲ ତାଣ୍ଡି ପ୍ରମୁଖ ଦାବି କରିଛନ୍ତି।

## ବୋଲେରୋ ଦୁର୍ଘଟଣା, ୧ ଗୁରୁତର

କୋକସରା,୨୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଆମପାଣି ଥାନା ଅନ୍ତର୍ଗତ ସିଉନୀ ଗ୍ରାମ ବୁଲାଣିଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଭବାନୀପାଟଣାରୁ ସୁନାବେଡା ଯାଉଥିବା ଏକ ବୋଲେରୋ ଓଡି୧୦ଏଫ୯୮୮ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ପୋଲ ତଳକୁ ଓଲଟି ପଡିଥିଲା। ଫଳରେ ଗାଡିରେ ଥିବା ସୁନାବେଡା ଅଞ୍ଚଳର ଯାତ୍ରୀ ମନୋଜ ସ୍ୱାଇଁ(୩୦)ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅନ୍ୟ ଚାରି ଜଣ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ତେବେ ଶନିବାର ସକାଳେ ଆମପାଣି ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ଜବତ କରିବା ସହ ଥାନାରେ ରଖାଯାଇଥିଲା। ଗୁରୁତର ବ୍ୟକ୍ତି ଓ ଅନ୍ୟମାନେ ଗାଡିକୁ ଘଟଣାସ୍ଥଳରେ ଛାଡି ପଳାଇଥିବା ସୂଚନା ମିଳିଛି। ତେବେ ଏ ନେଇ ଆମାପାଣି ଥାନା ଅଧିକାରୀ ଗୋବିନ୍ଦ ମାଝୀଙ୍କୁ ପଚାରିବାରୁ ଗାଡିମାଲିକଙ୍କ ସହ ଯୋଗାଯୋଗ କରାଯାଉଛି ଓ ତଦନ୍ତ ଜାରି ରହିଥିବା ନେଇ ସୂଚନା ଦେଇଥିଲେ।



## ନିମ୍ନମାନର ରାସ୍ତା ନିର୍ମାଣ, ଭିଜିଲାନ୍ସ ତଦନ୍ତ ଦାବି

ଭବାନୀପାଟଣା,୨୦।୧୦(ଡି.ଏନ୍.ଏ.)

ସରକାର ସର୍ବସାଧାରଣଙ୍କ ଗମନାଗମନର ସୁବିଧା ଓ ସୁଯୋଗକୁ ଆଖି ଆଗରେ ରଖି ଅନେକ ଯୋଜନା କରୁଛନ୍ତି। ଗ୍ରାମାଞ୍ଚଳରୁ ସହରାଞ୍ଚଳ ଯାଏଁ କୋଟି କୋଟି ସରକାରୀ ଅର୍ଥ ବ୍ୟୟରେ ଉନ୍ନତମାନର ସଡକ ତିଆରି କରୁଛନ୍ତି। ହେଲେ କେତେକ ସ୍ଥାନରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରମାନଙ୍କ ମଧୁଚନ୍ଦ୍ରିକା ହେତୁ ଅତି ନିମ୍ନମାନର ରାସ୍ତା ନିର୍ମାଣ ହୋଇ ଶେଷ ହେବାର ଅଳ୍ପ ଦିନରେ ରାସ୍ତାଗୁଡିକର ଅବସ୍ଥା ଶୋଚନୀୟ ହୋଇ ପଡୁଛି। ଫଳରେ ସରକାରଙ୍କ ଅର୍ଥର ଦୁରୁପଯୋଗ ହେଉଥିବାବେଳେ ସାଧାରଣ ଲୋକେ ଉପଯୁକ୍ତ ସେବା ମଧ୍ୟ ପାଇପାରୁ ନାହାନ୍ତି। ଏଭଳି ଏକ ଅଭିଯୋଗ କରିଛନ୍ତି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଟେମରି ଗ୍ରାମର ଡିଗ୍ରାପଡାବାସୀ। ଅଭିଯୋଗ ଅନୁଯାୟୀ, ଡିଗ୍ରାପଡାରେ ଥିବା ସାଧାରଣ ଜନତାଙ୍କ ଯାତାୟାତ ପାଇଁ ସେଠାରେ ଉନ୍ନତମାନର ରାସ୍ତା ନ ଥିବାରୁ ସ୍ଥାନୀୟ ଲୋକଙ୍କୁ ବହୁ ସମସ୍ୟା ଭୋଗିବାକୁ ପଡୁଥିଲା। ହେଲେ ପଡାବାସୀମାନଙ୍କ ସମସ୍ୟାକୁ ଦୂର କରିବାକୁ ଯାଇ ସେଠାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତରଫରୁ ୪ଲକ୍ଷ ବ୍ୟୟରେ ଏକ କଂକ୍ରିଟ ରାସ୍ତା ଗତ ୨ରୁ ୩ ମାସ ତଳେ ନିର୍ମାଣ ହୋଇଥିଲା। ହେଲେ କାର୍ଯ୍ୟଟି ବିଭାଗୀୟ ହୋଇ ଥିବାବେଳେ ରାସ୍ତା ନିର୍ମାଣରେ ଅତି ନିମ୍ନମାନର ସାମଗ୍ରୀ ସବୁ ବ୍ୟବହାର କରି କାର୍ଯ୍ୟ କରାଯାଇଥିବାରୁ ତାହା ମାସେ ନ ପୁରୁଣୁ ରାସ୍ତା ଫାଟ ହେବା ସହ ସିମେଣ୍ଟ ଓ ବାଲି ଉଠିବାକୁ ଲାଗିଲା। ଏହି ରାସ୍ତା ନିର୍ମାଣ ବେଳେ ଉପରେ ୧ ଇଞ୍ଚର ଚିପ୍ସ କଂକ୍ରିଟ ଦିଆଯାଇ ନ ଥିବାରୁ ଧୀରେ ଧୀରେ ରାସ୍ତା ଉପରୁ କଂକ୍ରିଟ ଉଠିବା ସହ ଫାଟ ସବୁ ଦେଇ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡୁଥିବା ଦେଖାଯାଇଛି। ଯାହା ଫଳରେ ସ୍ଥାନୀୟ ଲୋକମାନଙ୍କୁ ଆଗାମୀ ଦିନରେ ପୂର୍ବ ସମସ୍ୟା ଭୋଗିବାକୁ ପଡିବାର ଆଶଙ୍କା କରାଯାଉଥିବାବେଳେ ସରକାରୀ ଅର୍ଥକୁ ଠିକ ଭାବରେ ବିନିଯୋଗ କରାଯାଇ ନାହିଁ। ସରକାର ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଯୋଗାଇ ଥିଲେ ମଧ୍ୟ ସାଧାରଣ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇବା ଉଦ୍ଦେଶ୍ୟରେ ତାହା ଏଭଳି ଯନ୍ତ୍ରୀ ଓ ଠିକାଦାରମାନଙ୍କ ଦାୟିତ୍ୱ ହୀନତା ତଥା ଅପାରଗତା ଯୋଗୁ ଲୋକଙ୍କ ଉପଯୁକ୍ତ ସେବାରେ ଆସିପାରୁ ନାହିଁ। ଏହି ରାସ୍ତା କାର୍ଯ୍ୟର ଦାୟିତ୍ୱରେ ବିଭାଗୀୟ ଯନ୍ତ୍ରୀ କାଦିର ଖାନ୍ ଥିବା ବେଳେ ତାଙ୍କୁ ଏ ନେଇ ପଚାରିବାରୁ ସେ କହିଛନ୍ତି ଯେ, ଭଲ ଭାବରେ ନିର୍ମାଣ କରାଯାଇଛି, ଆଗରୁ ଦେଖିଛି ଭଲ ଥିଲା, କଂକ୍ରିଟ ମଧ୍ୟ ୨ ଇଞ୍ଚ ଦିଆଯାଇଥିଲା। ଯଦି ଅଭିଯୋଗ କରୁଛନ୍ତି, ମୁଁ ପୁଣି ଦେଖିବାକୁ ଯିବି କ'ଣ ହୋଇଛି ପରେ ଜଣାଇବି ବୋଲି ପ୍ରତିକ୍ରିୟା ରଖିଥିଲେ। ଅନ୍ୟପକ୍ଷରେ ଡିଗ୍ରାପଡା ରାସ୍ତା ଅତି ନିମ୍ନମାନର ନିର୍ମାଣ କରାଯାଇଥିବାବେଳେ ତାର ଭିଜିଲାନ୍ସ ତଦନ୍ତ କଲେ ସବୁ ସତ୍ୟତା ପଦାକୁ ଆସିବ ବୋଲି ସ୍ଥାନୀୟ ଅଞ୍ଚଳର ନକୁଳ ସାହୁ, ରାହାସ ସାହୁ, ହରିଶ୍ଚନ୍ଦ୍ର ସାହୁ, ଲବ ସାହୁ, କଳାକାହ୍ନୁ ସାହୁ, ଚୁଲେନ୍ଦ୍ର ସାହୁ, ଅଜେନ ସାହୁ ସମେତ ପଡାବାସୀ ଦାବି କରିଛନ୍ତି।

## ମରୁଡ଼ି ମୁକାବିଲା ପାଇଁ ଚାଷୀ ସଙ୍ଗଠନର ସଜବାଜ

ଭବାନୀପାଟଣା,୨୦।୧୦(ଡି.ଏନ୍.ଏ.)

କଳାହାଣ୍ଡି ଜିଲାରେ ଭୟାବହ ମରୁଡି ହେବାର ସମ୍ଭାବନା ରହିଥିଲା। କିନ୍ତୁ ଗତ ତିତିଲି ବାତ୍ୟା ବର୍ଷା ଯୋଗୁ ଜିଲାର କିଛି ଅଞ୍ଚଳରେ ଏହି ସମସ୍ୟା ଦୂର ହୋଇଛି। ତଥାପି ଏହି ଜିଲାର କୋକସରା ବ୍ଲକରେ ସମ୍ଭାବ୍ୟ ମରୁଡି ଦେଖାଦେଇଛି। ଚଳିତ ବର୍ଷ କୋକସରା ବ୍ଲକର ୨୨ଟି ପଞ୍ଚାୟତରେ ସମ୍ଭାବ୍ୟ ମରୁଡି ପରିସ୍ଥିତି ଦେଖା ଦେଇଛି। ବ୍ଲକର ୧୯୩୨୭ହେକ୍ଟର ଧାନ ଚାଷ ହୋଇଛି। ସେହିପରି ଜିଲାର ଗୋଲାମୁଣ୍ଡା ବ୍ଲକରେ ମଧ୍ୟ ସମାନ ପରିସ୍ଥିତି। ତେବେ ଜଳସେଚନର କୌଣସି ବ୍ୟବସ୍ଥା ନ ଥିବା ତଥା ବର୍ଷା ଅଭାବରୁ ଚାଷ ଜମି ସୁଖି ଫାଟି ଆଁ କଲାଣି ତ ଆଉ କେତେକ ଚାଷ ଜମିରେ ଚକଡା ପୋକ ଲାଗି ସବୁଜ ଧାନ ବିଲ ଧୂସର ହୋଇ ଗଲାଣି। ଚଳିତ ବର୍ଷ ପ୍ରଥମରୁ ବର୍ଷା ସ୍ୱଭାବିକ ଥିବାବେଳେ ଶେଷ ସମୟରେ ମୌସୁମୀ ଧୋକା ଦେଇଛି। ସାମୁଦ୍ରିକ ବାତ୍ୟା ତିତିଲିକୁ ନେଇ ଏହି ଅଞ୍ଚଳର ଚାଷୀମାନେ ବର୍ଷା ହେବା ଆଶା ବାନ୍ଧିଥିଲେ। ହେଲେ କୋକସରା ବ୍ଲକରେ ଏହାର ପ୍ରଭାବ ବିଶେଷ ପଡି ନ ଥିଲା। କେବଳ ୮ ମିଲିମି. ବର୍ଷା ହୋଇଥିଲା ଯାହାକି ସମୁଦ୍ରକୁ ଶଙ୍ଖେ ପରି। ଅମଳ କ୍ଷମ ହେବାକୁ ଅଳ୍ପ ଦିନ ବାକିଥିବାବେଳେ ଧାନ ଚାଷ ବର୍ଷା ଅଭାବରୁ ଶୁଖିବାକୁ ବସିଲାଣି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଏବେ ଭାଳେଣି ପଡିଛି। ଏଣୁ ସମ୍ଭାବ୍ୟ ମରୁଡି ମୁକାବିଲା କରିବା ସହ ରାଜ୍ୟ ସରକାରଙ୍କ ନିକଟରେ ଚାଷୀ ଦାବି ଉପସ୍ଥାପନ କରିବାକୁ କୋକସରା ବ୍ଲକ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ କୋକସରାଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳରେ ଶତାଧିକ ଚାଷୀମାନେ ଏକତ୍ରିତ ହୋଇ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ, କ୍ରପ କଟିଙ୍ଗ ରିପୋର୍ଟ ଆଧାରରେ ଶସ୍ୟ ବୀମା ସମ୍ପୂର୍ଣ୍ଣ ପ୍ରତିଶତ ଲାଗୁ କରିବା ଭଳି ଦାବି କରିଥିଲେ। ଆସନ୍ତା ୨୬ତାରିଖ ଚାଷୀ ସଙ୍ଗଠନ ଏକ ଦାବିପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଛି। ଏହି ବୈଠକରେ ଚାଷୀମାନେ କିଭଳି ଭାବେ ଶସ୍ୟ ବୀମା ଶତ ପ୍ରତିଶତ ପାଇବେ ଏବଂ କ୍ରପ କଟିଙ୍ଗ ରିପୋର୍ଟ ସଠିକ୍ ଭାବେ ସରକାରଙ୍କ ପାଖରେ ପହଞ୍ଚିବ ସେଥିପାଇଁ ଚାଷୀ ସଙ୍ଗଠନ ସଜାଗ ରହିବା ପାଇଁ ନିଷ୍ପତ୍ତି ହୋଇଥିଲା।



ଚାଷ ଜମି ଶୁଖି ଆଁ କରିଛି।



“ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଗାୟତ୍ରୀ ପ୍ରଜ୍ଞାପୀଠରେ ନବରାତ୍ର ମହୋତ୍ସବ

**ରାଉରକେଲା ଅଫିସ,୨୦।୧୦-** ଫର୍ଟିଲାଇଜର ଟାଉନସିପସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ନବରାତ୍ର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଡାକ୍ତର ରାହାସ ବିହାରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଜପ, ଧ୍ୟାନ, ସାଧନା, ଭଜନ, ଗୁରୁବାଣୀ ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୧ଲକ୍ଷ ୨୫ ହଜାର ଅଖଣ୍ଡ ଗାୟତ୍ରୀ ଜପ, କନ୍ୟା ପୂଜନ ସହିତ ପୂର୍ଣ୍ଣାହୁତୀ ଶେଷ ହୋଇଛି। ବିଚିତ୍ରାନନ୍ଦ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। କୁଞ୍ଜବିହାରୀ ରାଉତ, ଦିଲୀପ ନାୟକ, ଗୌରାଙ୍ଗ ଦାସ, ସୁଧାକର ମଲ୍ଲିକ, ସରୋଜ ଦାସ, ମନୋଜ ବେହେରା ଓ ରବୀନ୍ଦ୍ର ବେହୁରିଆ ପ୍ରମୁଖ ଯୋଗ ଦେଇଥିଲେ।

# ଚାକିରି ଦେବାକୁ କହି ୨୦ ଲକ୍ଷ ଠକେଇ

■ ନାଲି ଆଖି ଦେଖାଇଲେ ଯୁବତୀ
■ ଲିଖିତ ସ୍ୱୀକାରୋକ୍ତି ପତ୍ର ଦେଲେ
■ କାନ ମୁଣ୍ଡା ଆଉଁସିଲେ ଯୁବକ ଗୋଷ୍ଠୀ
■ ପୋଲିସ ସବୁ ଦେଖି ଚୁପ୍ ରହିଲା

ରାଉରକେଲା ଅଫିସ,୨୦।୧୦

ଝିରପାଣି ଥାନା ଝିରପାଣି ପୁନର୍ବସତି କଲୋନୀରେ ରହୁଥିବା ଜଣେ ଯୁବତୀ କେତେକ ବେକାର ଯୁବକଙ୍କୁ ଚାକିରି ଦେବା ଆଳରେ ୨୦ଲକ୍ଷରୁ ଅଧିକ ଟଙ୍କା ଲୁଟିଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ମଧ୍ୟାହ୍ନରେ କିଛି ଯୁବକ ଥାନାରେ ଅଭିଯୋଗ କରିବାକୁ ପହଞ୍ଚି ଥିଲେ। ହେଲେ ଠକେଇ କରିଥିବା ଯୁବତୀ ଜଣକ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ଦେଖା ଯାଇଥିଲା। 'ମୁଁ ସୁବିଧା ଅନୁସାରେ ଟଙ୍କା ଫେରାଇ ଦେବି। ଆପଣମାନେ ହୋ ହାଲ୍ଲା କଲେ କିଛି ଲାଭ ହେବ ନାହିଁ। ମୋତେ ଟଙ୍କା ଦେଇଛନ୍ତି ବୋଲି ଆପଣଙ୍କ ନିକଟରେ କିଛି ପ୍ରମାଣ ନାହିଁ। ଏଣୁ କୋର୍ଟ କଚେରିକୁ ଗଲେ ବି ନ୍ୟାୟ ମୋ ସପକ୍ଷରେ ଯିବ। ଯଦି ଅର୍ଥ ଫେରି ପାଇବାକୁ ଚାହୁଁଛନ୍ତି ତାହାଲେ ଚୁପ୍ ରୁହନ୍ତୁ। ମୁଁ ସୁବିଧା ଦେଖି ଟଙ୍କା ଫେରାଇ ଦେବି।

ସଂଘବଦ୍ଧ ହୋଇ ପାଟିତୁଣ୍ଡ କଲେ ଓଲଟା ଆପଣମାନେ ଫସିବେ। ସେ ବାଟ ବି ମୋତେ ଜଣା ଅଛି'। ଏତିକି କହିବା ସହ ସମ୍ପୃକ୍ତ ଯୁବତୀ ଟଙ୍କା ନେଇଛନ୍ତି ବୋଲି ଏକ ଲିଖିତ ସ୍ୱୀକାରୋକ୍ତି ପତ୍ର ପ୍ରଦାନ କରିଥିଲେ ଉପସ୍ଥିତ ଯୁବକଙ୍କୁ। ତେବେ ଯୁବତୀଙ୍କ ମୁହଁରୁ ଏହା ଶୁଣିବା ପରେ ଥାନାକୁ ଉତ୍ୟକ୍ତ ହୋଇଆସିଥିବା ଯୁବକ ଗୋଷ୍ଠୀ କାନ ମୁଣ୍ଡା ଆଉଁଶି ଚୁପ୍ ରହିଥିଲେ। ପୋଲିସ ସବୁ ଶୁଣି ନ ଶୁଣିଲା ପରି ଚାହିଁ ରହିଥିଲା। ଯୁବକମାନେ ନେହୁରା ହୋଇ କହୁଥିଲେ 'ମାଡାମ ଆମେ ଧାର ଉଧାର କରି ଆପଣଙ୍କୁ ଟଙ୍କା ଦେଇଚୁ। ଚାକିରି ତ ହେଲା ନାହିଁ ଆମ ଟଙ୍କା ଫେରାଇ ଦିଅନ୍ତୁ। ଏବେ ଆମକୁ ଘରେ ପଶିବାକୁ ଦେଉ ନାହାନ୍ତି। ଆମେ ନେହୁରା ହେଉଛୁ'। କିନ୍ତୁ ଏସବୁ କାକୁତି ମିନତୀ ଯୁବତୀଙ୍କ ହୃଦୟକୁ କେତେଦୂର ଛୁଇଁଛି ତାହା ଭିନ୍ନ କଥା। ଆଗାମି ଦିନରେ ଏହି ଘଟଣା ଏକ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବ ବୋଲି କହିଛନ୍ତି ଠକାମିର ଶିକାର ଯୁବ ଗୋଷ୍ଠି। ଏ ନେଇ ସମ୍ପୃକ୍ତ ଯୁବତୀଙ୍କୁ ପଚାରାଯିବାରୁ ସେ ବେପରୁଆ ଭାବେ କହିଥିଲେ 'ମୁଁ ଟଙ୍କା ନେଇଛି। ହେଲେ ଚାକିରି ପାଇଁ ଯାହାକୁ ଦେଇଛି ସେ ମୋତେ ଫେରାଉ ନାହିଁ। ଏଣୁ ସୁବିଧା ହେଲେ ଏହା ନିଶ୍ଚୟ ଫେରାଇ ଦେବି'।

# ଆଜି ମେଳଣ, ଭସାଣି ଶୋଭାଯାତ୍ରା

■ ବାଲୁଘାଟରେ ବିସର୍ଜନ ପୋଖରୀ

ରାଉରକେଲା ଅଫିସ,୨୦।୧୦

କେନ୍ଦ୍ରୀୟ ପୂଜା କମିଟି ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ମା' ଦୁର୍ଗାଙ୍କ ମେଳଣ ଉତ୍ସବ ସେକ୍ଟର-୧୩ ପଡିଆରେ ହେବ। ଏହା ସାଙ୍ଗକୁ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ବାଲୁଘାଟରେ ବିସର୍ଜନ ପୋଖରୀ ପ୍ରସ୍ତୁତ ସରିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ମେଳଣ ପଡିଆରେ କିପରି ସମସ୍ତ ମୂର୍ତ୍ତି ପ୍ରବେଶ କରିବ ସେ ନେଇ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ରାସ୍ତା ପାର୍ଶ୍ୱ ବୃକ୍ଷ, ବିଜୁଳି ତାର ଆଦି ପ୍ରତିବନ୍ଧକକୁ ଅପସାରଣ କରାଯାଇଛି। ଏଥିସହ ରିଂ ରୋଡ ଆଲୋକୀକରଣ କାର୍ଯ୍ୟ ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଛି। ଶାନ୍ତି ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସନ୍ଧ୍ୟା ସାଢେ ୬ଟାରୁ ମେଳଣ ଉତ୍ସବ ଆରମ୍ଭ ନେଇ କାର୍ଯ୍ୟକ୍ରମ ଚୂଡାନ୍ତ କରାଯାଇଛି। ଏହାକୁ ଆରଡିଏ ଅଧ୍ୟକ୍ଷ ସାରଦା ନାୟକ ଉଦ୍‌ଘାଟନ କରିବେ। ଏଥିରେ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏସପି ଡଃ. ଉମାଶଙ୍କର ଦାସ ଓ ଆରଏସପି ସହରସେବା ବିଭାଗ ଜିଏମ ଏନ.କେ. ସାମନ୍ତରାୟ ସମ୍ମାନୀତ ଅତିଥି ରୂପେ ଉପସ୍ଥିତ ରହିବେ ବୋଲି ସୂଚନା ପ୍ରଦାନ କରାଯାଇଛି।

# ଦଶହରା ମାନବିକ ମୂଲ୍ୟବୋଧର ବାର୍ତ୍ତା ଦିଏ

ରାଉରକେଲା ଅଫିସ,୨୦।୧୦

ଦଶହରା ପାଳନ ସମିତି ରାଉରକେଲା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସେକ୍ଟର-୧୩ ମେଳଣ ପଡିଆରେ ଧୁମଧାମରେ ରାବଣ ପୋଡି ଓ ଶ୍ରୀରାମ ଅଭିଷେକ ମହୋତ୍ସବ ଶେଷ ହୋଇଛି। ଏହି ଅବସରରେ ଆୟୋଜିତ ଆତସବାଜି ଦେଖିବାକୁ ପଡିଆରେ ଭିଡ ପରିଲକ୍ଷିତ ହୋଇଥିଲା। ଦୀର୍ଘ ଘଣ୍ଟାଏ କାଳ ରଙ୍ଗବେରଙ୍ଗର ଆଲୋକମାଳା ଦେଖି ବିଭୋର ହୋଇଥିଲେ ଦର୍ଶକ। ଏଥିସହ ୬୦ଫୁଟ ଉଚ୍ଚର ରାବଣ ପୋଡି ଦେଖିବାକୁ ଦର୍ଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଥିଲେ ଆସୁରିକ ଶକ୍ତିର ବିନାଶ ଓ ଦୈବୀ ଶକ୍ତି ତଥା ମାନବିକ ମୂଲ୍ୟବୋଧର ଅଭ୍ୟୁଦୟ ହିଁ ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ। ଦଶହରା ମାନିବକ ମୂଲ୍ୟବୋଧର ବାର୍ତ୍ତା ଦିଏ। ସମାଜରେ ଶାନ୍ତି ମୈତ୍ରୀ ପ୍ରତିଷ୍ଠା ନେଇ ରାବଣପୋଡି ଉତ୍ସବ ଆମକୁ ପ୍ରତ୍ୟକ ବର୍ଷ ଦଶହରାରେ ପ୍ରେରଣା ଦେଇ ଆସୁଛି। ଏ ଦିଗରେ ସମସ୍ତେ ଯତ୍ନବାନ ହେଲେ ସମାଜରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହେବ ବୋଲି ଓରାମ ମତ ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ରୂପେ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ନିଜ ବକ୍ତବ୍ୟରେ କହିଥିଲେ ଭାରତୀୟ ଧର୍ମ ସଂସ୍କୃତି ସର୍ବଦା ସର୍ବେ ଭବନ୍ତୁ ସୁଖୀନ ବାର୍ତ୍ତା ଦେଇ ଆସିଛି। ଆଜିପରି ଦିନରେ ରାବଣ ଦହନ ଆମକୁ ମନେ ପକାଇ ଦେଉଛି ଯେ ଶାନ୍ତିକାମୀ ଦେଶବାସୀ ନିଶ୍ଚିତ ଭାବେ ଅହିଂସା ପରମ ଧର୍ମରେ ବିଶ୍ୱାସ କରନ୍ତି। ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ନୀତି ଆଦର୍ଶ ସମସ୍ତଙ୍କ ପାଇଁ ଧ୍ୟେୟ ହେଉ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଦଶହରା ମେଲଣ ସମିତି ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ଅଭିଷେକ ନେଇ ଯେଉଁ ପଦକ୍ଷେପ ନେଇଛି ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ତରାଇ ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ରୂପେ ଆନନ୍ଦ ମହାନ୍ତି ମଧ୍ୟ ଏଥିରେ ଉପସ୍ଥିତ ଥିଲେ।



ସେକ୍ଟର-୧୩ ମେଳଣ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ।

# ସାର୍ବଜନୀନ ଉତ୍ପାଦକ ବର୍ଗରେ ସେଲ୍ ପୁରସ୍କୃତ

ରାଉରକେଲା ଅଫିସ,୨୦।୧୦

ମହାରତ୍ନ କମ୍ପାନୀ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିଃ(ସେଲ) ନାଶନାଲ ଆୱାର୍ଡ ଫର ଏକ୍ସଲେନ୍ସ ଇନ କଷ୍ଟ ମ୍ୟାନେଜମେଣ୍ଟରେ ପ୍ରଥମ ପୁରସ୍କାର ଲାଭ କରିଛି। ଇନଷ୍ଟିଚ୍ୟୁଟ ଅଫ କଷ୍ଟ ଆକାଉଣ୍ଟାଣ୍ଟସ ଅଫ ଇଣ୍ଡିଆ ଦ୍ୱାରା ପ୍ରଦତ୍ତ ବୃହତ ସାର୍ବଜନୀନ ଉତ୍ପାଦକ ବର୍ଗରେ ସେଲ୍‌କୁ ଏହି ପୁରସ୍କାର ମିଳିଛି। ଦିଲ୍ଲୀରେ ଆୟୋଜିତ ପଞ୍ଚଦଶ ଜାତୀୟ ମୂଲ୍ୟ ପ୍ରବନ୍ଧନ ଉତ୍କର୍ଷତା ପୁରସ୍କାର କାର୍ଯ୍ୟକ୍ରମରେ କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କଠାରୁ ସେଲ୍ ଅଧ୍ୟକ୍ଷ ଅନୀଲ ଚୌଧୁରୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିବେଶରେ ଉତ୍ପାଦନ ଓ ବିତ୍ତୀୟ ପ୍ରଦର୍ଶନରେ ଅଧିକ ଉନ୍ନତି ଆଣିବା ନିମନ୍ତେ ସେଲ ନିରନ୍ତର ପ୍ରୟାସ ଜାରି ରଖିଛି।



କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋଏଲଙ୍କଠାରୁ ସେଲ୍ ଅଧ୍ୟକ୍ଷ ପୁରସ୍କାର ଗ୍ରହଣ କରୁଛନ୍ତି।

### ଟାଏକୋଣ୍ଡୋ, କିକ୍‌ବକ୍ସିଂ, କରାଟେ ଉଦ୍‌ଯାପିତ

# ୧୩ ଜିଲାରୁ ଭାଗନେଲେ ୪୩୦ ପ୍ରତିଯୋଗୀ



ରାଉରକେଲା ଦୀପିକା ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା ଅଫିସ,୨୦।୧୦

ରାଉରକେଲା ଦୀପିକା ସ୍କୁଲରେ ଆୟୋଜିତ ୧୧ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ, କିକ୍ ବକ୍ସିଂ ଓ କରାଟେ ଚମ୍ପିୟନଶିପ ଉଦ୍‌ଯାପିତ ହୋଇଯାଇଛି। କଳିଙ୍ଗ ଟାଏକୋଣ୍ଡୋ ଆସୋସିଏଶନ (ଓଡିଶା) ଏବଂ ଓରିଏଣ୍ଟାଲ ମାର୍ଶଲ ଆର୍ଟ ଏକାଡେମି ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩ଟି ଜିଲାରୁ ୪୩୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମୋଟ ୩ଟି ଇଭେଣ୍ଟ ଖେଳା ଯାଇଥିଲା।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ରୂପେ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ଯୋଗ ଦେଇଥିଲେ। ଏସ୍‌ପି ଉମାଶଙ୍କର ଦାସ, ଆରଏସ୍‌ପି ଜିଏମ ରାମନାରାୟଣ ନାୟକ, ଦୀପିକା ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ପ୍ରମୁଖ ଏଥିରେ ମଞ୍ଚାସୀନ ଥିଲେ। ଏହି ଅବସରରେ ଚାମ୍ପିୟନ ଦଳକୁ ମଞ୍ଚାସୀନ ଅତିଥି ପୁରସ୍କାର ବିତରଣ କରିଥିଲେ। ଅନ୍ତର୍ଜାତୀୟ କୋଚ ସଚ୍ଚିଦାନନ୍ଦ ବିଶ୍ୱାଳ, ଗୋଲକ ବେହେରା, ଗାଡୁ ବାଗ, ଦେବେନ୍ଦ୍ର ପ୍ରଧାନ, ରାଜେଶ ଛୁର, ଭେନସ ନାୟକ, ବିଶ୍ୱଜିତ ବାରିକ, ସ୍ମୃତିରଂଜନ ଲେଙ୍କା, ଦିବ୍ୟା ଛଞ୍ଚାଣ, ଅଜୟ ରାଠୋର, ସସ୍ମିତା ମହାନ୍ତି, ବିଜୟ ରଥ ଓ ରୋହିତ ଦୀପ ପ୍ରମୁଖ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

### ଗଛଡାଳ ପଡ଼ି ସ୍କୁଟି ଆରୋହୀ ମୃତ

ଲଖନପୁର,୨୦।୧୦(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ବନହରପାଲି ଥାନା ଅଧୀନ ଭୋଇପାଲି ଗ୍ରାମ ରାସ୍ତା ପାର୍ଶ୍ୱରେ ବୁଧବାର ଗଛ କାଟୁଥିବାବେଳେ ଡାଳ ପଡି ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପିପିଲିକାନୀ ଗ୍ରାମର ଶ୍ୟାମସୁନ୍ଦର ରୋହିଦାସ (୭୫)। ଏ ନେଇ ମୃତକଙ୍କ ନାତି କ୍ରିଷ୍ଣା ରୋହିଦାସ ନିକଟସ୍ଥ କୁମ୍ଭାରବନ୍ଧ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ବନହରପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଶ୍ୟାମସୁନ୍ଦର ନିଜ ନାତିଙ୍କୁ ସାଙ୍ଗରେ ଧରି ସ୍କୁଟିରେ କୁମ୍ଭାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ବାରିକଡେରା ନିକଟ ଭୋଇପାଲି ଗ୍ରାମ ରାସ୍ତା ପାର୍ଶ୍ୱରେ କେତେକ ଲୋକେ ଗଛରେ ଚଢି ଡାଳ କାଟୁଥିଲେ। ଏତିକିବେଳେ ଗଛ ଡାଳ ସିଧାସଳଖ ସ୍କୁଟି ଉପରେ ପଡିଥିଲା। ଫଳରେ ବୃଦ୍ଧ ଶ୍ୟାମସୁନ୍ଦର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ପ୍ରଥମେ ଇବ୍‌ଥର୍ମାଲ ଓ ପରେ ବେଲପାହାଡ ଟାଟାକ୍ରୋସାକୀ ହସ୍‌ପିଟାଲ୍‌କୁ ନିଆ ଯାଇଥିଲେ। ସେଠାରେ ଡାକ୍ତର ଦେଖିଲା ପରେ ଶ୍ୟାମସୁନ୍ଦରଙ୍କୁ ମୃତ ଘୋଷଣା କରିଥିଲେ ।


## ସମ୍ବଲପୁରୀ ବସ୍ତ୍ରାଳୟ

**ମହାଳୟା, ଦଶହରା ଓ କୁମାର ପୂର୍ଣ୍ଣିମା**

ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



**ବିଶେଷ ସରକାରୀ ରିହାତି**

**10%+20%**

ଅବଧି ତା୦୪।୧୦।୨୦୧୮ ରୁ ତା୨୪।୧୦।୨୦୧୮ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡଶିଟ୍, ସୁଟ୍ ସେଟ୍

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର କେବଳ ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରୟ କରୁଥିବା ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିଙ୍କଠାରେ ଉପଲବ୍ଧ ଅଟେ।


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

### ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା

ସମ୍ବାଦ, ସମାଜ ଏବଂ ଧରିତ୍ରୀ ଖବରକାଗଜରେ ତା-୦୨.୧୦.୨୦୧୮ ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତଗୁଡ଼ିକୁ ତା୨୨.୧୦.୨୦୧୮, ୨୩.୧୦.୨୦୧୮, ୨୫.୧୦.୨୦୧୮, ୨୬.୧୦.୨୦୧୮ ଏବଂ ୨୭.୧୦.୨୦୧୮ ରିଖ ଦିନ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିଲା । ଅନିବାର୍ଯ୍ୟ କାରଣବଶତଃ ପରମିଟ୍ କମିଟି ବୈଠକ ଉପରୋକ୍ତ ତାରିଖ ପରିବର୍ତ୍ତେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଆବେଦନକାରୀ ଗାଡ଼ି ମାଲିକ ତଥା ପ୍ରତିପକ୍ଷ ଦରଖାସ୍ତକାରୀମାନେ ଉକ୍ତ ତାରିଖ ଓ ସମୟରେ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଆବଶ୍ୟକ କାଗଜାତ ଦାଖଲ କରି ନିଜର ପକ୍ଷ ରଖିପାରିବେ ।

| କ୍ରମିକ ସଂଖ୍ୟା | ପୂର୍ବ ତାରିଖ | ପରିବର୍ତ୍ତିତ ତାରିଖ | ସମୟ |
|---|---|---|---|
| ୧ରୁ ୬୦ | ୨୨.୧୦.୨୦୧୮ | ୧୨.୧୧.୨୦୧୮ | ପୂର୍ବାହ୍ନ ୧୧ଘଟିକା |
| ୬୧ରୁ ୧୨୦ | ୨୩.୧୦.୨୦୧୮ | ୧୩.୧୧.୨୦୧୮ | |
| ୧୨୧ରୁ ୧୮୦ | ୨୫.୧୦.୨୦୧୮ | ୧୪.୧୧.୨୦୧୮ | |
| ୧୮୧ରୁ ୨୪୦ | ୨୬.୧୦.୨୦୧୮ | ୧୫.୧୧.୨୦୧୮ | |
| ୨୪୧ରୁ ୩୦୦ | ୨୭.୧୦.୨୦୧୮ | ୧୬.୧୧.୨୦୧୮ | |
| ୩୦୧ରୁ ୩୨୩ | ୨୮.୧୦.୨୦୧୮ | ୧୭.୧୧.୨୦୧୮ | |

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡ଼ିଶା, କଟକ

# ଜଳଦା ବି ବ୍ଲକରେ ସମ୍ପନ୍ନହେଲା ରାବଣପୋଡ଼ି

ରାଉରକେଲା ଅଫିସ,୨୦।୧୦

ଦକ୍ଷିଣ ରାଉରକେଲା ଜଳଦା ବି ବ୍ଲକଠାରେ ଉତ୍ସାହ ଉଦ୍ଦୀପନା ସହ ଦଶହରା ଓ ରାବଣ ପୋଡି ଉତ୍ସବ ଶେଷ ହୋଇଛି। ସହସ୍ରାଧିକ ଶ୍ରଦ୍ଧାଳୁ ରାବଣ ପୋଡି ଉତ୍ସବରେ ଉପସ୍ଥିତ ରହି ଭାରତୀୟ ସଂସ୍କୃତିର ଏହି ମହାନ ପର୍ବକୁ ଉପଭୋଗ କରିଥିଲେ। ସନ୍ଧ୍ୟାରୁ ଆତସବାଜି କାର୍ଯ୍ୟକ୍ରମ ଦେଖିବାକୁ ପଡିଆରେ ପ୍ରବଳ ସମାଗମ ପରିଲକ୍ଷିତ ହୋଇଥିଲା। ପୂର୍ବାହ୍ନରେ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ରାବଣ ପୋଡି ସ୍ଥଳ ପରିଦର୍ଶନ କରିବା ସହ ଏହାକୁ ଶାନ୍ତି ଶୃଙ୍ଖଳାରେ ଶେଷ କରିବା ନେଇ ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ରାବଣ ପୋଡି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଶ୍ରୀଚରଣ ସାମଲ ଯୋଗ ଦେଇଥିଲେ। ଏହି ଅବସରରେ ସେ ନିଜ ବକ୍ତବ୍ୟରେ କହିଥିଲେ ଯେ ରାବଣ ରୂପକ ଅସତ୍ୟ, ଅନ୍ୟାୟ, ହିଂସା, ଦ୍ୱେଷ କିପରି ଆମ ଭିତରୁ ଲୋପ ପାଇବ ସେନେଇ ପ୍ରଚେଷ୍ଟା କରାଯିବା ଆବଶ୍ୟକ। ଭଗବାନ ଶ୍ରୀରାମଚନ୍ଦ୍ର ଧରାପୃଷ୍ଠରେ ଶାନ୍ତି ପ୍ରତିଷ୍ଠା ନେଇ ଆସୁରିକ ଶକ୍ତିର ବିଭବ ରାବଣକୁ ଦମନ କରିଥିଲେ। ଯୁଗ ବ୍ୟାପି ଏହି ପରମ୍ପରା ଓ ସଂସ୍କୃତି ଆମକୁ ପ୍ରେରଣା ଦେଇ ଆସିଛି। ଏହାକୁ କେବଳ ଉତ୍ସବ ବା ପର୍ବ ପର୍ବାଣି ଭାବି ସଂପନ୍ନ କରାଯିବା ଉଚିତ ହେବ ନାହିଁ। ଏହା ପଛରେ ରହିଥିବା ମହତ ଉଦ୍ଦେଶ୍ୟକୁ ବୁଝିବାକୁ ହେବ। ଆଜିର ଯୁବ ସମାଜ ନିଜ ମନରୁ ହିଂସା ଦ୍ୱେଷ ପରିତ୍ୟାଗ କରି ମହାଭାରତୀୟତାରେ ନିଜକୁ ସାମିଲ କରିବାକୁ ସାମଲ ଆହ୍ୱାନ ଦେଇଥିଲେ। ରାବଣ ପୋଡି ପରେ ଆକର୍ଷଣୀୟ ଆତସବାଜି ଉପଭୋଗ କରିଥିଲେ ସ୍ଥାନୀୟ ଶ୍ରଦ୍ଧାଳୁ। ଏଥିରେ ହର ମହାନ୍ତ, କିଶୋର ମହାନ୍ତ, ଭୀମ କିଶାନ, ରତ୍ନା କିଶାନ ଓ ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ରାବଣ ପୋଡ଼ି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କର୍ମକର୍ତ୍ତା।


DSPL - 204




**ହସିଲା ସୂର୍ଯ୍ୟ ଆୟୋଡିନ ଲୁଣ**
**ଚକମକ ବୁଦ୍ଧି, ଚମକେ ଗୁଣ**

ଗର୍ଭବତୀ ମା' ପାଇଁ ଆୟୋଡିନ ଲୁଣ
ଗର୍ଭ ଅବସ୍ଥାରେ ପ୍ରତିଦିନ ଆୟୋଡିନ ଲୁଣ ଖାଇଲେ ଜନ୍ମ ହେବାକୁ ଥିବା ଶିଶୁର ମାନସିକ ଓ ଶାରୀରିକ ଅଭିବୃଦ୍ଧି ହୋଇଥାଏ।

ବଢୁଥିବା ଶିଶୁ ପାଇଁ ଆୟୋଡିନ ଲୁଣ
ପ୍ରତିଦିନ ଖାଦ୍ୟରେ ଆୟୋଡିନ ଲୁଣ ବ୍ୟବହାର କଲେ ପିଲାଙ୍କର ଉପଯୁକ୍ତ ମାନସିକ ବିକାଶ ହୋଇଥାଏ। ସେମାନଙ୍କ ବୁଦ୍ଧି ସ୍ତର ବୃଦ୍ଧି ପାଇଥାଏ।

ହସିଲା ସୂର୍ଯ୍ୟ ଶକ୍ତି ଓ ବୁଦ୍ଧିର ରକ୍ଷକ
ଆୟୋଡିନ ଲୁଣ
ସବୁବେଳେ ହସିଲା ସୂର୍ଯ୍ୟ ଚିହ୍ନ ଥିବା ଆୟୋଡିନ ଲୁଣ କିଣନ୍ତୁ ।

10003/13/0087/1819

ପ୍ରତିଦିନ ଖାଦ୍ୟରେ ଆୟୋଡିନ ଯୁକ୍ତ ଲୁଣ ପିଲାଙ୍କ ମାନସିକ ଶକ୍ତି ଓ ବୁଦ୍ଧି ଲାଗି ସବୁଠୁ ଲାଭଦାୟକ ଉପାୟ।

unicef

facebook.com/HFWOdisha | http://www.health.odisha.gov.in | @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା



ରାଗିବା ପୂର୍ବରୁ ହଠାତ୍ ସ୍ଥିର ହୋଇଯାଅ, ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।
- କନ୍ଫୁସିୟସ



## ସଂକ୍ଷେପରେ

### ଧାନ କ୍ଷେତକୁ ନଷ୍ଟ କରୁଛନ୍ତି ହାତୀ ପଲ

**କିର୍ମିରା, ୨୦।୧୦ (ଡି.ଏନ.ଏ)-** କିର୍ମିରା ବ୍ଲକ ବୁଡାପରା ଅଞ୍ଚଳରେ ଗତ କିଛି ଦିନ ହେବ ହାତୀଙ୍କ ଉପଦ୍ରବ ବଢ଼ି ଯାଇଛି । ପାଖ ଜଙ୍ଗଲରୁ ୩୫ରୁ ଉର୍ଦ୍ଧ୍ୱ ହାତୀ ସନ୍ଧ୍ୟା ହେଲା ମାତ୍ରେ ପାଚିଲା ଧାନ ଖେତରେ ପଶି ଧାନ ଖାଇବା ସହ ମାଡି ଦଳି ଦେଉଛନ୍ତି । ବନ ବିଭାଗ ଚାଷୀଙ୍କୁ ହାତୀ ଦୌରାତ୍ମ୍ୟରୁ ସୁରକ୍ଷା ଦେଇପାରୁନାହିଁ।

### ବାଇକ୍ ପଛରୁ ଧକ୍କା ଦେଲା ଟ୍ରକ୍, ଜଣେ ମୃତ ସ୍ତ୍ରୀ, ପୁଅ ଆହତ: ରାସ୍ତାରେ ଉତ୍ତେଜନା

**ଝାରସୁଗୁଡା ଅଫିସ,୨୦।୧୦-** ଝାରସୁଗୁଡା ବକ୍ସିଛକଠାରେ ଗୁରୁବାର ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ସ୍ତ୍ରୀ ଏବଂ ପୁଅ ଆହତ ହୋଇଛନ୍ତି। ମୃତକ ହେଲେ ବ୍ରଜରାଜନଗର ବୋନ୍ଦିଆ କଲୋନୀର ବିକି କୁମାର(୨୯)। ତାଙ୍କ ସ୍ତ୍ରୀ ମୀନା କୁମାର ଏବଂ ପୁଅ ଆର୍ଯ୍ୟନ କୁମାରଙ୍କୁ ଚିକିତ୍ସା କରାଯାଉଛି। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ପୋଲିସ ସୂଚନା ମୁତାବକ ଗୁରୁବାର ଅପରାହ୍ନ ୩ଟାରେ ବିକି, ମୀନା ଏବଂ ଆର୍ଯ୍ୟନ ଏକ ବାଇକ୍ ଯୋଗେ ବ୍ରଜରାଜନଗରରୁ ଝାରସୁଗୁଡା ଆସୁଥିଲେ। ବକ୍ସିଛକ ପାଖରେ ଗାଡିକୁ ରାସ୍ତା କଡରେ ଅଟକାଇ ଥିଲେ। ପରେ ଗାଡି ଷ୍ଟାର୍ଟ କରୁଥିବା ବେଳେ ପଛରୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ବିକିଙ୍କ ମୃତ୍ୟୁ ଘଟିଥିଲା ସ୍ତ୍ରୀ, ପୁଅ ଆହତ ହୋଇଥିଲେ। ଏହାକୁ ନେଇ ବକ୍ସି ଛକରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ମୃତଦେହ ଜବତ କରି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏ ବାବଦରେ ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି । ଟ୍ରକ୍ ଜବତ ହୋଇଛି ଏବଂ ଚାଳକ ଅଟକ ଅଛନ୍ତି ବୋଲି ବୋଲି ଫାଣ୍ଡି ଅଧିକାରୀ ସୂଚୀସ୍ମିତା ମହାନ୍ତି କହିଛନ୍ତି।

# ରାବଣପୋଡ଼ିରେ ବି ପ୍ରତିଯୋଗିତା

■ ନବ-କିଶୋର ପୃଥକ୍ ଭାବେ ରାବଣଙ୍କ ଦେହରେ ଅଗ୍ନି ସଂଯୋଗ କଲେ

**ଝାରସୁଗୁଡା ଅଫିସ,୨୦।୧୦**

ନବ-କିଶୋରଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାର ନମୁନା ପୂଜା ପାର୍ବଣରେ ମଧ୍ୟ ଦେଖିବାକୁ ମିଳେ। ଦୁହେଁ ପୃଥକ୍ ପୃଥକ୍ ଭାବେ ଝାରସୁଗୁଡ଼ାର ୨ ପୂଜାମଣ୍ଡପର ପ୍ରତ୍ୟକ୍ଷ ଓ ପରୋକ୍ଷ ନେତୃତ୍ୱ ନେଇଥାନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ କିଶୋର ମହାନ୍ତି ମଙ୍ଗଳବଜାରସ୍ଥିତ ଶିବଶକ୍ତି ଦୂର୍ଗାପୂଜାର ନେତୃତ୍ୱ ନେଉଥିବା ବେଳେ ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ ସରବାହାଲର ଓମ୍‌ଶ୍ରୀ ପୂଜା କମିଟିକୁ ନେତୃତ୍ୱ ଦେଇଥାନ୍ତି। ଏହି ପୂଜାକୁ ସର୍ବାଗ୍ରେ ରଖିବାକୁ ଦୁଇନେତା ସର୍ବଦା ଚେଷ୍ଟା କରି ଥାଆନ୍ତି। ଦଶହରା ଉପଲକ୍ଷେ ଦୁଇ ନେତା ସ୍ୱତନ୍ତ୍ର ରାବଣପୋଡ଼ି ଆୟୋଜନ କରିଥିଲେ। ଆଲୋକମାଳା, ଆତସବାଜି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ସରବାହାଲ ଏବଂ ମନମୋହନ ସ୍କୁଲ ପଡ଼ିଆରେ ରାବଣପୋଡ଼ି ଅନୁଷ୍ଠିତ ହୋଇଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଏହି ଦୁଇନେତାଙ୍କ ନେତୃତ୍ୱରେ ଝାରସୁଗୁଡ଼ାର ଲୋକ ମଧ୍ୟ ଦୁଇଭାଗରେ ବିଭକ୍ତ ହୋଇଯାଇଛନ୍ତି। ଆଉ କୌଣସି ସ୍ଥାନରେ ରାବଣ ପୋଡ଼ି ହେଉ ନ ଥିବା ବେଳେ ଲୋକମାନେ ନିଜ ନିଜର ସମର୍ଥନ ମୁତାବକ ସରବାହାଲ ନଚେତ୍ ମନମୋହନ ପଡ଼ିଆରେ ଉପସ୍ଥିତ ହୁଅନ୍ତି।

ଦୂର୍ଗାପୂଜାର ଅନ୍ତିମ କାର୍ଯ୍ୟକ୍ରମ ରାବଣପୋଡ଼ିରେ ଶେଷ ହୋଇଛି। ଅସତ୍ୟ, ଅନ୍ୟାୟ, ଅମାନବିକତା, ଅମାନୁଷିକତା ରୂପି ରାବଣକୁ ଅଗ୍ନିଦାହ କରି ଧରାପୃଷ୍ଠରେ ସତ୍ୟ, ନ୍ୟାୟ ଓ ଧର୍ମ ପ୍ରତିଷ୍ଠାର ଶପଥ ନେଇଛନ୍ତି ନେତା। ଦୁଇ ପୂଜା କମିଟି ତରଫରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସରବାହାଲରେ ୭୦ ଫୁଟର ରାବଣ ନିର୍ମାଣ କରାଯାଇ ସେଥିରେ ବାଣ ସଂଯୋଗ କରାଯାଇଥିଲା। ସେହିପରି ମନମୋହନ ସ୍କୁଲ ପଡ଼ିଆରେ ମଧ୍ୟ ବିଶାଳ ରାବଣ ପ୍ରସ୍ତୁତ ହୋଇଥିଲା। ପୂଜା କମିଟି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଦୁଇନେତା ନବ ଦାଶ ଏବଂ କିଶୋର ମହାନ୍ତି ରାବଣପୋଡ଼ି କରିଥିଲେ। ରାବଣ ପୋଡ଼ି ପାଇଁ ପୂଜା କମିଟି ତରଫରୁ ସ୍ୱତନ୍ତ୍ର ଭାବେ ଲକ୍ଷାଧିକ ଟଙ୍କାର ବ୍ୟୟବରାଦ କରାଯାଇ ଏହାକୁ ଆକର୍ଷଣୀୟ କରାଯାଇଥିଲା ।



**କିର୍ମିରା, (ଡି.ଏନ.ଏ):** ବାଗଡିହି ଓ କିର୍ମିରା ଗ୍ରାମରେ ଦଶହରା ଓ ରାବଣପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଗଡିହି ଗ୍ରାମ ଫାଣ୍ଡିପାଖ ଦୁର୍ଗାପୂଜା କମିଟି ପକ୍ଷରୁ ଏଥର ଦୁର୍ଗାପୂଜାକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏଥର ପ୍ରଥମ ଥର ପାଇଁ ତିନି ଦିନ ଧରି ରାମଲୀଳା ମଞ୍ଚସ୍ଥ ହୋଇଥିଲା । ପଡିଆବାହାଲର କଳାକାର ରାମଲୀଳା ପରିବେଷଣ କରିଥିଲେ। ସେହିଭଳି ୩୦ ଫୁଟ ଉଚ୍ଚର ରାବଣ ଦେହରେ ଅଗ୍ନି ସଂଯୋଗ କରାଯାଇଥିଲା। ବିଜୟ ଅଗ୍ରୱାଲ, ତେଜରାଜ ସାହୁ, ନଟବର ଅଗ୍ରୱାଲଙ୍କ ସମେତ କମିଟି ସଦସ୍ୟ ସହଯୋଗ କରିଥିଲେ । ସେହିପରି କିର୍ମିରା ଗ୍ରାମରେ ଦୁର୍ଗାପୂଜାର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ରାବଣ ଦହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଧାୟକ ନବ ଦାସ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ସତ୍ୟନାରାୟଣ ପାଣିଗ୍ରାହୀ, ଫୁଲେନ୍ଦ୍ର ପଟେଲ, ଲୋଚନ ବେହେରାଙ୍କୁ ସମ୍ମାନୀତ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ଉଭୟ ମେଢ଼ ବିସର୍ଜନ କରାଯାଇଛି ।

## ଅମୃତସର ଟ୍ରେନ ଦୁର୍ଘଟଣାର ମୃତକଙ୍କୁ ସମବେଦନା

# ଓମ୍‌ଶ୍ରୀ ପୂଜା କମିଟିର ନୀରବ ବିସର୍ଜନ ଶୋଭାଯାତ୍ରା

**ଝାରସୁଗୁଡା ଅଫିସ,୨୦।୧୦**

ଝାରସୁଗୁଡାରେ ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ଶନିବାର ମା'ଙ୍କୁ ବିସର୍ଜନ କରାଯାଇଛି। ହେଲେ ପାରମ୍ପରିକ ବିସର୍ଜନଠାରୁ ଦୂରରେ ରହି ସରବାହାଲ ଓମ୍ ଶ୍ରୀ ପୂଜା କମିଟି ବିସର୍ଜନ ଉତ୍ସବ ପାଳନ କରିଛି। ଅମୃତ୍‌ସର୍‌ଠାରେ ଟ୍ରେନ୍ ଦୁର୍ଘଟଣାରେ ୭୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ସମବେଦନା ଜଣାଇ ପୂଜା କମିଟି ନିରବରେ ବିସର୍ଜନ ଶୋଭାଯାତ୍ରାରେ ବାହାରିଥିବା କମିଟିର କାର୍ଯ୍ୟକର୍ତ୍ତା ପିଣ୍ଟୁ ପାଢି କହିଛନ୍ତି। ବାଣ, ବାଦ୍ୟ, ନୃତ୍ୟ, ଗୀତ, ପ୍ରଜ୍ଞାପନ ମେଢ ସବୁକୁ ବିସର୍ଜନ ଶୋଭାଯାତ୍ରାରେ ସାମିଲ କରାଯାଇନାହିଁ। ଏଭଳି ବିସର୍ଜନା ଶୋଭାଯାତ୍ରା ଆୟୋଜନ କରି ସରବାହାଲ ପୂଜା କମିଟି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। କମିଟିର ବେଣୁଗୋପାଳ ପାଣିଗ୍ରାହୀ, ଆଦିତ୍ୟ ପୂଜାରୀ, ରୁଦ୍ର ହୋତା, ଫକୀର ପାଢୀ, ସୁଶାନ୍ତ ହୋତା, ରାଜେଶ ପାଢୀ, ଉମେଶ ନାୟକ, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଏହି ନିରାଡମ୍ବର ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।




ନିରାଡମ୍ବର ଶୋଭାଯାତ୍ରାରେ ଦୂର୍ଗାପୂଜା କମିଟି ସଦସ୍ୟ।

# ଧରାପଡ଼ିଲା ନକଲି ମଦ କାରବାର, ୨ ଗିରଫ

**କିର୍ମିରା, ୨୦।୧୦ (ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଇକେରା ଥାନା କିର୍ମିରା ବ୍ଲକ ଅନ୍ତର୍ଗତ ବାଗଡିହି ଗ୍ରାମରେ ଚାଲିଥିବା ନକଲି ମଦ କାରବାରର ପର୍ଦ୍ଦାଫାସ କରିଛି ପୋଲିସ। କିର୍ମିରା ବ୍ଲକ୍ ଚେୟାରମ୍ୟାନ ତେଜରାଜ ସାହୁଙ୍କ ଘରକୁ ଭଡାରେ ନେଇ ବିଦେଶୀ ମଦ ଦୋକାନର ମ୍ୟାନେଜର ଏହି ନକଲି ମଦ କାରବାର କରି ଆସୁଥିଲେ। ଏହି ଘଟଣାରେ ପୋଲିସ ମଦ ଦୋକାନ ମ୍ୟାନେଜର ଅମ୍ବିକା ପ୍ରସାଦ ସିଂଙ୍କୁ ଗିରଫ କରିଛି। ଏହି କାରବାର ସହିତ ଜଡିତ ସନ୍ଦେହରେ ବାଗଡିହି ଗ୍ରାମର ଅପରାଧିକ କାର୍ଯ୍ୟକଳାପରେ ଲିପ୍ତଥିବା ବିଟୁ ଭରଦ୍ୱାଜଙ୍କୁ ମଧ୍ୟ ଗିରଫ କରିଛି । ପୋଲିସ ପ୍ରଥମେ ବିଟୁଙ୍କ ଘରେ ଚଢାଉ କରିଥିଲା। ବିଟୁ କିନ୍ତୁ ନକଲି ମଦ କାରବାର ସହ ସଂପୃକ୍ତକୁ ଅସ୍ୱୀକାର କରିଥିଲେ। କେବଳ ଖାଲି ବୋତଲ ଯୋଗାଇ ଦେଉଥିବା କହିଥିଲେ । ତେବେ ତଲାସି ବେଳେ ତାଙ୍କ ଘରୁ ଗୋଟିଏ ଚୋରା ଇଲେକ୍ଟ୍ରି ମୋଟର, ୨୯ଟି ଟାୱାର ବ୍ୟାଟେରି ଜବତ କରାଯାଇଛି। ପରେ ବିଦେଶୀ ମଦ ଦୋକାନରେ ଚଢ଼ାଉ କରାଯାଇ ୧୩ ପେଟି ନକଲି ମଦ, ୧୦ ଲିଟର ସ୍ପିରିଟ, ପ୍ୟାକିଂ ଠିପି ଓ ଲେବୁଲକୁ ପୋଲିସ ଜବତ କରିଥିଲା । ମଦଦୋକାନ ସିଲ୍ କରାଯାଇଛି। ତଦନ୍ତ ପରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ଚଢ଼ାଉରେ ଅବକାରୀ ବିଭାଗ ଓ ଏସ୍‌ଡିପି କୈଳାଶ ଚନ୍ଦ୍ର ଆଚାର୍ଯ୍ୟ, ଆଇଆଇସି ପ୍ରବୀର କେଶରୀ ତ୍ରିପାଠୀ, ଫାଣ୍ଡି ଅଧିକାରୀ ସଚ୍ଚିଦାନନ୍ଦ ପଟେଲ ସାମିଲ ହୋଇଥିଲେ।

# ସମଲେଶ୍ୱରୀଙ୍କ ବଇଲ ଯାତ୍ରା, ଦୁର୍ଗାପୂଜା

**ଲଇକେରା, ୨୦।୧୦ (ଡି.ଏନ.ଏ)**

ଝାରସୁଗୁଡା ଜିଲା ଲଇକେରାରେ ମହାନବମୀ ଅବସରରେ ଅଞ୍ଚଳର ପ୍ରତ୍ୟକ୍ଷ ଦେବୀ ମାଁ ସମଲେଶ୍ୱରୀଙ୍କ ବଇଲ ଯାତ୍ରା ଓ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମବାସୀ ଓ କମିଟିର କର୍ମକର୍ତ୍ତା ଦୁଲଦୁଲି ବାଜାର ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ବିଭିନ୍ନ ଅସ୍ତ୍ରଶସ୍ତ୍ର ସହ ରଣଜିତା ହୋଇଥିଲା। ମାଁଙ୍କ ବରୁଆ ନିଳାମ୍ବର ଭୋଇ, ଛତର ଧାରକ ରୁଦ୍ର ଧୁରୁଆ, ଗୀନିବାଦକ, ମାଲଶ୍ରୀ ଗାୟକ, ଢୁଲକାରିଗର, ବରୁଆଙ୍କ ଧରୁଆ, ମନ୍ଦିର ପୂଜକ ଭୁବନେଶ୍ୱର ରାୟ ଆଦିଙ୍କୁ ପାଛୋଟି ଆଣିଥିଲେ ମନ୍ଦିରକୁ। ପଣ୍ଡିତ ବିଜୟ ମିଶ୍ରଙ୍କ ଦ୍ୱାରା ପୀଠରେ ଆରମ୍ଭ ହୋଇଥିଲା ତନ୍ତ୍ରପୂଜା। ବରୁଆ ଦେହରେ ମାଁଙ୍କ ଶକ୍ତି ପ୍ରବେଶ କରିଥିଲା। ଏହାପରେ ବରୁଆ ଗ୍ରାମ ପରିକ୍ରମା କରିଥିଲେ । ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ପୂଜା କରିଥିଲେ । ବରୁଆ ବେଶକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶୁକ୍ରବାର ବିଜୟା ଦଶମୀ ଦିନ ମାଁଙ୍କ ବରୁଆ ଗ୍ରାମ ପରିକ୍ରମା କରିଥିଲେ। ପରେ ମନ୍ଦିରକୁ ଫେରି ଚାଚେରି (ଖଣ୍ଡା) ଖେଳିଥିଲେ। ଏହି ଅବସରରେ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଥିଲା ।

ସୁନ୍ଦର ତୋରଣ ସାଙ୍ଗକୁ ମାଁ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ଲୋକଙ୍କୁ ବାନ୍ଧି ରଖିଥିଲା। ଦୁର୍ଗା ପୂଜାରେ ବନମାଳୀ ମିଶ୍ର ସପତ୍ନୀକ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇ ଥିଲେ। ପୂଜାକାର୍ଯ୍ୟରେ ସରୋଜ ମିଶ୍ର ଏବଂ ପ୍ରଶାନ୍ତ ମିଶ୍ର ସହଯୋଗ କରିଥିଲେ । ଏହି ଅବସରରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ରାବଣ ପୋଡି ହୋଇଥିଲା । ରାମ, ଲକ୍ଷ୍ମଣ ବାନର ଏବଂ ରାବଣଙ୍କ ସହ ଅସୁରମାନେ ଗ୍ରାମ ପରିକ୍ରମା କରିଥିଲେ। ମିନି ଷ୍ଟାଡିୟମଠାରେ ରାବଣ ଦହନ କାର୍ଯ୍ୟକ୍ରମ ସହ ଆତସବାଜି ହୋଇଥିଲା। ସମଲେଶ୍ୱରୀ ଏବଂ ଦୁର୍ଗା ପୂଜା କମିଟିର ସଭାପତି ଟଙ୍କଧର ନାଏକ, ସମ୍ପାଦକ ସୁରେନ୍ଦ୍ର କୁମାର ପଟେଲ, ଦେଓକରଣ ଅଗ୍ରୱାଲ, ଟିକେଶ୍ୱର ସାହୁ, ବୁଲୁ ଅମାତ, ଟିଟୁ ବେହେରା, କାର୍ତ୍ତିକ ବେହେରା, ଟୁନୁ ମେହେର, ଭରତ ମେହେର, ଦିଲୀପ ବେହେରା, ଭୂପାଳ ଚନ୍ଦ୍ର ବେହେରା, ଅର୍ଜୁନ କୁମାର ମେହେର ସହଯୋଗ କରିଥିଲେ।

# 'ଭିଶୋଇ ମୋ ଭଉଣୀଙ୍କୁ ପୋଡ଼ି ଦେଇଛନ୍ତି'

**ଲଖନପୁର,୨୦।୧୦ (ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ବନହରପାଲି ଥାନା ଅଧୀନ ଡିଲିଆ ନୂଆପଡା ଗ୍ରାମର ପ୍ରକାଶ ମାଝିଙ୍କ ସ୍ତ୍ରୀ ରୋହିଣୀ(୨୮)ଙ୍କ ମୃତ୍ୟୁ ଘଟିଛି। ଲଖନପୁର ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ (ମାଜିଷ୍ଟ୍ରେଟ୍)ଙ୍କ ଉପସ୍ଥିତିରେ ପୋଲିସ୍ ମୃତଦେହକୁ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିରେ ପୋଲିସ୍ କାହାରିକୁ ଗିରଫ କରିନାହିଁ। ରୋହିଣୀଙ୍କ ଭାଇ ମୋହନ ଭୋଇ କିନ୍ତୁ କୁମ୍ଭାରବନ୍ଧ ଫାଣ୍ଡିରେ ଭିଣୋଇଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଭଉଣୀ ସହିତ ଭିଣୋଇ ସବୁବେଳେ ଝଗଡା କରୁଥିଲେ। ଶାରୀରିକ ଓ ନିର୍ଯାତନ ଦେଉଥିଲେ। ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଭିଣୋଇ ଉତ୍ତକ୍ଷିପ୍ତହୋଇ କିରୋସିନ ଢାଳି ଭଉଣୀଙ୍କୁ ପୋଡି ଦେଇଛନ୍ତି ବୋଲି ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପ୍ରକାଶ କିନ୍ତୁ କହିଛନ୍ତି ଯେ, ରୋହିଣୀ ଚୁଲା ଲଗାଉ ଥିଲାବଳେ ତାଙ୍କ ଲୁଗାରେ ହଠାତ ନିଆଁ ଲାଗି ଯାଇଥିଲା। ସୂଚନାଯୋଗ୍ୟ, ରୋହିଣୀଙ୍କ ମୃତ୍ୟୁ ପରେ ତାଙ୍କର ୧୦ମାସର ଶିଶୁପୁତ୍ର ମା' ଛେଉଣ୍ଡ ହୋଇଯାଇଛି।

# ଟ୍ରେଲର ଧକ୍କାରେ ୩ ଗୁରୁତର

**ଲଖନପୁର,୨୦।୧୦ (ଡି.ଏନ୍.ଏ.)**

ବାଲାଜୀ ରୋଡ୍ ନିକଟରେ ଶୁକ୍ରବାର ସନ୍ଧ୍ୟା ସାଢେ ୬ଟାରେ ଦୁର୍ଘଟଣା ଘଟିଛି। ଏକ କୋଇଲା ବୋଝେଇ ଟ୍ରେଲର ଗୋଟିଏ ବାଇକ୍‌କୁ ଧକ୍କା ଦେଇଛି। ଫଳରେ ବାଇକ୍ ଚୂରମାର ହୋଇଯାଇଛି। ଏଥିରେ ବାଇକ୍ ଚାଳକଙ୍କ ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଏମାନେ ହେଲେ ବିଶାଳ ମୁଣ୍ଡା(୨୦), ନରେଶ ମୁଣ୍ଡା (୨୮), ସୋନୁ ମୁଣ୍ଡା (୨୫)। ଏମାନଙ୍କୁ ପ୍ରଥମେ ଝାରସୁଗୁଡା ସରକାରୀ ଡାକ୍ତରଖାନା ଓ ପରେ ବୁର୍ଲା ବଡ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି । ରେଙ୍ଗାଲି ଥାନା ପୋଲିସ୍ ଉଭୟ ଗାଡିକୁ ଜବତ କରିଛି । ଦୁର୍ଘଟଣା ପରେ ଟ୍ରେଲର ଚାଳକ ଗାଡି ଛାଡି ଫେରାର୍ ହୋଇ ଯାଇଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

T.C.F. FINANCE
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାଇଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନବାଂଛିତ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୂଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

INVESTORS/ PARTNER
required for a running Automobile Unit in Patia.
20 Corporates + 150 (+) Clients.
Spares outlet opening facility.
CONTACT:
8114721727

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ମାଣିକେଶ୍ୱରୀ ପୂଜା ପାଇଁ କଳସ ଯାତ୍ରା

**ହେମଗିର, ୨୦।୧୦ (ଡି.ଏନ.ଏ)-** ହେମଗିର ଅଞ୍ଚଳର ପ୍ରତ୍ୟକ୍ଷ ଦେବୀ ଭାବେ ପରିଗଣିତ ମା' ମାଣିକେଶ୍ୱରୀଙ୍କ ପୂଜା ପାଇଁ କଳସ ଯାତ୍ରା କରାଯାଇଛି। ଏଥିରେ ଗ୍ରାମର ମହିଳା ତଥା ବାଳିକାମାନଙ୍କୁ ନେଇ ୧୫୧ଟି ଜଳପୂର୍ଣ୍ଣ କଳସ ନାରିକେଳ ଦ୍ୱାର ସୁଶୋଭିତ କଳସ ମା'ଙ୍କ ପୀଠରେ ଅର୍ପଣ କରାଯାଇଥିଲା। ଆସନ୍ତା ରବିବାରୁ ପାର୍ଶ୍ୱଦେବା ଦେବୀଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ଏହା ଚତୁର୍ଦ୍ଦଶୀରେ ସମ୍ପନ୍ନ ହେବ। ଏହି ପୂଜା ହେମଗିର ଜମିଦାର ଅମଳରୁ ଚଳି ଆସୁଛି ।

### କରମା ପୂଜା ପାଳିତ

**ହେମଗିର, ୨୦।୧୦ (ଡି.ଏନ.ଏ)-** ମା' ଦୁର୍ଗାଙ୍କର ଅନ୍ୟ ଏକ ଅବତାର ଭାବେ କାହିଁ ଆଦିମକାଳରୁ ଏହି କରମା ପୂଜା ଗ୍ରାମାଞ୍ଚଳରେ ଚାଲି ଆସୁଛି। ଏଥିରେ ମା' ଦୁର୍ଗାଙ୍କୁ କରମ ସାନୀ ଦେବୀ ରୂପେ ପୂଜା କରାଯାଇଥାଏ। ବିହାଯୋର ଗ୍ରାମରେ ଏହା ପ୍ରଥମ ବର୍ଷ ପାଇଁ ଏହାର ଆୟୋଜନ କରିଥିଲେ। ଏଥିରେ ଯୋଗଦେବା ପାଇଁ ସମ୍ବଲପୁର ଜିଲାର ଜମାଦାରପାଲି କାଠୁପଡାର କରମାଦଳ, ରେଙ୍ଗାଲି ବରପଡା, କେରୁଆଲ ବାହାଲ, ଅଏଁତାପାଲିର କରମା ଦଳ ଯୋଗଦେଇଥିଲେ । ଏହାକୁ ବସୁନ୍ଧରା ଯୁଥ କ୍ଲବର ସଭାପତି ରଙ୍କନିଧି ଓରାମ (ଆନନ୍ଦ), ସମ୍ପାଦକ ରାମ ପ୍ରସାଦ ଓରାମ, ଅନୀଲ ଓରାମ, ଗୋକୁଳା ନନ୍ଦ ଓରାମ, ଉଦ୍ଧବ ଓରାମ, ଦୟା କିସାନ, ଟିକା ଓରାମ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଆୟୋଜନ କରାଯାଇଥିଲା ।

ଚୋରି ସନ୍ଦେହରେ ଥାନାରେ ଅଟକ ଯୁବକଙ୍କୁ ବାହାର ଯୁବକ ମାଡ଼ ମାରିବା ନେଇ ଉତ୍ତେଜନା

# ଶତାଧିକ ଲୋକଙ୍କ ଥାନାରେ ପାଟିତୁଣ୍ଡ

**ବଡ଼ଗାଁ, ୨୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ଚୋରି ସନ୍ଦେହରେ ଥାନାରେ ଅଟକ ଥିବା ଦୁଇ ଯୁବକଙ୍କ ମଧ୍ୟରୁ ଜଣଙ୍କୁ ବାହାରର କେତେକ ଯୁବକ ମାଡ଼ମାରିଥିବା ଅଭିଯୋଗ ହୋଇଛି। ଥାନା ଭିତରେ ପଶି ଅଟକ ଥିବା ଯୁବକଙ୍କୁ ମାଡ଼ମାରିଥିବା ବାହାରର ଯୁବକମାନଙ୍କ ଗିରଫ ଦାବିକରି ବଡ଼ଗାଁରେ ଶନିବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଛି। ଚୋରି ସନ୍ଦେହରେ ଅଟକ ଯୁବକଙ୍କ ସମ୍ପର୍କୀୟ, ସମର୍ଥକ କୁହାଯାଉଥିବା ଶତାଧିକ ମହିଳା, ପୁରୁଷ ଥାନାକୁ ଆସି ପାଟିତୁଣ୍ଡ କରିଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ପାଟିତୁଣ୍ଡ ଲାଗିରହିଥିଲା। ପ୍ରକାଶ ଯେ, କିଛି ମାସ ହେଲା ବହୁ ସଂଖ୍ୟକ ଦୋକାନରୁ ଚୋରି ଘଟଣାକୁ ନେଇ ଜନଅସନ୍ତୋଷ ଲାଗିରହିଥିଲା। ୧୭ ତାରିଖ ରାତିରେ ବଡ଼ଗାଁ ବସଷ୍ଟାଣ୍ଡଠାରେ ଥିବା ବାମରା ଥାନା ଗୋବିନ୍ଦପୁରର ରାଜ ସାଙ୍କ ସାଇବର ଢ଼ାବା ମୋବାଇଲ ଦୋକାନର ଆଜବେଷ୍ଟସ ଭାଙ୍ଗି ଚୋରମାନେ ୧୦ ଲକ୍ଷ ଟଙ୍କାର ମୋବାଇଲ ଓ ମୋବାଇଲ ଯନ୍ତ୍ରାଂଶ, ଉପକରଣ ଚୋରି କରିଥିଲେ। ଏହି ଘଟଣାରେ ବଡଗାଁର ଜଣେ ଯୁବକ ଓ ବାଲିଶଙ୍କରା ଅଞ୍ଚଳରୁ ଆସି ଏଠାରେ ଟେମ୍ପୋ ଚଳାଉଥିବା ଜଣେ ଯୁବକଙ୍କ ଉପରେ ସନ୍ଦେହ ହୋଇଥିଲା। ସେହି ଦୁଇ ଜଣଙ୍କ ଗତିବିଧିକୁ ଲକ୍ଷ୍ୟ ରଖିଥିବା କେତେକ ଯୁବକ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଧରି ପଚରାଉଚରା କରିଥିଲେ। ସେମାନେ କେଉଁ ଦିନ, କିପରି ଓ କେଉଁମାନେ ବିଶି ଚୋରି କରି ସମସ୍ତ ସାମଗ୍ରୀ ଝାରସୁଗୁଡାକୁ ଜଣେ ଅଭିଯୁକ୍ତ ହାତରେ ପଠାଇଛନ୍ତି କହିବା ପରେ ଉତ୍ତମ ମଧ୍ୟମ ଦେଇ ପୋଲିସରେ ଜିମା ଦେଇଥିଲେ। ପୋଲିସରେ ଜିମା ଦେବା ସମୟରେ ଯୁବକମାନେ କୁଆଡ଼େ ପୋଲିସକୁ ମଧ୍ୟ ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ଥାନା ଏଏସଆଇ ହେମନ୍ତ କୁମାର ବିଶ୍ୱାଳଙ୍କୁ ପଚାରିବାରେ ଜମା ଦେବାକୁ ଥାନାକୁ ଆସିଥିବା ଉତ୍ତ୍ୟକ୍ତ ଯୁବକମାନେ ଥାନାରେ ତାଙ୍କୁ ଓ ପୋଲିସ ବିରୋଧରେ ଅଶ୍ରାବ୍ୟ ଗାଳିଗୁଲଜ, ଟିପ୍ପଣୀ ଦେଇଥିବା କହିଛନ୍ତି। ଏ ନେଇ ସେ କେଶ କରିବେ ବୋଲି କହିଛନ୍ତି । ତେବେ ଏହି ଘଟଣା ପରେ ଚୋରି ଘଟଣାରେ ସମ୍ପୃକ୍ତ ସନ୍ଦେହରେ ଅଟକ ଜଣେ ଯୁବକଙ୍କ ସମ୍ପର୍କୀୟମାନେ ମାଡ ମାରିଥିବା ଜଣେ ଯୁବକଙ୍କ ଘରେ ଶୁକ୍ରବାର ପହଞ୍ଚି ଗଣ୍ଡଗୋଳ କରିଥିଲେ। ସେହି ଯୁବକ ଓ ଅନ୍ୟ କେତେଜଣ ଥାନାରେ ପଶି ଚୋରି ସନ୍ଦେହରେ ଅଟକ ଯୁବକଙ୍କୁ କୁଆଡ଼େ ମାଡ଼ ମାରିଥିଲେ। ତେଣୁ ବାହାର ଯୁବକ କିଭଳି ଥାନାରେ ପଶି ଅଟକ ଯୁବକଙ୍କୁ ମାଡ଼ମାରିଲେ ତାହା ସେମାନଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି କହିଥିଲେ। ତେଣୁ ଶନିବାର ସନ୍ଧ୍ୟାରେ ୫୦ରୁ ଊର୍ଦ୍ଧ୍ୱ ଯୁବକ ଥାନାକୁ ଯାଇ ପାଟିତୁଣ୍ଡ କରିଥିଲେ। ସେମାନଙ୍କୁ ସମର୍ଥନ କରି ରାତିରେ ଆଉ କେତେକ ମହିଳା, ପୁରୁଷ ପହଞ୍ଚି ପାଟିତୁଣ୍ଡ କରିଥିଲେ।



ଥାନା ସମ୍ମୁଖରେ ଉତ୍ତ୍ୟକ୍ତ ଯୁବକ ପାଟିତୁଣ୍ଡ କରୁଛନ୍ତି।

**ବଡ଼ଗାଁରେ ଚୋରି ଘଟଣା**
- ୨ ଯୁବକଙ୍କୁ ଥାନାରେ ଅଟକ
- ଅଟକ ଯୁବକଙ୍କ ସମର୍ଥକ ଉତ୍ତେଜିତ
- ଅଟକ ଯୁବକଙ୍କୁ ମାଡ଼ମାରିଥିବା ଯୁବକଙ୍କ ଗିରଫ ଦାବି

# ସାର୍ବଜନୀନ ଲକ୍ଷ୍ମୀପୂଜା ପାଇଁ ନୂତନ କମିଟି ଗଠନ

**ରାଜଗାଙ୍ଗପୁର, ୨୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ବସଷ୍ଟାଣ୍ଡ ପାଖରେ ହେଉଥିବା ସାର୍ବଜନୀନ ଲକ୍ଷ୍ମୀପୂଜା କମିଟି ପାଇଁ ପୁରୁଣା କମିଟିକୁ ଭାଙ୍ଗି ଏକ ନୂତନ କମିଟି ଗଠନ କରାଯାଇଛି । କମିଟିର ସମସ୍ତ ସଭ୍ୟଙ୍କ ମତାମତରେ ଏବର୍ଷ ପାଇଁ ସଭାପତି ଭାବେ ପ୍ରଫୁଲ୍ଲ କୁମାର ସାହୁ, ଉପସଭାପତି ଭାବେ ଅମିୟରଞ୍ଜନ ଦାସ, ସମ୍ପାଦକ ଭାବେ ସଞ୍ଜିବ କୁମାର ଦାସ, କୋଷାଧ୍ୟକ୍ଷ ନନ୍ଦ କିଶୋର ଶର୍ମା, ୱାରକିଙ୍ଗ ସଭାପତି ଭାବେ ବିଶ୍ୱଜିତ ଶତପଥିଙ୍କୁ ଚୟନ କରାଯାଇଥିଲା । ସଭ୍ୟ ରାଜୀବ ଦାସ, ସନୋଜ ଠାକୁର, ତପେଶ୍ୱର ସାହୁ, ଆଶିଷ କୁମାର ଠାକରଜା, ରବି ଗୁପ୍ତା, ଗିରିଜା ସାମଲ ପ୍ରମୁଖ ଉପସ୍ଥିତ ରହି ଏବର୍ଷ ମା' ଲକ୍ଷ୍ମୀଙ୍କ ପୂଜାକୁ ଅତି ଆଡମ୍ବର ସହିତ ପାଳନ କରାଯିବା ପାଇଁ କମିଟି ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ପ୍ରକାଶ କରିଥିଲେ ।

# ସଲଙ୍ଗାବାହାଲରେ ଦୁର୍ଗାଙ୍କ ଭସାଣି ଯାତ୍ରା

**କୁଆଁରମୁଣ୍ଡା,୨୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ କୁଆଁରମୁଣ୍ଡା ବ୍ଲକର ସଲଙ୍ଗାବାହାଲ ଠାରେ ଅନୁଷ୍ଠିତ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତିକୁ ଶୁକ୍ରବାର ସ୍ଥାନୀୟ ଶଙ୍ଖ ନଦୀରେ ଭସାଣି କରାଯାଇଛି। ଶୁକ୍ରବାର ବିଜୟା ଦଶମୀ ପରେ ପରେ ମା'ଦୁର୍ଗାଙ୍କ ବିସର୍ଜନ କରାଯାଇଥିଲା। ଏହା ପରେ ବିଳମ୍ବିତ ରାତିରେ ବାଜା, ବାଣ ବଜାଇ ନିକଟସ୍ଥ ଶଙ୍ଖ ନଦୀ କୂଳକୁ ମା' ଦୁର୍ଗାଙ୍କୁ ନିଆଯାଇଥିଲା। ସେଠାରେ ପାରମ୍ପରିକ ରୀତିନୀତିରେ ମା'ଙ୍କ ମୂର୍ତ୍ତିକୁ ନଦୀରେ ଭସା ଯାଇଥିଲା।



ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତିକୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

# ଦୁର୍ଗା ବାହିନୀର ଶୋଭାଯାତ୍ରା

**ଲହୁଣୀପଡା, ୨୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଦୁର୍ଗା ବାହିନୀର ମହାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ମହାଷ୍ଟମୀ ଦିନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସକାଳ ପ୍ରାୟ ସାଢ଼େ ଏଗାରଟା ବେଳେ ଏକତ୍ରିକରଣ ହୋଇଥିଲେ। ମଧ୍ୟାହ୍ନରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଏକ ବିଶାଳ ମହିଳା ଶୋଭାଯାତ୍ରା ବାହାରି ଲହୁଣୀପଡା ମୁଖ୍ୟବଜାର ପରିକ୍ରମା କରି ବସଷ୍ଟାଣ୍ଡ ସ୍ଥିତ ଦୁର୍ଗା ପୂଜାମଣ୍ଡପରେ ପହଞ୍ଚିଥିଲେ । ବିଭିନ୍ନ ପ୍ରକାର ନାରୀସଶକ୍ତିକରଣ ସ୍ଲୋଗାନ ଦେଇଥିଲେ। ବାଦ୍ୟର ତାଳେ ତାଳେ ଦୁର୍ଗା ବାହିନୀର ସଦସ୍ୟମାନେ ନୃତ୍ୟ ପରିବେଷଣ କରିଥିଲେ। ଦୁର୍ଗାବାହିନୀର ଶୋଭାଯାତ୍ରା ଦୁର୍ଗା ମଣ୍ଡପରେ ପହଞ୍ଚିଲା ପରେ ଦୁର୍ଗାଙ୍କର ମୃଣ୍ମୟ ମୂର୍ତ୍ତିରେ ପୂଜା ଅର୍ଚ୍ଚନା କରି ଶିବ ମନ୍ଦିର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମମତା ଜୟସ୍ୱାଲ, ସମ୍ମାନିତ ଅତିଥି ଭାବେ ସଞ୍ଜୟ କୁମାର ମାହାନ୍ତ, ଜମ୍ବବତୀ ମାହାନ୍ତ, ରାମଚନ୍ଦ୍ର ନାଏକ, ଚୁଡାମଣୀ ମହାନ୍ତ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଭାଗ ସଂଘ ଚାଳକ ରାଜେନ୍ଦ୍ର କୁମାର ମାହାନ୍ତ ଯୋଗଦେଇ ସମାଜରେ ନାରୀର ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ ଅଧ୍ୟକ୍ଷତା କରିଥିଲେ। ପରିଚୟ ଓ ପ୍ରାରମ୍ଭିକ ସୂଚନା ବୃନ୍ଦାବତୀ ମାହାନ୍ତ ପ୍ରଦାନ କରିଥିଲେ। ସେବତୀ ନାଏକ, ନାନ୍ଦି ମୁଣ୍ଡା, ଯଶୋଦା ପାତ୍ର, ମମତା ମାହାନ୍ତ, କଳ୍ପନା ମାହାନ୍ତ, ବାଗଦାଲି ମୁଣ୍ଡା, ଲକ୍ଷ୍ମୀପ୍ରିୟା ନାଏକ, ମିଥୁନା ପାତ୍ର ପ୍ରମୁଖ ଦୁର୍ଗାବାହିନୀର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଲହୁଣୀପଡା ଓ କୋଇଡା ବ୍ଲକର ବହୁ ଦୁର୍ଗାବାହିନୀର ସଦସ୍ୟ ଯୋଗଦେଇଥିବାବେଳେ ଶେଷରେ ଯମୁନା ମାହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ।



ଦୁର୍ଗା ବାହିନୀର କର୍ମକର୍ତ୍ତା ଶୋଭାଯାତ୍ରାରେ ଯାଉଛନ୍ତି।

■ସେଲ୍ ଅଧ୍ୟକ୍ଷଙ୍କ ଗସ୍ତ ବର୍ଜନ କରିବ ବିଏମ୍ଏସ୍

# ଭିଡିଓ କନ୍‌ଫରେନ୍ସିଂ ପରିବର୍ତ୍ତେ ବ୍ୟୟବହୁଳ ଗସ୍ତକୁ ନାପସନ୍ଦ

**ରାଉରକେଲା ଅଫିସ,୨୦।୧୦**

ଆସନ୍ତା ୨୦ରେ ସେଲ୍ ଅଧ୍ୟକ୍ଷ ଅନୀଲ ଚୌଧୁରୀଙ୍କ ରାଉରକେଲା ଗସ୍ତକୁ ବର୍ଜନ କରିବାକୁ ବିଏମଏସ ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ(ଆରଆଇକେକେଏସ) ନିଷ୍ପତ୍ତି ନେଇଛି। ୟୁନିୟନ ସାଧାରଣ ସଂପାଦକ ହିମାଂଶୁ ବଳଙ୍କୁ ଆରଏସପି ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୂଚନା ପ୍ରଦାନ କରିବା ସହ ସେଲ୍ ଅଧ୍ୟକ୍ଷଙ୍କୁ ଭେଟିବାକୁ ନିବେଦନ କରିଥିଲେ। ଏଣୁ ୟୁନିୟନ ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ଡକାଯାଇଥିଲା। ଏଥିରେ ସେଲ ଅଧ୍ୟକ୍ଷଙ୍କ ବୈଠକକୁ ବର୍ଜନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ୟୁନିୟନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସେଲ ଅଧ୍ୟକ୍ଷ ରାଉରକେଲା ପାଇଁ ନୂଆ ନୁହନ୍ତି। ପୂର୍ବରୁ ସେ ଅର୍ଥ ବିଭାଗର ନିର୍ଦ୍ଦେଶକ ଥିଲେ। ସେହି ସମୟରେ ସେ ରାଉରକେଲାକୁ ଅନେକ ବାର ଆସିଛନ୍ତି। କେବଳ ଏତିକି ନୁହେଁ ସେ ମଧ୍ୟ କର୍ମଚାରୀ ସମସ୍ୟା ପ୍ରତି ଖୁବ ଭଲ ଭାବେ ଅବଗତ ଅଛନ୍ତି। ୨୦୧୭ ଜାନୁଆରୀରୁ କର୍ମଚାରୀଙ୍କ ବେତନ ଚୁକ୍ତିନାମା ନେଇ ଆଜି ପର୍ଯ୍ୟନ୍ତ ବୈଠକଟିଏ ଡକା ଗଲା ନାହିଁ। ସେଲ କର୍ପୋରେଟ ଅଫିସକୁ ଏ ନେଇ ଅନେକବାର ଯୋଗାଯୋଗ କରାଯାଇଛି। ତଥାପି କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନି ବୋଲି କହିଛନ୍ତି ୟୁନିୟନ ନେତା ବଳ। ଏଣୁ ସେଲ ଅଧ୍ୟକ୍ଷଙ୍କ ଗସ୍ତକୁ ୟୁନିୟନ ବର୍ଜନ କରିବ। ଶ୍ରମିକଙ୍କ ହକ ଆମ ପାଇଁ ଅଧିକ ଗୁରୁତ୍ୱ ବହନ କରୁଛି। କାହା ଗସ୍ତକୁ ସ୍ୱାଗତ କରିବା ନ କରିବା ବଡ ନୁହେଁ। ଦିନେ ସେଲ ବିପୁଳ କ୍ଷତି କରୁଥିଲା। ଆଜି ପରିସ୍ଥିତିରେ ଅନେକ ସୁଧାର ଆସିଛି। କମ୍ପାନୀ ବ୍ୟାପକ ଖର୍ଚ୍ଚ କାଟ ଯୋଜନାକୁ କାର୍ଯ୍ୟକାରୀ କରିଛି। ସାଂପ୍ରତିକ ଅବସ୍ଥାରେ ଭିଡିଓ କନଫରେନସିଂ ମାଧ୍ୟମରେ ବୈଠକ କରାଯାଇ ଅନେକ ସମସ୍ୟାର ସମାଧାନ ସମ୍ଭବ ହେଉଛି। ଏପରି ସ୍ଥଳେ ବହୁ ଅର୍ଥ ବ୍ୟୟ କରି ସେଲ ଅଧ୍ୟକ୍ଷ ରାଉରକେଲା ଆସିବା କେବଳ ଅର୍ଥ ଶ୍ରାଦ୍ଧ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କହିଛନ୍ତି ୟୁନିୟନ ନେତା ବଳ। ଅପରପକ୍ଷେ ଭାରତୀୟ ମଜଦୁର ସଂଘ ଷ୍ଟିଲ ଫେଡେରେସନ ଅନୁସାରେ ୪ଦଫା ଦାବି ନେଇ ଅକ୍ଟୋବର ୨୩ରୁ ନଭେମ୍ବର ୫ ପର୍ଯ୍ୟନ୍ତ ସେଲର ସମସ୍ତ ୟୁନିଟରେ ଘଣ୍ଟିକିଆ ବିକ୍ଷୋଭ ପ୍ରଦର୍ଶନ କରାଯିବ। ସ୍ଥାନୀୟ ବିଶ୍ରା ଛକ ଠାରେ ସକାଳ ୭ଟା ୪୫ରୁ ୮ଟା ୪୫ ଯାଏ ଆରଆଇକେକେଏସ ବିକ୍ଷୋଭ ପ୍ରଦର୍ଶନ କରିବ। ତୁରନ୍ତ ଏନଜେସିଏସ ବୈଠକ ଡାକିବା, ପେନସନ ସ୍କିମ କାର୍ଯ୍ୟକାରୀ କରିବା, ଡିପ୍ଲୋମାଧାରୀଙ୍କୁ କନିଷ୍ଠ ଯନ୍ତ୍ରୀ ପଦ ମର୍ଯ୍ୟାଦା ପ୍ରଦାନ କରିବା ଓ ଠିକା ଶ୍ରମିକଙ୍କୁ କେନ୍ଦ୍ରୀୟ ହାରରେ ମଜୁରି ପ୍ରଦାନ କରିବା ଭଳି ୪ଟି ଦାବି ଉପସ୍ଥାପନ କରିବ ବିଏମଏସ। ଏଥିରେ ବହୁ ସଂଖ୍ୟାରେ ଆରଏସପି ଶ୍ରମିକ ଯୋଗ ଦେବାକୁ ବଳ ଆହ୍ୱାନ ଦେଇଛନ୍ତି।

# ଦୁଇ ବାଇକ ମୁହାଁମୁହିଁ ଧକ୍କା: ୧ ମୃତ, ଜଣେ ଗୁରୁତର

**ବେଦବ୍ୟାସ, ୨୦।୧୦ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡିର ଡିସ୍କ ଛକ ସ୍ଥିତ ଶୁକ୍ରବାର ସନ୍ଧ୍ୟା ସାଢ଼େ ୫ଟାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଖଇରବନ୍ଧ ପାର୍ଶ୍ୱରୁ ବଡମାରେନ ଆଡକୁ ଯାଉଥିବା ଟିଭିଏସ ବାଇକ ନଂ. ଓଡି ୧୪ ଡି- ୧୩୫୮ ସହ ବିପରିତ ପାର୍ଶ୍ୱରୁ ଆସୁଥିବା ହିରୋହୋଣ୍ଡା ବାଇକ ନଂ. ଓଡି ୧୪ ଡି- ୬୧୧୩ ମୁହଁମୁହିଁ ଧକ୍କା ହେବା ଫଳରେ ଟିଭିଏସ ଗାଡି ଚାଳକ ବମୋରେନ ନିବାସୀ ଜଗମୟୀ ତିର୍କି (୪୨)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ହିରୋହୋଣ୍ଡା ଗାଡିର ଚାଳକ ଗୁରୁତର ହୋଇ ଆରଜିଏଚରେ ଚିକିତ୍ସାଧୀନ ଥିବା ପ୍ରକାଶ । ପୋଲିସ ଦୁଇ ଗାଡିକୁ ଜବତ କରିଛି । ଜଗମୟୀ ତିର୍କୀଙ୍କ ମୃତ ଶରୀର ଆରଜିଏଚର ମର୍ଗ ହାଉସରେ ରଖାଯାଇଛି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ନଂ. ୨୩୪/୧୮ ରୁଜୁ କରି ଅଧିକ ତଦନ୍ତ ଚାଲିଛି ।

ଦୁର୍ଗାପୂଜା ସ୍ୱର୍ଣ୍ଣଜୟନ୍ତୀ ପାଳନ

# ସ୍ମରଣିକା ଉନ୍ମୋଚନ

**ବଡ଼ଗାଁ, ୨୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ଦୁର୍ଗାପୂଜାର ସ୍ୱର୍ଣ୍ଣ ଜୟନ୍ତୀ ହର୍ଷ ଉଲ୍ଲାସରେ ପାଳିତ ହୋଇଛି। ଏହି ଅବସରରେ କବି ହୃଦାନନ୍ଦ ପଟେଲଙ୍କ ଦ୍ୱାରା ରଚିତ ସ୍ୱବର୍ଣ୍ଣ ସ୍ମୃତୀ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଗ୍ରାମର ଜଗନ୍ନାଥ ମନ୍ଦିର ସେବାୟତ କୋଦଣ୍ଡଧର ଦାଶ ଅତିଥି ଭାବେ ଯୋଗଦେଇ ରଙ୍ଗମଞ୍ଚରେ ସ୍ମରଣିକା ଉନ୍ମୋଚନ କରିଥିଲେ। କବି ପଟେଲଙ୍କ ଅଭିଭାଷଣ ଶ୍ରୋତାଙ୍କ ମଧ୍ୟରେ ସାତ୍ତ୍ୱିକ ଉଲ୍ଲାସ ଖେଳିଯାଇଥିଲା । ରୋହିତ ସାହୁଙ୍କ ସଭାପତିତ୍ୱରେ ପରିଚାଳିତ ସ୍ମରଣିକା ଲୋକାର୍ପଣ କାର୍ଯ୍ୟକ୍ରମରେ ଦୁବରାଜ ପ୍ରଧାନ, ଦେବାନନ୍ଦ ବେହେରା, ଗଜରାଜ ସେଠ, ପରେଶ ଦାଶ, ଅବନୀ କୁମାର ନାଏକ, ପଦ୍ମଲୋଚନ ନାଏକ, ରାଜୁ ସାହୁ ମଞ୍ଚାସୀନ ଥିଲେ। ତୃପ୍ତିମୟୀ ପଟେଲ ମଞ୍ଚ ପରିଚାଳନା କରିଥିଲେ। ସ୍ମରଣିକା ଲୋକାର୍ପଣ ପରେ ଅର୍କେଷ୍ଟ୍ରା ପରିବେଷଣ କରାଯାଇଥିଲା ।



ସ୍ମରଣିକା ସ୍ୱବର୍ଣ୍ଣ ସ୍ମୃତି ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥି।

# ନଦୀରୁ ଜଳ ଯୋଗାଣ ବାଧାପ୍ରାପ୍ତ

**କୁଆଁରମୁଣ୍ଡା,୨୦।୧୦ (ଡି.ଏନ.ଏ.)**

- ଆଶ୍ୱିନ ମାସରୁ ଶଙ୍ଖ ନଦୀ ଶୁଖିଲା
- ପଦ୍ମପୁର, କୁଆଁରମୁଣ୍ଡାବାସୀ ହଇରାଣ

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଦକ୍ଷିଣ ପାର୍ଶ୍ୱରେ ପ୍ରବାହିତ ଶଙ୍ଖ ନଦୀର ପଦ୍ମପୁର ପମ୍ପ ହାଉସ୍‌ରୁ ଶନିବାର ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ଫଳରେ ପଦ୍ମପୁର ଓ କୁଆଁରମୁଣ୍ଡା ଗ୍ରାମର ପ୍ରାୟ ଦେଢ ହଜାର ପରିବାର ଜଳ ବିନା ନାହିଁ ନ ଥିବା ହଇରାଣ ହୋଇଛନ୍ତି। ଜଳ ଯୋଗାଣ ବାଧାପ୍ରାପ୍ତର ମୁଖ୍ୟ କାରଣ ହେଉଛି ଶଙ୍ଖ ନଦୀର ଜଳ ଧାର ଶୁଷ୍କ ହେବା । ବର୍ଷା ଋତୁ ଶେଷ ନ ହେଉଣୁ ଅର୍ଥାତ ଆଶ୍ୱିନ ମାସରୁ ନଦୀରେ ଜଳସ୍ରୋତ ହ୍ରାସ ପାଇବା ସହ ପଦ୍ମପୁର ପମ୍ପ ହାଉସ୍ ଇନଟେକ୍ ୱେଲ ଶୁଷ୍କ ଅବସ୍ଥାରେ ପଡି ରହିଛି। ଫଳରେ ଜଳ ଯୋଗାଣ ସମ୍ଭବ ହୋଇପାରୁ ନାହିଁ। ଏଥିପାଇଁ ପଦ୍ମପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବବ୍ରତ ଦାସ, ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ, ଟିକେଶ୍ୱର କାଲୋ ପମ୍ପ ହାଉସ୍ ନିକଟସ୍ଥ ଶଙ୍ଖ ନଦୀ ଶଯ୍ୟାକୁ ଯାଇ ପ୍ରାୟ ୧ କି.ମି ଦୂରରେ ଥିବା ଜଳଧାରକୁ ପମ୍ପ ହାଉସ୍ ନିକଟକୁ ଆଣିବା ପାଇଁ ଜେସିବି ସାହାଯ୍ୟରେ ବାଲି ଖୋଳି ଏକ କାଡା ଖୋଳିଛନ୍ତି। ଫଳରେ ପମ୍ପ ହାଉସ୍ ନିକଟକୁ ଜଳଧାର ଧୀରେ ଧୀରେ ପ୍ରବାହିତ ହେଉଛି ମାତ୍ର ଉକ୍ତ ଜଳଧାର ଇନଟେକ୍ ୱେଲକୁ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଥିବାରୁ ପମ୍ପ ହାଉସ୍‌ରୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ଏ ନେଇ ଗ୍ରାମବାସୀ କୁଆଁରମୁଣ୍ଡା ବ୍ଲକ ଜଳ ଓ ପରିମଳ କନିଷ୍ଠ ଯନ୍ତ୍ରୀ-୧ଙ୍କୁ ଭେଟ କରିବାକୁ ଆସିଥିଲେ ମଧ୍ୟ ସେ ଅନୁପସ୍ଥିତ ଥିବାରୁ ଲୋକେ ନିରାଶ ହୋଇ ଫେରିଛନ୍ତି। ଏ ବାବଦରେ ରାଉରକେଲାସ୍ଥିତ ଆରଡବ୍ଲ୍ୟୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଲେ ଯେ, ଜଳଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ବିଭାଗ ପକ୍ଷରୁ ଆଶୁ ପଦକ୍ଷେପ ନିଆଯିବ । ଏଠାରେ ପ୍ରଶ୍ନ ଉଠୁଛି ଯେ,ଶଙ୍ଖ ନଦୀର ଉପର ମୁଣ୍ଡରେ ମନ୍ଦିରା ଡ୍ୟାମ୍ ନିର୍ମିତ ହୋଇଛି। ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଏହି ଡ୍ୟାମ ନିର୍ମାଣ କରାଯାଇ ପ୍ରତ୍ୟେହ କାରଖାନାକୁ ଆବଶ୍ୟକୀୟ ଜଳ ଯୋଗାଣ କରାଯାଇଥାଏ। ହେଲେ ବର୍ଷା ଋତୁ ଶେଷ ନ ହେଉଣୁ ଡ୍ୟାମ୍ ତଳମୁଣ୍ଡରେ ନିର୍ମିତ ପଦ୍ମପୁର ପମ୍ପ ହାଉସ୍ ଇନଟେକ୍ ୱେଲ ଶୁଖିଲା ପଡିବା ଯୋଗୁଁ ପାର୍ଶ୍ୱବର୍ତ୍ତୀ ପଦ୍ମପୁର ଓ କୁଆଁରମୁଣ୍ଡାବାସୀ ପାଣି ବିନା ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଖୁବଶୀଘ୍ର ଏହି ସମସ୍ୟାକୁ ଦୂର କରିବା ନିମନ୍ତେ ଅଞ୍ଚଳବାସୀ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ପଦକ୍ଷେପକୁ ଅନାଇ ବସିଛନ୍ତି।



ଆରଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ଶଙ୍ଖ ନଦୀରେ ନିର୍ମିତ ପଦ୍ମପୁର ପମ୍ପ ହାଉସ୍ ଶୁଖିଲା ପଡ଼ିଛି।